# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ଡିସେମ୍ବର ୨୮/୨୦୨୦ (୧୬ ପୃଷ୍ଠା) | Balasore, Monday, December 28/2020 | ★★★★

୪୭ଶ ଭାଗ ୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଖୁସି ଅଛନ୍ତି ଉର୍ବଶୀ**
ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରୌଟେଲାଙ୍କୁ ହ୍ରିତିକଙ୍କ ଡ୍ରିମ୍ ପ୍ରୋଜେକ୍ଟରେ କାଷ୍ଟ କରାଯାଇଥିବାରୁ ସେ ବହୁତ ଖୁସି ଅଛନ୍ତି। **୧୪**

୧୬
**ରାହାନେଙ୍କ ଅପରାଜିତ ଶତକ**
ଅଜିଙ୍କ୍ୟ ରାହାନେଙ୍କ ଅପରାଜିତ ଶତକ ସହାୟତାରେ ଭାରତ ମେଲବୋର୍ନରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଅଗ୍ରଣୀ ଲାଭ କରିଛି।





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରବିବାର 'ମନ୍ କି ବାତ୍' ସମୟରେ କେନ୍ଦ୍ରର ନୂଆ କୃଷି ଆଇନକୁ ବିରୋଧ କରି ଆଜାଦ ହିନ୍ଦ୍ ବାହିନୀ ପକ୍ଷରୁ ଭୁବନେଶ୍ୱରରେ ଥାଳି ବଜାଇ ପ୍ରତିବାଦ କରାଯାଉଛି।

# ବଦଳୁନି ଶିଶୁ କନ୍ୟାଙ୍କ ଭାଗ୍ୟ

## 'ବେଟି ବଚାଓ ବେଟି ପଢ଼ାଓ' ଦିଶାହୀନ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

କନ୍ୟା ଭ୍ରୂଣ ହତ୍ୟା ରୋକିବା ଏବଂ ଝିଅମାନଙ୍କୁ ଶିକ୍ଷିତ କରିବା ପାଇଁ କେନ୍ଦ୍ର ସରକାରଙ୍କ 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନ କାର୍ଯ୍ୟକାରୀ ହେଉଛି। ସେହିଭଳି କନ୍ୟା ସନ୍ତାନଙ୍କ ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ମଧ୍ୟ ଏକାଧିକ ଯୋଜନା କାର୍ଯ୍ୟକାରୀ ହେଉଛି। କନ୍ୟାଭ୍ରୂଣ ହତ୍ୟା ରୋକିବା ଓ ଝିଅମାନଙ୍କୁ ଶିକ୍ଷିତ କରିବା ପାଇଁ ଓଡ଼ିଶା ସରକାର 'ବିଜୁ କନ୍ୟା ରତ୍ନ ଯୋଜନା' ଆରମ୍ଭ କରିଛନ୍ତି। ଏହାସତ୍ତ୍ୱେ ଅନେକ ସମୟରେ ରାସ୍ତାକଡ଼ରୁ ପରିତ୍ୟକ୍ତ ଅବସ୍ଥାରେ କନ୍ୟା ଭ୍ରୂଣ ମିଳୁଛି। ରାଜ୍ୟରେ ବର୍ଷକ ମଧ୍ୟରେ ୪୦୦ରୁ ଊର୍ଦ୍ଧ୍ୱ ଶିଶୁ କନ୍ୟାଙ୍କୁ ଅବହେଳିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏବେ ବି ଅନେକ ଶିଶୁ କନ୍ୟା ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ପୁଅଙ୍କ ତୁଳନାରେ ଝିଅ ପ୍ରତି ଭେଦଭାବ ସହରାଞ୍ଚଳରେ କମୁଥିଲେ ମଧ୍ୟ ଗ୍ରାମାଞ୍ଚଳରେ ଭିନ୍ନ ସ୍ଥିତି ରହିଛି। ଅବହେଳିତ ଓ ନିଷ୍ପେଷିତ ଶିଶୁକନ୍ୟାଙ୍କ କାହାଣୀରେ ଆଖିଦୃଶିଆ ପରିବର୍ତ୍ତନ ଅଣାଯାଇପାରୁ ନାହିଁ। ସଚେତନତା ଅଭାବ ଏବଂ ସରକାରୀ ଯୋଜନାର ବିଫଳତା ଯୋଗୁ ରାଜ୍ୟରେ ଏବେ ବି କନ୍ୟା ସନ୍ତାନ ଭେଦଭାବର ଶିକାର ହେଉଛନ୍ତି।

କନ୍ୟାସନ୍ତାନଙ୍କୁ ପ୍ରତି ସ୍ତରରେ ଉତ୍ସାହିତ କରିବା, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ରୋଜଗାର ସମେତ ଅନ୍ୟାନ୍ୟ କ୍ଷେତ୍ରରେ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଓ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୭-୧୮ ଆର୍ଥିକ ବର୍ଷରୁ 'ବେଟି ବଚାଓ ବେଟି ପଢାଓ' ଯୋଜନା କାର୍ଯ୍ୟକାରୀ ହେଉଛି। ପୁଅଙ୍କ ଅନୁପାତରେ ଝିଅଙ୍କ ଜନ୍ମହାର ହ୍ରାସ ପାଉଥିବା ୧୫ଟି ଜିଲାରେ ଏହି କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିଛନ୍ତି। ହେଲେ 'ବେଟି ବଚାଓ ବେଟି ପଢାଓ' ଯୋଜନା ଅଧୀନରେ




ମିଳୁଥିବା କେନ୍ଦ୍ରୀୟ ଅନୁଦାନକୁ ଖର୍ଚ୍ଚ କରିପାରୁନାହାନ୍ତି ରାଜ୍ୟ ସରକାର। ପୁରୁଷ, ମହିଳା ଅନୁପାତରେ ସମ୍ବେଦନଶୀଳ ଜିଲାଭାବେ ପରିଚିତ ନୟାଗଡ଼ ଜିଲାକୁ ଏହି ଯୋଜନା ମାଧ୍ୟମରେ ସର୍ବାଧିକ ଅନୁଦାନ ମିଳିଥିବାବେଳେ ଏଥିରୁ ମାତ୍ର ୬୨% ଖର୍ଚ୍ଚ ହୋଇଛି। ବାଲେଶ୍ୱରରେ ୦.୪% ଏବଂ ଢେଙ୍କାନାଳରେ ସର୍ବନିମ୍ନ ୦.୧୨% ଅନୁଦାନ ଶିଶୁକନ୍ୟାଙ୍କ କାମରେ ଲାଗିଛି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ମୁତାବକ, ନୟାଗଡ଼ ଜିଲାକୁ 'ବେଟି ବଚାଓ ବେଟି ପଢାଓ' ଯୋଜନା ବାବଦରେ ୪୨.୬୨ ଲକ୍ଷ ମିଳିଥିଲ। ଏଥିରୁ ମାତ୍ର ୨୬.୫୨ ଲକ୍ଷ ଖର୍ଚ୍ଚ ହୋଇପାରିଛି। ଅନ୍ୟ ୧୪ଟି ଜିଲାକୁ ୨୫ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ଅନୁଦାନ ମିଳିଥିବାବେଳେ ଏଥିମଧ୍ୟରୁ ଭଦ୍ରକ ଜିଲାରେ ୫୩ହଜାର, ଢେଙ୍କାନାଳରେ ୦.୦୩ ଲକ୍ଷ, କଟକରେ ୧.୨୩ ଲକ୍ଷ, ଦେବଗଡ଼ରେ ୦.୩ ଲକ୍ଷ, ସୁନ୍ଦରଗଡ଼ରେ ୦.୨୭ ଲକ୍ଷ, ସମ୍ବଲପୁରରେ ୩.୩୭ ଲକ୍ଷ, କେନ୍ଦ୍ରାପଡ଼ାରେ ୦.୩୨ ଲକ୍ଷ, ଝାରସୁଗୁଡ଼ାରେ ୩.୦୫ ଲକ୍ଷ, ଯାଜପୁରରେ ୧.୨୨ ଲକ୍ଷ ଏବଂ ବାଲେଶ୍ୱରରେ ୦.୧ ଲକ୍ଷ ଖର୍ଚ୍ଚ କରାଯାଇଛି। ତେବେ କଳାହାଣ୍ଡି ଜିଲା ୨୧.୩୨ ଲକ୍ଷ, ଅନୁଗୋଳ ୧୪.୨୩ ଲକ୍ଷ, ଗଞ୍ଜାମ ଜିଲା ୨୧.୯୭ ଲକ୍ଷ ଓ ଖୋର୍ଦ୍ଧା ଜିଲା ୮.୪୩ ଲକ୍ଷ ଖର୍ଚ୍ଚ କରି ସାମାନ୍ୟ ଆଗରେ ରହିଛନ୍ତି।

ଅନ୍ୟପକ୍ଷରେ ଲିଙ୍ଗ ନିରୂପଣ ରୋକିବା, ଶିଶୁ କନ୍ୟାଙ୍କୁ ☞ପୃଷ୍ଠା-୪

# 'ମନ୍ କି ବାତ୍' ବେଳେ ଥାଳି ମାଡ଼

ନୂଆଦିଲ୍ଲୀ, ୨୭।୧୨

**ବିଶ୍ୱ ମାନର ଉତ୍ପାଦ ଲାଗି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ**

କେନ୍ଦ୍ରର ନୂଆ କୃଷି ଆଇନକୁ ବିରୋଧ କରି ମାସେ ହେଲା ଆନ୍ଦୋଳନ ଚଳାଇଥିବା ଚାଷୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' ରେଡିଓ କାର୍ଯ୍ୟକ୍ରମ ବେଳେ ଥାଳି ବାଡ଼େଇବା ସହ ସ୍ଲୋଗାନ ଦେଇଥିଲେ। ଦିଲ୍ଲୀର ସିଙ୍ଘୁ ସୀମା, ହରିୟାଣାର ରୋହତକ୍ ଓ ଜିନ୍ଦ୍ ଜିଲା ଏବଂ ପଞ୍ଜାବର ଅମୃତସର, ଫିରୋଜପୁର, ସାଙ୍ଗୁର୍, ତଲୱାଣ୍ଡି ସାବୋ, ବଠିଣ୍ଡା, ତରନତାରନ୍ ଏବଂ ଗୁରଦାସପୁର ଜିଲାରେ କୃଷକମାନେ ଥାଳି ବଜାଇ ପ୍ରତିବାଦ କରିଥିଲେ। ଚାଷୀଙ୍କ ସହ ଅନ୍ୟମାନେ ମଧ୍ୟ ସାମିଲ ହୋଇଥିଲେ। ମୋଦିଙ୍କ ମନ୍ କୀ ବାତ୍ ଉଦ୍‌ବୋଧନ ବେଳେ ଥାଳି ବାଡ଼େଇ ଏହାର ପ୍ରତିବାଦ ଜଣାଇବାକୁ ଗତ ରବିବାର ସ୍ୱରାଜ ଇଣ୍ଡିଆ ମୁଖ୍ୟ ଯୋଗେନ୍ଦ୍ର ଯାଦବ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ ଶୁଣି ଶୁଣି ଆମେ କ୍ଲାନ୍ତ ହୋଇଗଲୁଣି। ଆମ ମନର କଥାକୁ ମୋଦି କେବେ ଶୁଣିବେ ବୋଲି ଚାଷୀମାନେ ପ୍ରଶ୍ନ କରିଥିଲେ। ମୋଦିଙ୍କ ମନ୍ କୀ ବାତ୍ ଭାଷଣ ଯେପରି ଆମ ପାଖରେ ନ ପହଞ୍ଚିବ ସେଥିପାଇଁ ଆମେ ଥାଳି ବଜାଉଥିବା ଚାଷୀମାନେ କହିଥିଲେ।

ବିଭିନ୍ନ ରାଜ୍ୟର ହଜାର ହଜାର କୃଷକ ଦୀର୍ଘ ମାସେ ହେଲା ☞ପୃଷ୍ଠା-୪

# ୧୦ ଡିଗ୍ରୀ ତଳେ ୧୧ ସହର

**ଫୁଲବାଣୀରେ ସର୍ବନିମ୍ନ ୫.୩ ଡିଗ୍ରୀ**

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ସାରା ରାଜ୍ୟରେ ଶୀତ ପ୍ରକୋପ ଜାରି ରହିଛି। ଥଣ୍ଡାରେ ଥରୁଛି ସାରା ରାଜ୍ୟ। ପାରଦ ଉପରମୁହାଁ ହେବାର ନାଁ ଧରୁନି। ରବିବାର ରାଜ୍ୟର ୧୧ ସହର ୧୦ ଡିଗ୍ରୀ ତଳକୁ ଖସି ଆସିଥିବାବେଳେ ଫୁଲବାଣୀ ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ଫୁଲବାଣୀଠାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୫.୩ ଡିଗ୍ରୀ ରହିଥିବା ବେଳେ ମାଲକାନଗିରିରେ ସର୍ବାଧିକ ତାତି ୩୧ ଡିଗ୍ରୀ ରହିଥିଲା। ସେହିଭଳି ଦାରିଙ୍ଗବାଡ଼ି ୭, ଝାରସୁଗୁଡ଼ା ୮.୨, ବାରିପଦା ୮.୫, କୋରାପୁଟ ୯, ସୁନ୍ଦରଗଡ଼ ୯, ତାଳଚେର ୯.୩, କେନ୍ଦୁଝର ୯.୪, ସୋନପୁର ୯.୬, ଭବାନୀପାଟଣା ୯.୬ ଓ ବଲାଙ୍ଗୀରର ତାପମାତ୍ରା ୯.୮ ଡିଗ୍ରୀ ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ତାପମାତ୍ରା ୧୨.୨ ଡିଗ୍ରୀ ରହିଥିବା ବେଳେ ପାରାଦୀପରେ ☞ପୃଷ୍ଠା-୪

# ଦର୍ଶନ ଦେଲେ ଶ୍ରୀଲିଙ୍ଗରାଜ

ଭୁବନେଶ୍ୱର (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ.) ୨୭।୧୨

**ପ୍ରଥମେ ଗଲେ ସେବାୟତ ପରିବାର**

ଦୀର୍ଘ ୯ ମାସ ଧରି ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ ରହିବା ପରେ ରବିବାରଠାରୁ ଖୋଲିଛି ଲିଙ୍ଗରାଜଙ୍କ ମନ୍ଦିର। ଦର୍ଶନ ଦେଇଛନ୍ତି ପ୍ରଭୁ ଶ୍ରୀଲିଙ୍ଗରାଜ। ପୁରୀ ଶ୍ରୀମନ୍ଦିର ଭଳି କୋଭିଡ୍ କଟକଣା ଭିତରେ ଠାକୁରଙ୍କୁ ପ୍ରଥମେ ଦେଖିବାକୁ ସୁଯୋଗ ପାଇଛନ୍ତି ସେବାୟତ ଓ ତାଙ୍କ ପରିବାର ସଦସ୍ୟ। ଶୃଙ୍ଖଳିତ ଦର୍ଶନ ପାଇଁ ବିଏମ୍‌ସି ପକ୍ଷରୁ ମନ୍ଦିର ବାହାରେ ବ୍ୟାରିକେଡ୍ କରାଯାଇଥିଲା। ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ଦେଇ ଧାଡ଼ିରେ ଆସିଥିଲେ। ମନ୍ଦିର ମୁଖ୍ୟଦ୍ୱାର ସମ୍ମୁଖରେ ପରିଚୟ ପତ୍ର ଦେଖାଇ ଭିତରକୁ ପ୍ରବେଶ କରିଥିଲେ। ପ୍ରବେଶ ଦ୍ୱାରରେ ସମସ୍ତ ଶ୍ରଦ୍ଧାଳୁଙ୍କ ସ୍କ୍ରିନିଂ କରାଯାଇଥିଲା। ଏପଟେ ବିଏମ୍‌ସି ପକ୍ଷରୁ ମନ୍ଦିରର ସମସ୍ତ ସେବାୟତଙ୍କର କୋଭିଡ୍ ଟେଷ୍ଟ ମଧ୍ୟ ହୋଇଥିଲା। ତେବେ ପ୍ରଥମ ଦିନରେ ମୋଟ ୧୩୨ଜଣ ସେବାୟତ ଓ ତାଙ୍କ ପରିବାର ସଦସ୍ୟ ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିଥିବା ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ କହିଛନ୍ତି।


ରବିବାର ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରି ଫେରୁଛନ୍ତି ସେବାୟତ ପରିବାର।

କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ ପାଇଁ ମନ୍ଦିର ବାହାରେ ଓ ଭିତରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମନ୍ଦିର ପରିସରରେ ୩ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ୨ ସେକ୍ସନ ମହିଳା ଫୋର୍ସ ନିୟୋଜିତ ହୋଇଛନ୍ତି। ସମସ୍ତେ ଠିକ୍ ଭାବେ ମାସ୍କ ପିନ୍ଧିବା ସହ ୬ ଫୁଟର ସାମାଜିକ ଦୂରତା ବଜାୟ ରଖିବାକୁ କୁହାଯାଇଛି। ମନ୍ଦିର ଟ୍ରଷ୍ଟ ପକ୍ଷରୁ ପ୍ରବେଶ ଓ ପ୍ରସ୍ଥାନ ପଥରେ ହାତଧୁଆ ଏବଂ ସାନିଟାଇଜର ବ୍ୟବସ୍ଥା କରାଯାଇଛି। ପାନ ଓ ଗୁଟ୍‌ଖା ଖାଇବା ଏବଂ ମନ୍ଦିର ପରିସରରେ ଛେପ ☞ପୃଷ୍ଠା-୪

# ମାର୍ଚ୍ଚ ୩୧ ଯାଏ ଗାଡ଼ି କାଗଜପତ୍ର ବୈଧ

ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ), ୨୭।୧୨




ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍), ଆର୍‌ସି, ପର୍ମିଟ, ଫିଟ୍‌ନେସ୍ ସାର୍ଟିଫିକେଟ ଆଦି ଗାଡ଼ି କାଗଜପତ୍ରର ବୈଧତାକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯେଉଁମାନଙ୍କ କାଗଜପତ୍ର ବୈଧତା ୨୦୨୦ ଫେବୃୟାରୀରୁ ଶେଷ ହୋଇଥିବ କିମ୍ବା ୨୦୨୧ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହେବାକୁ ଥିବ ସେମାନଙ୍କ ପାଇଁ ଏହି ନିୟମ ଲାଗୁ ହେବ। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସମସ୍ତ ରାଜ୍ୟ ସରକାରଙ୍କୁ ଆଡଭାଇଜରି ଜାରି କରାଯାଇଛି। ଉପରୋକ୍ତ ସମୟ ମଧ୍ୟରେ ବୈଧ ସମୟସୀମା ଶେଷ ହୋଇଥିବା ଗାଡ଼ି କାଗଜପତ୍ରକୁ ବୈଧ ଭାବେ ଗ୍ରହଣ କରିବା ପାଇଁ ସେଥିରେ ପରାମର୍ଶ ଦିଆଯାଇଛି। ସାମାଜିକ ଦୂରତ୍ୱ ରକ୍ଷା କରି ନାଗରିକମାନେ ପରିବହନ ସମ୍ପର୍କିତ ସେବା ଉପଲବ୍ଧ କରିବାରେ ଏହା ସହାୟକ ହେବ ବୋଲି ମନ୍ତ୍ରଣାଳୟ କହିଛି।

କୋଭିଡ୍ କଟକଣା ଉଠିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଅନେକ ଗାଡ଼ି ଚଳାଚଳ ନ କରି ପଡ଼ି ରହିଛି। ସବୁ ବସ୍ ଚଳାଚଳ କରିନାହିଁ। ସେହିପରି ସ୍କୁଲ ଖୋଲି ନ ଥିବାରୁ ପିଲାମାନଙ୍କୁ ନେବାଆଣିବା କରିବାରେ ନିୟୋଜିତ ବସ୍ ପଡ଼ିରହିଛି। ଏହି ସମସ୍ତ ବିଷୟକୁ ଧ୍ୟାନ ଦେଇ ଗାଡ଼ି କାଗଜପତ୍ର ଉପରେ କୋହଳ ସମୟସୀମା ବୃଦ୍ଧି କରିବା ଲାଗି ମାଲିକମାନେ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ସେହିପରି ଯେଉଁମାନେ ୨୦୧୯ ଅଗଷ୍ଟ-ସେପ୍ଟେମ୍ବରରେ ଲର୍ନର ଲାଇସେନ୍ସ ପାଇଥିଲେ, ଲକ୍‌ଡାଉନ କଟକଣା ଯୋଗୁ ସେମାନେ ଏପର୍ଯ୍ୟନ୍ତ ଡ୍ରାଇଭିଂ ପରୀକ୍ଷା ଦେଇ ନ ପାରି ସ୍ଥାୟୀ ଲାଇସେନ୍ସ ପାଇପାରି ନାହାନ୍ତି। ସେମାନେ ଡ୍ରାଇଭିଂ ପରୀକ୍ଷା ପାଇଁ ଦାବି କରୁଥିଲେ ହେଁ ପରିବହନ କାର୍ଯ୍ୟାଳୟ ଆବଶ୍ୟକ ବ୍ୟବସ୍ଥା ☞ପୃଷ୍ଠା-୪

## ଆଜି ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର,୨୭।୧୨(ବ୍ୟୁରୋ): ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ସନ୍ଧ୍ୟା ୫ଟା ୩୦ ମିନିଟ୍‌ରେ ହେବାକୁ ଥିବା ଏହି କ୍ୟାବିନେଟ୍ ବୈଠକରେ ୭ଟି ପ୍ରସ୍ତାବ ଆସିବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଯୋଗଦେବେ। ମନ୍ତ୍ରୀମାନେ ଲୋକସେବା ଭବନ କିମ୍ବା ଜିଲାପାଳ ଅଫିସ କନ୍‌ଫରେନ୍ସ ହଲ୍‌ରେ ଯୋଗଦେବେ। ନିକଟରେ ବିଜେଡିରେ ପାରିତ ହୋଇଥିବା ସଂକଳ୍ପ ମଧ୍ୟରୁ କିଛି କ୍ୟାବିନେଟ୍ ପ୍ରସ୍ତାବ ମାଧ୍ୟମରେ ଆଣି ସରକାର ପାଳନ କରିପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

**ଆଜିର ସମ୍ପାଦକୀୟ**
ବଦ୍ ଦୃଷ୍ଟାନ୍ତ

**ଆଜିର ମନ୍ତବ୍ୟ**
"ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା)ର ଅଧ୍ୟକ୍ଷ ହେବା ଲାଗି ଆଗ୍ରହ ନାହିଁ।
– ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ

# ମଡର୍ନ ବସ୍‌ପୋର୍ଟ: ଉତ୍ତର ଦେଲାନି ରେଲୱେ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ନିକଟରେ ରାଜ୍ୟ ସରକାର ଭୁବନେଶ୍ୱରର ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଅତ୍ୟାଧୁନିକ ରୂପ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏଭଳି ଘୋଷଣା ପରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡର ରୂପରେଖ କିଭଳି ହେବ ସେନେଇ ଏକ କାଳ୍ପନିକ ନକ୍ସା ପ୍ରକାଶ କରାଯାଇଛି। ଏହି କାର୍ଯ୍ୟ ଲାଗି ୧୮୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୧୮ ମାସ ଭିତରେ କାମ ସାରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ହେଲେ କଟକ ଜିଲା ଗୋପାଳପୁରଠାରେ ହେବାକୁ ଥିବା ମଡର୍ନ ବସ୍‌ପୋର୍ଟ ଏବେ ମଧ୍ୟ ଅନିଶ୍ଚିତତା ମଧ୍ୟରେ ରହିଛି। ରାଜ୍ୟ ସରକାର ଏବଂ ପୂର୍ବତଟ ରେଳପଥ ମଧ୍ୟରେ ରହିଥିବା ଜମି ସମସ୍ୟା ଯୋଗୁ ଏ ପର୍ଯ୍ୟନ୍ତ କାମ ଅଟକି ରହିଛି। ଏନେଇ ପରିବହନ ବିଭାଗ ପକ୍ଷରୁ ବାରମ୍ବାର ସମୀକ୍ଷା ସତ୍ତ୍ୱେ କୌଣସି ଲାଭ ମିଳିପାରିନାହିଁ। ତେଣୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହା ଉପରେ ଧ୍ୟାନ ଦେଲେ ବସ୍‌ପୋର୍ଟ କାମ ତୁରନ୍ତ




ଆରମ୍ଭ ହୋଇପାରିବ ବୋଲି କେତେଜଣ ଅଧିକାରୀ ବ୍ୟକ୍ତିଗତ ସ୍ତରରେ ମତ ପ୍ରକାଶ କରିଛନ୍ତି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଏନେଇ ପଚାରିବାରୁ ସେ କହିଛନ୍ତି, ଗୋପାଳପୁର ସ୍ଥିତ ଉକ୍ତ ଜାଗା ରେଲୱେ ପାଖରେ ଥିବାରୁ ଏନେଇ ୬ ମାସ ତଳୁ ଏକ ରିଭିଜନ ମାମଲା ରୁଜୁ ହୋଇଛି। ଜମି ସରକାରଙ୍କ ପାଖକୁ ଆସିଲେ କାମ ଆରମ୍ଭ ହୋଇଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପୂର୍ବତଟ ରେଳପଥର ପିଆରଓ ନିରାକାର ଦାସଙ୍କୁ ପଚରାଯିବାରୁ ତଥ୍ୟ ସଂଗ୍ରହ କରି କହିବି ବୋଲି କହିଥିଲେ।

କେନ୍ଦ୍ର ପରିବହନ ମନ୍ତ୍ରଣାଳୟ ପକ୍ଷରୁ ୨୦୧୮ ଡିସେମ୍ବର ୨ରେ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ମଡର୍ନ (ଅତ୍ୟାଧୁନିକ) ବସ୍‌ପୋର୍ଟ ନିର୍ମାଣ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଅତ୍ୟଧିକ ଯାନବାହନ ଚଳାଚଳଜନିତ ପ୍ରଦୂଷଣ ରୋକିବା ଏବଂ ସାଧାରଣ ପରିବହନକୁ ପ୍ରୋତ୍ସାହନ ଦେବା ସକାଶେ କେନ୍ଦ୍ର ସରକାର ଏହି ଯୋଜନା କରିଛନ୍ତି। ଏହି ବସ୍ ପୋର୍ଟ ନିର୍ମାଣ ଲାଗି ୪୨ ଏକର ପଡ଼ିଆ କିମ୍ବା ଆଗରୁ କୌଣସି କାର୍ଯ୍ୟରେ ବ୍ୟବହୃତ ଜମି ନେବା ଲାଗି କୁହାଯାଇଥିଲା। ସେହି ଅନୁଯାୟୀ କଟକ ଜିଲା ଗୋପାଳପୁରଠାରେ ମଡର୍ନ ବସ୍‌ପୋର୍ଟ ନିର୍ମାଣ ଲାଗି ସ୍ଥିର ହେଲା। ଏହି ଯୋଜନା ପୂର୍ବରୁ ରାଜ୍ୟ ସରକାର କଟକ ବାଦାମବାଡ଼ି ବସ୍‌ଷ୍ଟାଣ୍ଡକୁ ଗୋପାଳପୁରକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଗୋପାଳପୁର ମୌଜା ପ୍ଲଟ ନମ୍ବର ୮୪୩, ଖାତା ନଂ. ୧୦୪୬ର ଜମିକୁ ସରକାର ୨୦୧୩ରେ ଚିହ୍ନଟ କଲେ। ଉକ୍ତ ଜମି ରାଜ୍ୟ ପରିବହନ ବିଭାଗକୁ ୨୦୧୫ରେ ହସ୍ତାନ୍ତର ହେଲା। ଏହାପରେ ରାଜସ୍ୱ ବିଭାଗ ପକ୍ଷରୁ ଉକ୍ତ ଜମିକୁ ଗୋପାଳପୁର ବସ୍‌ଷ୍ଟାଣ୍ଡ ଲାଗି ଫିଜିକାଲ ପୋଜେଶନ ମିଳିଥିଲା। ଏହାପରେ ଯେତେବେଳେ ମଡର୍ନ ବସ୍‌ପୋର୍ଟ ପ୍ରସ୍ତାବ କେନ୍ଦ୍ରରୁ ଆସିଲା ସରକାର ଏହି ଜମିରେ ତାହା କରିବାକୁ ନିଷ୍ପତ୍ତି ନେଲେ। ଏହାପରେ ତୁରନ୍ତ ବସ୍‌ପୋର୍ଟ ସମ୍ପର୍କିତ କାଗଜପତ୍ର ପ୍ରସ୍ତୁତ କରି ୪୨ ଏକର ଜମିର ଫାଇଲ କେନ୍ଦ୍ରକୁ ପଠାଇ ଦିଆଗଲା। ମାତ୍ର କେନ୍ଦ୍ରୀୟ ଟିମ୍ ଦେଖିବା ପରେ ସେଠାରେ ମୋଟ ୨୩ ଏକର ଜମି ଥିବାବେଳେ ୪୨ ଏକର ☞ପୃଷ୍ଠା-୪

# ନୂଆ ଷ୍ଟ୍ରେନ୍‌ରୁ ଲକ୍‌ଡାଉନ ଚର୍ଚ୍ଚା

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)

**ଆଉ ଜଣେ ପଜିଟିଭ୍**
- ଭୁବନେଶ୍ୱରରୁ ୩ ଆକ୍ରାନ୍ତ ଚିହ୍ନଟ ହେଲେଣି
- ମାସକରେ ବ୍ରିଟେନରୁ ଫେରିଛନ୍ତି ୧୮୧ ଜଣ



କରୋନା ସଂକ୍ରମଣ ହ୍ରାସ ପାଇବାବେଳକୁ ପୁଣି ଚିନ୍ତା ବଢ଼ାଇଲାଣି ବ୍ରିଟେନରେ ସୃଷ୍ଟିହୋଇଥିବା କରୋନାର ନୂଆ ଷ୍ଟ୍ରେନ୍। ଏହାକୁ ମୁକାବିଲା କରିବା ପାଇଁ ଭାରତ ସରକାର ତତ୍ପର ହୋଇ ଉଠିଥିବାବେଳେ ଓଡ଼ିଶାକୁ ଆସୁଥିବା ବ୍ରିଟେନ ଫେରନ୍ତାଙ୍କ ଉପରେ କଡ଼ା ନଜର ରଖିଛନ୍ତି ରାଜ୍ୟ ସରକାର। ରବିବାର ଭୁବନେଶ୍ୱରରେ ଆଉ ଜଣେ ବ୍ରିଟେନ ଫେରନ୍ତା କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶୁକ୍ରବାର ପଜିଟିଭ୍ ଚିହ୍ନଟ ୪ ବର୍ଷୀୟା ଶିଶୁକନ୍ୟାଙ୍କ ମା' ଓ ବାପାଙ୍କର ପୁନର୍ବାର ଆର୍‌ଟିପିସିଆର ନମୁନା ସଂଗ୍ରହ କରାଯାଇଥିଲା। ତେବେ ତାଙ୍କ ବାପାଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଏହାକୁ ମିଶାଇ ରାଜଧାନୀରେ ଏ ପର୍ଯ୍ୟନ୍ତ ୩ଜଣ ବ୍ରିଟେନ୍ ଫେରନ୍ତା ପଜିଟିଭ୍ ଚିହ୍ନଟ ହୋଇସାରିଲେଣି। ଶନିବାର ବ୍ରିଟେନ୍ ଫେରନ୍ତା ଓ ପରିବାର ସଦସ୍ୟଙ୍କୁ ମିଶାଇ ମୋଟ ୩୯ଜଣଙ୍କର ନମୁନା ସଂଗ୍ରହ କରାଯାଇଥିବାବେଳେ ରବିବାର ଆଉ ୩୯ଜଣ ଫେରନ୍ତାଙ୍କ ନମୁନା ସଂଗ୍ରହ ହୋଇଛି। ☞ପୃଷ୍ଠା-୪

## ହିମସ୍ଖଳନରେ ୧୦ ମୃତ


**ତେହେରାନ:** ଇରାନର ପାର୍ବତ୍ୟାଞ୍ଚଳରେ ହିମସ୍ଖଳନ ଘଟି ୧୦ ଜଣଙ୍କର ମୃତ୍ୟୁ ହୋଇଛି। ୪ଟି ସ୍ଥାନରେ ବରଫ ଅତଡ଼ା ଖସି ଅନେକ ଲୋକ ନିଖୋଜ ହୋଇଯାଇଛନ୍ତି। ଉଦ୍ଧାରକାରୀ ଦଳ ପହଞ୍ଚି ଖୋଜାଖୋଜି କରୁଛନ୍ତି। ଉଦ୍ଧାର କାର୍ଯ୍ୟରେ ହେଲିକପ୍ଟରକୁ ନିୟୋଜିତ କରାଯାଇଛି। ଶୁକ୍ରବାର ପ୍ରବଳ ପବନ ସାଙ୍ଗକୁ ତୁଷାରପାତ ଯୋଗୁ ହିମସ୍ଖଳନ ଘଟିଥିଲା।

## ସଂକ୍ଷେପରେ

### ତତ୍କାଳ ଋଣ ଆପ୍ ଦୁର୍ନୀତିରେ ଚାଇନା

**ବେଙ୍ଗାଲୁରୁ, ୨୭।୧୨:** ତତ୍କାଳ ଋଣ ଆପ୍ ଦୁର୍ନୀତି ସହ ଚାଇନାର ସମ୍ପୃକ୍ତି ଥିବା ପ୍ରମାଣ ମିଳିଛି। ଏହି ଆପ୍ ଦ୍ୱାରା ତଥ୍ୟ ଚୋରି ଘଟଣାର ତଦନ୍ତ କରୁଥିବା ସିଆଇଡି ଅଧିକାରୀମାନେ କହିଛନ୍ତି, ଆପ୍ଲିକେଶନର ସର୍ଭର ଚାଇନାରେ ଓ ଡ୍ୟାଶ୍‌ବୋର୍ଡ ପଡୋଶୀ ଦେଶରେ ରହିଛି। ସିଆଇଡି ଚଢ଼ାଉ କରିଥିବା ୪ କମ୍ପାନୀ ମଧ୍ୟରୁ ୩ଟିର ନିର୍ଦ୍ଦେଶକ ଚାଇନାର। ତେଣୁ ଉକ୍ତ କମ୍ପାନୀଗୁଡ଼ିକ ଚାଇନା ଦ୍ୱାରା ନିୟନ୍ତ୍ରିତ ହେଉଥିଲା ବୋଲି ସିଆଇଡି ସାଇବର କ୍ରାଇମ୍ ଏସ୍‌ପି ଏମ୍.ଡି. ଶରଥ କହିଛନ୍ତି।

### ସୁନୀଲ କୋଠାରୀଙ୍କ ଦେହାନ୍ତ



**ନୂଆଦିଲ୍ଲୀ, ୨୭।୧୨:** କିମ୍ବଦନ୍ତୀ ନୃତ୍ୟଗୁରୁ ପଦ୍ମଶ୍ରୀ ସୁନୀଲ କୋଠାରୀ(୮୭)ଙ୍କ ରବିବାର ପରଲୋକ ଘଟିଛି। ଦିଲ୍ଲୀର ଏକ ହସ୍ପିଟାଲରେ ସେ ଚିକିତ୍ସାଧୀନ ଥିଲେ। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ପ୍ରାୟ ମାସେ ପୂର୍ବରୁ ସେ କୋଭିଡ୍-୧୯ରେ ସଂକ୍ରମିତ ହୋଇଥିଲେ। ଏହା ପରଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡି ଯାଇଥିଲା। ଭାରତୀୟ ନୃତ୍ୟ ପ୍ରତି ଅବଦାନ ପାଇଁ ୧୯୯୫ରେ ସେ ସଂଗୀତ ନାଟକ ଏକାଡେମୀ ପୁରସ୍କାର ସହ ୨୦୦୦ ମସିହାରେ ଗୁଜରାଟ ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଗୌରବ ପୁରସ୍କାର, ୨୦୦୧ରେ ପଦ୍ମଶ୍ରୀ ଏବଂ ୨୦୧୧ରେ ଡ୍ୟାନ୍ସ କ୍ରିଟିକ୍ସ ଆସୋସିଏଶନ୍, ନ୍ୟୁୟର୍କ ଦ୍ୱାରା ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ଗ୍ରହଣ କରିଥିଲେ।

### ଆର୍‌ସିପି ସିଂ ଜେଡିୟୁ ସଭାପତି



**ପାଟନା, ୨୭।୧୨:** ବିହାର ମୁଖ୍ୟମନ୍ତ୍ରୀ ତଥା ଜନତା ଦଳ(ୟୁ)ର ବର୍ତ୍ତମାନ ସଭାପତି ନୀତୀଶ କୁମାର ତାଙ୍କ ବିଶ୍ୱସ୍ତ ରାମଚନ୍ଦ୍ର ପ୍ରସାଦ ସିଂଙ୍କୁ ଦଳର ପରବର୍ତ୍ତୀ ରାଷ୍ଟ୍ରୀୟ ସଭାପତି ବାଛିଛନ୍ତି। ଜେଡିୟୁ ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଏହି ପଦ ପାଇଁ ରାମଚନ୍ଦ୍ରଙ୍କୁ ମନୋନୀତ କରିବା ପରେ କମିଟିର ଅନ୍ୟ ସଦସ୍ୟମାନେ ଏଥିରେ ସହମତ ହୋଇଛନ୍ତି। ୨୦୧୯ରେ ନୀତୀଶ ୩ ବର୍ଷ ପାଇଁ ଦଳର ସଭାପତି ମନୋନୀତ ହୋଇଥିଲେ। ଅମଲାତନ୍ତ୍ରରୁ ରାଜନୀତିକୁ ଆସିଥିବା ସିଂ ଏବେ ଏହି ଆଞ୍ଚଳିକ ପାର୍ଟିର ସାଧାରଣ ସମ୍ପାଦକ ଅଛନ୍ତି।

# ମାଟିତଳୁ ମିଳିଲା ଫାଷ୍ଟଫୁଡ୍ ଷ୍ଟଲ୍



**ରୋମ୍, ୨୭।୧୨:** ପୁରାତନ ରୋମବାସୀ ଥିଲେ ସ୍ନାକ୍ସ ଓ ଫାଷ୍ଟଫୁଡ୍ ପ୍ରିୟ। ଇଟାଲୀର ପମ୍ପିଓ ସହରରୁ ମାଟିତଳୁ ପ୍ରାୟ ୨୦୦୦ ବର୍ଷ ତଳର ଫାଷ୍ଟଫୁଡ୍ ଷ୍ଟଲ ମିଳିବା ପରେ ରୋମବାସୀଙ୍କ ଏହି ଖାଦ୍ୟଶୈଳୀ ବିଷୟରେ ପ୍ରତ୍ନତତ୍ତ୍ୱବିତ୍ ମାନେ ସୂଚନା ପାଇଛନ୍ତି। ଖୋଦେଇବେଳେ ମାଟି ହାଣ୍ଡିରେ ଘୁଷୁରି, ଛେଳି, ମାଛ ଆଦିର ହାଡ଼, ମାଦକ ଜାତୀୟ ଦ୍ରବ୍ୟ ଜବତ ହୋଇଛି। ଷ୍ଟଲରେ ରଙ୍ଗିନ ଚିତ୍ର ଅଙ୍କାଯାଇଥିବା ଦେଖାଯାଇଛି। ଖନନବେଳେ ମଣିଷ କଙ୍କାଳ ମଧ୍ୟ ଉଦ୍ଧାର କରାଯାଇଛି। ୭୯ ଖ୍ରୀଷ୍ଟାବ୍ଦରେ ଭେସୁଭିଆସ୍ ପର୍ବତ ଉପରେ ଆଗ୍ନେୟଗିରି ଲାଭାରେ ପମ୍ପିଓ ସହର ପୋତି ହୋଇଯାଇଥିଲା। ଏଥିରେ ପ୍ରାୟ ୧୫ ହଜାର ଲୋକ ପ୍ରାଣ ହରାଇଥିଲେ। ଏବେ ସେଠାକାର ବାସିନ୍ଦାଙ୍କ ବିଷୟରେ ଜାଣିବା ପାଇଁ ଲୋକଙ୍କ ମଧ୍ୟରେ ଜିଜ୍ଞାସା ସୃଷ୍ଟି ହୋଇଛି। ରୋମ୍‌ର କଲିସିୟମ୍ ପରେ ପମ୍ପିଓ ହେଉଛି ଇଟାଲୀର ଦ୍ୱିତୀୟ ସର୍ବାଧିକ ପରିଦର୍ଶିତ ସ୍ଥାନ।

# ଜହ୍ନରେ ଜାଗା କିଣି ଉପହାର



**ଜୟପୁର, ୨୭।୧୨:** ବିବାହ ବାର୍ଷିକୀରେ ସ୍ତ୍ରୀଙ୍କୁ ଜହ୍ନରେ ଜାଗା କିଣି ଉପହାର ଦେଇଛନ୍ତି ରାଜସ୍ଥାନ ଅଜମେରରେ ରହୁଥିବା ଧର୍ମେନ୍ଦ୍ର ଆନିଜା। ଏହି ଦିନକୁ ନିଆରା ଓ ଅଧିକ ସ୍ମରଣୀୟ କରିବାକୁ ଯାଇ ଧର୍ମେନ୍ଦ୍ର ଜହ୍ନରେ ପ୍ରାୟ ୩ ଏକର ଜମି ସ୍ତ୍ରୀ ସ୍ୱପ୍ନାଙ୍କୁ ଗିଫ୍ଟ କରିଛନ୍ତି। ଏହା ଉଭୟଙ୍କ ଅଷ୍ଟମ ବିବାହ ବାର୍ଷିକୀ ଥିଲା। ଏ ନେଇ ଧର୍ମେନ୍ଦ୍ର କୁହନ୍ତି, ଡିସେମ୍ବର ୨୪ରେ ସ୍ୱପ୍ନାଙ୍କୁ କିଛି ନିଆରା ଉପହାର ଦେବାକୁ ଯୋଜନା ରହିଥିଲା। ନ୍ୟୁୟର୍କରେ ଥିବା ଲୁନା ସୋସାଇଟି ଇଣ୍ଟରନ୍ୟାଶନାଲ ମାଧ୍ୟମରେ ସେ ଜାଗା କିଣିପାରିଥିଲେ। ଏଥିପାଇଁ ତାଙ୍କୁ ପାଖାପାଖି ବର୍ଷେ ସମୟ ଲାଗି ଯାଇଥିଲା। ସ୍ୱାମୀ ଏଭଳି ଉପହାର ଦେବେବୋଲି କେବେ ମଧ୍ୟ ଭାବି ନ ଥିବା ସ୍ୱପ୍ନା କୁହନ୍ତି। କିଛି ମାସ ପୂର୍ବରୁ ବୋଧଗୟାର ନିରଜ କୁମାର ଜହ୍ନରେ ଗୋଟିଏ ଏକର ଜାଗା କିଣିଥିଲେ। ବଲିଉଡ୍ ଅଭିନେତା ଶାହରୁଖ ଖାନ ଓ ସ୍ୱର୍ଗତ ସୁଶାନ୍ତ ସିଂ ରାଜପୁତ ମଧ୍ୟ ଚନ୍ଦ୍ରରେ ଜାଗା କିଣିଛନ୍ତି।

# ମମତାଙ୍କୁ ଅଙ୍ଗୁଳି ଉଠାଇଲା ସିବିଆଇ

ନୂଆଦିଲ୍ଲୀ, ୨୭।୧୨ (ଆଇଏଏନ୍‌ଏସ୍)



**ସାରଦା ଦୁର୍ନୀତି**

**ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତାରା ଟିଭି କର୍ମଚାରୀଙ୍କୁ ଦିଆଯାଇଛି ବେତନ**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଆଉ ଚାରିମାସ ବାକି ଥିବାବେଳେ ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ସିବିଆଇର ନୂଆ ଖୁଲାସା ମମତା ବାନାର୍ଜୀ ସରକାରଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ସାରଦା ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ଅଂଶବିଶେଷ ଥାଇ ତଦନ୍ତ ପରିସରଭୁକ୍ତ ହୋଇଥିବା ତାରା ଟିଭିର କର୍ମଚାରୀମାନଙ୍କୁ ୨୩ ମାସ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ନିୟମିତ ବେତନ ପ୍ରଦାନ କରାଯାଇଥିବା ସିବିଆଇ ସୁପ୍ରିମକୋର୍ଟଙ୍କୁ ଜଣାଇଛି। ୨୦୧୩ ମେ'ରୁ ୨୦୧୫ ଏପ୍ରିଲ୍ ପର୍ଯ୍ୟନ୍ତ ବେତନ ବାବଦରେ ମାସକୁ ୨୭ ଲକ୍ଷ ଟଙ୍କା ଲେଖାଏ ଦିଆଯାଇଛି। ଏପରି ମୋଟ ୬.୨୧ କୋଟି ଟଙ୍କା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତାରା ଟିଭି କର୍ମଚାରୀ କଲ୍ୟାଣ ସଂଘକୁ ପ୍ରଦାନ କରାଯାଇଛି।

କମ୍ପାନୀର ଉପଲବ୍ଧ ପାଣ୍ଠିରୁ ଟିଭି କର୍ମଚାରୀଙ୍କ ଦରମା ପ୍ରଦାନ କରାଯାଇପାରିବ ବୋଲି ହାଇକୋର୍ଟ ତାଙ୍କ ରାୟରେ କହିଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡ ନାମରେ ସଂଗୃହୀତ ରାଜ୍ୟ ପାଣ୍ଠିରୁ ଘରୋଇ ଟିଭି ଚାନେଲ କର୍ମଚାରୀଙ୍କୁ ବେତନ ଦିଆଯାଇପାରିବ ବୋଲି କୁହାଯାଇ ନ ଥିଲା। ରିଲିଫ୍ ପାଣ୍ଠିରୁ ବେତନ ପ୍ରଦାନ ପଛରେ ବଡ଼ ଷଡ଼ଯନ୍ତ୍ର ଓ ଘରୋଇ କମ୍ପାନୀ ସହ ସରକାରଙ୍କ ମଧୁଚନ୍ଦ୍ରିକା ଥିବାର ସୂଚନା ମିଳୁଥିବା ସିବିଆଇ କହିଛି। ଦୁର୍ନୀତିକୁ ନେଇ ସିଧାସଳଖ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରକୁ ଅଙ୍ଗୁଳି ଉଠିଛି। ଆଇନ ପ୍ରକ୍ରିୟାରୁ ଖସିଯିବା ଏବଂ ତଦନ୍ତକୁ ଭଣ୍ଡୁର କରିବା ଲାଗି ହେଉଥିବା ଷଡ଼ଯନ୍ତ୍ରରେ କର୍ତ୍ତୃପକ୍ଷ ସାମିଲ ଥିବା ଅଧିକ ତଦନ୍ତ କଲେ ଜଣାପଡ଼ିବ ବୋଲି ସିବିଆଇ କହିଛି।

ଚିଟ୍‌ଫଣ୍ଡ ମାମଲାରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ କୁନାଲ ଘୋଷଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜେରା କରିଥିଲା। ସାରଦା ଗ୍ରୁପ୍‌ର ମୁଖ୍ୟ ସୁଦୀପ୍ତ ସେନ୍‌ଙ୍କ ସହ ମୁଖ୍ୟମନ୍ତ୍ରୀଙ୍କର ଉତ୍ତମ ସମ୍ପର୍କ ଥିବା ଘୋଷ ସେତେବେଳେ କହିଥିଲେ। କୁନାଲଙ୍କ ଫୋନ୍‌ରୁ ମମତା ସୁଦୀପ୍ତଙ୍କୁ କଲ୍ କରୁଥିଲେ। ସାରଦା ଗ୍ରୁପ୍ କମ୍ପାନୀର କର୍ମଚାରୀ ସଫିକୁର୍ ରେହମାନଙ୍କୁ ଜେରା ବେଳେ ସୁଦୀପ୍ତଙ୍କ ସହ ମମତାଙ୍କ ସମ୍ପର୍କର ସୂଚନା ମିଳିଥିଲା। ମମତା ବିଧାନସଭା ନିର୍ବାଚନ ଲଢୁଥିବାବେଳେ ଭଓ୍ୱାନିପୁର, କୋଲକାତାରେ ସମସ୍ତ ପୂଜା ଖର୍ଚ୍ଚ ସୁଦୀପ୍ତ ସେନ୍ ବହନ କରୁଥିଲେ ବୋଲି ସଫିକୁର କହିଥିବା ସିବିଆଇ ଦର୍ଶାଇଛି। ପଶ୍ଚିମବଙ୍ଗର ବରିଷ୍ଠ ଆଇପିଏସ୍ ଅଫିସର ତଥା କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କୁ ଜେରା କରିବା ଲାଗି ସିବିଆଇ ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡ଼ିଛି। ଚିଟ୍‌ଫଣ୍ଡ ଠକେଇ ସହ ରାଜୀବଙ୍କର ଗଭୀର ସମ୍ପୃକ୍ତି ଥିବାରୁ ତାଙ୍କୁ ଜେରା କରାଯିବା ଆବଶ୍ୟକ ବୋଲି ସିବିଆଇ କହିଛି।

କମ୍ ସମୟରେ ଅଧିକ ରିଟର୍ନ ପ୍ରତିଶ୍ରୁତି ଦେଇ ସାରଦା ଗ୍ରୁପ୍ ଲକ୍ଷ ଲକ୍ଷ ଜମାକାରୀଙ୍କଠାରୁ ୨,୫୦୦ କୋଟି ଟଙ୍କା ଠକିନେଇଥିଲା। ୨୦୧୩ରେ ଉକ୍ତ ଠକେଇ ଜଣାପଡ଼ିବା ପରେ ରାଜ୍ୟ ସରକାର ଏହାର ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ରାଜୀବ କୁମାର ଏସ୍‌ଆଇଟିରେ ଥିଲେ। ୨୦୧୪ରେ ସୁପ୍ରିମକୋର୍ଟ ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିଥିଲେ।

# ପାଲାନିସ୍ୱାମୀ ହେବେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

ଚେନ୍ନାଇ, ୨୭।୧୨(ପି.ଟି.)



■ତାମିଲନାଡୁରେ କ୍ଷମତା ଭାଗବଣ୍ଟା ହେବନି

■ଭାଜପା ଆଗରେ ସର୍ତ୍ତ ରଖିଲା ଏଆଇଏଡିଏମ୍‌କେ


କେନ୍ଦ୍ରର କୃଷି ଆଇନକୁ ବିରୋଧ କରି ଗୋଟିଏ ପରେ ଗୋଟିଏ ଦଳ ଏନ୍‌ଡିଏ ଛାଡୁଥିବାବେଳେ ତାମିଲନାଡୁର ଶାସକ ଦଳ ଏଆଇଏଡିଏମ୍‌କେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ସହଯୋଗୀ ଦଳ ଭାଜପା ଆଗରେ ସର୍ତ୍ତ ରଖିଛି। ଆସନ୍ତାବର୍ଷ ହେବାକୁ ଥିବା ନିର୍ବାଚନ ପାଇଁ ରବିବାର ଏଆଇଏଡିଏମ୍‌କେ ପ୍ରଚାର ଆରମ୍ଭ କରିଛି। ଭାଜପାକୁ ଶକ୍ତ ବାର୍ତ୍ତା ଦେଇ ଏଆଇଏଡିଏମ୍‌କେ କହିଛି ମୁଖ୍ୟମନ୍ତ୍ରୀ ଇ. କେ. ପାଲାନିସ୍ୱାମୀ ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ। ଦଳ ନିର୍ବାଚନ ଜିତିଲେ କ୍ଷମତା ଭାଗବଣ୍ଟା ହେବନାହିଁ।

ଏକ ସମାବେଶକୁ ଉଦ୍‌ବୋଧନ ଦେଇ ଏଆଇଏଡିଏମ୍‌କେ ଉପସଂଯୋଜକ ତଥା ରାଜ୍ୟ ସଭା ସଦସ୍ୟ ଏମ୍.କେ. ମୁନୁସାମି ଭାଜପାର ନାଁ ନ ନେଇ ମୁଖ୍ୟମନ୍ତ୍ରୀ ପ୍ରାର୍ଥିତ୍ୱ ଉପରେ ଏହାର ଆଭିମୁଖ୍ୟକୁ ସମାଲୋଚନା କରିଛନ୍ତି। ମେଣ୍ଟରେ ଏଆଇଏଡିଏମ୍‌କେ ବଡ଼ଭାଇ ହେବ। ଦଳ କାହା ସହ କ୍ଷମତା ଭାଗବଣ୍ଟା କରିବ ନାହିଁ। ସେଭଳି ଉଦ୍ଦେଶ୍ୟ ନେଇ ମେଣ୍ଟ କରିବାକୁ ଚାହୁଁଥିବା କୌଣସି ଜାତୀୟ ଦଳର ଆବଶ୍ୟକତା ନାହିଁ ବୋଲି ମୁନୁସାମି ସ୍ପଷ୍ଟ କରିଦେଇଛନ୍ତି। ଏନ୍‌ଡିଏର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ସମ୍ପର୍କରେ ଭାଜପା ନିଷ୍ପତ୍ତି ନେବ ବୋଲି ଗୈରିକ ଦଳର ନେତାମାନେ କହିଆସୁଥିଲେ।

ଚେନ୍ନାଇର ରୋୟାପେଟ୍ଟାସ୍ଥିତ ୱାଇଏମ୍‌ସିଏ ଗ୍ରାଉଣ୍ଡରେ ଉଦ୍‌ବୋଧନ ଦେଇ ଏଆଇଏଡିଏମ୍‌କେ ସଂଯୋଜକ ତଥା ଉପମୁଖ୍ୟମନ୍ତ୍ରୀ ଓ. ପନିରସେଲଭାମ ଏବଂ ଯୁଗ୍ମ ସଂଯୋଜକ ପାଲାନିସ୍ୱାମୀ ଡିଏମ୍‌କେ ଏବଂ ଏହାର ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍‌ଙ୍କୁ ଟାର୍ଗେଟ କରିଥିଲେ। ସରକାରଙ୍କ ସଫଳତାର ବାର୍ତ୍ତା ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ପନିରସେଲ୍‌ଭାମ୍ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ।

# ୧୧ ଦେଶକୁ ବ୍ୟାପିଲାଣି ନୂଆ ଷ୍ଟ୍ରେନ୍

ଲଣ୍ଡନ, ୨୭।୧୨



ଇଂଲଣ୍ଡରେ ପ୍ରଥମେ ଦେଖାଦେଇଥିବା କରୋନା ଭୂତାଣୁର ନୂଆ ରୂପ ଏବେ ଅନ୍ୟ ୧୧ଟି ଦେଶକୁ ବ୍ୟାପିସାରିଲାଣି। ସଂକ୍ରମଣ ରୋକିବାକୁ ସମସ୍ତ ଉଦ୍ୟମ ସତ୍ତ୍ୱେ ଏହା କାୟା ମେଲାଇ ଚାଲିଛି। ବିମାନ ଚଳାଚଳ ଓ ଯାତାୟାତ ବନ୍ଦ ସତ୍ତ୍ୱେ କୋଭିଡ୍‌ର ନୂଆ ଷ୍ଟ୍ରେନ୍ ଏବେ ଫ୍ରାନ୍ସ, ଡେନ୍‌ମାର୍କ, ସ୍ପେନ୍, ସ୍ୱିଡେନ, ନେଦରଲାଣ୍ଡ୍ସ, ଜର୍ମାନୀ ଓ ଇଟାଲୀରେ ଚିହ୍ନଟ ହୋଇଛି। ସେହିପରି କାନାଡା, ଜାପାନ, ଅଷ୍ଟ୍ରେଲିଆ ଓ ଲେବାନନରେ ମଧ୍ୟ ଭୂତାଣୁର ନୂଆ ରୂପ ଦେଖିବାକୁ ମିଳିଛି। ଟିକାକରଣ ଯୋଗୁ ମହାମାରୀରୁ ମୁକ୍ତି ପାଇବା ଲାଗି ଲୋକଙ୍କ ମନରେ ଆଶା ସଞ୍ଚାର ହୋଇଥିବାବେଳେ ନୂଆ ଷ୍ଟ୍ରେନ୍ ପୁଣି ସେମାନଙ୍କ ଚିନ୍ତା ବଢ଼ାଇଦେଇଛି। ତେବେ ବ୍ରିଟେନରେ ଦେଖାଦେଇଥିବା ଭାରିଆଣ୍ଟ ଅଧିକ ମାରାତ୍ମକ କିମ୍ବା ଟିକା ପ୍ରତିରୋଧି ନୁହେଁ ବୋଲି ବୈଜ୍ଞାନିକମାନେ କହିଛନ୍ତି।

କାନାଡାରେ ଟ୍ରାଭେଲ୍ ହିଷ୍ଟ୍ରି ନ ଥାଇ ଏକ ଦମ୍ପତିଙ୍କଠାରେ ନୂଆ ଭାରିଆଣ୍ଟ ଚିହ୍ନଟ ହୋଇଥିବାରୁ ଏହା ଗୋଷ୍ଠୀ ସଂକ୍ରମଣ ସ୍ତରରେ ପହଞ୍ଚିଥିବା ଆଶଙ୍କା କରାଯାଉଛି। ଜାପାନରେ ୫ ଜଣଙ୍କଠାରେ ଭୂତାଣୁର ନୂଆ ଷ୍ଟ୍ରେନ୍ ଚିହ୍ନଟ ହେବା ପରେ ବିଦେଶୀଙ୍କ ଆଗମନ ଉପରେ କଟକଣା ଲଗାଯାଇଛି। ୟୁରୋପ ସମେତ ଅନ୍ୟ ମହାଦେଶର ଦେଶଗୁଡ଼ିକ ଗତ ସପ୍ତାହଠାରୁ ବ୍ରିଟେନ୍‌କୁ ବିମାନ ଚଳାଚଳ ବନ୍ଦ କରିଛନ୍ତି।




# ୟୁପି ଛାଡୁଛନ୍ତି ପ୍ରେମୀଯୁଗଳ

**ଉତ୍ତରପ୍ରଦେଶରେ ଧର୍ମାନ୍ତରୀକରଣ ବା 'ଲଭ ଜିହାଦ୍' ଆଇନ ପ୍ରଚଳନ ପରେ ଅଲଗା ଧର୍ମର ପ୍ରେମୀଯୁଗଳଙ୍କୁ ଘାରିଛି ଗିରଫଦାରୀ ଭୟ। ଉଭୟ ଝିଅ ଓ ପୁଅ ସେମାନଙ୍କ ସମ୍ପର୍କ ପାଇଁ ରାଜିଥିଲେ ବି ପରିବାରର ବିରୋଧ ଯୋଗୁ ମାମଲା ଆଶଙ୍କାରେ ଘର ଛାଡ଼ିବାକୁ ବାଧ ହେଉଥିବା ଘଟଣା ଏହି ରାଜ୍ୟରେ ବଢ଼ିବାରେ ଲାଗିଛି। ନିୟମ ଚାଲୁହେବାର ମାସେ ମଧ୍ୟରେ ୩୫ରୁ ଅଧିକ ଜଣଙ୍କୁ ଏହି ଆଇନ ବଳରେ ଗିରଫ କରାଗଲାଣି। ଏଥିସହ ଦିନକୁ ଦିନ ଏ ସଂକ୍ରାନ୍ତ ମାମଲା ସଂଖ୍ୟା ବି ବୃଦ୍ଧିପାଉଛି।**

ବରେଲି, ୨୭।୧୨



■ମାସେରେ ଗିରଫ ହେଲେଣି ୩୫ ଜଣ

■ଡଜନେରୁ ଅଧିକ ମାମଲା ରୁଜୁ

ମହମ୍ମଦ ଇକବାଲ୍ ନାମକ ଜଣେ ମୁସଲମାନ ସମ୍ପ୍ରଦାୟର ଯୁବକଙ୍କ ପ୍ରେମରେ ପଡ଼ିଥିବା ବାରଣାସୀର ଜଣେ ୨୬ ବର୍ଷୀୟ ହିନ୍ଦୁ ଯୁବତୀ ସ୍ମୃତି ଏବେ ଗିରଫ ଆଶଙ୍କାରେ ପ୍ରେମିକଙ୍କ ସହ ଘର ଛାଡ଼ି ଦିଲ୍ଲୀ ଆସିଥିବା ସଦ୍ୟ ଘଟଣା ଏହାର ଉଦାହରଣ ଭାବେ ନିଆଯାଇପାରେ। ସ୍ମୃତିଙ୍କ କହିବା ମୁତାବକ, ଇକବାଲଙ୍କ ସହ ଦେଖିଦେବା ପରେ ପରିବାର ଲୋକ ତାଙ୍କୁ ଏକ ଘରେ ବନ୍ଦ କରିଦେଇଥିଲେ। ପରେ ଜଣେ ହିପ୍ନୋଟିଷ୍ଟଙ୍କ ନିକଟକୁ ନେଇ ତାଙ୍କ ପରୀକ୍ଷା କରାଇଥିଲେ। ଇକବାଲଙ୍କଠାରୁ ଦୂରେଇ ରହିବାକୁ ଚାପ ବଢ଼ିବାରୁ ସେମାନେ ବାଧ ହୋଇ ରାଜ୍ୟ ବାହାରକୁ ପଳାଇଛନ୍ତି। ଏବେ ଦିଲ୍ଲୀରେ ରହି ଉଭୟେ ଏହି ସ୍ୱତନ୍ତ୍ର ଆଇନ ଅଧୀନରେ ବିବାହ ପାଇଁ ଆବେଦନ କରିଥିବା କୁହନ୍ତି। ଯେ ପର୍ଯ୍ୟନ୍ତ ନିୟମ ଅନୁଯାୟୀ ବାହାଘର ନ ହୋଇଛି ସେ ପର୍ଯ୍ୟନ୍ତ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି। ଆସନ୍ତା ଫେବୃଆରୀରେ ବିବାହ ତାରିଖ ପର୍ଯ୍ୟନ୍ତ ସେମାନଙ୍କୁ ଘର ବାହାରେ ରହିବାକୁ ପଡିବ। ସେହିପରି ୟୁପିର ଏକ ଛୋଟ ସହରର ମହମ୍ମଦ ସଦାବ(୨୪) ଓ ଅନାମିକା(୨୩)ଙ୍କ କାହାଣୀ ମଧ୍ୟ ସମାନ। ୪ ବର୍ଷର ପ୍ରେମ ସମ୍ପର୍କରେ ବାଧା ସାଜିଥିଲେ ଯୁବତୀଙ୍କ ପରିବାର। ଏଥିପାଇଁ ଅନେକ ଖରାପ ସମୟ ଓ ପରିସ୍ଥିତିର ସାମ୍ନା କରିବାକୁ ପଡିଥିବା ସଦାବ କୁହନ୍ତି। ଅନାମିକାଙ୍କ ସହ ସମ୍ପର୍କ କାଟିବାକୁ ଚାପ ସତ୍ତ୍ୱେ ସେମାନେ ପରସ୍ପରଠାରୁ ଅଲଗା ହୋଇ ନ ଥିଲେ ବି ଏବେ ଏହି ନୂଆ ଆଇନ ଆଉ ଏକ ବାଧା ହୋଇ ଛିଡ଼ା ହୋଇଛି। ଅନାମିକାଙ୍କ ପାଇଁ ନିଜ ଧର୍ମ ମଧ୍ୟ ପରିବର୍ତ୍ତନ କରି ହିନ୍ଦୁ ହେବାରେ କୌଣସି ଅସୁବିଧା ନ ଥିବା ସଦାବ କହିଛନ୍ତି। ଯଦି ଏଥିରେ ବି ପ୍ରତିବାଦ କରାଯାଏ ତେବେ ଉଭୟେ ୟୁପି ଛାଡ଼ି ବାହାରେ ରହିବାକୁ ବାଧ ହେବେ। ଜରୁରୀ ପଡିଲେ ସେମାନେ କୋର୍ଟର ମଧ୍ୟ ଆଶ୍ରୟ ନେବେ ବୋଲି ପ୍ରକାଶ କରିଛନ୍ତି। ଶାହାଜହାନପୁରର ସିମ୍ରନ(୨୧) ଓ ମହମ୍ମଦ ସାମିମ୍(୨୫) କ୍ଷେତ୍ରରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଯୁବତୀଙ୍କ ପରିବାର ଲୋକେ ଜବରଦସ୍ତି ତାଙ୍କୁ ଘରେ ବନ୍ଦୀ ରଖିବା ଓ ମୋବାଇଲ ଫୋନ ଛଡ଼ାଇ ନେବାପରେ ସେମାନେ ମଧ୍ୟ ଘର ଛାଡ଼ିଛନ୍ତି। ଆଇନ ଅନୁଯାୟୀ ବାହାଘର ନିଷ୍ପତ୍ତି ନେବାକୁ ବୟସ ହୋଇଥିଲେ ବି ଏହି ନୂଆ ନିୟମ ଅସୁବିଧା ବଢ଼ାଇ ଦେଇଛି। ଫଳରେ ସେମାନେ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ପ୍ରକାଶ କରିଛନ୍ତି। ଗତ ନଭେମ୍ବରରେ ନୂଆ ଆଇନ ପ୍ରଣୟନ ହେବାପରଠାରୁ ଏଭଳି ମାମଲାରେ ପୋଲିସ ପ୍ରାୟ ୩୫ ଜଣଙ୍କୁ ଗିରଫ କରିସାରିଛି। ଦିନକୁ ଦିନ ଅନେକ ପରିବାର ପକ୍ଷରୁ ଏତଲା ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଥିବା ଜଣାପଡିଛି।

ଧରିତ୍ରୀ
DHARITRI
ସୋମବାର, ୨୮ ଡିସେମ୍ବର, ୨୦୨୦

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୦୮,୮୨,୪୪୨ | ୧୭,୬୮,୩୦୩ | ୫,୭୧,୦୪,୦୯୨ |
| ଭାରତ | ୧,୦୨,୦୬,୯୦୧ | ୧,୪୭,୯୦୨ | ୯୭,୭୯,୫୦୦ |
| ଓଡ଼ିଶା | ୩,୨୮,୫୦୪ | ୧୮୬୧(+୫୩) | ୩,୨୪,୦୬୮ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ରାଜ୍ୟ କାର୍ଯ୍ୟାଳୟରେ ନେତା ଶୁଣିଲେ ଅନ୍ତିମ 'ମନ୍‌କୀ ବାତ୍'

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ):** ଅନ୍ତିମ 'ମନ୍‌କୀ ବାତ୍' କାର୍ଯ୍ୟକ୍ରମକୁ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଦଳର କାର୍ଯ୍ୟକର୍ତ୍ତାଙ୍କ ସହ ଶୁଣିବା ଅବସରରେ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ସ୍ୱଦେଶୀ ସାମଗ୍ରୀ କିଣିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରାମର୍ଶ ଦେଇଛନ୍ତି। ଏ ସମ୍ପର୍କରେ ଟୁଇଟ୍ କରି ଧର୍ମେନ୍ଦ୍ର କହିଛନ୍ତି ଯେ, ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଚଳିତ ଇଂଲିଶ ବର୍ଷର ଅନ୍ତିମ 'ମନ୍ କି ବାତ୍' ଶୁଣିଲି। ପ୍ରଧାନମନ୍ତ୍ରୀ 'ଭୋକାଲ ଫର୍ ଲୋକାଲ୍' ତଥା ଦେଶରେ ଭାରତୀୟ ସାମଗ୍ରୀର ଚାହିଦା ବଢ଼ିବା ଓ 'ଜିରୋ ଇଫେକ୍ଟ, ଜିରୋ ଡିଫେକ୍ଟ' ନୈତିକତା ଆଧାରରେ କାମ କରିବାର ସୁଯୋଗ ଉପରେ ଉଲ୍ଲେଖ କରିଛନ୍ତି। ଆମର ସାମଗ୍ରୀ ବିଶ୍ୱର ସର୍ବୋତ୍କୃଷ୍ଟମାନର ହେବା ଆବଶ୍ୟକ ବୋଲି ଦେଶର ନିର୍ମାତା ଏବଂ ଶିଳ୍ପ ନେତାଙ୍କୁ କହିଛନ୍ତି। ଆସନ୍ତୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଚଳିତ ଇଂଲିଶ ବର୍ଷରୁ ଆମେ ଦେଶରେ ଉତ୍ପାଦିତ ସାମଗ୍ରୀକୁ କିଣିବାକୁ ସଂକଳ୍ପ କରିବା ଏବଂ ଆତ୍ମନିର୍ଭର ଭାରତ ଅଭିଯାନରେ ସାମିଲ ହେବା ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ଚାଇନାରେ ଆକ୍ରମଣ: ୭ ନିହତ

**ବେଜିଂ, ୨୭।୧୨ (ପି.ଟି.):** ଚାଇନାର ଲିଓନିଂ ପ୍ରଦେଶରେ ଜଣେ ସନ୍ଦିଗ୍ଧ ଛୁରି ଧରି ଆକ୍ରମଣ କରିବାରୁ ୭ ଜଣଙ୍କର ମୃତ୍ୟୁ ଘଟିଛି ଓ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। କୈୟୁଆନ ସହରରେ ଏହି ଆକ୍ରମଣ ଘଟିଥିଲା। ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରିଛି।

### ୧୫୧ ଟେଲିକମ୍ ଟାୱାର ଭାଙ୍ଗିଲେ ଚାଷୀ

**ଚଣ୍ଡିଗଡ଼, ୨୭।୧୨(ପି.ଟି.):** ଟେଲିକମ୍ ଭିତ୍ତିଭୂମି ନଷ୍ଟ ନ କରିବାକୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ଅନୁରୋଧ ସତ୍ତ୍ୱେ ଚାଷୀମାନେ ଶନିବାରଠାରୁ ସେଠାରେ ୧୫୧ ସିଗ୍‌ନାଲ ଟାୱାର ଭାଙ୍ଗିସାରିଲେଣି। ମୁକେଶ ଅମ୍ବାନୀ ଓ ଗୌତମ ଅଦାନୀଙ୍କ କମ୍ପାନୀ ଚାଷୀଙ୍କଠାରୁ ଫସଲ କିଣିବାର ନ ଥିଲେ ହେଁ ନୂଆ କୃଷି ଆଇନକୁ ନେଇ ଆନ୍ଦୋଳନରତ ଚାଷୀ ସେମାନଙ୍କୁ ଟାର୍ଗେଟ କରୁଛନ୍ତି। ପଞ୍ଜାବର ବିଭିନ୍ନ ସ୍ଥାନରେ ଚାଷୀମାନେ ରିଲାଏନ୍ସ ଜିଓ ଟାୱାରଗୁଡ଼ିକୁ ଭାଙ୍ଗିଦେବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହାକୁ ମିଶାଇ ମୋଟ ୧,୩୩୮ଟି ଟେଲିକମ୍ ଟାୱାର ଭଙ୍ଗା ଗଲାଣି।

### ହେଲିକପ୍ଟର ଦୁର୍ଘଟଣା, ୪ ମୃତ

**ମୁଲତାନ, ୨୭।୧୨-** ଉଦ୍ଧାର କାର୍ଯ୍ୟରେ ନିୟୋଜିତ ପାକିସ୍ତାନୀ ସେନାର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ଜଣ ପାଇଲଟ୍ ଓ ୨ ସୈନିକଙ୍କ ମୃତ୍ୟୁ ଘଟିଛି। ବୈଷୟିକ ତ୍ରୁଟି ଯୋଗୁ ହେଲିକପ୍ଟରଟି ଆଷ୍ଟୋର ଜିଲାରେ ଶନିବାର ସନ୍ଧ୍ୟାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ପୁଞ୍ଚ୍‌ରେ ମନ୍ଦିର ଆକ୍ରମଣ ଉଦ୍ୟମ ପଣ୍ଡ

**ନୂଆଦିଲ୍ଲୀ, ୨୭।୧୨ :** ଜମ୍ମୁ-କଶ୍ମୀରର ସୀମାନ୍ତ ଜିଲା ପୁଞ୍ଚ୍‌ରେ ଆତଙ୍କବାଦୀମାନଙ୍କ ମନ୍ଦିର ଆକ୍ରମଣ ଯୋଜନାକୁ ସୁରକ୍ଷା ବଳ ପଣ୍ଡ କରିଦେଇଛି। ପାକିସ୍ତାନ ସହ ସମ୍ପୃକ୍ତ ୩ ଆତଙ୍କବାଦୀ ସହଯୋଗୀଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୬ଟି ଗ୍ରେନେଡ୍ ଜବତ କରିଛି। ମନ୍ଦିର ଉପରେ ଆକ୍ରମଣ କରି ଜିଲାରେ ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ କରିବାକୁ ଆତଙ୍କବାଦୀମାନେ ଯୋଜନା କରିଥିଲେ। ପାକିସ୍ତାନୀ ଆତଙ୍କବାଦୀ ନେତାଙ୍କ ନିର୍ଦ୍ଦେଶରେ ଏଭଳି ଆକ୍ରମଣ ଯୋଜନା ହୋଇଥିଲା ବୋଲି ପୁଞ୍ଚ୍ ଏସ୍‌ଏସ୍‌ପି ରମେଶ କୁମାର ଅଙ୍ଗ୍ରାଲ କହିଛନ୍ତି। ପୋଲିସ୍‌ର ସ୍ୱତନ୍ତ୍ର ଅପରେଶନ ଗ୍ରୁପ୍ ଗଲହୁଟା ଗ୍ରାମର ମୁସ୍ତାଫା ଇକ୍‌ବାଲ ଖାନ୍ ଓ ମୁର୍ତ୍ତାଜା ଇକ୍‌ବାଲଙ୍କୁ ଅଟକାଇ ଜେରା କରିବା ପରେ ଗ୍ରେନେଡ୍ ଆକ୍ରମଣ ଯୋଜନା ଜଣାପଡ଼ିଥିଲା। ଅରି ଗ୍ରାମରେ ଥିବା ମନ୍ଦିର ଉପରେ ଗ୍ରେନେଡ୍ ମାଡ଼ କରିବାକୁ ପାକିସ୍ତାନୀ ହ୍ୟାଣ୍ଡଲର୍ ସେମାନଙ୍କୁ ଫୋନ୍ ଯୋଗେ ନିର୍ଦ୍ଦେଶ ଦେଇଥିବା ମୁସ୍ତାଫା ଓ ମୁର୍ତ୍ତାଜା ସ୍ୱୀକାର କରିଛନ୍ତି।

# ବ୍ରାଣ୍ଡ୍ ଅସଲି, ସାମଗ୍ରୀ ନକଲି

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ନକଲି ଓ ଅପମିଶ୍ରିତ ସାମଗ୍ରୀରେ ହବ୍ ପାଲଟିଛି ଓଡ଼ିଶା। ଅସଲି ବ୍ରାଣ୍ଡରେ ବିକ୍ରି ହେଉଛି ନକଲି ସାମଗ୍ରୀ। ଜାଲ୍ ନୋଟ୍‌ଠାରୁ ଆରମ୍ଭ କରି ପୂଜା ଓ ଖାଦ୍ୟ ସାମଗ୍ରୀ ଅପମିଶ୍ରଣ ଚାଲିଛି। ଏପରି କି ଦିନକୁ ଦିନ ନକଲି ସାମଗ୍ରୀ ତିଆରି କାରଖାନା ବଢ଼ିବାରେ ଲାଗିଛି। ଟଙ୍କା ଦେଇ ଲୋକେ ଖାଦ୍ୟ ସାମଗ୍ରୀ ନାଁରେ ବିଷ କିଣୁଛନ୍ତି। ଗତ ମାସରେ ଝାରସୁଗୁଡ଼ାରୁ ଜାଲ୍ ନୋଟ୍ କାରଖାନା ଠାବ କରାଯାଇ ବିପୁଳ ପରିମାଣର ନକଲି ନୋଟ୍ ଜବତ କରାଯାଇଥିଲା। ସେହିଭଳି କଟକ ସହର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ନକଲି ଖାଦ୍ୟ ସାମଗ୍ରୀ କାରଖାନା ଠାବ କରାଯାଉଛି। ଯାହାକି ଏବେ ରାଜ୍ୟବାସୀଙ୍କ ମୁଣ୍ଡବ୍ୟଥା ବଢ଼ାଇଦେଇଛି। ତେଲ, ହଳଦୀ ଗୁଣ୍ଡ, ଘିଅ, ଟମାଟୋ କେଚ୍‌ଅପ୍ ଭଳି ଖାଦ୍ୟସାମଗ୍ରୀ କିଣିବା ପୂର୍ବରୁ ବହୁବାର ଭାବିବାକୁ ପଡୁଛି। ଉପରେ ଜଣାଶୁଣା ବ୍ରାଣ୍ଡର ନାଁ ଓ ସମାନ ପ୍ୟାକେଜିଂ ହୋଇଥିଲେ ବି ଭିତରେ ଅପମିଶ୍ରିତ ଭେଜାଲ ସାମଗ୍ରୀ ଭର୍ତ୍ତି କରାଯାଉଛି। ସବୁଠାରୁ ବଡ଼କଥା ହେଲା, ଏବେ ଏହି ନକଲି କାରବାର ସହରାଞ୍ଚଳ ପରିବର୍ତ୍ତେ ଗ୍ରାମୀଣ ଏବଂ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ମାଡ଼ିଲାଣି।

ବିଭିନ୍ନ ସାମଗ୍ରୀର ବ୍ୟାପକ ଅପମିଶ୍ରଣ କରାଯାଇ ବିପୁଳ ପରିମାଣର ନକଲି ଜିନିଷ ବଜାରରେ ବିକ୍ରି ହେଉଥିବାବେଳେ ଖାଦ୍ୟ ଯୋଗାଣ ଓ ଖାଉଟି ସୁରକ୍ଷା ବିଭାଗ ନୀରବଦ୍ରଷ୍ଟା ସାଜିଛି। ଖାଦ୍ୟ କମିଶନ ଓ ଅନ୍ୟାନ୍ୟ ବିଭାଗୀୟ ସଂସ୍ଥା ଯେତେ ତତ୍ପର ହେବା କଥା ତାହା ଦେଖାଯାଉନାହିଁ। ବିଭିନ୍ନ ସ୍ଥାନରେ ପୋଲିସ ଚଢାଉ କରି କୋଟି କୋଟି ଟଙ୍କା ମୂଲ୍ୟର ନକଲି ସାମଗ୍ରୀ ଜବତ କରିବା ଘଟଣା ଖାଉଟି ମହଲରେ ଆତଙ୍କ ସୃଷ୍ଟି କରିଛି। ଯୋଗାଣ ବିଭାଗ ଅଧୀନରେ ପ୍ରତି ଜିଲାରେ ମାନ ନିୟନ୍ତ୍ରଣ ସହିତ ବଜାରରୁ ଗୋଇନ୍ଦା ତଥ୍ୟ ସଂଗ୍ରହ ଲାଗି ସ୍ୱତନ୍ତ୍ର ପଦବୀମାନ ରହିଛି। ଯୋଗାଣ ବିଭାଗର ମାର୍କେଟ ଇଣ୍ଟେଲିଜେନ୍ସ ଶାଖା ଅପମିଶ୍ରଣ ତଥା ନକଲି ଖାଦ୍ୟ ସାମଗ୍ରୀ ଓ ଏହାର ବିକ୍ରେତା, ମହଜୁଦକାରୀ ଏବଂ ପ୍ରସ୍ତୁତକାରୀଙ୍କ ସମ୍ପର୍କରେ ଖବର ରଖି ଧରାଇବାର ବ୍ୟବସ୍ଥା ରହିଛି। ମାତ୍ର ଗତ କିଛିମାସ ମଧ୍ୟରେ ଯେତେ ପରିମାଣର ନକଲି ଘିଅ, ତେଲ, ମସଲା, ଟମାଟୋ କେଚ୍‌ଅପ୍, ଗାଡ଼ିର ଇଞ୍ଜିନ ତେଲ ଓ ନକଲି ନିଶା କାରଖାନା ଜବତ କରାଯାଇଛି ତାହା



କେବଳ ସାଧାରଣ ଲୋକଙ୍କ ଅଭିଯୋଗ ଏବଂ ପୋଲିସର ସକ୍ରିୟ କାର୍ଯ୍ୟାନୁଷ୍ଠାନ ଯୋଗୁ ସମ୍ଭବ ହୋଇଛି। ସମଗ୍ର ରାଜ୍ୟର ବିଭିନ୍ନ ଧର୍ମାନୁଷ୍ଠାନରେ ନକଲି ପୂଜା ସାମଗ୍ରୀ ବ୍ୟାପକ ଭାବେ ବିକ୍ରି ହେଉଥିଲେ ମଧ୍ୟ ତାହାର ପ୍ରତିକାର କୌଣସି ମନ୍ଦିର ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ, ଦେବୋତ୍ତର ବିଭାଗ, ଆଇନ୍ ବିଭାଗ କରୁନାହିଁ। ଲଗାତାର ଭାବେ କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନକଲି ଘିଅ କାରଖାନା ଉପରେ ଚଢାଉ କରାଯାଇ ଟନ୍ ଟନ୍ ପରିମାଣର ବିଷାକ୍ତ ଘିଅ, ନକଲି ଗଙ୍ଗାଜଳ ଓ ମହୁ ଜବତ ହେଉଛି। କିନ୍ତୁ ରାଜ୍ୟର ପ୍ରାୟ ସମସ୍ତ ମନ୍ଦିରରେ ପୋଡ଼ା ମୋବିଲ, ପାମୋଲିନ୍ ସମେତ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀରେ ପ୍ରସ୍ତୁତ ହୋଇଥିବା ଘିଅ ଖୋଲାଖୋଲି ଭାବେ ବିକ୍ରି ଚାଲିଛି।

୨୦୧୮ରେ କଟକ ଜଗତପୁରରୁ ଠାବ ହୋଇଥିବା ଏକ ନକଲି ତେଲ କାରଖାନାରେ ଅସଲି ବ୍ରାଣ୍ଡ ପ୍ୟାକେଟରେ ନକଲି ତେଲ ବିକ୍ରି ହେଉଥିବା ପୋଲିସ ଜାଣିବାକୁ ପାଇଥିଲା। ସେହିବର୍ଷ କଟକ ସଦରଥାନା ଅନ୍ତର୍ଗତ ପିରବଜାର ଅଞ୍ଚଳରେ ନକଲି ସିମେଣ୍ଟ କାରଖାନା ଜବତ ହୋଇଥିଲା। ଜଗତପୁରର ଭଇରିପୁର ଅଞ୍ଚଳରେ ଆନ୍ଧ୍ରରୁ କମ୍ ଦରରେ ତେଲ କିଣି ନାଲି ରଙ୍ଗ ସାଙ୍ଗକୁ ନଡ଼ିଆ ତେଲ ମିଶାଇ ତାହାକୁ ଅସଲି ମୋବିଲ ରୂପ ଦେଇ ବଜାରରେ ବିକ୍ରି ହେଉଥିବା ଜଣାପଡ଼ିଥିଲା। ୨୦୧୯ରେ କଟକ ବମ୍ପକୁଦ ଓ ମାଲଗୋଦାମ ସମେତ ଭୁବନେଶ୍ୱରର କେତେକ ସ୍ଥାନରୁ ହଜାର ହଜାର ଲିଟର ଭେଜାଲ ତେଲ ଓ ଘିଅ ଜବତ ହୋଇଥିଲା। ୨୦୨୦ରେ ଯୋବ୍ରା ଅଞ୍ଚଳରୁ ଲକ୍ଷାଧିକ ଟଙ୍କାର ପୂଜା ସାମଗ୍ରୀ ମହୁ, ଅଗୁରୁ, ଗଙ୍ଗାଜଳ, ବ୍ୟବହୃତ କେମିକାଲ, ଷ୍ଟିକର ଓ ଖାଲି ଡବା ଜବତ କରାଯାଇଥିଲା। ଜଗତପୁର ଥାନା ଅନ୍ତର୍ଗତ ଆଇ.ବି ରୋଡରୁ ସିଝା ଆଳୁ, ଶାଗ, ରଙ୍ଗ ଓ ରାସାୟନିକ ପଦାର୍ଥ ମିଶାଇ ପ୍ରସ୍ତୁତ ନକଲି ଟମାଟୋ ସସ୍, ମାଲଗୋଦାମରୁ ୧୫ କୁଇଣ୍ଟାଲ ଅପମିଶ୍ରିତ ହଳଦୀ ଓ ଲଙ୍କା ଗୁଣ୍ଡ, ନଭେମ୍ବରରେ ପୁଣି ମାଲଗୋଦାମରେ ୩ଟି ଦୋକାନକୁ ପୋଲିସ ଚଢାଉ କରି ୫୦କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଅପମିଶ୍ରିତ ହଳଦୀ ଓ ଲଙ୍କା ଗୁଣ୍ଡ ଜବତ କରିଥିଲା। ନଭେମ୍ବର ୧୪ରେ ଜଗତପୁର ଥାନା ଅନ୍ତର୍ଗତ ଇଣ୍ଡଷ୍ଟ୍ରିଆଲ୍ ଅଞ୍ଚଳରୁ ୫୦ କୁଇଣ୍ଟାଲର ହଳଦୀ, ଲଙ୍କା ଗୁଣ୍ଡ ସହିତ ବେନାମୀ ନକଲି ମସଲା ଜବତ ହୋଇଥିଲା।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, ଏହି ନକଲି ସାମଗ୍ରୀକୁ କମ୍ ଟଙ୍କାରେ କିଣି ଫୁଟ୍‌ପାଥ୍ ବ୍ୟବସାୟୀ, ଫାଷ୍ଟଫୁଡ୍ ଷ୍ଟଲ୍, ଛୋଟ ବଡ଼ ହୋଟେଲଗୁଡ଼ିକ ସେଥିରେ ଖାଦ୍ୟ ପ୍ରସ୍ତୁତ କରି ଗ୍ରାହକଙ୍କୁ ବିଷ ପରଷୁଛନ୍ତି। ପୋଡ଼ା ମୋବିଲ, ପାମୋଲିନ୍‌ରେ ତଆରି ଘିଅକୁ ହୋଟେଲଗୁଡ଼ିକ ବଟର ରୋଟି ଏବଂ ବଟର୍ ନାନ୍ ପ୍ରସ୍ତୁତ କରିବାରେ ବ୍ୟବହାର କରୁଛନ୍ତି। ଏହାବାଦ୍ ରାସ୍ତାକଡ଼ ଫୁଟ୍‌ପାଥ୍ ବ୍ୟବସାୟୀମାନେ ବିଭିନ୍ନ ବେନାମୀ ବ୍ରାଣ୍ଡର ତେଲ, ଟମାଟୋ ସସ୍‌କୁ ଖାଦ୍ୟ ପ୍ରସ୍ତୁତି ପାଇଁ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଦିନ ଦ୍ୱିପ୍ରହରେ ଏହା ଖୁଲମ୍‌ଖୁଲା ହେଉଥିଲେ ମଧ୍ୟ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। କେବଳ ମେଳା, ମହୋତ୍ସବରେ ଖାଦ୍ୟର ମାନ ଯାଞ୍ଚ କରିଦେଇ ବାକି ସମୟରେ ଏହି ବିଭାଗ ନୀରବଦ୍ରଷ୍ଟା ସାଜିଛି ବୋଲି ଥିବା ଭୁବନେଶ୍ୱରର ପ୍ରହ୍ଲାଦ ସାହୁ ପ୍ରକାଶ କରିଛନ୍ତି। ନକଲି ଓ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ କାରବାର ବୃଦ୍ଧି ସମ୍ପର୍କରେ ଫୁଡ୍ ସେଫ୍ଟି କମିଶନର ଯାମିନୀ ଷଡ଼ଙ୍ଗୀଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ୍ ନମ୍ବର ୯୪୩୭୦୪୮୧୭୭ରେ ଏକାଧିକ ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ମତାମତ ମିଳିପାରି ନାହିଁ।

## ପେଟ୍ରୋଲ ପମ୍ପରେ ଅପମିଶ୍ରଣକୁ ନେଇ ଉତ୍ତେଜନା

**ଜଳେଶ୍ୱର,୨୭।୧୨(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲଟି ବାସନ୍ତୀ ପଡ଼ିଆସ୍ଥିତ ଏକ ପେଟ୍ରୋଲ ପମ୍ପରେ ଅପମିଶ୍ରଣ ନେଇ ରବିବାର ଉତ୍ତେଜନା ପ୍ରକାଶ ପାଇଛି। କିରୋସିନ ମିଶା ପେଟ୍ରୋଲ ବିକ୍ରି କରାଯାଉଥିବା ଅଭିଯୋଗ ହେବା ପରେ ଉତ୍ତେଜନା ଉଗ୍ରରୂପ ଧାରଣ କରିଥିଲା। ଜଳେଶ୍ୱର ପୋଲିସ୍ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ପେଟ୍ରୋଲ ନମୁନା ପରୀକ୍ଷା ଲାଗି ପଠାଇବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅପରାହ୍ନରେ ଅତିରିକ୍ତ ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ, ମାର୍କେଟିଂ ଇନ୍ସପେକ୍ଟର ଦୀପକ ମାଝି, ସେଫ୍‌ଟି ଅଫିସର ସୁନୀଲ କୁମାର ଓ ଯୋଗାଣ ବିଭାଗର ମାନସ କୁମାର ମଣ୍ଡଳ ପ୍ରମୁଖ ପେଟ୍ରୋଲ ପମ୍ପରେ ପହଞ୍ଚି ପେଟ୍ରୋଲ ନମୁନା ସଂଗ୍ରହ କରି ଭୁବନେଶ୍ୱର ପଠାଇଥିବା ଜଣାଯାଇଛି।

ସ୍ଥାନୀୟ ପଥରପୁର ଅଞ୍ଚଳର ଜଣେ ଯୁବକ ଏକ ବୋତଲରେ ପେଟ୍ରୋଲ ନେବା ପରେ ସେଥିରୁ କିରୋସିନ ଗନ୍ଧ ବାହାରୁଥିବା ଜାଣିପାରିଥିଲେ। ସେ ଏ ସମ୍ପର୍କରେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ପଚାରିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ ଅନ୍ୟମାନେ ଅପମିଶ୍ରଣ ସମ୍ପର୍କରେ ଜାଣିପାରି ଅସନ୍ତୋଷ ପ୍ରକାଶ କରିଥିଲେ। ସମସ୍ତେ ମିଶି ପେଟ୍ରୋଲ ପମ୍ପ ମାଲିକଙ୍କୁ ପଚାରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା।

## ବ୍ରହ୍ମପୁରର ଗୁଗଲ୍ ଗର୍ଲ ଜିଜ୍ଞାସା

**ବ୍ରହ୍ମପୁର ଅଫିସ୍,୨୭।୧୨**

ପିଲାଟି ଦିନରୁ ସବୁ ବିଷୟରେ ଜାଣିବାକୁ ଇଚ୍ଛା ରଖିଥିବା ୪ ବର୍ଷର ଝିଅ ଆଜି ବ୍ରହ୍ମପୁରର ଗୁଗୁଲ୍ ଗର୍ଲ ଭାବେ ପରିଚୟ ପାଇଛି। ସେ ହେଉଛି ବ୍ରହ୍ମପୁର ଫାଷ୍ଟଗେଟ୍ ଅଞ୍ଚଳର ଜିଜ୍ଞାସା ମହାନ୍ତି। ସାଧାରଣ ଜ୍ଞାନ ଦକ୍ଷତାରେ ବେଶ୍ ପାରଦର୍ଶିତା ଲାଭ କରିଛି। ଜିଜ୍ଞାସା ନିଜ ଜିଲାର ନାମ, ରାଜ୍ୟର ନାମ, କବି, କ୍ରୀଡ଼ାବିତ୍, ରାଜନେତା ଓ ବୈଜ୍ଞାନିକଙ୍କ ନାମ ଅକ୍ଳେଶରେ କହିପାରୁଛି। ଯେଉଁଥିପାଇଁ ସେ ବ୍ରହ୍ମପୁରର ଗୁଗଲ୍ ଗର୍ଲ ଆଖ୍ୟା ହାସଲ କରିଛି। ଜିଜ୍ଞାସା ହେଉଛି କୁକୁଡ଼ାଖଣ୍ଡି ବ୍ଲକ ଲଙ୍ଗଳଦେଇ ଗ୍ରାମର ଜିତେନ୍ଦ୍ର ମହାନ୍ତିଙ୍କ ଝିଅ। ପିଲାଟିଦିନରୁ ସେ ବ୍ରହ୍ମପୁରରେ ମାଉସୀ ବିଷ୍ଣୁପ୍ରିୟା ଦାଶଙ୍କ ଘରେ ରହି ଆସୁଛି। ପିଲାଟି ଦିନରୁ ସବୁ କ୍ଷେତ୍ରରେ ଜାଣିବା ପାଇଁ ଇଚ୍ଛା ରଖୁଥିବା ଜିଜ୍ଞାସାର ମାଉସୀ ତାକୁ ପ୍ରଥମେ ନିଜ ଗ୍ରାମ, ବ୍ଲକ ଓ ଜିଲା ସମ୍ପର୍କରେ କହିଥିଲେ। ଯାହାକୁ ସେ କମ୍ ସମୟ ମଧ୍ୟରେ ମନେ ରଖି ସହଜରେ କହିପାରିଥିଲା। ଏହା ଜଣାପଡ଼ିବା ପରେ ମାଉସୀ ବିଷ୍ଣୁପ୍ରିୟା ସାଧାରଣ ଜ୍ଞାନ ସମ୍ବନ୍ଧରେ ଶିକ୍ଷା ଦେଇଥିଲେ। ସେ ସବୁକୁ ମଧ୍ୟ ମନେରଖି ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର କମ୍ ସମୟ ମଧ୍ୟରେ ଦେଇଥିଲା। ଜିଜ୍ଞାସାର ଏଭଳି



ଗୁଗଲ୍ ଗର୍ଲ ଜିଜ୍ଞାସା।

ପ୍ରତିଭାକୁ ଅଧିକ ଲୋକପ୍ରିୟ କରିବା ପାଇଁ ବିଷ୍ଣୁପ୍ରିୟା ସୋସିଆଲ୍ ମିଡିଆର ସହଯୋଗ ଲୋଡ଼ିଥିଲେ। ତାର ପ୍ରତିଭା ସୋସିଆଲ ମିଡ଼ିଆରେ ଲୋକପ୍ରିୟ ହେବା ସାଙ୍ଗକୁ ବ୍ରହ୍ମପୁରର ଗୁଗଲ୍ ଗର୍ଲ ପରିଚୟ ପାଇଛି। ଭବିଷ୍ୟତରେ ପୋଲିସ୍ ଚାକିରିରେ ନିଯୁକ୍ତି ନେଇ ବିଷ୍ଣୁପ୍ରିୟା ଆଶା ରଖିଛନ୍ତି। ଅନ୍ୟପଟେ ଜିଜ୍ଞାସାକୁ ଶିକ୍ଷା କ୍ଷେତ୍ରରେ ସହଯୋଗ ପାଇଁ ସ୍ଥାନୀୟ ଲୋକ ପ୍ରତିନିଧି ସହାୟତାର ହାତ ବଢ଼ାଇଛନ୍ତି। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଏମ୍‌ପି ଚନ୍ଦ୍ରଶେଖର ସାହୁ ତାକୁ ଶୁଭେଚ୍ଛା ଜଣାଇବା ସହ କେନ୍ଦ୍ରୀୟ ବିଦ୍ୟାଳୟରେ ପଢ଼ାଇବା ପାଇଁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଯାହାକୁ ନେଇ ତାଙ୍କ ପରିବାରବର୍ଗ କୃତଜ୍ଞତା ଜଣାଇଛନ୍ତି।

## ଏଏନ୍‌ଏମ୍‌ଙ୍କ କଥା କାହିଁକି ବୁଝାଯାଉନି ବୋଲି ପ୍ରଶ୍ନ କଲା ଭାଜପା

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳାଙ୍କୁ କେବେ ବି ଗୁରୁତ୍ୱ ଦିଅନ୍ତି ନାହିଁ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ସେ ମହିଳା ସଂରକ୍ଷଣ କଥା ଉଠାଇ କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବାର ଅପଚେଷ୍ଟା କରିଛନ୍ତି। ଗତ କିଛିଦିନ ଧରି ରାଜଧାନୀରେ ବିଭିନ୍ନ ଦାବି ନେଇ ଏଏନ୍‌ଏମ୍‌ମାନେ ପ୍ରତିବାଦ କରିଚାଲିଛନ୍ତି। ମୁଖ୍ୟମନ୍ତ୍ରୀ କ'ଣ ଏ ବିଷୟରେ ଅବଗତ ନାହାନ୍ତି କି ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ମହିଳାଙ୍କୁ ଗୁରୁତ୍ୱ ଦେବା କଥା କହୁଥିବା ମୁଖ୍ୟମନ୍ତ୍ରୀ ପ୍ରତିବାଦ କରୁଥିବା ଏଏନ୍‌ଏମ୍‌ଙ୍କ କଥା କାହିଁକି ବୁଝୁନାହାନ୍ତି। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଏବଂ ବକେୟା ଦରମା ଦେବା ପାଇଁ ସରକାର କ'ଣ ବ୍ୟବସ୍ଥା କରିଛନ୍ତି। ସେହିପରି ଲୋକସେବା ଭବନ ଠାରୁ ଆରମ୍ଭ କରି ଜିଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ଥିବା ମହିଳାଙ୍କୁ ସ୍ଥାୟୀ ନିଯୁକ୍ତି କାହିଁକି ଦିଆଯାଉନାହିଁ ବୋଲି ସ୍ମୃତି ପ୍ରଶ୍ନ କରିଛନ୍ତି।

## କୃଷି ଆଇନ ବୁଝାଇବାକୁ ଭାଜପାର ବହି ଉନ୍ମୋଚନ



ଭାଜପା ରାଜ୍ୟ କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ନୂଆ କୃଷି ଆଇନ ଉପରେ ଲିଖିତ ପୁସ୍ତକ "ଅନ୍ନଦାତାଙ୍କ ପ୍ରତି ସମର୍ପିତ ମୋଦି ସରକାର" ଓଡ଼ିଶାର ଚାଷୀଙ୍କୁ ସଚେତନ କରିବ। ଏହାସହ ସେମାନଙ୍କ ମନରେ ଏମଏସପି ଉଠିଯିବା ଭଳି ତିଆରି କରାଯାଉଥିବା ଅନେକ ଭ୍ରାନ୍ତ ଧାରଣାକୁ ମଧ୍ୟ ଦୂର କରିବ। ପୁସ୍ତକ ଉନ୍ମୋଚନ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରି ଏହା କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ନୂଆ କୃଷି ଆଇନ ଉପରେ ପ୍ରକାଶିତ ଏହି ଓଡ଼ିଆ ଅନୁବାଦିତ ପୁସ୍ତକ ତଥ୍ୟ ଓ ତର୍କର ପ୍ରମାଣ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜନ୍ମଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି, କେନ୍ଦ୍ର ସରକାର ତଥ୍ୟ ଓ ତର୍କ ଆଧାରରେ ଚାଷୀଙ୍କ ମନରୁ ଭ୍ରାନ୍ତ ଧାରଣା ଦୂର କରିବାକୁ ପ୍ରସ୍ତୁତ ଅଛନ୍ତି। ଏହି ପୁସ୍ତକକୁ ମୁଖ୍ୟମନ୍ତ୍ରୀଙ୍କ ଠାରୁ ବିଧାୟକ, ସାମ୍ବାଦିକ, ଚାଷୀ ସଙ୍ଗଠନ, ପ୍ରମୁଖ ବର୍ଗର ଲୋକଙ୍କ ପାଖରେ ପହଞ୍ଚାଯିବ। ଚଳିତବର୍ଷ ଓଡିଶାରୁ ଲକ୍ଷେ ମେଟ୍ରିକ୍ ଟନ୍ ଧାନ କିଣିବାକୁ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟ ସରକାର ହିଁ ଏହି ଆନୁମାନିକ ମୂଲ୍ୟ ଭାରତ ସରକାରଙ୍କୁ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ୭୨ ତମ ମନ କି ବାତ୍ ଶୁଣିଲୁ ବୋଲି ସେ କହିଛନ୍ତି। ଏହି ଅଧ୍ୟାୟ ଅନେକ ପ୍ରେରଣା ଯୋଗାଇଛି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଅନ୍ୟପଟେ ଧର୍ମେନ୍ଦ୍ରଙ୍କ ଉପସ୍ଥିତିରେ ଭୁବନେଶ୍ୱରର ଶତାଧିକ କଂଗ୍ରେସ ଓ ବିଜେଡି ଯୁବନେତା ଭାଜପାରେ ସାମିଲ ହୋଇଛନ୍ତି। ୟୁନିଟ-୯ ଅଞ୍ଚଳର ଯୁବ ଜନତା ଦଳର ମାନସ ପଟ୍ଟନାୟକ, ଅର୍ଜୁନ ମଲିକ, ମମତା ମଲିକ, ଲକ୍ଷ୍ମୀସାଗର ଅଞ୍ଚଳର ରାଜେନ୍ଦ୍ର ପ୍ରସାଦ ତିୱାରୀ, ରସୁଲଗଡର ପବିତ୍ର କୁମାର ଜେନା ପ୍ରମୁଖ ଉତ୍ତରୀୟ ଏବଂ ଟୋପି ପିନ୍ଧି ବଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି। ସମୀର ନୂତନ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି।

## 'ଅନ୍ତର୍ଧ୍ୱନି'କୁ ୨ ପୁରସ୍କାର

**ସିନେ ମେକିଙ୍ଗ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ**

- ଏ.କେ. ବୀର ଶ୍ରେଷ୍ଠ ଏସୀୟ ନିର୍ଦ୍ଦେଶକ

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ବାଂଲାଦେଶର ଢାକାଠାରେ ଆୟୋଜିତ ସିନେ ମେକିଙ୍ଗ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ 'ଅନ୍ତର୍ଧ୍ୱନି'କୁ ୨ଟି ପୁରସ୍କାର ମିଳିଛି। ଚଳଚ୍ଚିତ୍ରର ନାୟିକା ସ୍ୱପ୍ନା ପତି ଶ୍ରେଷ୍ଠ ଅନ୍ତର୍ଜାତୀୟ ଅଭିନେତ୍ରୀ ଭାବେ ସମ୍ମାନିତ ହୋଇଥିବାବେଳେ ନିର୍ଦ୍ଦେଶକ ଏ.କେ. ବୀରଙ୍କୁ ମିଳିଛି ଶ୍ରେଷ୍ଠ ଏସୀୟ ନିର୍ଦ୍ଦେଶକ ପୁରସ୍କାର। ମହୋତ୍ସବରେ ୭୦ ଦେଶରୁ ପ୍ରାୟ ୪୦୦ ଚଳଚ୍ଚିତ୍ରକୁ ସାମିଲ କରାଯାଇଥିଲା। ଏଥିମଧ୍ୟରୁ ବାଂଲାଦେଶର ୨୮ ଚଳଚ୍ଚିତ୍ର ସମେତ ୫୪ ଦେଶର ମୋଟ ୧୫୦ ଚଳଚ୍ଚିତ୍ର ପ୍ରତିଯୋଗିତା ପର୍ଯ୍ୟାୟକୁ ମନୋନୀତ ହୋଇଥିଲା।

'ଅନ୍ତର୍ଧ୍ୱନି'ର ପ୍ରଯୋଜନା କରିଛନ୍ତି ରାଜେଶ ମହାନ୍ତି। ୨୪-ଏଫ୍‌ପିଏସ୍ ଏଣ୍ଟରଟେନ୍‌ମେଣ୍ଟ ନିବେଦିତ ଏହି ଚଳଚ୍ଚିତ୍ରର ୯୫ ପ୍ରତିଶତ ଜଙ୍ଗଲରେ ଶୁଟିଂ ହୋଇଛି। ଜଙ୍ଗଲକୁ ଏଥିରେ ଏକ ଚରିତ୍ର ଭାବେ ଚିତ୍ରଣ କରାଯାଇଛି। ଚଳଚ୍ଚିତ୍ରର ପ୍ରମୁଖ ଭୂମିକାରେ ଅଛନ୍ତି ଗୌରବ ପାଶୱାଲ, ସ୍ୱପ୍ନା ପତି ଓ ତଳୱିନ୍ଦର ସିଂହ। ସାଉଣ୍ଡରେ ନୀହାର ରଞ୍ଜନ ସାମଲ ଥିବାବେଳେ




ଅସୀମ ସିହ୍ନା ଏହାର ସମ୍ପାଦନା କରିଛନ୍ତି। ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ପ୍ରାକୃତିକ ଆଲୋକରେ ନିର୍ମିତ ହୋଇଛି। ଜଙ୍ଗଲ ଓ ଏହାର ପ୍ରାକୃତିକ ବାତାବରଣ କାହାଣୀର ମୁଖ୍ୟ ଆଧାର। କାହାଣୀଟି ଶାନ୍ତନୁ ଓ ଶାଳିନୀ ନାମକ ଦୁଇ ବନ୍ଧୁଙ୍କ ଉପରେ କେନ୍ଦ୍ରିତ ହୋଇଛି।

ପୂର୍ବରୁ କାନ୍ସ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ 'ଅନ୍ତର୍ଧ୍ୱନି' ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହାବ୍ୟତୀତ ୱିଣ୍ଡ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ, ଅପ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ, ଗୌହାଟୀ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବା ସହ ବିଭିନ୍ନ ବିଭାଗରେ ଏକାଧିକ ପୁରସ୍କାର ଲାଭ କରିଛି। ଖୁବ୍‌ଶୀଘ୍ର ଏହା ସର୍ବଭାରତୀୟ ସ୍ତରରେ ମୁକ୍ତିଲାଭ କରିବା ସହିତ ବର୍ଲିନ୍ ଓ ଲୋକାର୍ଣ୍ଣୋ ଚଳଚ୍ଚିତ୍ର ମହୋତ୍ସବରେ ମଧ୍ୟ ପ୍ରଦର୍ଶିତ ହେବାର ଯୋଜନା ରହିଛି।

## ରିମାଣ୍ଡ ନୋହିଲା, ଆଜି ଆସିବେ ସର୍ବେଶ୍ୱର

**ଟାଟା କମ୍ପାନୀ ନାଁରେ ଠକେଇ, ଅର୍ଥ କାରବାର ମାମଲା**

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ପ୍ରମୁଖ ସହଯୋଗୀ ଡି. ସର୍ବେଶ୍ୱର ରାଓଙ୍କୁ ରବିବାରଠାରୁ ୨ଦିନିଆ ରିମାଣ୍ଡ ଅନୁମତି ଦେଇଥିଲେ କୋର୍ଟ। ହେଲେ କାଗଜପତ୍ରଜନିତ କିଛି ସମସ୍ୟା ଯୋଗୁ କ୍ରାଇମବ୍ରାଞ୍ଚ ତାଙ୍କୁ ରିମାଣ୍ଡରେ ଆଣିପାରିନି। ସୋମବାରଠାରୁ ସେ ୨ ଦିନିଆ ରିମାଣ୍ଡରେ ଆସିବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ଟାଟା କମ୍ପାନୀରେ ନିଯୁକ୍ତି ନାଁରେ ଠକେଇ ସହ ପ୍ରଦୀପଙ୍କ ଆକାଉଣ୍ଟରେ ଟଙ୍କା କାରବାର ସଂକ୍ରାନ୍ତରେ ଅଧିକ ତଥ୍ୟ ପାଇବାକୁ ଆଶା ରଖିଛି କ୍ରାଇମବ୍ରାଞ୍ଚ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ, ଟାଟା କମ୍ପାନୀ ନାଁରେ ନିଯୁକ୍ତି ଜାଲିଆତି ଓ ଠକେଇ ମାମଲାରେ ତାଙ୍କ ପୁଅ ଆକାଶ ଏବଂ ଏସବୁ ଲିଙ୍କ୍ ସହ ବେଆଇନ ଅର୍ଥ କାରବାର ମାମଲାରେ ଆକାଶଙ୍କ ଭାବୀ ଶ୍ୱଶୁର ପ୍ରଦୀପ ଗିରଫ ହୋଇଥିଲେ। ଏହାପରେ ଠକେଇ ଓ ପ୍ରଦୀପଙ୍କ ଲିଙ୍କ୍‌ରେ ଗତ ୧୭ ତାରିଖରେ ସର୍ବେଶ୍ୱରଙ୍କୁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁରରୁ ଗିରଫ କରିଥିଲା। ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ସର୍ବେଶ୍ୱରଙ୍କ ଜାମିନ ନାମଞ୍ଜୁର ପରେ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ସମସ୍ତେ ଏବେ ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଅଛନ୍ତି। ପୂର୍ବରୁ ଅଭୟକାନ୍ତ, ପ୍ରଦୀପ ଓ ଆକାଶ ରିମାଣ୍ଡରେ ଆସିଥିଲେ। ସେହିଭଳି ଆକାଶଙ୍କ ବ୍ୟକ୍ତିଗତ ସହାୟକ ପିଟର ଡେଭିଡ୍‌ଙ୍କୁ ମଧ୍ୟ ପୁଣେରୁ ଆଣି ପଚରାଉଚରା ପରେ ଛାଡ଼ି ଦିଆଯାଇଥିଲା। ଏବେ ସର୍ବେଶ୍ୱରଙ୍କଠାରୁ ସବୁ ଗୁମର ଖୋଲିବାକୁ ଉଦ୍ୟମ ଚଳାଇଛି କ୍ରାଇମବ୍ରାଞ୍ଚ।

## ଚାପରେ ଚେପା ଏସ୍ଆଇଟି ତଦନ୍ତ

**ପରୀ ହତ୍ୟାକାଣ୍ଡ**

**ନୟାଗଡ଼ ଅଫିସ,୨୭।୧୨**

ପୋଲିସ ପରି ଏସ୍ଆଇଟି ତଦନ୍ତ ଚାପରେ ଚେପା ହୋଇପଡ଼ିଛି। ପରୀ ମା'ବାପାଙ୍କ ଅଭିଯୋଗକୁ ଏସ୍ଆଇଟି ଅଣଦେଖା କରୁଥିବା ଅଭିଯୋଗ ହେଉଛି। ପରୀ ହତ୍ୟାକାଣ୍ଡ ନେଇ ମା'ବାପାଙ୍କ ମନରେ ଉଠୁଥିବା ଅସମାହିତ ପ୍ରଶ୍ନର ଉତ୍ତର ନ ଥିବାରୁ ସେମାନେ ସିବିଆଇ ତଦନ୍ତ ଦାବିକୁ ତ୍ୱରାନ୍ୱିତ କରିଛନ୍ତି।

ପରୀ ମା' ସୌଦାମିନୀ ସାହୁଙ୍କ ଅଭିଯୋଗ ଅନୁସାରେ, ମୋ ଝିଅ ପରୀର ଫ୍ରକ୍‌ରେ ସିମେନ୍ ଲାଗିଛି ବୋଲି କୁହାଯାଉଛି। ତେବେ ସମ୍ପୃକ୍ତ ଫ୍ରକ୍ ଆମ ଝିଅର ନା ଆଉ କାହାର, ଆମକୁ ଦେଖାଉନାହାନ୍ତି କାହିଁକି। ପୋଖରୀରୁ ଲେଗିନ୍ସ ଉଦ୍ଧାର ହେଲା। ହେଲେ ଆମକୁ ନ ଦେଖାଇ ତାକୁ ପରୀର କୁହାଗଲା। ପରୀ କ'ଣ ପିନ୍ଧିଥିଲା ଆମେ ଜାଣିଛୁ ନା ତଦନ୍ତକାରୀ ଏସ୍ଆଇଟି ଟିମ୍‌ର ଅଧିକାରୀ ଜାଣିଛନ୍ତି। ଯେଉଁ ଏସ୍ଆଇଟି ପରୀର ମା'ବାପାଙ୍କର ମତ ନେଉନି, ଅଭିଯୋଗ ଶୁଣୁନି ସେ କ'ଣ ତଦନ୍ତ କରିବ। କେବଳ ନାଟକ କରି ଭୁଆଁ ବୁଲାଇ ପରୀ ହତ୍ୟାକାଣ୍ଡକୁ ଚାପି ଦେବାକୁ ଉଦ୍ୟମ କରାଯାଉଛି। ହେଲେ ପରୀ ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଆମର ଲଢ଼େଇ ଜାରି ରହିବ ବୋଲି କହି ସେ କାନ୍ଦି ପକାଇଥିଲେ। ଆଇନଜୀବୀ ଅମିୟ ପଟ୍ଟନାୟକ କୁହନ୍ତି, କଲେଜ ଛାତ୍ର ଯେ ହତ୍ୟାକାରୀ କୋର୍ଟରେ ପ୍ରମାଣ କରିବା କଷ୍ଟ ହେବ। ପରୀ ମା'ବାପା କଲେଜ ଛାତ୍ରକୁ ହତ୍ୟାକାରୀ ବୋଲି ମାନୁନାହାନ୍ତି। ପରୀ ମା'ଙ୍କ ଅଭିଯୋଗକୁ ଏସ୍ଆଇଟି ଅଣଦେଖା କଲାଣି। ଯଦି କଲେଜ ଛାତ୍ରଙ୍କୁ ଫସା ଯାଇଥିବ, ଭବିଷ୍ୟତରେ ଏସ୍ଆଇଟି ମୁଖ୍ୟ ଉତ୍ତରଦାୟୀ ରହିବେ। ପରୀର ଓକିଲ ଚନ୍ଦ୍ର ବିଜୟୀ ମିଶ୍ର କୁହନ୍ତି, ଯଦି କଲେଜ ଛାତ୍ର ହତ୍ୟାକାରୀ ତେବେ ଲକ୍ଷ୍ମୀପ୍ରସାଦ ସରପଞ୍ଚଙ୍କ ପାଖକୁ କେସ୍ ଆଗକୁ ନ ବଢ଼ାଇବାକୁ କ'ଣ ପାଇଁ ମନ୍ତ୍ରୀ ଚାପ ପକାଇଥିଲେ। କଲେଜ ଛାତ୍ରଙ୍କ ସହ ମନ୍ତ୍ରୀଙ୍କ ସମ୍ପର୍କ ନ ଥିଲା। ପରୀ ମା'ଙ୍କୁ ମନ୍ତ୍ରୀ ସାନ୍ତ୍ୱନା ଦେଇପାରିଥାନ୍ତେ। ସେହିପରି ଖେଳ ସାଥୀ ପରୀର ଅପହରଣକାରୀଙ୍କ ନାଁ କହିବା ପରେ ମା'ବାପାଙ୍କୁ ଘରେ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାଡ଼ ମରାଗଲା କାହିଁକି। ଯାହା କିଛି ପ୍ରମାଣ ଏସ୍ଆଇଟି ସଂଗ୍ରହ କରୁଛି, ପରୀ ମା'ବାପାଙ୍କୁ ଦେଖା ନ ଯିବାର କାରଣ କ'ଣ ଜଣାପଡୁନି। ସେହିଭଳି ଅଭିଯୁକ୍ତ ତ ଧରା ପଡିଲାଣି ସିବିଆଇ ତଦନ୍ତକୁ ଡର କାହିଁକି। ଯଦି କଲେଜ ଛାତ୍ର ଦୋଷୀ, ସିବିଆଇ ମଧ୍ୟ ବଦଳାଇ ପାରିବ ନାହିଁ। ଆମର ଦାବି ହତ୍ୟାକାରୀ ଦଣ୍ଡପାଉ। ପରୀ ଓ ତା' ପରିବାର ନ୍ୟାୟ ପାଉ। ହେଲେ ସରକାର ସିବିଆଇ ତଦନ୍ତକୁ ରାଜି ହେଉ ନ ଥିବାରୁ ନ୍ୟାୟ ମିଳିବା ଆଶା କରାଯାଉ ନାହିଁ ବୋଲି ମିଶ୍ର କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................


ଆଶିଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩ ଆତଙ୍କବାଦୀ, ନିଖୋଜ ଏସ୍‌ପିଓ ଗିରଫ

**ଶ୍ରୀନଗର, ୨୭।୧୨**

କଶ୍ମୀରର ବଡ଼ଗାମ୍ ଜିଲାରୁ ଜଣେ ସ୍ପେଶାଲ ପୋଲିସ ଅଫିସର (ଏସ୍‌ପିଓ) ଏବଂ ଜୈଶ-ଇ-ମହମ୍ମଦ ସଂଗଠନ ସହ ସମ୍ପୃକ୍ତ ୩ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଏସ୍‌ପିଓ ଜଣକ ଗତ ଅକ୍ଟୋବର ୨୪ରୁ ଦୁଇଟି ଏକେ ୪୭ ରାଇଫଲ ସହ ଫେରାର ହୋଇଯାଇଥିଲେ। ନିର୍ଦ୍ଦିଷ୍ଟ ସୂଚନା ପାଇଁ ବଡ଼ଗାମ୍ ପୋଲିସ, ୫୩ ଆର୍‌ଆର୍ ଏବଂ ସିଆର୍‌ପିଏଫ୍‌ର ୧୮୧ ବାଟାଲିୟନ ହୟାତ୍‌ପୋରା, ଚଡୁରା ଅଞ୍ଚଳକୁ ଚାରିପଟୁ ଘେରି ତଲାସି ଅଭିଯାନ ଆରମ୍ଭ କରିଥିଲା। ଗୋଟିଏ ଗାଡ଼ି ଉକ୍ତ କର୍ଡନ ଭିତରୁ ବାହାରିଯିବାକୁ ଉଦ୍ୟମ କରୁଥିବାବେଳେ ସୁରକ୍ଷା ବଳ କୌଶଳକ୍ରମେ ତାକୁ ଅଟକାଇଥିଲେ। ଉକ୍ତ ଗାଡ଼ିରୁ ଫେରାର ଏସ୍‌ପିଓ ଅଲତାଫ୍ ହୁସେନ୍ ଏବଂ ୩ ଆତଙ୍କବାଦୀ ଧରାପଡ଼ିଥିଲେ। ଗିରଫ ଆତଙ୍କବାଦୀମାନେ ହେଲେ ଶବିର ଅହମଦ ଭଟ୍ଟ, ଜାମଶେଦ୍ ମାଗ୍ରେ ଏବଂ ଜାହିଦ୍ ଦର୍। ସମସ୍ତେ ପୁଲ୍‌ୱାମା ବାସିନ୍ଦା। ସେମାନଙ୍କଠାରୁ ଅସ୍ତ୍ର, ଗୁଳିଗୋଳା ଓ ଅନ୍ୟ ଆପରାଧିକ ସାମଗ୍ରୀ ଜବତ ହୋଇଛି।

# ଆପରାଧିକ ବୟସ କମାଇଲା ଚାଇନା

**ବେଜିଂ, ୨୭।୧୨**

କେତେକ ସଙ୍ଗିନ ଅପରାଧରେ ଲିପ୍ତଥିଲେ ନାବାଳକଙ୍କ କ୍ଷେତ୍ରରେ ଅପରାଧିକ ବୟସ ସୀମା ୧୪ରୁ ୧୨କୁ ହ୍ରାସ କରିଛି ଚାଇନା। ଗୁରୁତର ଅପରାଧ କରିଥିଲେ ବି କେତେଜଣ ଆଇନଗତ ସହାୟତା ପାଇ ମୁକୁଳି ଯାଉଥିବାରୁ ଏପରି କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ସଂଶୋଧିତ ନିୟମ ଅନୁଯାୟୀ ୧୨ କିମ୍ବା ତଦୂର୍ଦ୍ଧ ବୟସର କୌଣସି ପିଲା ହତ୍ୟା କଲେ, ଆଘାତ ଯୋଗୁ କାହାର ମୃତ୍ୟୁ ଘଟିଲେ କିମ୍ବା କେହି ଅକ୍ଷମ ହୋଇଗଲେ ସମ୍ପୃକ୍ତ ପିଲା ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ପାଇବେ। ନ୍ୟାଶନାଲ ପିପୁଲ୍ସ କଂଗ୍ରେସର ଷ୍ଟାଣ୍ଡିଂ କମିଟି ଦ୍ୱାରା ପାରିତ ହୋଇଥିବା ଏହି ନିୟମ ମାର୍ଚ୍ଚ ୧ରୁ ଲାଗୁ ହେବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେତେ ପୁଅ ସେତେ ଘର**
**ଯେତେ ଝିଅ ସେତେ ବର।**

ବଂଶ ବୃଦ୍ଧି ହେଲେ ପରିବାର ବୃଦ୍ଧି ହୁଏ। ଯାହାର ଯେତେ ସନ୍ତାନ ତା' ପାଇଁ ସେତେ ଘର ଲୋଡ଼ା। ପିଲାଦିନର ଭାଇ ଭାଇ ସମ୍ପର୍କ ହୁଏତ ବଡ଼ବେଳକୁ ରହି ନ ପାରେ। ସମ୍ପତ୍ତିବାଡ଼ିକୁ ନେଇ ମତପାର୍ଥ୍ୟକ ଦେଖାଦେଇପାରେ, ଫଳସ୍ୱରୂପ ଭିନ୍ନ ଘରର ଆବଶ୍ୟକତା ଦେଖାଦେଇଥାଏ। ସେହିପରି ଝିଅଟିଏକୁ ବାପା ମାଆ କାଖେଇ କୋଳେଇ ବଡ଼ କରନ୍ତି। ଶେଷରେ ସେ ବୋହୂ ହୋଇଯାଏ ଆଉ ଗୋଟିଏ ଘରକୁ। ପ୍ରତ୍ୟେକ ନାରୀ ପାଇଁ ଜଣେ ପୁରୁଷ ଖଞ୍ଜାହୋଇ ରହିବା ସଂସାର ନିୟମ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯିଏ ଯାହା ପାଇଁ ବ୍ୟାକୁଳ ହୁଅଇ**
**ସେ ପ୍ରେମ ସବୁଦିନିଆ**
**ହୃଦୟ ଭିତରେ ଦିଆନିଆ ହେଲେ**
**ସେ ଭାବ ସିନା ବଢ଼ିଆ।**

ଯାହା ପାଇଁ ଯାହା ମନରେ ବ୍ୟାକୁଳତା ଥାଏ ସେ ପ୍ରେମରେ କେବେ ପ୍ରତାରଣାର ସ୍ଥାନ ନ ଥାଏ, ସେ ପ୍ରେମ କେବେ ମଉଳିପାରି ନ ଥାଏ। ହୃଦୟ ଭିତରେ ପରସ୍ପର ପ୍ରତି ଆନ୍ତରିକତା ଭରି ରହିଥିଲେ ସମ୍ପର୍କ ଆହୁରି ଦୃଢ଼ୀଭୂତ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

## ପ୍ରଥମ ପୃଷ୍ଠାରୁ...

### ବଦଳୁନି ଶିଶୁ...

ସୁରକ୍ଷା ଦେବା, ବିଦ୍ୟାଳୟରେ କନ୍ୟା ସନ୍ତାନଙ୍କ ଉପସ୍ଥାପନା ନିଶ୍ଚିତ କରାଇବା, ସେମାନଙ୍କୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଯୋଗାଇ ଦେବା ଏବଂ ସମାଜକୁ କନ୍ୟା ଶିଶୁଙ୍କ ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୬-୧୭ରୁ 'ବିଜୁ କନ୍ୟା ରତ୍ନ ଯୋଜନା' କାର୍ଯ୍ୟକାରୀ ହେଉଛି। ଅନୁଗୋଳ, ଢେଙ୍କାନାଳ, ଗଞ୍ଜାମ ଏବଂ ନୟାଗଡ଼ ଜିଲା ପାଇଁ ସରକାର ସ୍ୱତନ୍ତ୍ରଭାବେ ଏହି ଯୋଜନା ପ୍ରଣୟନ କରିଥିବାବେଳେ ଅନ୍ୟ ଜିଲାଗୁଡ଼ିକରେ ଲୋକଙ୍କୁ ସଚେତନ କରିବାର ବ୍ୟବସ୍ଥା ରହିଛି। ବର୍ତ୍ତମାନ ସୁଦ୍ଧା ବିଜୁ କନ୍ୟାରତ୍ନ ଯୋଜନାରେ ମୋଟ ୪ କୋଟି ଟଙ୍କା ମିଳିଥିବାବେଳେ ଏଥିରୁ ୩ କୋଟି ୮୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। କନ୍ୟା ସନ୍ତାନ ପ୍ରତି ଲୋକଙ୍କ ମନରେ ରହିଥିବା ମନୋଭାବରେ କିଭଳି ପରିବର୍ତ୍ତନ ଅଣାଯାଇପାରିବ ସେ ଦିଗରେ ସଚେତନତା କରିବାକୁ ଏହି ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ବାସ୍ତବରେ ଏହା ସଚେତନତା ସୃଷ୍ଟି କରିବାରୁ ବହୁ ଦୂରରେ ରହିଛି। ଅପରପକ୍ଷରେ ଯୋଜନାକୁ ବାସ୍ତବ ରୂପ ଦେବାକୁ ବିଭିନ୍ନ ଜନସଚେତନତାମୂଳକ କାର୍ଯ୍ୟକ୍ରମମାନ କରାଯାଉଛି। କନ୍ୟା ସନ୍ତାନଙ୍କ ସୁରକ୍ଷା ନିମନ୍ତେ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାର ପ୍ରସାର କରାଯାଉଛି। ସଭା, ସମିତି ଆୟୋଜନ କରି ଜିଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ କହିଛନ୍ତି।

### ଦର୍ଶନ ଦେଲେ...

ପକାଇବା ଉପରେ କଟକଣା ଜାରି କରାଯାଇଛି। ମନ୍ଦିର ମଧ୍ୟକୁ ବରିଷ୍ଠ ନାଗରିକ, ଅସୁସ୍ଥ ବ୍ୟକ୍ତି, ଗର୍ଭବତୀ ମହିଳା ଓ ୧୦ ବର୍ଷରୁ କମ୍ ବୟସର ପିଲାଙ୍କ ପ୍ରବେଶକୁ ବାରଣ କରାଯାଇଛି। ଦର୍ଶନ ନିମନ୍ତେ କୋଭିଡ୍ ନେଗେଟିଭ ରିପୋର୍ଟ ସାଙ୍ଗରେ ଆଣିବାକୁ ବାଧ୍ୟତାମୂଳକ କରାଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ କେବଳ ସେବାୟତ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ଲିଙ୍ଗରାଜଙ୍କ ଦର୍ଶନ ଅନୁମତି ମିଳିବ। ଜାନୁୟାରୀ ୧ ଓ ୨ରେ ନୂଆବର୍ଷ ଲାଗି ସମ୍ଭାବ୍ୟ ଭିଡ଼କୁ ନଜରରେ ରଖି ମନ୍ଦିରକୁ ସର୍ବସାଧାରଣଙ୍କ ପାଇଁ ବନ୍ଦ ରଖାଯିବ। ଏହାପରେ ୩ରୁ ୫ ତାରିଖ ମଧ୍ୟରେ ରାଜଧାନୀବାସୀଙ୍କୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ଅନୁମତି ମିଳିବ। ଜାନୁୟାରୀ ୬ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ଓ ବାହାରୁ ଆସୁଥିବା ଜନସାଧାରଣଙ୍କୁ ଦର୍ଶନ ସୁଯୋଗ ମିଳିବ।

### ୧୦ ଡିଗ୍ରୀ ତଳେ...

୧୩.୯ ଡିଗ୍ରୀ ରେକର୍ଡ କରାଯାଇଛି। ସେପଟେ ଆଗାମୀ ୩ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ। ରାତ୍ରିରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ସୋମବାର ସକାଳୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ନୟାଗଡ଼, କୋରାପୁଟ, ମୟୂରଭଞ୍ଜ, କନ୍ଧମାଳ, କଳାହାଣ୍ଡି, କଟକ, ଖୋର୍ଦ୍ଧା, ଭଦ୍ରକ, ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ସୁନ୍ଦରଗଡ଼, ବୌଦ୍ଧ ଓ ଅନୁଗୋଳ ଜିଲାରେ ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟମ ଧରଣ କୁହୁଡ଼ି ହେବ। ମଙ୍ଗଳବାଠାରୁ ବୁଧବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଉତ୍ତର ଉପକୂଳ ଅଞ୍ଚଳ ସମେତ ଖୋର୍ଦ୍ଧା, ନୟାଗଡ଼, ପୁରୀ, ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, କୋରାପୁଟ, କଳାହାଣ୍ଡି, ସୋନପୁର ଓ ବୌଦ୍ଧ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟମ ଧରଣର କୁହୁଡ଼ି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

### 'ମନ୍ କି ବାତ୍'...

ଶୀତ କାକରରେ ଦିଲ୍ଲୀ ସୀମାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଚଳାଇଥିଲାବେଳେ ସରକାର ସେମାନଙ୍କ ଦାବି ପ୍ରତି ଧ୍ୟାନ ଦେଉ ନ ଥିବାରୁ ସେମାନେ ଏଭଳି ଅଭିନବ ପ୍ରତିବାଦ ଜଣାଇଥିଲେ। ସରକାରଙ୍କ ସହ ଚାଷୀ ସଂଗଠନଗୁଡ଼ିକର ୫ ପର୍ଯ୍ୟାୟ ଆଲୋଚନା ବିଫଳ ହେଲାଣି। ବିବାଦୀୟ ଆଇନକୁ ପ୍ରତ୍ୟାହାର କରିନେବା ଲାଗି ଚାଷୀମାନେ ଦାବି କରୁଥିବାବେଳେ ସରକାର ସେଥିରେ କେତେକ ସଂଶୋଧନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଫଳରେ ଆନ୍ଦୋଳନକୁ ନେଇ ଅଚଳାବସ୍ଥା ଜାରି ରହିଛି। ସୂଚନାଯୋଗ୍ୟ, ଲକ୍‌ଡାଉନ ସମୟରେ କୋଭିଡ୍ ଯୋଦ୍ଧାମାନଙ୍କୁ ସମ୍ମାନ ଜଣାଇବା ପାଇଁ ତାଳି ଓ ଥାଳି ବଜାଇବା ଲାଗି ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

ପ୍ରଧାନମନ୍ତ୍ରୀ ରବିବାର ବର୍ଷର ଶେଷ 'ମନ୍ କୀ ବାତ୍' ରେଡିଓ କାର୍ଯ୍ୟକ୍ରମରେ ଆତ୍ମନିର୍ଭର ଭାରତ ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରତରେ ଉତ୍ପାଦିତ ସାମଗ୍ରୀ ପାଇଁ 'ଜିରୋ ଇଫେକ୍ଟ, ଜିରୋ ଡିଫେକ୍ଟ' (ତ୍ରୁଟିବିହୀନ ଓ ପରିବେଶ ଅନୁକୂଳ) ନୀତି ଆପଣାଇବାକୁ ସେ ପରାମର୍ଶ ଦେଇଥିଲେ। ଏଠାରେ ଉତ୍ପାଦିତ ସାମଗ୍ରୀ ବିଶ୍ୱ ମାନର ହେବା ଆବଶ୍ୟକ। ପ୍ରଧାନମନ୍ତ୍ରୀ ଦେଶର ଶିଳ୍ପୋଦ୍ୟୋଗୀମାନଙ୍କୁ ଦୈନନ୍ଦିନ ଜୀବନରେ ଆବଶ୍ୟକ ହେଉଥିବା ସାମଗ୍ରୀ ଉତ୍ପାଦନ କରି ଦେଶକୁ ଆତ୍ମନିର୍ଭର କରିବା ଲାଗି ପ୍ରେରଣା ଦେଇଥିଲେ। ନୂଆବର୍ଷରେ କେବଳ ଭାରତରେ ନିର୍ମିତ ସାମଗ୍ରୀ ବ୍ୟବହାର ଲାଗି ସଂକଳ୍ପ ନେବା ଆବଶ୍ୟକ ବୋଲି ସେ କହିଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଗୁରୁ ଗୋବିନ୍ଦ ସିଂ ଓ ତାଙ୍କ ପରିବାରର ବଳିଦାନକୁ ମନେପକାଇଥିଲେ। ଦେଶରେ ୪ ବର୍ଷ ମଧ୍ୟରେ ଚିତାବାଘ ସଂଖ୍ୟା ବୃଦ୍ଧି ପାଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ତାମିଲନାଡୁ କୋଏମ୍ବାଟୁରର ଗାୟତ୍ରୀଙ୍କ ଉଦାହରଣ ଦେଇ ମୋଦି କହିଥିଲେ, ସେ ଓ ତାଙ୍କ ବାପା ଏକ ଅସୁସ୍ଥ କୁକୁର ପାଇଁ ହ୍ୱିଲ୍‌ଚେୟାର ବ୍ୟବସ୍ଥା କରିପାରିଛନ୍ତି। ଯେଉଁମାନେ ପ୍ରାଣୀମାନଙ୍କୁ ସହାୟତା କରୁଛନ୍ତି, ସେମାନେ ଅନ୍ୟମାନଙ୍କୁ ମଧ୍ୟ ଏହି କାର୍ଯ୍ୟ ଲାଗି ପ୍ରୋତ୍ସାହିତ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ଦେଶର ଯୁବବର୍ଗଙ୍କଠାରେ ଥିବା 'କରିପାରିବି' ଦୃଷ୍ଟିଭଙ୍ଗୀ ଓ 'ନିଶ୍ଚୟ କରିବି' ଉତ୍ସାହ ପାଇଁ କୌଣସି ଚ୍ୟାଲେଞ୍ଜ ସେମାନଙ୍କ ପାଇଁ ବଡ଼ ହୋଇନାହିଁ କି କିଛି ସେମାନଙ୍କ ପହୁଞ୍ଚ ବାହାରେ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

### ନୂଆ ଷ୍ଟ୍ରେନ୍‌ରୁ...

ଯେଉଁ ବ୍ରିଟେନ ଫେରନ୍ତା ପଜିଟିଭ୍ ଚିହ୍ନଟ ହେଉଛନ୍ତି, ସେମାନଙ୍କର ଜିନ୍ ଅନୁଶୀଳନ ଲାଗି ଆଇସିଏମ୍‌ଆର୍ ପକ୍ଷରୁ ବାଧ୍ୟତାମୂଳକ କରାଯାଇଛି। ଏ ପରିପ୍ରେକ୍ଷୀରେ ରାଜଧାନୀରେ ପୂର୍ବରୁ ଚିହ୍ନଟ ହୋଇଥିବା ୩୪ ବର୍ଷୀୟ ଯୁବକ ଓ ୪ ବର୍ଷୀୟା ଶିଶୁକନ୍ୟାଙ୍କ ନମୁନା ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ପଠାଯାଇଛି। ଏପର୍ଯ୍ୟନ୍ତ ଦୁହିଁଙ୍କ ରିପୋର୍ଟ ଆସିନାହିଁ। ଅନ୍ୟପକ୍ଷରେ ଓଡ଼ିଶାରେ ଥିବା ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍)ରେ ମଧ୍ୟ ଜିନ୍ ଅନୁଶୀଳନ ହୋଇପାରିବ ବୋଲି ଆଇସିଏମ୍‌ଆର ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କିନ୍ତୁ ଚିହ୍ନଟ ନୂଆ ସଂକ୍ରମିତଙ୍କ ନମୁନା ପୁଣେ ପଠାଯିବ କି ଆଇଏଲ୍‌ଏସ୍‌ରେ ଏହାର ଜିନ୍ ଅନୁଶୀଳନ ହେବ, ସେନେଇ କିଛି ସ୍ପଷ୍ଟ ହୋଇପାରି ନାହିଁ।

ସେପଟେ ଗତ ପ୍ରାୟ ୧ ମାସ ଭିତରେ ଓଡ଼ିଶାକୁ ବ୍ରିଟେନ୍‌ରୁ ୧୮୧ଜଣ ଲୋକ ଫେରିଛନ୍ତି। ଏଥିରେ ଭୁବନେଶ୍ୱରରୁ ସର୍ବାଧିକ ୮୮ଜଣ ରହିଥିବା କୁହାଯାଉଛି। ରାଜଧାନୀକୁ ଫେରିଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଧିକାଂଶଙ୍କୁ ଟ୍ରେସିଂ କରିବା ଏବେବି ମଧ୍ୟ ସମ୍ଭବ ହୋଇପାରିନାହିଁ। ସେମାନଙ୍କ ମଧ୍ୟରୁ ଅଧିକାଂଶ ରାଜ୍ୟ ବାହାରକୁ ଚାଲିଯାଇଥିବା କୁହାଯାଉଛି। କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ଅନ୍ୟ ଜିଲାରେ ମଧ୍ୟ ଏହି ସମସ୍ୟା ଦେଖିବାକୁ ମିଳିଛି। ରାଜ୍ୟରେ କରୋନା ଟ୍ରେଣ୍ଡ୍ ତଳକୁ ଖସୁଥିବାରୁ ଲୋକମାନେ ଟିକେ ଆଶ୍ୱସ୍ତି ଅନୁଭବ କରୁଥିବାବେଳେ ପୁଣି କରୋନାର ନୂଆ ଷ୍ଟ୍ରେନ୍ ଭୟର ବାତାବରଣ ସୃଷ୍ଟି କରିଛି। ପୂର୍ବଭଳି କୋଭିଡ୍ କଟକଣା ମାନି ଚଳିବାକୁ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏପଟେ ରାଜ୍ୟରେ ପୁଣି ଲକ୍‌ଡାଉନ୍ ହେବ ବୋଲି ଚର୍ଚ୍ଚା ହେଉଥିବାରୁ ଲୋକଙ୍କ ମଧ୍ୟରେ ଭାଳେଣି ପଡ଼ିଲାଣି।

### ମଡର୍ନ ବସ୍‌ପୋର୍ଟ:...

ଜମିର ଦସ୍ତାବିଜ ଭୁଲ୍ ପ୍ରମାଣିତ ହେଲା। ଏହାପରେ କେନ୍ଦ୍ର ସରକାର ଏହି ଫାଇଲ ରାଜ୍ୟକୁ ଫେରାଇଦେଇ ଠିକ୍ କାଗଜପତ୍ର ଦେବାକୁ କହିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଏହାକୁ ଭଲରେ ଅନୁଧ୍ୟାନ କରିବା ପରେ ଏଥିରୁ ୧୯.୩୨ ଏକର ଜମି ପୂର୍ବତଟ ରେଲୱେ ହାତକୁ ପୂର୍ବରୁ ଟେକି ଦିଆଯାଇଥିବା ଜଣାପଡ଼ିଲା। ହେଲେ ରେଲୱେ ଏପର୍ଯ୍ୟନ୍ତ ସେହି ଜମି ବ୍ୟବହାର କରି ନ ଥିବାରୁ ତାହାକୁ ପୁଣି ସରକାରଙ୍କୁ ଫେରାଇଦେବା ଲାଗି ପରିବହନ ସଚିବ ଗତ ସେପ୍ଟେମ୍ବର ୧୭ରେ ରେଲୱେ ଏମ୍‌ଡିଙ୍କୁ ଚିଠି ଲେଖିଥିଲେ। କାମରେ ଲାଗି ନ ଥିବା ୧୯.୩୨ ଏକର ଜମି ଫେରାଇ ସରକାରଙ୍କ ନାମରେ ଏନ୍‌ଓସି(ନୋ ଅବଜେକ୍ସନ ସାର୍ଟିଫିକେଟ) ଦେବା ଲାଗି କହିଥିଲେ। ବର୍ତ୍ତମାନ ପରିବହନ ସଚିବ ମଧୁସୂଦନ ପାଢ଼ୀ ଚିଠି ଲେଖିବାର ଅବଧି ୩ ମାସରୁ ଅଧିକ ଦିନ ହୋଇସାରିଥିବା ବେଳେ ଏହାର କୌଣସି କାମ ଆଗେଇପାରି ନାହିଁ। ଏ ପର୍ଯ୍ୟନ୍ତ ରେଲୱେ ପକ୍ଷରୁ ଚିଠିର କୌଣସି ଉତ୍ତର ଆସି ନ ଥିବା ଖୋଦ୍ ପରିବହନ ସଚିବ କହିଛନ୍ତି। ଅନ୍ୟପଟେ ପୋଲିସ ହାଉସିଂ କର୍ପୋରେଶନ ଏଠାରେ ସରକାରଙ୍କ ନାମରେ ରହିଥିବା ଜମିରେ ଅଧା ପାଚେରି ନିର୍ମାଣ କରି ବସି ରହିଛି। ଏଭଳିସ୍ଥିତିରେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ମଡର୍ନ ବସ୍‌ପୋର୍ଟ କେବେ ହେବ ତାହା ଅନିଶ୍ଚିତତାରେ ରହିଛି। ଅନ୍ୟପକ୍ଷରେ ଆଉ କେତେକ ରାଜ୍ୟରେ ବସ୍‌ପୋର୍ଟ କାମ ଶେଷ ହେବାକୁ ବସିଲାଣି। ବାଦାମବାଡି ବସ୍‌ଷ୍ଟାଣ୍ଡ ଅତ୍ୟନ୍ତ ଜନଗହଳିପୂର୍ଣ୍ଣ ହେଉଥିବା କାରଣରୁ ଗୋପାଳପୁର ବସ୍‌ପୋର୍ଟ ଲୋକଙ୍କ ଲାଗି ବହୁତ ସହାୟକ ହେବା ସହିତ ସହର ଭିତର ଗହଳି ମଧ୍ୟ କମିଯିବ ବୋଲି କୁହାଯାଉଛି।

### ମାର୍ଚ୍ଚ ୩୧ ଯାଏ...

କରିପାରୁ ନାହିଁ। ବାସ୍ତବ ସମସ୍ୟାକୁ ହୃଦୟଙ୍ଗମ କରି ସଡ଼କ ପରିବହନ ମନ୍ତ୍ରଣାଳୟ ଗାଡ଼ି କାଗଜପତ୍ର ବୈଧତା ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଏହି ନିର୍ଦ୍ଦେଶ ପରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏନେଇ ଏକ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରକାଶ ଯେ, ଗତ ମାର୍ଚ୍ଚ ମାସରେ କରୋନାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଇତିମଧ୍ୟରେ ଡିଏଲ୍, ଆର୍‌ସି, ପର୍ମିଟ, ଫିଟ୍‌ନେସ୍ ସାର୍ଟିଫିକେଟ ଆଦି ଗାଡ଼ି କାଗଜପତ୍ରର ବୈଧତାକୁ ୫ଥର ବୃଦ୍ଧି କଲେଣି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ରାହୁ ଯୁକ୍ତ ଚନ୍ଦ୍ର ଧନସ୍ଥାନରେ ଧନହାନି ସହ କଳହକୁ ନିମନ୍ତ୍ରଣ କରିବ। ନିଜର ସମ୍ପର୍କୀୟ ମାନଙ୍କ ଦ୍ୱାରା କୌଣସି ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି। ବନ୍ଧୁ ଦେଇଥିବା ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରି ମନସ୍ତାପ କରିବାକୁ ପଡିପାରେ। ଶାରୀରିକ ଓ ମାନସିକ ସୁସ୍ଥତା ପ୍ରାୟତଃ ପୂର୍ବଭଳି ଅକ୍ଷୁଣ୍ଣ ରହିବ।

**ବୃଷ**
ଆର୍ଥିକ ଦିଗଟି ଭଲ ରହିବ, ମଧୁର ବ୍ୟବହାର ଦ୍ୱାରା ଅନ୍ୟମାନଙ୍କୁ ଆପ୍ୟାୟିତ କରିବେ। କିନ୍ତୁ କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିବେ। ସ୍ୱାର୍ଥ ହାସଲ ସକାଶେ ନିକଟରେ ରହୁଥିବା କୌଣସି ବିଜାତୀୟ ବ୍ୟକ୍ତି ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମିଥୁନ**
ଅନ୍ୟମାନଙ୍କ ମନକୁ ସୁହାଇଲା ଭଳି ମଧୁର କଥାକହି କୌଣସି ନୂତନ କାମ ଆରମ୍ଭ କରି ଖୁସି ରହିବେ। ମାତ୍ର କର୍ମକ୍ଷେତ୍ର ପ୍ରତି ଉଦାସୀନ ହେତୁ ସମସ୍ୟା ବଢିପାରେ। କେତେକ କ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ବିଚଳିତ ରହିପାରନ୍ତି। ଆକସ୍ମିକ ଭାବରେ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ**
ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। କିନ୍ତୁ କେତେକ କ୍ଷେତ୍ରରେ ଅସଫଳତାଜନିତ ଅତ୍ୟଧିକ ଟେନସନ ହେତୁ ରକ୍ତଚାପ ମଧ୍ୟ ବଢ଼ିପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସ୍ଥଗିତ କାର୍ଯ୍ୟ ହାସଲ କରିବା ସକାଶେ ଅନ୍ୟ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**ସିଂହ**
ଅସ୍ଥିରତା ଦୂରୀଭୂତ ହୋଇଯିବ ଏବଂ ଏହା ସଙ୍ଗକୁ ଆଜି ସୁବିଧା ଓ ସହଜରେ କାମ ହାସଲ କରିବେ। ଖଳ ଲୋକଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ। ଲକ୍ଷ୍ୟସାଧନ ଉଦ୍ଦେଶ୍ୟରେ ଆଜିର ଫେରିବା ବାଟରେ ବନ୍ଧୁଙ୍କୁ ଭେଟିପାରନ୍ତି।

**କନ୍ୟା**
ପରିସ୍ଥିତିରେ ପଡି ମନ କଥା ମନ ଭିତରେ ରଖି ଓ ନିଜ କାମ ପଛରେ ପକାଇ ପର ପାଇଁ ନିଜେ ହଇରାଣରେ ପଡିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ପାଇବେ। ଆକସ୍ମିକ ଭାବେ ଗୁଡିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ତୁଳା**
ଆପଣ ଯାହା ଓ ଯେପରି ଚିନ୍ତା କରୁଛନ୍ତି ଠିକ୍ ସେପରି ହିଁ ହେବ କିନ୍ତୁ ସମୟକୁ ଅପେକ୍ଷା କରିବାକୁ ପଡିବ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରତ୍ୟୁଷ ଯାତ୍ରା ସମୟରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁଙ୍କ ସାମ୍ନାରେ ମନର କଥାଟିକୁ ପ୍ରକାଶ କରିପାରିବେ ନାହିଁ।

**ବିଛା**
ପୂର୍ବ ପରିକଳ୍ପିତ ଯୋଜନାଗୁଡିକ ବିଗିଡି ଯିବାରୁ ମନ ଦୁଃଖ ହୋଇପାରେ। ବାରମ୍ବାର ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ହେଉଥିବା ଯୋଗୁଁ ମନ ଅଶାନ୍ତ ରହିବ। ତଥାପି ମଧ୍ୟାହ୍ନ ସମୟରେ ଦୀର୍ଘ ଦିନରୁ ଆଶା କରୁଥିବା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ଆଜି କୌଶଳରେ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ଧନୁ**
ଅପରିଣାମଦର୍ଶିତା କାରଣରୁ କେତେକ ଗୋପନୀୟ କଥାକୁ ନେଇ ମନ ଅସ୍ଥିର ରହିବ। କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ସକାଶେ ଚେଷ୍ଟା କରିପାରନ୍ତି। କଠିନଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

**ମକର**
ଆକସ୍ମିକଭାବରେ ଅଣ୍ଡାଜନିତ ସ୍ୱାସ୍ଥ୍ୟ ସମସ୍ୟା ବଢିଯିବ। ବନ୍ଧୁଙ୍କ ସମ୍ମୁଖରେ ମନ କଥାକୁ ଲୁଚାଇ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିପାରନ୍ତି। ଘରୋଇ କ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆର୍ଥିକ ସ୍ଥିତି ସେତେଟା ଭଲ ରହିବ ନାହିଁ।

**କୁମ୍ଭ**
ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟଦେଇ ଗତି କରୁଥିବାରୁ ପ୍ରଗତିର ପଥରୋଧ ହୋଇପାରେ। ପରିବାରରେ ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। କ୍ରନିକ୍ ରୋଗ ପୀଡ଼ା ଯୋଗୁଁ ମନ ବିଚଳିତ ହୋଇପାରେ।

**ମୀନ**
ହାତକୁ ନେଇଥିବା କାମଗୁଡିକ ସୁବିଧାରେ ହାସଲ କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ଆନୁଷଙ୍ଗିକ ସୁବିଧା ସୁଯୋଗ ହେତୁ ନିର୍ମାଣ କାମ ତ୍ୱରାନ୍ୱିତ ହେବ। ଦେହ ଭଲ ରହିବ ମାତ୍ର ଶ୍ରମଜନିତ କ୍ଳାନ୍ତିବୋଧ କରିବେ। ପାଖ ପଡୋଶୀଙ୍କ ଅଭିଯୋଗ ଅମୂଳକ ନୁହେଁ, ଏହାକୁ ଗୁରୁତ୍ୱର ସହ ବିଚାରକୁ ନେବା ଭଲ ହେବ।

ଆଜି ମାର୍ଗଶିର ଶୁକ୍ଳପକ୍ଷର ପାଷାଣ ଚତୁର୍ଦ୍ଦଶୀ ସୋମବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ଶ୍ରୀମନ୍ଦିରରେ ପଣ୍ଡୁନୃସିଂହ ବିଜେ, ଡିସେମ୍ବର ୨୮ ତାରିଖ, ରାଶିନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୨୪ମି. ଗତେ ଘ.୦୭.୫୦ମି. ମଧ୍ୟେ, ଘ.୦୯.୧୭ମି. ଗତେ ଘ.୧୧.୨୬ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୭.୪୫ମି. ଗତେ ଘ.୦୯.୦୬ମି. ମଧ୍ୟେ ରାହୁକାଳ।

## classifieds Everyday

0674-2580101, 2549302




**SALE**

Bank Approved Plot, Saivihar Colony, Rangabazar 1500 Sq.ft. @ 6,75,000/- 9437522338, 9437522339. D-19367

**Immediate construction with ଘରବାରି ବାଉଣ୍ଡ୍ରିୱାଲ୍, ଇଲେକ୍ଟ୍ରିସିଟି ଥାଇ ହଂସପାଳ କେନାଲ ରୋଡ୍ ପାଖରେ ଜାଗା ବିକ୍ରିହେବ। 7978998868.** D-70135

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70133

**ଭୁବନେଶ୍ୱର ଗୋଠପାଟଣା IIIT, Birla Global University ପାଖରେ ଘରବାରି yellowzone, 30' road, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 1st possession/ registration. 9937819395.** D-70125

New year discount with all facilities residential plot at Patia, Sundarpada, KIIT College Pathar Gadia. 8328811411, 9437968618. D-70134

**Plot For Sale, 2000sqft (10nos) per Sq.ft.-1700, Gharabari Plot and Sarada-2 (15nos) per sqft-1500 main road side, infront of Tata Ariana, Mouza- Sankarpur, Ghatikia, BBSR. Electricity, Supply Water available. Contact: 8114744495, 8328943165.** D-19368




**Don't hurry for construction or renovation compare quality and price from others before start your work talk with engineering experts for latest techniques call OHM Construction & research centre. 9938640133, 9938709146.** D-70068




Excellent furnished 2BHK prime S.S. Vihar single stay 7000/- twin 14000/- suitable family corporate employees. 9937502162, 7382983171. D-67778




Newly open evergreen SPA Offer @ 799/- Jaydev Vihar. 7846814019. D-59973

Revitalize your self with our ayurvedic massage and refreshment, Call: 7381239385. D-70063

Christmas Offer@ 899/- all types massage gives by Swarna SPA. 9556978408. D- 70069

Rejuvenate and Ayurvedic full body massage by smart therapist. 9348123330. D-70071

Get refreshment body massage by expert therapist contact for 7205084157. D-70070

Newly open full body massage ladies and gents. 9337349409. D-69596

Experience full body massage with expert therapists. Call: 7377048581. D-70064

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




**AB roadlinesର new project ପାଇଁ ହାଇୱା ଆବଶ୍ୟକ। Mo-: 9337731351, 7077061630.** D-19336




ନିଜ ଘରେ ପୂଜା ସ୍ଥାନରେ (Siyar singhi) (Business love service you can check it internet) ନାମ ଗୋତ୍ରରେ ସ୍ଥାପନ କରିବା ଦ୍ୱାରା ନିଜ ଘରର ସକଳ ଉନ୍ନତି ହୋଇଥାଏ। 8895588392. D-19384

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ପିକ୍‌ଅପ୍ ଓଲଟି ୧୭ ଆହତ, ୪ ଗୁରୁତର

କେନ୍ଦୁଝର, (ସ୍ୱ.ପ୍ର./ଡି.ଏନ.ଏ.) : କେନ୍ଦୁଝରର ଜିଲା ବାଂଶପାଳ ବ୍ଲକ କାଞ୍ଜିପାଣି ଥାନା କୁଆଁର ଛକ ୪୯ନଂ. ଜାତୀୟ ରାଜପଥରେ ରବିବାର ଭାରସାମ୍ୟ ହରାଇ ଏକ ପିକ୍‌ଅପ୍ ଓଲଟି ପଡିଥିଲା। ସେଥିରେ ଥିବା ୨୧ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନଙ୍କ ପରିଚୟ ମିଳିପାରିନାହିଁ। ଆହତ ଓ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ମଧ୍ୟରେ ଜଣେ ପୁରୁଷ ଓ ୩ ଜଣ ମହିଳା ଅଛନ୍ତି। କାଞ୍ଜିପାଣି ଥାନା ଅଧୀନ ହଳଦୀପାଣି ଗ୍ରାମର ୨୧ ଜଣ ପୁରୁଷ ଓ ମହିଳା ଏକ ପିକ୍‌ଅପ୍ ଭ୍ୟାନ ଡାଲାରେ ବରଦାପାଳ ଗ୍ରାମକୁ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା।

# ଗୋଟିଏ ବି ସରିଲାନି ମେଗା ଜଳଯୋଗାଣ ପ୍ରକଳ୍ପ

ଖଣିଜ ସମ୍ପଦ ଉତ୍ତୋଳନ କରି ଲାଭବାନ ହେଉଛନ୍ତି ଖଣିସଂସ୍ଥା। ହେଲେ ଏଥିଯୋଗୁ ଜମି, ଜଳ ଓ ବାୟୁ ପ୍ରଦୂଷଣ ସହୁଥିବା ଲୋକଙ୍କୁ ଦୁର୍ଦ୍ଦଶା ଛଡ଼ା କିଛି ମିଳୁନାହିଁ। ବିଶୁଦ୍ଧ ପାନୀୟ ଜଳ ପାଇଁ କ୍ଷତିଗ୍ରସ୍ତ ଅଞ୍ଚଳବାସୀ ଡହଳବିକଳ ହେଉଥିବାବେଳେ ଖଣିସଂସ୍ଥାଗୁଡ଼ିକ ସାମାଜିକ ଦାୟିତ୍ୱବୋଧକୁ ଭୁଲିଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ୨୦୧୪ ଡିସେମ୍ବର ୧୪ରେ ଓଏମ୍‌ବିଏଡିସି(ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ପରିଷଦ) ପାଣ୍ଠି କାର୍ଯ୍ୟକାରୀ କରିଛନ୍ତି। ଏହି ପାଣ୍ଠିରେ କ୍ଷୁଦ୍ର ଓ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ ହେଁ ଖର୍ଚ୍ଚ ତୁଳନାରେ ଅଗ୍ରଗତି ନୈରାଶ୍ୟଜନକ ହୋଇଥିବାରୁ ଶୁଦ୍ଧ ପାନୀୟଜଳ ପାଇଁ ଖଣି କ୍ଷତିଗ୍ରସ୍ତ ଅଞ୍ଚଳବାସୀ ଚାହିଁ ରହିଛନ୍ତି।

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୨୭।୧୨

## ଓଏମ୍‌ବିଏଡିସି ପାଣ୍ଠି ଖର୍ଚ୍ଚ ଜୋର୍‌ଦାର

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆର୍‌ଡବ୍ଲ୍ୟୁଏସ୍ଏସ୍) ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ରାଜ୍ୟର ୮ ଜିଲାର ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ପାଇଁ ପାନୀୟ ଜଳଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ଜିଲାଗୁଡିକ ହେଲା ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, କୋରାପୁଟ, ଝାରସୁଗୁଡ଼ା, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର। ୨୧୭ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ୬୯୧ ଗ୍ରାମର ବାସିନ୍ଦା ଉପକୃତ ହୋଇପାରିବେ। ଏଥିପାଇଁ ୮୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବାବେଳେ ୪୭୨.୮୯ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ମେଗା ଜଳଯୋଗାଣ ପ୍ରକଳ୍ପ ପାଇଁ ୪ ଠିକାସଂସ୍ଥା ଯଥା ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ(ଏନ୍‌ସିସି) ଲିଃ, ଏଲ୍ଆଣ୍ଡଟି, ଏମ୍ଇଆଇଏଲ୍ ଓ ଭୋଲଟାସ୍‌କୁ ଇପିସି ମୋଡ୍‌ରେ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ୩୦।୧୧।୨୦୨୦ ସୁଦ୍ଧା ସେଥିରୁ ୨୦୩ କ୍ଷୁଦ୍ର ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୮ଟି ମେଗା ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ଗୋଟିଏ ବି ସମ୍ପୂର୍ଣ୍ଣ ହୋଇପାରିନାହିଁ। କାର୍ଯ୍ୟ ଆରମ୍ଭ ହେବାର ୨ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ସମୟ ସୀମା ଧାର୍ଯ୍ୟ ହୋଇଥିଲା, ଯାହାକି ଅତିବାହିତ ହୋଇଯାଇଛି। ଫଳରେ ଆସନ୍ତା ଗ୍ରୀଷ୍ମ ମାସ ପୂର୍ବରୁ ଶୁଦ୍ଧ ପାନୀୟ ଜଳ ପାଇବା ଆଶା ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ପାଇଁ ମଉଳିଯାଇଛି ବୋଲି ମତପ୍ରକାଶ ପାଇଛି।

ସରକାରୀ ନିୟମ ଅନୁସାରେ ଖଣି ସଂସ୍ଥାଗୁଡ଼ିକ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ କଥାକୁ ଭୁଲିଯାଇଥିଲେ। ସରକାରଙ୍କ ଦ୍ୱାରା ପ୍ରଣିତ ଡିଏମ୍ଏଫ୍(ଜିଲା ଖଣିଜ ପ୍ରତିଷ୍ଠାନ) ଏବଂ ଓଏମ୍‌ବିଏଡିସି ପାଣ୍ଠି ମଧ୍ୟ ସୁଚାରୁରୂପେ ବିନିଯୋଗ ହୋଇ ପାରି ନ ଥିଲା। ଫଳରେ ଯାଜପୁର ଜିଲାର ଖଣି ପ୍ରଭାବିତ ସୁକିନ୍ଦା ବ୍ଲକର ନଗଡ଼ା ଭଳି ଚିତ୍ର ସାମ୍ନାକୁ ଆସିଥିଲା। ଏହାପରେ ଗତ କିଛି ବର୍ଷ ହେଲା ଡିଏମ୍ଏଫ୍ ଏବଂ ଓଏମ୍‌ବିଏଡିସି ପାଣ୍ଠି ବିନିଯୋଗ କଥା ଶୁଣିବାକୁ ମିଳୁଛି। ଏହି କ୍ରମରେ ଅନୁଗୋଳ ଜିଲାର ୯୫, ଢେଙ୍କାନାଳରେ ୪, ମୟୂରଭଞ୍ଜରେ ୧୭, କୋରାପୁଟରେ ୫୮, ଝାରସୁଗୁଡ଼ାରେ ୮, ଯାଜପୁରରେ ୨, ସୁନ୍ଦରଗଡ଼ରେ ୨ ଓ କେନ୍ଦୁଝରରେ ୨୬ଟି କ୍ଷୁଦ୍ର ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଗତ ୫ ବର୍ଷ ହେବ ୩୫୪ ଗ୍ରାମର ବାସିନ୍ଦାଙ୍କ ପାଇଁ ୩୨ଟି ପ୍ରଥମ ପର୍ଯ୍ୟାୟ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ସେଥିରୁ ଗୋଟିଏ ବି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରି ନ ଥିବାବେଳେ ୧୮ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ୪୪୭୮.୬୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବାବେଳେ ୧୮୨୬.୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେଥିରୁ ୧୨୭୭.୭୪ କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିନିଯୋଗ ପତ୍ର(ୟୁସି) ଦାଖଲ ହୋଇଛି। ହେଲେ ଗୋଟିଏ ବି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ସେଗୁଡ଼ିକ ହେଲା ହାଟଡିହି, ଚମ୍ପୁଆ, ହରିଚନ୍ଦନପୁର, ରାଇରଙ୍ଗପୁର, କୁସୁମୀ, ଯଶିପୁର, ହେମଗିର, କୁତ୍ରା, ରାଜଗାଙ୍ଗପୁର, ଗୁରୁଣ୍ଡିଆ, କୋଇଡା, ଲହୁଣିପଡା, କୁଆଁରମୁଣ୍ଡା, ନୂଆଗାଁ, ସୁକିନ୍ଦା ୧, ସୁକିନ୍ଦା ୨। ଏହାବାଦ୍ ସୁନ୍ଦରଗଡ଼ ଜିଲାର ୧୨୨ ଗ୍ରାମ ଓ କେନ୍ଦୁଝରର ୧୧୫ ଗ୍ରାମର ବାସିନ୍ଦାଙ୍କ ପାଇଁ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିରୁ କେତେକ ପ୍ରକଳ୍ପରେ ସମ୍ପୃକ୍ତ ଠିକାସଂସ୍ଥା ଦ୍ୱାରା ଚଞ୍ଚକତା କରି ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହେଉଥିବା ନେଇ ପୂର୍ବରୁ ମାନ ଯାଞ୍ଚକାରୀ ଅଥରିଟି ଇଞ୍ଜିନିୟର୍ସ ପକ୍ଷରୁ ରିପୋର୍ଟ ଦିଆଯାଇଛି। ଉପରୋକ୍ତ ତଥ୍ୟକୁ ଅବଲୋକନ କଲେ କ୍ଷୁଦ୍ର ଓ ମେଗା ଜଳଯୋଗାଣ ପ୍ରକଳ୍ପରେ ଖଣି ସମୃଦ୍ଧ ଯାଜପୁର ଜିଲାକୁ ଉପେକ୍ଷା କରାଯାଇଥିବା ମନେହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଆର୍‌ଡବ୍ଲ୍ୟୁଏସ୍ଏସ୍ ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ଦର୍ଶାଇଥିଲା।

# ଏସିଆ ବୁକ୍ ଅଫ୍ ରେକର୍ଡସରେ କନ୍ଧୁଣୀ ଦେବୀଙ୍କ ପ୍ରତିମୂର୍ତ୍ତି

ବ୍ରହ୍ମପୁର ଅଫିସ୍,୨୭।୧୨

ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା ପୁଣି ଥରେ ଏକ ନୂତନ ରେକର୍ଡ ହାସଲ କରିବା କ୍ଷେତ୍ରରେ ସଫଳ ହୋଇଛନ୍ତି। ସତ୍ୟଙ୍କ ଦ୍ୱାରା ୧୧୧୫ ବୋତାମରେ ନିର୍ମିତ ହୋଇଥିବା କନ୍ଧୁଣୀ ଦେବୀଙ୍କ ପ୍ରତିମୂର୍ତ୍ତି ଏସିଆ ବୁକ୍ ଅଫ୍ ରେକର୍ଡସରେ

## ୧୧୧୫ ବୋତାମରେ ମା'ଙ୍କ ପ୍ରତିମୂର୍ତ୍ତି

ସ୍ଥାନ ପାଇଛି। ସତ୍ୟଙ୍କ ଏହି ପ୍ରତିମୂର୍ତ୍ତି ସୋରଡ଼ାର ପ୍ରସିଦ୍ଧ କଣ୍ଟାପିଡ଼ା ଯାତ୍ରା ସମୟରେ ନିର୍ମାଣ କରିଥିଲେ, ଯାହାକୁ ନିର୍ମାଣ କରିବା ପାଇଁ ତାଙ୍କୁ ପାଞ୍ଚ ଘଣ୍ଟା ସମୟ ଲାଗିଥିବା ବେଳେ ପ୍ରତିମୂର୍ତ୍ତିର ଉଚ୍ଚତା ୧୧ ଇଞ୍ଚ ଓ ଓସାର ୧୫ ଇଞ୍ଚ ରହିଛି। ଏଥିସହ ଦେବୀଙ୍କ ମୁଖ ନାଲି ବୋତାମରେ ହୋଇଥିବା ବେଳେ ଆଖି ଧଳା ବୋତାମ, ଫୁଲମାଳ ହଳଦିଆ ଓ ଧଳା ରଙ୍ଗ ବୋତାମରେ ନିର୍ମିତ ହୋଇଛି। ଏଭଳି ଭାବେ ବିଭିନ୍ନ ରଙ୍ଗ ବୋତାମରେ ଦେବୀଙ୍କ ପ୍ରତିମୂର୍ତ୍ତି ସତ୍ୟ ନିର୍ମାଣ କରିଛନ୍ତି। ସତ୍ୟଙ୍କ ଏହି ପ୍ରତିମୂର୍ତ୍ତି ଅକ୍ଟୋବରରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଥିବା ବେଳେ ବର୍ତ୍ତମାନ ଏସିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇବାରେ ସଫଳତା ଅର୍ଜନ କରିଛି, ଯାହାକୁ ନେଇ ବେଶ୍ ଖୁସି ଅନୁଭବ କରୁଥିବା ସତ୍ୟ କହିଛନ୍ତି।


ସତ୍ୟଙ୍କ ଦ୍ୱାରା ବୋତାମରେ ନିର୍ମିତ ଦେବୀ ପ୍ରତିମୂର୍ତ୍ତି।

# ପୃଥକ୍ ଦୁର୍ଘଟଣାରେ ୬ ମୃତ

**ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ରବିବାର ୬ ଜଣଙ୍କର ମୃତ୍ୟୁ ଘଟିଛି। ଖୋର୍ଦ୍ଧା ଜିଲା ଶିଆଳିଆ ଛକ ଏବଂ ଭୁବନେଶ୍ୱର- ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଶିଳ୍ପାଞ୍ଚଳ ଫାଣ୍ଡି ନିକଟରେ ପୃଥକ୍ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୩ ଜଣଙ୍କ ଜୀବନ ଯାଇଛି। ସେହିପରି ରାଉରକେଲା ଉପକଣ୍ଠ ୧୪୩ ନଂ. ଜାତୀୟ ରାଜପଥ ବାଲୁଘାଟ ଡ଼ାକବଙ୍ଗଳା ନିକଟରେ ଏକ ଯାତ୍ରୀବାହୀ ମିନିବସ୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଝାରସୁଗୁଡା ଜିଲା ବାଗଡିହି ରେଳ ଷ୍ଟେଶନରେ ଏକ ମାଲବାହୀ ଟ୍ରେନ୍ ତଳେ ଗଳି ଯାଉଥିବାବେଳେ ଜଣେ ଯୁବତୀ କଟିଯାଇଛନ୍ତି।**

ଖୋର୍ଦ୍ଧା ଅଫିସ,୨୭।୧୨

ଖୋର୍ଦ୍ଧା ଶିଆଳିଆ ଛକ ଏବଂ ଭୁବନେଶ୍ୱର- ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଶିଳ୍ପାଞ୍ଚଳ ଫାଣ୍ଡି ନିକଟରେ ରବିବାର ପୃଥକ୍ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୩ଜଣଙ୍କ ଜୀବନ ଯାଇଥିବାବେଳେ ଜଣେ ଯୁବକ ଗୁରୁତର ହୋଇଛନ୍ତି।

ସମ୍ରାଟ୍ କେଶରୀ ହରିଚନ୍ଦନ ଓ ତାଙ୍କ ପୁତୁରା ଶାନ୍ତନୁ କୁମାର ବଳିୟାରସିଂ ଏକ ବାଇକ୍ (ଓଡି ୦୨ଏଏଚ୍-୨୧୬୬)ରେ ଖୋର୍ଦ୍ଧାରୁ ଶିଆଳିଆ ଯାଉଥିଲେ। ଶାନ୍ତନୁ ବାଇକ୍ ଚଲାଉଥିଲେ। ଏହି ସମୟରେ ପଲ୍ଲାରୁ ଦ୍ରୁତଗତିରେ ଶିଆଳିଆ ଆଡ଼କୁ ଯାଉଥିବା ଟ୍ରକ (ଓଡି ୦୨-ଏଏଫ୍-୨୨୭୩) ବାଇକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ପଛରେ ବସିଥିବା ସମ୍ରାଟ୍ ଛିଟିକି ପଡ଼ିଥିଲେ। ଶାନ୍ତନୁ ତଳେ ପଡ଼ିଯାଇଥିଲେ। ଟ୍ରକ ପଛ ଚକା ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଦୁହିଁଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସମ୍ରାଟ୍‌ଙ୍କ ମୃତ୍ୟୁ ହୋଇଯାଇଛି। ସେହିପରି ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଶିଳ୍ପାଞ୍ଚଳ ଫାଣ୍ଡି ନିକଟରେ ଏକ ଟ୍ରକ ଧକ୍କାରେ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ପଟିଆପାଟଣା ଗ୍ରାମର ରଞ୍ଜିତ ପରିଡ଼ା ଏବଂ ବାଲେଶ୍ୱର ଜିଲା ଶେରଗଡ଼ ଅଞ୍ଚଳର ଗଙ୍ଗାଧର ମଲିକ। ରଞ୍ଜିତ ଓ ଗଙ୍ଗାଧର ଏକ ବାଇକ୍ (ଓଡି ୦୨ ବିଇ ୧୫୫୩) ରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଯାଉଥିଲେ। ରଞ୍ଜିତ ବାଇକ୍ ଚଲାଉଥିବାବେଳେ ଗଙ୍ଗାଧର ପଛରେ ବସିଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଗଙ୍ଗାଧର ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ସେହିପରି ଟ୍ରକ ପଛଚକା ତଳେ ରଞ୍ଜିତ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଫାଣ୍ଡି ପୋଲିସ ଗଙ୍ଗାଧରଙ୍କୁ ମେଡିକାଲକୁ ପଠାଇଥିଲେ। ତେବେ ଏମ୍ସ ସ୍ଥାନାନ୍ତର ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।



ରାଉରକେଲା ବାଲୁଘାଟ ବସ୍ ଦୁର୍ଘଟଣାସ୍ଥଳରେ ଲୋକେ ଆହତଙ୍କୁ ଉଦ୍ଧାର କରୁଛନ୍ତି।

**ରାଉରକେଲା ଅଫିସ,**


ଷ୍ଟିଲ୍‌ସିଟିର ଉପକଣ୍ଠ ୧୪୩ ନଂ. ଜାତୀୟ ରାଜପଥ ବାଲୁଘାଟ ଡ଼ାକବଙ୍ଗଳା ନିକଟରେ ଯାତ୍ରୀବାହୀ ମିନିବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଡିଭାଇଡ଼ରରେ ପିଟିହୋଇ ଓଲଟି ପଡିବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କାର୍ତ୍ତିକ ମହାକୁଡ ଓ ସୁନି କିସପଟ୍ଟା।

ଓଆର ୧୪ ଜେ ୫୨୩୮ ନମ୍ବର ବସ୍ ଲାଠିକଟା ବ୍ଲକ ମନକୋରୁ ରାଉରକେଲା ଆସୁଥିଲା। ବାଲୁଘାଟ ପାଖରେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହୋଇ ଓଲଟି ପଡ଼ିଥିଲା। କାର୍ତ୍ତିକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଡାକ୍ତରଖାନାରେ ସୁନିଙ୍କ ମୃତ୍ୟୁ ଘଟିଛି।

**କିର୍ମିରା, (ଡି.ଏନ.ଏ.)**

ପ୍ଲାଟଫର୍ମରେ ଅଟକି ଥିବା ମାଲବାହୀ ଟ୍ରେନ ତଳେ ଗଳି କରି ଯିବା କାଳ ହେଲା। ଚାଲିଗଲା ଜଣକ ଜୀବନ, ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଝାରସୁଗୁଡା ଜିଲା ବାଗଡିହି ରେଳ ଷ୍ଟେଶନରେ ଏହି ଘଟଣା ଘଟିଛି । ମୃତ ଯୁବତୀ ହେଲେ ବ୍ରଜରାଜନଗର ନୂଆପଡାର ସୋଫିୟା ମହାନନ୍ଦ। ଗୁରୁତର ଅବସ୍ଥାରେ ତାଙ୍କ ସହ ଥିବା ରୋଶନ ମହାନନ୍ଦଙ୍କୁ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବ୍ରଜରାଜନଗର ନୂଆପଡାରୁ ରୋଶନ ଓ ସୋଫିୟା ଅନ୍ୟ ୩ଙ୍କ ସହ ବୁଡାପଡାର ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରୁ ରାଉରକେଲା-ଝାରସୁଗୁଡା ପାସେଞ୍ଜରରେ ସେମାନେ ଘରକୁ ଫେରିବାକୁ ବାଗଡିହି ଷ୍ଟେଶନକୁ ଯାଇଥିଲେ। ପ୍ଲାଟ ଫର୍ମରେ ପହଞ୍ଚିଥିବା ବେଳେ ଏକ ମାଲବାହୀ ଟ୍ରେନ ଛିଡା ହୋଇଥିଲା। ସେମାନଙ୍କ ଅଟକି ରହିଥିବା ଟ୍ରେନ ତଳେ ଗଳି ଯାଉଥିବା ବେଳେ ଏହା ଛାଡି ଦେବାରୁ ରୋଶନ ଓ ସୋଫିୟା ତାହା ତଳେ ରହି ଯାଇଥିଲେ। ସୋଫିୟାଙ୍କ ଉପରେ ଟ୍ରେନ ଚଢ଼ି ଯିବାରେ ତାଙ୍କ ଅଣ୍ଟାରୁ ଶରୀର ଦୁଇଖଣ୍ଡ ହୋଇଯାଇଥିଲା। ଅପରପକ୍ଷରେ ରୋଶନଙ୍କ ଗୋଡ ଏବଂ ହାତ କଟିଯାଇଛି।

# ହାତୀ ଆକ୍ରମଣରେ ୨ ମୃତ


ନୂଆପଲ୍ଲୀରେ ଥିବା ହାତୀପଲ।

ଭଞ୍ଜନଗର,୨୭।୧୨(ଡି.ଏନ.ଏ)

ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡ ଗାଲେରୀ ରେଞ୍ଜରେ ହାତୀ ଆତଙ୍କ ଦେଖାଦେଇଛି। ରବିବାର ଅପରାହ୍ନରେ ହାତୀ ଆକ୍ରମଣରେ ଜଣେ ଚାଷୀ ଓ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆପଲ୍ଲୀର ଶୁକ୍ରିୟା ନାଇକ (୫୫) ଓ ଗାଲେରୀର ଗଣେଶ ଗୌଡ଼। ଘଟଣାସ୍ଥଳରେ ଶୁକ୍ରିୟାଙ୍କ ମୃତ୍ୟୁ ଘଟିଥିବାବେଳେ ବ୍ରହ୍ମପୁର ମେଡିକାଲ ନେବା ବାଟରେ ଗଣେଶଙ୍କ ମୃତ୍ୟୁ ଘଟିଛି। ଶୁକ୍ରିୟାଙ୍କ ମୃତଦେହ ଘଟଣାସ୍ଥଳରେ ପଡି ରହିଥିବାବେଳେ ହାତୀପଲ ଘେରି ରହିଛନ୍ତି। ସନ୍ଧ୍ୟା ସୁଦ୍ଧା ବନ କର୍ମଚାରୀ ଘଟଣାସ୍ଥଳରୁ ମୃତଦେହ ଆଣିପାରି ନାହାନ୍ତି। ଡିଏଫ୍ଓ ଅଭୟ କୁମାର ଦଳେଇ, ଏସିଏଫ୍ ସୁଦର୍ଶନ ବାଦୀ, ରେଞ୍ଜର ଉମାକାନ୍ତ ଦାସ ପ୍ରମୁଖ ପହଞ୍ଚି ତଦନ୍ତ ଚଳାଇଛନ୍ତି।

## ମୃତଦେହକୁ ଘେରି ରହିଛନ୍ତି ହାତୀପଲ

ଘୁମୁସର ଉତ୍ତର ବନଖଣ୍ଡରେ ଶନିବାର ସନ୍ଧ୍ୟା ସୁଦ୍ଧା ୩୯ ଓ ଦକ୍ଷିଣ ବନଖଣ୍ଡରେ ୧୫ଟି ହାତୀ ରହିଛନ୍ତି। ଗାଲେରୀ ରେଞ୍ଜ ବଦାଙ୍ଗି ନିକଟସ୍ଥ ନୂଆପଲ୍ଲୀ ଗ୍ରାମ ନିକଟ କାଜୁ ବଗିଚାରେ ୧୭ଟି ହାତୀ ରହିଛନ୍ତି। ଗୋଟିଏ ହାତୀ ଶନିବାର ରାତିରେ ଉକ୍ତ କାଜୁ ବଗିଚାରେ ଛୁଆ ଜନ୍ମ କରିଥିବାବେଳେ ତାକୁ ଜଗି ରହିଛନ୍ତି। ବନ କର୍ମଚାରୀ ଜାଣିବା ପରେ ସେଠାରେ ପହଞ୍ଚି ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ କାଜୁ ବଗିଚାକୁ ଯିବାକୁ ବାରଣ କରିଥିଲେ। ମାତ୍ର ଶୁକ୍ରିୟା ଓ ଗଣେଶ ସମ୍ପୃକ୍ତ ରାସ୍ତା ଦେଇ ଯାଉଥିବାବେଳେ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ଶୁକ୍ରିୟାଙ୍କୁ ହାତୀ ଦଳିଦେବା ପରେ ଗଣେଶଙ୍କୁ ଶୁଣ୍ଢରେ ଫୋପାଡି ଦେଇଥିଲା। ଆହତ ଅବସ୍ଥାରେ ଗଣେଶ ଦୌଡ଼ି ପଳାଇ ଆସିଥିଲେ। ତାଙ୍କୁ ପ୍ରଥମେ ଗାଲେରୀ ମେଡ଼ିକାଲ ଓ ପରେ ଭଞ୍ଜନଗର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ସ୍ଥାନାନ୍ତର ବେଳେ ରାତି ପ୍ରାୟ ସାଢେ ୮ଟାରେ ଅଧାରାସ୍ତାରେ ମୃତ୍ୟୁ ଘଟିଛି।

# ନମିତାଙ୍କୁ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୨୭।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଅନ୍ତର୍ଜାତୀୟ ମହିଳା ହକି ତାରକା ନମିତା ଟପ୍ପୋ ଚଳିତ ବର୍ଷର ଏକଲବ୍ୟ ପୁରସ୍କାର ପାଇଛନ୍ତି। ୨୦୧୮ ଏପ୍ରିଲରୁ ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ନମିତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ଫା ପକ୍ଷରୁ ପରିଚାଳିତ ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପ୍ରଦତ୍ତ ଏକଲବ୍ୟ ପୁରସ୍କାର ବାବଦରେ ନମିତାଙ୍କୁ ସମ୍ମାନପତ୍ର, ଫଳକ ସହିତ ୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା।



କରୋନା ଜନିତ କଟକଣାକୁ ଦୃଷ୍ଟିରେ ରଖି ଏଥର ଉତ୍ସବକୁ ସଂକ୍ଷିପ୍ତ ଓ ନିରାଡମ୍ବର କରାଯାଇଥିଲା। ଉଦୀୟମାନ ଭାରୋତ୍ତୋଳନକାରୀ ସ୍ନେହା ସୋରେନ ଓ ବ୍ୟାଡ୍‌ମିଣ୍ଟନ ଖେଳାଳି ଋତୁପର୍ଣ୍ଣା ପଣ୍ଡାଙ୍କୁ ମାନପତ୍ର ସହ ୫୦,୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଉଭୟ ଖେଳାଳି ଅନୁପସ୍ଥିତ ଥିବାରୁ ଋତୁପର୍ଣ୍ଣାଙ୍କ ମା' ଓ ସ୍ନେହାଙ୍କ ଭାଇ ପୁରସ୍କାର ଗ୍ରହଣ କରିଛନ୍ତି। ଭର୍ଚ୍ଚୁଆଲ କାର୍ଯ୍ୟକ୍ରମ ମାଧ୍ୟମରେ ପୁରସ୍କୃତ କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଇବା ସହ ଅଧିକ ସଫଳତା କାମନା କରିଥିଲେ ଇମ୍ପାକ୍ଟର ଟ୍ରଷ୍ଟି ତଥା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା।


## ଜିଲ୍ଲା ଯୋଗାଣ ନିଗମ ଲିଃ, କେନ୍ଦ୍ରାପଡ଼ା
## ଧାନ କ୍ରୟ ନିମନ୍ତେ ବିଜ୍ଞାପନ

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ନିଷ୍ପତ୍ତି କ୍ରମେ, ଚଳିତ ଖରିଫ ବର୍ଷ ୨୦୨୦-୨୧ ନିମନ୍ତେ ତା. ୨୮।୧୨।୨୦୨୦ରିଖ ଠାରୁ ଯୋଗାଣ ନିଗମ ଜରିଆରେ ଜିଲ୍ଲାର ନିମ୍ନଲିଖିତ ୧୧୮ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (PACS) ମାଧ୍ୟମରେ ଧାନକ୍ରୟ ମଣ୍ଡିମାନ ଖୋଲାଯାଉଅଛି। ଧାନକ୍ରୟ କେନ୍ଦ୍ରର ନାମ ଓ ସଂପୃକ୍ତ ଅଧିକାରୀଙ୍କ ଫୋନ୍ ନଂ, କ୍ରୟ ଦିବସ ଓ କ୍ରୟ କେନ୍ଦ୍ରକୁ ସଂଯୁକ୍ତ କରାଯାଇଥିବା ଗ୍ରାମ ପଞ୍ଚାୟତର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।

ଏଣୁ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନ (FAQ) ମାନର କରାଇ ସେମାନଙ୍କର ସଂପୃକ୍ତ ଅଞ୍ଚଳର (PACS) ଗୁଡିକରୁ ସରକାରଙ୍କର ନିୟମାନୁଯାୟୀ ଟୋକନ ଗ୍ରହଣ କରି ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ, ଗୁରୁବାର ଓ ଜାତୀୟ ଛୁଟି ଦିବସ ବ୍ୟତୀତ, ଅନ୍ୟ ସମସ୍ତ ଦିବସରେ ଧାନ ବିକ୍ରୟ କରିପାରିବେ। ଧାର୍ଯ୍ୟ ଦିନଗୁଡିକରେ ସକାଳ ୮ ଘଟିକାଠାରୁ ଦିନ ୨ ଘଟିକା ପର୍ଯ୍ୟନ୍ତ ବିକ୍ରୟ କରିପାରିବେ। ଆବଶ୍ୟକ ହେଲେ ଧାର୍ଯ୍ୟ ଦିନ ଓ ସମୟ ପରିବର୍ତ୍ତନ କରାଯାଇପାରିବ। (FAQ) ଧାନର ଗୁଣାତ୍ମକ ମାନ ନିମ୍ନରେ ପ୍ରଦାନ କରାଗଲା।

| ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|
| • ବାଲି, ମାଟି, ଗୋଡ଼ି ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| • କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| • ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକା ଇତ୍ୟାଦି | ୫.୦% |
| • ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% |
| • ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ) | ୬.୦% |
| • ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |
| **ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ:-** | |
| • ଏଫ୍.ଏ.କ୍ୟୁ. ମାନର ସାଧାରଣ ଧାନ କୁଇଣ୍ଟାଲ୍ ପ୍ରତି ଦର | ଟ. ୧୮୬୮.୦୦ |
| • ଗ୍ରେଡ୍ 'ଏ' ଧାନ କୁଇଣ୍ଟାଲ ପ୍ରତି ଦର | ଟ. ୧୮୮୮.୦୦ |

**ପ୍ରାଥମିକ କୃଷି ସମବାୟ ସମିତିର ତାଲିକା**

| କ୍ରମିକ ନମ୍ବର | (PACS) ଧାନ କ୍ରୟ କେନ୍ଦ୍ରର ନାମ ଓ ସଂପୃକ୍ତ ଅଧିକାରୀଙ୍କ ଫୋନ୍ ନଂ | | ସଂଲଗ୍ନ ଗ୍ରାମ ପଞ୍ଚାୟତ |
|---|---|---|---|
| | **୧. କେନ୍ଦ୍ରାପଡ଼ା ବ୍ଲକ୍-** | | |
| ୧ | ଆୟେବା - ୯୪୩୭୯୪୫୫୪ | : | ଆୟେବା, ପୁରୁଷୋତ୍ତମପୁର, ଗଙ୍ଗାରାମପୁର |
| ୨ | ବଗଡା - ୭୦୬୪୨୨୩୫୫୭ | : | ବଗଡା, କଳପଡା |
| ୩ | ବାରୋ- ୭୭୩୫୯୬୮୧୦୫ | : | ବାରୋ, କୋରୋ |
| ୪ | ଭରତପୁର - ୯୯୩୭୭୫୨୮୨୧ | : | ଭରତପୁର, ଶ୍ୟାମସୁନ୍ଦରପୁର, ଚକ୍ରୋଡା |
| ୫ | ଚଉଦକୁଲାଟ - ୯୪୩୯୬୯୮୪୨୨ | : | ଚନ୍ଦନପୁର, କେଶପୁର, ସାନମାଣିଟିଆ, ପଳସିଂହା |
| ୬ | ଗୁଲ୍ନଗର - ୯୭୭୭୮୯୪୨୪୧ | : | ଗୁଲ୍ନଗର, କପାଳେଶ୍ୱର |
| ୭ | ଇନ୍ଦୁପୁର - ୯୧୭୮୯୫୩୭୬୮ | : | ଇନ୍ଦୁପୁର, ଧୁମାନ୍ତ, ଚାରିଗାଁ, ନିକିରାଇ |
| ୮ | ଜମଧର - ୯୭୭୭୮୨୬୫୯୩ | : | ଜମଧର, ଭାଗବତପୁର, ଚକ୍ରୋଡା, ଶ୍ୟାମସୁନ୍ଦରପୁର |
| ୯ | କୋର - ୯୯୩୮୪୭୮୭୦୧ | : | କୋର |
| ୧୦. | ଓସ୍ତପୁର - ୯୯୩୭୯୪୩୧୨୬ | : | ଓସ୍ତପୁର, କଂସାର |
| ୧୧. | କୁତୁରଙ୍ଗ - ୯୯୩୭୯୩୪୦୪୨ | : | ଢୋଲ, ନିକିରାଇ, କୁତୁରଙ୍ଗ |
| | **୨. ଡେରାବିଶ୍ ବ୍ଲକ୍** | | |
| ୧୨. | ଦାନପୁର - ୯୯୩୮୨୮୭୭୮୪ | : | ଦାନପୁର, ଚାନ୍ଦୋଳ, ଖମୋଳ, ମୁକୁନ୍ଦପୁର, ଜଆଁରାବାରିମୂଳ |
| ୧୩. | ଗୋଲରାହାଟ - ୯୧୭୮୩୨୮୨୩୫ | : | ଗୋଲରାହାଟ, ବାଲିଆ, ଲକ୍ଷ୍ମୀନାରାୟଣପୁର |
| ୧୪. | କପିଳେଶ୍ୱର - ୯୭୭୮୯୪୨୪୨ | : | ଜଆଁରା ବାରିମୂଳ, ଇନ୍ଦାଳ, ହରିଅଙ୍କ |
| ୧୫. | କୁଶିଆପାଳ - ୯୪୩୭୩୧୪୦୧୫ | : | କୁଶିଆପାଳ, ଗୁହାଳସିଂହ, ବାରିମୂଳ |
| ୧୬. | କାଉପଡା - ୯୪୩୭୦୬୩୮୯୨ | : | କାଉପଡା, ଚାଟରାଚକଡା, ଗୋଲରାହାଟ, କୁରୁଜଙ୍ଗା |
| ୧୭. | ଏଣ୍ଡର - ୯୩୪୮୨୯୧୬୬୩ | : | ଏଣ୍ଡର, ନରସିଂହପୁର, ଲକ୍ଷ୍ମୀନାରାୟଣପୁର |
| ୧୮. | ନହଙ୍ଗ - ୯୪୩୭୧୩୦୬୩୯ | : | ନହଙ୍ଗ, ଛୋଟି, କୁରୁଜଙ୍ଗା |
| ୧୯. | ପଲ୍ଲେଇ - ୯୯୩୭୨୩୮୪୬୫ | : | ପଲ୍ଲେଇ, ଗୋଲରାହାଟ, ଚାନ୍ଦୋଳ, ଖମଳ |
| ୨୦. | ରଘୁଦେଇପୁର - ୯୦୯୦୩୩୯୪୯୧ | : | ବେଣୀପୁର, ମଙ୍ଗଳପୁର, କୁରୁଜଙ୍ଗ, ରଘୁଦେଇପୁର, ଲକ୍ଷ୍ମୀନାରାୟଣପୁର |
| ୨୧ | ରତାଦିଆ, ଖଣ୍ଡସାହି - ୯୯୩୭୧୭୦୬୬୯ | : | ରତାଦିଆ, ଖଣ୍ଡସାହି, ବସପୁର, ଦାନପୁର |
| | **୩. ମହାକାଳପଡ଼ା ବ୍ଲକ** | | |
| ୨୨ | ଅଳାଇଲୋ - ୯୯୩୭୭୨୨୨୫୨ | : | ଅଳାଇଲୋ, ରାଜଗଡ, ଦେଉଳପଡା |
| ୨୩ | ବାରଡାଙ୍ଗ - ୮୩୨୭୭୬୭୦୩୨ | : | ବାରଡାଙ୍ଗ, ବଉଳକଣି, ଜମ୍ବୁ |
| ୨୪. | ବେଣାକନ୍ଦା - ୯୯୩୮୨୦୩୪୭୨ | : | ବହଡିହ, ସୁନିତି, ଗୋଗୁଆ |
| ୨୫ | ବିଜୟନଗର - ୯୯୩୮୫୦୯୭୩୩ | : | ବିଜୟ ନଗର, ଦେଉଳିପଡା, ବଳିପାଳ |
| ୨୬ | ଛତର - ୯୯୩୮୨୮୮୦୨୫ | : | ବହଡିହ, ବଳିପାଳ |
| ୨୭ | ଯଦୁପୁର - ୯୯୩୮୬୪୮୬୩୫ | : | ଯଦୁପୁର, ଜୟଚନ୍ଦ୍ରପୁର, ତେରଗାଁ |
| ୨୮ | କରମକୁଳ - ୯୧୭୮୪୭୧୮୮୪ | : | ବଡକୁଳ |
| ୨୯ | କୋଟିଳା - ୭୯୭୮୦୭୮୭୭୫ | : | ରାମନଗର, ବରକନ୍ଦା |
| ୩୦ | ମହାକାଳପଡା - ୯୭୭୬୭୨୯୦୧୩ | : | ମହାକାଳପଡା |
| ୩୧ | ମଙ୍ଗଳପୁର - ୭୩୮୧୯୦୫୮୩୫ | : | ମଙ୍ଗଳପୁର, ବରକନ୍ଦା, ଖରନାସୀ, ବଟୀଘର |
| ୩୨ | କୋରଟପଙ୍ଗା - ୯୯୩୮୫୯୭୪୩୩ | : | ପାଟଲିପଙ୍କ, ଟିକରପଙ୍ଗା, ଖୁରୁସିଆ |
| ୩୩ | ରଡିଆ - ୯୯୩୮୧୭୮୦୮୩ | : | ବଡିହ, ବିଜୟନଗର |
| ୩୪ | ବରକନ୍ଦା - ୯୪୩୮୨୨୦୧୦୫ | : | ବରକନ୍ଦା, ଖରନାସି, ମଙ୍ଗଳପୁର, ବଟୀଘର |
| ୩୫ | ପାଟଲିପଙ୍କ - ୮୬୫୮୦୪୨୨୦୩ | : | ପାଟଲିପଙ୍କ, ଖୁରୁସିଆ |
| ୩୬ | କାଞ୍ଚୁରା - ୭୮୯୪୦୬୮୯୩୨ | : | ଗୋଗୁଆ, ସୁନିତୀ |
| ୩୭ | ଅମେଇପାଳ - ୯୯୩୮୧୯୭୫୩୩ | : | ତିଖିରୀ, ଅମେଇପାଳ |
| ୩୮ | ତରାଦେଇପୁର - ୭୭୫୦୦୫୧୨୯୯ | : | ଟିକରପଙ୍ଗା, ତେରଗାଁ |
| ୩୯ | ଗଡରୋମିତ - ୮୮୯୫୬୧୧୪୫୮ | : | ଟିକରପଙ୍ଗା, ତେରଗାଁ |
| ୪୦ | କରଞ୍ଜ - ୯୯୩୮୬୨୯୬୦୫ | : | କରଞ୍ଜ |
| ୪୧ | ମଧୁରଗଣ୍ଡ - ୭୨୦୫୬୫୯୬୨୬ | : | ଅମେଇପାଳ, ଖୁରୁସିଆ |
| ୪୨ | ନୂଆଗାଁ - ୮୧୧୭୮୬୬୪୪୧ | : | ତିଖିରୀ ଅମେଇପାଳ |
| ୪୩ | ତେରଗାଁ - ୯୭୭୭୪୭୧୦୪୧ | : | ତେରଗାଁ |
| ୪୪ | ବଡକୁଳ - ୯୫୫୬୩୮୯୬୨୬ | : | ବଡକୁଳ |
| ୪୫ | ବେନୁପାଳ : ୯୯୩୭୦୭୩୮୮୧ | : | ବଡକୁଳ, କରଞ୍ଜ |
| | **୪. ମାର୍ଶାଘାଇ ବ୍ଲକ୍** | | |
| ୪୬ | ଅନ୍ତେଇ - ୯୭୭୬୭୭୧୪୨୫ | : | ଅନ୍ତେଇ, ତାଳସଙ୍ଗା, ମଙ୍ଗରାଜପୁର, ବେରୁହାଁ |
| ୪୭ | ବଟିରା - ୭୮୯୪୪୬୬୯୧୧ | : | ବଟିରା, ଅନ୍ତେଇ, ମଙ୍ଗରାଜପୁର |
| ୪୮ | ଦୁମୁକା - ୭୮୯୪୩୫୭୩୩୬ | : | ଦୁମୁକା, ଦଶିପୁର, ମାର୍ଶାଘାଇ |
| ୪୯ | ଗରଜଙ୍ଗା - ୮୬୫୮୩୨୭୮୬୭ | : | ଗରଜଙ୍ଗା, ତାଳସଙ୍ଗା, ବେରୁହାଁ |
| ୫୦ | ଜମପଡା - ୯୯୩୮୧୫୨୩୯୭ | : | ଜମପଡା, ମେହେନ୍ଦିନଗର, ଆଇତିପୁର |
| ୫୧ | ମାର୍ଶାଘାଇ - ୯୦୯୦୧୯୩୦୬୫ | : | ମାର୍ଶାଘାଇ, ମଣିକୁଣ୍ଡା, ଶିଳିପୁର, ପରକୁଳା |
| ୫୨ | କୁହୁଡି - ୯୪୩୭୧୮୩୩୧୨ | : | କୁହୁଡି, ଅଙ୍ଗୁଳାଇ |
| ୫୩ | କରିଲୋପାଟଣା - ୯୯୩୭୧୬୨୭୯୪ | : | କରିଲୋପାଟଣା, ଜଳପୋକ, ଆଇତିପୁର |
| ୫୪ | ବଛରାଇ - ୯୯୩୭୩୦୭୫୬୧ | : | ବଛରାଇ, ବନ୍ଧକଟା, ମଣିକୁଣ୍ଡା |
| ୫୫ | ଆଖୁଆ ଦକ୍ଷିଣି - ୯୯୩୮୩୦୬୨୧୧ | : | ଆଖୁଆ ଦକ୍ଷିଣି, ରାଘବପୁର, ପରକୁଳ |
| | **୫. ରାଜନଗର ବ୍ଲକ** | | |
| ୫୬ | ବଡନୌକଣା - ୯୯୩୭୩୧୦୮୫୪ | : | ବ୍ରାହ୍ମଣସାହି |
| ୫୭ | ଭାଟପଡା - ୯୪୩୮୮୨୭୩୨୨ | : | ବନ୍ଧପଡା, ସାନବଡ, ଗୋପାଳପୁର |
| ୫୮ | ଚାନ୍ଦିବାଉଁଶମୂଳ - ୯୯୩୭୨୩୩୧୪୧ | : | ଚାନ୍ଦିବାଉଁଶମୂଳ, କଣ୍ଡିଆ |
| ୫୯ | ଡାଙ୍ଗମାଳ - ୯୪୩୮୪୩୩୮୫୭ | : | ଈଶ୍ୱରପୁର, ଡାଙ୍ଗମାଳ, କଣ୍ଡିଆ |
| ୬୦ | ଡେରା - ୯୧୭୮୨୦୫୭୪୬ | : | ଡେରା, ବ୍ରାହ୍ମଣସାହି |
| ୬୧ | କୋଇଲିପୁର - ୯୪୩୮୪୩୩୮୫୭ | : | କୋଇଲିପୁର |
| ୬୨ | କୁରୁଣ୍ଟି - ୬୩୭୦୨୩୫୧୪୮ | : | କୁରୁଣ୍ଟି, ମହୁଲିଆ, ଡେରା, ବ୍ରାହ୍ମଣସାହି |
| ୬୩ | ନୋଧାବସନ୍ତ - ୯୪୩୮୭୦୭୭୦୯ | : | କୁରିଣ୍ଟି, ଡେରା, ଚାନ୍ଦିବାଉଁଶମୂଳ |
| ୬୪ | ତାଳଚୁଆ - ୯୪୩୭୯୦୦୫୫୯ | : | ତାଳଚୁଆ, ରଙ୍ଗଣି |
| ୬୫ | ଓସ୍ତିଆ - ୮୯୦୮୩୧୭୦୫୭ | : | ଓସ୍ତିଆ, ବାଲିସାହିପାଟଣା, ବନ୍ଧପଡା |
| ୬୬ | ରାଜନଗର - ୯୧୭୮୫୦୧୫୨୯ | : | ରାଜନଗର, ମହୁଲିଆ |
| ୬୭ | ଗୋପାଳପୁର - ୯୯୩୮୨୧୦୦୯୩ | : | ଗୁପ୍ତି, ସାତଭାୟା |
| ୬୮ | ବାଲିସାହିପାଟଣା - ୭୦୦୮୭୩୪୯୫୭ | : | ବାଲିସାହିପାଟଣା, ଓସ୍ତିଆ, ସାନବଡ଼ଗୋପାଳପୁର |
| | **୬. ପଟ୍ଟାମୁଣ୍ଡାଇ ବ୍ଲକ୍ -** | | |
| ୬୯ | ବଡମୂଳବସନ୍ତ - ୯୦୯୦୨୫୬୦୪୦ | : | ବଡମୂଳବସନ୍ତ, ଗାଙ୍ଗପଡା, ନୀଳକଣ୍ଠପୁର, ପେଣ୍ଠପାଳ, ତରଡିପାଳ, ଅଳପୁଆ, ସିଂଘଗାଁ, ଅଣରା, ଅମୃତମଣୋହି, ବଲୁରିଆ |
| ୭୦ | ଖଡିଅଣ୍ଟା - ୯୫୮୩୧୬୨୬୧୯ | : | ଖଡିଅଣ୍ଟା, ବାଲିପାଟଣା, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି |
| ୭୧ | ଡାମରପୁର - ୯୯୩୭୨୮୩୮୩୯ | : | ଡାମରପୁର, ଶ୍ରୀରାମପୁର, ବଳଭଦ୍ରପୁର |
| ୭୨ | ଶ୍ୟାମସୁନ୍ଦରପୁର - ୯୪୩୭୮୮୯୫୧୯ | : | ଦୋସିଆ, ବିଲିକଣା, |
| ୭୩ | ସଂସାରଫଳ - ୯୮୫୩୮୨୧୭୭୬୮ | : | ସଂସାରଫଳ, ଖନତା |
| ୭୪ | ଓଡପଡା - ୭୯୭୮୯୯୬୫୪୨ | : | ଓଡପଡା, ଖନତା, ବିଲିକଣା |
| ୭୫ | ନରସିଂହପୁର - ୯୯୩୮୭୯୫୭୪୯ | : | ନରସିଂହପୁର, ଡିହପଡା |
| ୭୬ | ଅଳଭା - ୯୧୧୪୪୮୦୩୪୦ | : | ଶାସନ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି |
| ୭୭ | ଚନ୍ଦନନଗର - ୯୯୩୮୦୦୧୭୮୮ | : | ଚନ୍ଦନନଗର, ଶାସନ, ସଂସାରଫଳ, ଖନତା |
| ୭୮ | ସାନଜରିଆ - ୯୯୩୭୫୭୮୯୧୮ | : | ସାନଜରିଆ, ଅରଡାପଲ୍ଲୀ, ବଡମୋହନପୁର |
| ୭୯ | ବଡ୍‌ପଡା - ୯୯୩୮୯୧୦୮୪୯ | : | ବଡପଡା, ଦିହୁଡିପୁର, ଦୋଷିଆ |
| ୮୦ | ତେରୋହି - ୭୬୦୯୯୪୮୯୬୨ | : | ବିଲିକଣା |
| ୮୧ | କଷଣଅଣ୍ଟା - ୯୭୭୮୦୦୫୪୨୧ | : | କଷଣଅଣ୍ଟା |
| ୮୨ | ପେଣ୍ଠପାଳ - ୬୩୭୦୪୯୧୨୩୩ | : | ପେଣ୍ଠପାଳ |
| | **୭. ଆଳି ବ୍ଲକ୍ -** | | |
| ୮୩ | ଦେମାଳ - ୯୭୭୭୬୦୬୦୭୮ | : | ଦେମାଳ, ନିଆଳ, ଟୁଙ୍ଗା |
| ୮୪ | ବାଟିପଡା - ୭୮୯୪୯୭୦୮୭୫ | : | ବାଟିପଡା, ସାନମଙ୍ଗ, ନୂଆପଡା, ସହିରା |
| ୮୫ | ପତ୍ରପୁର - ୯୯୩୭୯୭୧୩୩୨ | : | ପତ୍ରପୁର, ନରେନ୍ଦ୍ରପୁର, ସହିରା, ସିଙ୍ଗିରି, ବାଚ୍ଛରା |
| ୮୬ | ସିଙ୍ଗିରି - ୯୯୩୮୧୨୮୯୧୭ | : | ସିଙ୍ଗିରି, ଚଣ୍ଡିଆଗଡ଼ି, ମାଣିକପାଟଣା, ଅରେଇକଣା |
| ୮୭ | ନୂଆଗାଁ - ୯୭୭୬୫୩୫୯୫୫ | : | ବାଳକାଟି, ବଡ଼ାମ୍ବିଳା |
| ୮୮ | ଭୁଇଁପୁର - ୯୩୩୭୪୦୪୧୦୩ | : | ସଂସିଦା, ଭୁଇଁପୁର, କଳସପୁର, ଟୁଙ୍ଗା |
| ୮୯ | ମହୁ - ୯୩୩୭୪୦୩୨୫୨ | : | ମହୁ, କୋଲଡିହ, ଅଟାଳ, ବାଳକାଟି |
| ୯୦ | କଣ୍ଟିପୁର - ୯୪୩୯୭୦୩୨୯୭ | : | ମେଣ୍ଟପୁର, ନିଆଳ, ବାଳକାଟି, ଅରେଇକଣା |
| ୯୧ | ଦେସାହି - ୯୯୩୮୪୧୫୭୦୨ | : | ଦେସାହି, ଏରଡାଙ୍ଗ, କେତୁଆପାଳ, ପାଳିମି |
| ୯୨ | ଗୋବିନ୍ଦପୁର - ୮୦୧୮୮୬୩୭୩୩ | : | ଗୋବିନ୍ଦପୁର, ଜୁଆଁଣିଆ, ପେଟପଡା, ଏରଡାଙ୍ଗ, କେତୁଆପାଳ |
| ୯୩ | ଡିମିରିପାଳ - ୮୧୧୭୮୮୮୩୪ | : | ଡିମିରିପାଳ, ଅରଗଳ, ଭୁଇଁପୁର |
| | **୮. ରାଜକନିକା ବ୍ଲକ୍** | | |
| ୯୪ | ବରାଡିଆ - ୬୩୭୦୧୯୬୧୬୨ | : | ବରାଡିଆ, ଜୟନଗର |
| ୯୫ | କଣ୍ଟପଡା - ୮୮୪୭୮୬୬୮୦୬ | : | କଣ୍ଟପଡା, ବାଘବୁଦା, ଜାଗୁଳାଇପଡା |
| ୯୬ | ସିକୋ - ୮୨୩୦୧୭୨୬୭୩ | : | ସିକୋ, କୋରନ୍ଦ |
| ୯୭ | ଚରପଡା - ୮୨୪୯୮୧୫୦୦୩ | : | ଚରପଡା, ନନ୍ତରା, ଦେଉଳତରା, ପଦନିପାଳ |
| ୯୮ | ସିଙ୍ଗିଡ଼ି - ୯୯୩୮୨୬୫୭୩୫ | : | କାଟଣାବଣିଆ, କୋଇଲିପୁର |
| ୯୯ | କାଟଣାବଣିଆ - ୯୯୩୭୩୪୦୭୭୦ | : | କାଟଣାବଣିଆ, ଜୟନଗର, କୋଇଲିପୁର |
| ୧୦୦ | ସିହୋପଡା - ୭୭୪୯୯୬୦୯୪୦ | : | ସିହୋପଡା, ଦେଉଳପଡା, ପ୍ରଧାନପଡା, ବରାହମଣ୍ଡା, ପାରିନୂଆପଡା |
| ୧୦୧ | ହାଟସାହି - ୭୮୯୪୩୨୪୬୮୭ | : | ହାଟସାହି, ଅବଦୁଲପୁର, ପ୍ରଧାନପଡା, ପଣସଗଣ୍ଡ |
| ୧୦୨ | ବଡାଘର - ୯୪୩୭୪୧୨୫୮୨ | : | ବାଘବୁଦା, କଣ୍ଟପଡା |
| ୧୦୩ | ଲହୁଣି - ୮୮୪୭୮୬୩୮୦୬ | : | ଲହୁଣି, ଜାଗୁଳାଇପଡା, ବରାହି ଦୋମୁଣ୍ଡା, ପେଗରପଡା |
| ୧୦୪ | ଭାରିଗଦା - ୯୬୬୮୧୦୮୭୩୯ | : | ଭାରିଗଦା, ବରୁଣାଡିହା |
| ୧୦୫ | ବରୁଣା - ୮୮୪୭୮୬୬୮୦୬ | : | ବରୁଣା, ପାରିନୂଆପଡା, ବଳରାମପୁର, ଓଳାଭର, ହାବଳଗଣ୍ଡ, ପେଗରପଡା |
| ୧୦୬ | ତ୍ରୈଲୋକ୍ୟପୁର - ୭୨୦୫୫୧୭୮୩୫ | : | ତ୍ରୈଲୋକ୍ୟପୁର, ଆକୁଳିପଡା, କୋଇଲିପୁର, ବରାଡିଆ, ଜୟନଗର |
| ୧୦୭ | କୋରଣ୍ଡ - ୮୮୪୭୮୬୯୯୯୨ | : | କୋରଣ୍ଡ, ତ୍ରୈଲୋକ୍ୟପୁର, ଆକୁଳିପଡା |
| ୧୦୮ | ଦେଉଳି - ୬୩୭୦୧୯୬୧୬୨ | : | ବରାଡିଆ, କଣ୍ଟପଡା, ଆକୁଳିପଡା |
| ୧୦୯ | ତରାସ - ୯୩୪୮୧୮୩୦୩୯ | : | ତରାସ, ଆକୁଳିପଡା, ବରାଡିଆ |
| | **୯. ଗରଦପୁର ବ୍ଲକ୍** | | |
| ୧୧୦ | ଗରଦପୁର - ୭୨୦୫୬୦୬୦୭୦ | : | ଗରଦପୁର, କଳାବୁଦା, ପାଟକୁରା |
| ୧୧୧ | ବଡବେତରା - ୯୧୭୮୨୦୯୩୪୨ | : | ବଡବେତରା, ମଧୁଶାସନ, ଭଗବାନପୁର |
| ୧୧୨ | ପାଖଡ- ୯୯୩୮୦୮୬୬୩୫ | : | ପାଖଡ, ପାଟକୁରା |
| ୧୧୩ | ତେଣ୍ଡାକୁଡା - ୯୪୩୯୦୮୧୫୫୦ | : | ତେଣ୍ଡାକୁଡା, ପଳସୁଧା, ବନ୍ତଳା |
| ୧୧୪ | ବଙ୍ଗାଳପୁର - ୮୭୬୩୫୨୮୧୯୩ | : | ବଙ୍ଗାଳପୁର, ଭଗବାନପୁର |
| ୧୧୫ | ବେଡାରି - ୯୪୩୮୩୬୭୫୮୬ | : | ବେଡାରି, ପଦ୍ମପୁର |
| ୧୧୬ | ତଳକୁସୁମା - ୯୪୩୮୩୬୭୫୮୬ | : | ତଳକୁସୁମା, ବନ୍ତଳା, କଳାବୁଦା |
| ୧୧୭ | ନଡିଆବରେଇ - ୯୪୩୮୧୪୧୭୦୦ | : | ନଡିଆବରେଇ, ରାମଚନ୍ଦ୍ରପୁର, ଟିକନପୁର |
| ୧୧୮ | ସାନଅଡଙ୍ଗା - ୯୯୩୮୫୩୨୭୭୨ | : | ସାନଅଡଙ୍ଗା, ଟିକନପୁର, ଭଗବାନପୁର, ମଧୁଶାସନ, ବେଡ଼ବେତରା |

ଧାନକ୍ରୟ ମଣ୍ଡିରେ କୋଭିଡ୍-୧୯ର ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ନିୟମ ପାଳନ କରିବା ସହିତ ସାମାଜିକ ଦୂରତା ବଜାୟ ରଖିବା, ମାସ୍କ ପରିଧାନ କରିବା ବାଧ୍ୟତାମୂଳକ ଅଟେ।

**ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡ଼ା**

**ସୌଜନ୍ୟ : ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା**

୩୯

# ବଦ୍ ଦୃଷ୍ଟାନ୍ତ

ଭାରତ ସରକାରଙ୍କ ଦ୍ୱାରା ନାଗରିକ ସଂଶୋଧନ ଆଇନ (ସିଏଏ) ୧୧ ଡିସେମ୍ବର ୨୦୧୯ରେ ଆସିବା ପରେ ଏହାକୁ ଦେଶବ୍ୟାପୀ ବିରୋଧ କରାଯାଇଥିଲା। ଏହାର ଉଗ୍ର ରୂପ ଦିଲ୍ଲୀରେ ଦେଖିବାକୁ ମିଳିଥିଲା। ଏଥିରେ ହଜାର ହଜାର ଲୋକ ଗିରଫ ହୋଇଥିବା ବେଳେ ଦଙ୍ଗା ସ୍ଥିତି ଉପୁଜିବା ପରେ ସରକାରୀ ସୂଚନା ଅନୁଯାୟୀ ୨୭ ଜଣଙ୍କ ପ୍ରାଣହାନି ଘଟିଥିଲା। ତେବେ ଉତ୍ତର ପୂର୍ବ ଦିଲ୍ଲୀରେ ଦଙ୍ଗାକୁ ଉସୁକାଇଥିବା ଅଭିଯୋଗରେ ଦିଲ୍ଲୀ ପୋଲିସ ୧୫ ଜଣଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ କରିବା ପରେ ତାହା ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ବୋଲି ଆଲୋଚନା ହେଲା। ଏବେ ଦଙ୍ଗାଜନିତ ଅଧିକାଂଶ ମାମଲା ଲଢୁଥିବା ଓକିଲ ମେହମୁଦ ପ୍ରାଚାଙ୍କ କାର୍ଯ୍ୟାଳୟ ଉପରେ ଚଢ଼ାଉ ହେବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯିବା କେନ୍ଦ୍ର ସରକାରଙ୍କ ଅସୂୟାଭାବକୁ ପଦାରେ ପକାଇ ଦେଇଛି ବୋଲି ସମାଲୋଚନା ଆରମ୍ଭ ହେଲାଣି। କାରଣ ଦିଲ୍ଲୀ ପୋଲିସ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଆସୁଥିବାରୁ ସତେ ଯେମିତି ଦଙ୍ଗା ତଦନ୍ତକୁ ପାଣିଚିଆ କରିଦେବା ହୋଇଯାଇଛି ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଅଥଚ ଦିଲ୍ଲୀ ପୋଲିସ କହିଛି ଯେ, ପ୍ରାଚାଙ୍କ କାର୍ଯ୍ୟାଳୟ ସହିତ ତାଙ୍କ ଇମେଲ୍‌ରେ ଅନେକ ଆପତ୍ତିଜନକ ମେଟାଡାଟା ଅଛି।

ଜଣେ ଆଇନଜୀବୀ ହୁଅନ୍ତୁ ବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସେମାନେ ନିଜ ମହକିଲଙ୍କ ସୁବିଧା ପାଇଁ କାର୍ଯ୍ୟ କରିଥାଆନ୍ତି। ସେମାନଙ୍କୁ ଆକ୍ରୋଶମୂଳକ ଟାର୍ଗେଟ କରାଯିବା ସୂଚାଇଦେଉଛି ଯେ, କେନ୍ଦ୍ର ସରକାର ପୋଲିସ ବଳ ଲଗାଇ ସବୁକିଛି ଦବାଇ ଦେବାକୁ ଚାହୁଁଛନ୍ତି। ପ୍ରାଚାଙ୍କ କାର୍ଯ୍ୟାଳୟ ଉପରେ ଚଢ଼ାଉ କରାଯିବା ପରେ ବିଭିନ୍ନ ଓକିଲ ସଙ୍ଗଠନ ଏଭଳି ପଦକ୍ଷେପକୁ ବିରୋଧ କରିଛନ୍ତି। ଦିଲ୍ଲୀ ଦଙ୍ଗା ଭଳି ଏକ ସମ୍ବେଦନଶୀଳ ଘଟଣାରେ କେହି ଓକିଲ ଯେଭଳି ନ ଲଢ଼ିବେ ସେଥିପାଇଁ ପ୍ରାଚାଙ୍କ କାର୍ଯ୍ୟାଳୟ ଉପରେ ଚଢ଼ାଉ କରାଯାଇ ଅନ୍ୟମାନଙ୍କ ମଧ୍ୟରେ ଭୟ ସଞ୍ଚାର କରାଯାଉଥିବା କୁହାଯାଉଛି। ବାସ୍ତବରେ ଓକିଲ ଓ ମହକିଲଙ୍କ ମଧ୍ୟରେ କେଉଁଭଳି କଥାବାର୍ତ୍ତା କରାଯାଉଛି ଜାଣିବା ଉଚିତ ନୁହେଁ। ପୋଲିସର କର୍ତ୍ତବ୍ୟ ହେଉଛି ଅପରାଧଜନିତ ଘଟଣାର ସ୍ୱଚ୍ଛ ତଦନ୍ତ କରି ପ୍ରମାଣ ଯୋଗାଡ଼ କରିବା। ତାହା କରିପାରିଲେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସମ୍ଭବପର ହୋଇପାରେ। ପ୍ରାଚାଙ୍କ କାର୍ଯ୍ୟାଳୟ ଉପରେ କରାଯାଇଥିବା ପୋଲିସ ଚଢ଼ାଉରୁ ଗୋଟିଏ କଥା ବୁଝାପଡୁଛି। ସମ୍ଭବତଃ ଦିଲ୍ଲୀ ପୋଲିସ ପାଖରେ ସିଏଏ, ଏନ୍‌ଆର୍‌ସି ବିରୋଧରେ ଆନ୍ଦୋଳନ କରୁଥିବା ଭାରତୀୟ ମୁସଲମାନଙ୍କୁ ଅପରାଧରେ ଫସେଇବା ଭଳି କୌଣସି ତଥ୍ୟ ମିଳିନାହିଁ। ସେଥିପାଇଁ ହତାଶ ହୋଇ ଦିଲ୍ଲୀ ପୋଲିସ ଏଭଳି ଚଢ଼ାଉର ମାଧ୍ୟମ ଆପଣାଇଛି। ଏହା ଜଣାଶୁଣା ଯେ, ଡାକ୍ତରଙ୍କ ଭଳି ଓକିଲ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ମହକିଲମାନେ ସବୁ ସତକଥା କହିଥାଆନ୍ତି। ଓକିଲଙ୍କୁ ବାଟବଣା କଲେ ନିଜର କ୍ଷତି ହେବାର ସବୁ ଆଶଙ୍କା ଥିବାରୁ ଅପରାଧୀ ମଧ୍ୟ ଅପରାଧକୁ ଓକିଲ ସମ୍ମୁଖରେ ସ୍ୱୀକାର କରିଥାଏ। କିନ୍ତୁ ମହକିଲ ଏବଂ ଓକିଲଙ୍କ ମଧ୍ୟରେ ଥିବା ସମ୍ପର୍କର ଗୋପନୀୟତାକୁ ସମ୍ମାନ ଦିଆଯାଇଥାଏ। ଅନ୍ତର୍ଜାତୀୟ ସ୍ତରରେ କନ୍‌ଫିଡେନ୍‌ସିଆଲିଟି କ୍ଲଜରେ ଏହିଭଳି ସମ୍ପର୍କ ବନ୍ଧା ହୋଇ ରହିଥାଏ। ତେଣୁ ସେହି ବୃତ୍ତିଗତ ସମ୍ପର୍କକୁ ଭାଙ୍ଗିଦେଲେ ଆଇନ ବ୍ୟବସ୍ଥାର ପତନ ଘଟିବ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୯-୨୦ରେ ସିଏଏ, ଏନ୍‌ଆର୍‌ସି ବିରୋଧୀ ଆନ୍ଦୋଳନ ଓ ପରବର୍ତ୍ତୀ ସମୟରେ ଦିଲ୍ଲୀରେ ଘଟିଥିବା ଦଙ୍ଗାରେ ଦିଲ୍ଲୀ ପୋଲିସର ଭୂମିକା ସନ୍ଦେହଜନକ ଥିଲା। ସମସ୍ତଙ୍କ ମନେଥିବ ଯେଉଁଭଳି ଭାବେ କେତେ ଜଣ ମୁସଲମାନ ଯୁବକ ରାସ୍ତାରେ ରକ୍ତାକ୍ତ ହୋଇ ପଡ଼ିଥିବା ବେଳେ ଦିଲ୍ଲୀ ପୋଲିସର ଅଫିସରମାନେ ସେମାନଙ୍କୁ ଜନଗଣମନ ଗାଇବାକୁ ବାଧ୍ୟ କରିବା ସହ ଲାଠିରେ କେଞ୍ଚା ମାରିଥିଲେ। ଏହା ସ୍ୱୀକାର କରାଯାଇପାରେ ଯେ, ଏବେକା ସ୍ଥିତିରେ ସେଭଳି ଭିଡିଓ ଅନେକଙ୍କୁ ସନ୍ତୋଷଲାଭ କରାଇପାରେ। ସେମାନେ ହୁଏତ ଜାଣିପାରୁ ନାହାନ୍ତି ଯେ, ସରକାରୀ କଳର ଅପବ୍ୟବହାର ଛୁରିର ଦୁଇପଟର ଧାର ଭଳି କାର୍ଯ୍ୟ କରିଥାଏ। ଆଜି ମୁସଲମାନଙ୍କ ବିରୋଧରେ ଦିଲ୍ଲୀ ପୋଲିସର ବ୍ୟବହାର ଏବଂ କାର୍ଯ୍ୟକଳାପ ଦୃଷ୍ଟାନ୍ତ ହୋଇଯାଇଛି। ଭବିଷ୍ୟତରେ ଅନ୍ୟ ରାଜ୍ୟର ପୋଲିସ ଭିନ୍ନ ସମ୍ପ୍ରଦାୟ ବିରୋଧରେ ସେଭଳି ବ୍ୟବହାର ପ୍ରଦର୍ଶନ କରିପାରେ। କେଉଁଠାରେ ମୁସଲମାନ ବିରୋଧୀ ହେଲେ ଅନ୍ୟ କେଉଁଠାରେ ଆଦିବାସୀ, ଦଳିତ, ପଛୁଆବର୍ଗ କିମ୍ବା ଅନ୍ୟ କୌଣସି ରୂପରେ ସେଭଳି ଅତ୍ୟାଚାର ପ୍ରକଟ ହୋଇପାରେ।

## ସାପ୍ତାହିକ ପଞ୍ଜିକା

**ଡିସେମ୍ବର ୨୧:** ବ୍ରିଟେନରେ ଚିନ୍ତା ବଢ଼ାଇଲା କରୋନାର ନୂଆ ରୂପ।
➢ବରିଷ୍ଠ କଂଗ୍ରେସ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମୋତିଲାଲ ଭୋରାଙ୍କ ଦେହାନ୍ତ।
**ଡିସେମ୍ବର ୨୨:** ଭୁବନେଶ୍ୱରରେ ବ୍ରିଟେନ ଫେରନ୍ତା କରୋନା ପଜିଟିଭ।
➢୯ ମାସ ପରେ ଖୋଲିଲା ଶ୍ରୀମନ୍ଦିର।
**ଡିସେମ୍ବର ୨୪:** ରାଉରକେଲାରେ ହେବ ବୃହତ୍ତମ ହକି ଷ୍ଟାଡ଼ିୟମ।
➢କରୋନାରୁ ୧୦ ବର୍ଷ ନିସ୍ତାର ମିଳିବ ନାହିଁ ବୋଲି ମଞ୍ଜୁରୀପ୍ରାପ୍ତ ଟିକା ପ୍ରସ୍ତୁତକାରୀ ସଂସ୍ଥା ସତର୍କ କରାଇଦେଇଛନ୍ତି।
**ଡିସେମ୍ବର ୨୫:** ସୁରେଶ ମହାପାତ୍ର ହେଲେ ରାଜ୍ୟ ମୁଖ୍ୟ ଶାସନ ସଚିବ।
**ଡିସେମ୍ବର ୨୬:** ଡିସେମ୍ବର ୨୯ରେ କେନ୍ଦ୍ର-କୃଷକ ଆଲୋଚନା ହେବ।
➢୨୧ ବର୍ଷ ବୟସରେ ଥିରୁଭାନନ୍ତପୁରମ୍‌ର ମେୟର ହେବେ ଆର୍ଯ୍ୟା ରାଜେନ୍ଦ୍ରନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | C | | | E | | | 7 | | B | | 4 | |
| | | | | | 7 | 3 | | 2 | | | | 6 | | |
| 9 | B | | 1 | | 5 | D | | | | E | | 2 | | |
| 1 | | 3 | | | 6 | | | | D | 9 | | | | |
| 7 | 6 | | | | | A | | | | | 8 | | | |
| 2 | | | | | 3 | 4 | 7 | | | | 5 | | | |
| | | 7 | | C | 4 | | 3 | | | | | 1 | | |
| 8 | | | | | | | E | | | 3 | 1 | | | C |
| | D | | 6 | | | 0 | | A | 8 | | | B | | 4 |
| | 4 | | | E | B | 9 | | 8 | 6 | | | A | | |
| 6 | | B | | | | | | | 9 | 8 | | | | |
| | | A | | | | | 2 | | | B | | | | E |
| | 0 | | | | E | | | 5 | 1 | | D | | | |
| | 9 | | 8 | 4 | | | | | | | C | | | 2 |
| D | 8 | | | | 9 | | 6 | | A | | | 3 | 5 | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | A | 5 | 6 | 2 | 3 | 8 | D | 0 | 4 | B | E | 7 | C | 1 |
| 0 | 6 | 3 | A | 4 | E | 7 | 2 | C | 8 | 5 | 1 | 9 | B | D |
| B | 2 | 1 | 9 | 7 | 8 | 3 | E | A | D | 0 | C | 5 | 4 | 6 |
| D | C | 8 | 1 | 5 | 0 | 9 | 4 | B | 6 | 7 | A | 3 | E | 2 |
| 7 | E | 4 | B | D | C | 5 | 1 | 6 | 2 | 3 | 9 | 0 | 8 | A |
| 8 | 4 | 2 | 3 | 0 | D | A | 5 | E | B | 1 | 6 | C | 9 | 7 |
| C | 7 | 6 | 5 | 8 | 1 | 0 | 9 | D | E | A | 2 | B | 3 | 4 |
| 1 | 3 | 9 | 7 | 6 | B | C | 8 | 2 | 5 | 4 | 0 | D | A | E |
| E | 0 | D | 2 | 9 | A | B | 7 | 4 | C | 8 | 3 | 1 | 6 | 5 |
| A | 5 | B | E | C | 4 | 6 | 3 | 1 | 9 | D | 7 | 2 | 0 | 8 |
| 2 | 9 | A | C | 1 | 6 | 4 | B | 3 | 7 | E | 5 | 8 | D | 0 |
| 3 | B | E | D | A | 5 | 2 | 0 | 8 | 1 | C | 4 | 6 | 7 | 9 |
| 5 | 8 | 7 | 4 | B | 2 | E | C | 9 | 0 | 6 | D | A | 1 | 3 |
| 4 | D | 0 | 8 | 3 | 9 | 1 | 6 | 7 | A | 2 | B | E | 5 | C |
| 6 | 1 | C | 0 | E | 7 | D | A | 5 | 3 | 9 | 8 | 4 | 2 | B |

ଗତକାଲିର ଉତ୍ତର

# ଓଡ଼ିଆ ଅସ୍ମିତାର ପ୍ରଶ୍ନ



ଅମାତ୍ୟ କୁମାର ପ୍ରଧାନ

ଡିସେମ୍ବର ତୃତୀୟ ସପ୍ତାହରେ ଓଡ଼ିଆ ଅସ୍ମିତାର ବିଭିନ୍ନ ବିଷୟ ଉପରେ ଯେଉଁସବୁ ପ୍ରସଙ୍ଗ ଉତ୍ଥାପନ କରାଯାଇଛି ତାହା ଯେ କୌଣସି ସଚେତନ ଓଡ଼ିଶାବାସୀଙ୍କ ମନକୁ ଆନ୍ଦୋଳିତ କରିବ। ଉଠାଯାଇଥିବା ପ୍ରଶ୍ନର ଅନ୍ତରାଳରେ ଥିବା ମୂଳ ତତ୍ତ୍ୱର ଅନୁଶୀଳନ ବର୍ତ୍ତମାନର ଆବଶ୍ୟକତା। ଓଡ଼ିଶା ଅସ୍ମିତାର ସାଂସ୍କୃତିକ, ଆର୍ଥିକ, ଜୀବନ ଜୀବିକା, ଭାଷା ଓ କଳା ସମ୍ବଳିତ ବିଷୟ ଉପରେ ଅନେକଗୁଡ଼ିଏ ମୌଳିକ ପ୍ରସଙ୍ଗ ଉପରେ ଚର୍ଚ୍ଚା କରିବା ପାଇଁ ଏହା ଖୋରାକ ଯୋଗାଇଛି।

ଆମେ ସମସ୍ତେ ଅବଗତ ଯେ ୧ ଏପ୍ରିଲ ୧୯୩୬ ମସିହାରେ ଓଡ଼ିଶା ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ହିସାବରେ ଗଠନ ହେଲା। ସେ ସମୟର ପ୍ରଚଣ୍ଡ ସ୍ୱାଭିମାନୀ ଲଢୁଆ ତଥା ବଳିଷ୍ଠ ନେତୃତ୍ୱର ଅଧିକାରୀ ତତ୍କାଳୀନ ଭୌଗୋଳିକ ପରିସୀମା ଅନ୍ତର୍ଗତ ସବୁ କୋଣରୁ ବୀର ବରପୁତ୍ରମାନେ ଯଥା ପୂର୍ବ ଓଡ଼ିଶାର ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍ତର ଓଡ଼ିଶାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ଦକ୍ଷିଣ ଓଡ଼ିଶାର ହରିହର ପଣ୍ଡା, ବ୍ରଜସୁନ୍ଦର ଦାସ, ପଶ୍ଚିମ ଓଡ଼ିଶାର ମଦନ ମୋହନ ମିଶ୍ର, ବଳଭଦ୍ର ସୂପକାରଙ୍କ ଆପ୍ରାଣ ଉଦ୍ୟମ ଫଳରେ ଜନ୍ମ ନେଇଥିଲା ଆଜିର ଓଡ଼ିଶା। କହିବା ବାହୁଲ୍ୟ ଯେ, ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ରାଜ୍ୟ ଗଠନର ବିନ୍ଧାଣୀମାନେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ସମବେତ ହୋଇ ମିଳିତ ସ୍ୱର ଉତ୍ତୋଳନ କରିଥିଲେ। ସେହି ସମୟର ପ୍ରସିଦ୍ଧ କବି, ଲେଖକ ଯଥା- ଗଙ୍ଗାଧର ମେହେର, ରାଧାନାଥ ରାୟ, ମଧୁସୂଦନ ଦାସ ପ୍ରମୁଖଙ୍କ ସ୍ୱାଧୀନଚେତା ଲେଖନୀ ଏହି ଆନ୍ଦୋଳନକୁ ଇନ୍ଧନ ଯୋଗାଇବାରେ ସହାୟକ ହୋଇଥିଲା।

ସେହିଭଳି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ଓଡ଼ିଶାର ଯୋଗଦାନ ଅତୁଳନୀୟ। ସେହି ସମୟର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ପୂର୍ବ ଓଡ଼ିଶାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ହରେକୃଷ୍ଣ ମହତାବ, ସୁନ୍ଦରଗଡ଼ ଉପାନ୍ତ ଅଞ୍ଚଳର ବିର୍ସା ମୁଣ୍ଡା, ଢେଙ୍କାନାଳର ବାଜି ରାଉତ, ଖୋର୍ଦ୍ଧାର ବକ୍ସି ଜଗବନ୍ଧୁ, ପୁରୀର ଚାଖି ଖୁଣ୍ଟିଆ, ଜୟୀ ରାଜଗୁରୁ, ଦକ୍ଷିଣ ଓଡ଼ିଶାର ଲକ୍ଷ୍ମଣ ନାୟକ, ବିଜୁ ପଟ୍ଟନାୟକ, ପଶ୍ଚିମ ଓଡ଼ିଶାର ବୀର ସୁରେନ୍ଦ୍ର ସାଏ, ମାଧୋ ସିଂଙ୍କ ପରିବାର, ନାରୀ ନେତ୍ରୀ ମାଳତୀ ଦେବୀ, ପାର୍ବତୀ ଗିରି, ରମା ଦେବୀ ପ୍ରମୁଖଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ।

ଦୁର୍ଭାଗ୍ୟ ହେଲା ଭାରତ ସ୍ୱାଧୀନତା ପରେ ଅନ୍ୟ ରାଜ୍ୟ ସବୁ ଯଥା ହିନ୍ଦୀ ଭାଷାଭାଷୀ ଅଞ୍ଚଳ ନିଜ ଭାଷାକୁ କେତେ ଶିଖରକୁ ନେଇଗଲେ। ବଙ୍ଗଳା ଭାଷା ଆଜି କେତେ ପରିପୁଷ୍ଟ, ଯେଉଁ ରାଜ୍ୟରେ କି ରବୀନ୍ଦ୍ରନାଥ ଟାଗୋର ନୋବେଲ ପୁରସ୍କାର ପାଇଲେ । ବଙ୍ଗଳା ସାହିତ୍ୟକୁ ବିଶ୍ୱ ଦରବାରରେ ପରିଚିତ କରିବା ପାଇଁ ସେମାନଙ୍କ ଆପ୍ରାଣ ଉଦ୍ୟମ ଆମମାନଙ୍କଠାରୁ କେତେ ଆଗରେ। ଅନ୍ୟପକ୍ଷରେ ଇଂଲିଶ ଭାଷାକୁ ନିଜର ଅଭିବ୍ୟକ୍ତିର ମାଧ୍ୟମ କରିଥିବା ଅନ୍ୟ କେତେକ ଅଞ୍ଚଳ ହିନ୍ଦୀକୁ ନିଜ ଉପରେ ଆରୋପିତ ନ କରିବା ପାଇଁ ଆନ୍ଦୋଳନ କରିଛନ୍ତି ଓ ସଫଳ ମଧ୍ୟ। କିନ୍ତୁ ଭାଷାଭିତ୍ତିରେ ଗଠିତ ଓଡ଼ିଶା ପ୍ରଦେଶର ୮୪ ବର୍ଷ ବିତିବା ପରେ ଆମେ ଉପର ବର୍ଣ୍ଣିତ ବୀରମାନଙ୍କ ଉତ୍ତର ଦାୟାଦ ହିସାବରେ ଆମ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ କେତେଦୂର ଆଗେଇନେଇଛୁ ବା ଆଗେଇନେବାରେ ପ୍ରଚେଷ୍ଟା କରୁଛୁ ? ଯଦି ଆମ ପୂର୍ବ ପୁରୁଷମାନେ ଉପନିବେଶବାଦୀ ଇଂରେଜ ସରକାରଙ୍କ ବିରୋଧରେ ସାମୂହିକ ସଂଗ୍ରାମ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିପାରିଲେ, ନିଜ ଦ୍ୱାରା ଚୟନ କରାଯାଇଥିବା(ଯେକୌଣସି ଦଳ ହୁଅନ୍ତୁ) ଭାରତ ସରକାରଙ୍କଠାରୁ ଓଡ଼ିଆ ଅସ୍ମିତାରେ ପ୍ରସଙ୍ଗ ଉଠାଇବାରେ ବା ହାସଲ କରିବାରେ ପଛଘୁଞ୍ଚା କାହିଁକି? ମାତୃଭାଷା ହିଁ ଶିକ୍ଷଣ ଓ ଅଭିବ୍ୟକ୍ତିରେ ମୂଳପିଣ୍ଡ କହିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ୟୁପିଏସ୍‌ସି ଅନ୍ୟ ଭାଷାରେ ପରୀକ୍ଷା ହେଉଥିବା ବେଳେ ଓଡ଼ିଆ ଭାଷାରେ ପରୀକ୍ଷା କାହିଁକି ନୁହେଁ ?

ସେହିଭଳି ଜାତୀୟ ସ୍ତରରେ ଗଙ୍ଗାନଦୀକୁ ପବିତ୍ରତାର ସଂକେତ ହିସାବରେ ପ୍ରତିଷ୍ଠିତ କରିବାରେ ସଫଳ ଓ ଆମେ ମଧ୍ୟ ଗଙ୍ଗା ନଦୀରେ ବୁଡ଼ ପକାଇବା ଦ୍ୱାରା ମୋକ୍ଷ ପ୍ରାପ୍ତି ହୁଏ ବୋଲି ସମ୍ପୂର୍ଣ୍ଣ ବିଶ୍ୱାସ କରୁ। ଗଙ୍ଗାଜଳକୁ ସିଞ୍ଚନ ଦ୍ୱାରା ଆମ ଘର ଦ୍ୱାର ତଥା ବିଭିନ୍ନ ସ୍ଥାନ ପବିତ୍ର ହେବାର ଧାରଣା ରଖିଥିବାବେଳେ ଆମ ଓଡ଼ିଶାର ଜୀବନ ରେଖା 'ମହାନଦୀ' ଓ ଅନ୍ୟାନ୍ୟ ନଦୀକୁ ନେଇ ଆମେ କେତେ ଗର୍ବିତ। ଓଡ଼ିଶାର ଅଧାରୁ ଅଧିକ ଜିଲାକୁ ନିଜର ପବିତ୍ର ଜଳରେ ପ୍ଲାବିତ କରି ସମ୍ପୃକ୍ତ ଅଞ୍ଚଳର ଜନଜୀବନର ଅର୍ଥନୀତି, ସଂସ୍କୃତି, ଉଦ୍ଭିଦ ସମୂହ ତଥା ସମ୍ପୃକ୍ତ ଅଞ୍ଚଳ ପରିବେଶ ଓ ପ୍ରାଣୀ ସମୂହର ଜୀବନଯାପନର ଶୈଳୀକୁ ପ୍ରଭାବିତ କରିବାରେ ମହାନଦୀ ସହ ଅନ୍ୟାନ୍ୟ ନଦୀ ସମର୍ଥ ତା' ପ୍ରତି ଆମେ କେତେ କୃତଜ୍ଞ।

ହିନ୍ଦୁ ଧର୍ମ ଓ ସଂସ୍କୃତିରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଚନ୍ଦ୍ରଙ୍କ ସ୍ଥାନ ସର୍ବ ଭାରତୀୟ କ୍ଷେତ୍ରରେ କେତେ ଉଚ୍ଚରେ ସେହିଭଳି ଶ୍ରୀକୃଷ୍ଣଙ୍କ ଖେଳା ଲୀଳା ସମସ୍ତ ଘରେ ଅନୁଭୂତ । ହିନ୍ଦୁ ଧର୍ମାବଲମ୍ବୀ ଆବାଳ ବୃଦ୍ଧ ବନିତା ରାମଚରିତ ଓ କୃଷ୍ଣଲୀଳା ସହିତ ଅବଗତ, କିନ୍ତୁ ଓଡ଼ିଶାର ଆରାଧ୍ୟ ଦେବତା ଆମ ବଡ଼ ଠାକୁର ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଆମେ କେତେ ସଚେତନ? ଆମେ ଓଡ଼ିଆ ହିସାବରେ ତଥା ଜଗନ୍ନାଥ ସଂସ୍କୃତିର ଦାୟାଦ ହିସାବରେ ଗର୍ବ କରିବା କଥା ଯେ ଆମ ପ୍ରଭୁ କେବଳ ଓଡ଼ିଶାର ନୁହନ୍ତି ବରଂ ସାରା ଜଗତର। ଧର୍ମନିରପେକ୍ଷତାର ଚଳନ୍ତି ପ୍ରତିମା ଭକ୍ତ ସାଲବେଗ ଓ ଦାସିଆ ବାଉରୀଙ୍କୁ ଛାଡ଼ି ଯାହାଙ୍କ କଳ୍ପନା ଅସମ୍ପୂର୍ଣ୍ଣ। ଏହି ବୀର ଜାତି ଖ୍ରୀଷ୍ଟପୂର୍ବ ୨୬୧ରେ କଳିଙ୍ଗ ଯୁଦ୍ଧ ଲଢ଼ି ଚଣ୍ଡାଶୋକକୁ ଧର୍ମାଶୋକରେ ପରିବର୍ତ୍ତନ କରିବା ସାମର୍ଥ୍ୟ ରଖିଥିଲା, ଆଜି ଆମେ କେଉଁଠି ?

ପାରମ୍ପରିକ ଉତ୍କୃଷ୍ଟ ଖାଦ୍ୟ ଓ ବ୍ୟଞ୍ଜନରେ ମଧ୍ୟ ଓଡ଼ିଶାର ଉତ୍କର୍ଷତା ସର୍ବୋପରି। ଏ କ୍ଷେତ୍ରରେ ଯଦି ଅନୁଧ୍ୟାନ କରିବା ଆମେ ଜାଣିପାରିବା ଯେ କିଛି ଅଞ୍ଚଳର ପାରମ୍ପରିକ ଜଳଖିଆ ଯଥା ଇଡ୍‌ଲି ଓ ଦୋଷାକୁ ସାରା ଭାରତବର୍ଷର ପ୍ରାତଃ ଭୋଜନର ଅନିବାର୍ଯ୍ୟ ତାଲିକାଭୁକ୍ତ କରିବାରେ ସମର୍ଥ। ଆଉ ଗୋଟିଏ ଅଞ୍ଚଳର ଢୋକଳା, ଥେପଲା ଇତ୍ୟାଦି ବ୍ୟଞ୍ଜନକୁ ସାରା ଭାରତ କାହିଁକି ବିଶ୍ୱସ୍ତରରେ ପରିଚିତ କରାଇବାରେ ସଫଳ କିନ୍ତୁ ଆମ ପାରମ୍ପରିକ ବ୍ୟଞ୍ଜନ ଯଥା ଆରିସା, କାକରା, ଚକୁଳି ପିଠାକୁ ଆମେ ପ୍ରସାରିତ କରିବା ତ ଦୂରର କଥା ଏହାକୁ ବ୍ୟବହାର କରିବାରେ ଆମର ହୀନମନ୍ୟତା ସ୍ୱତଃ ପ୍ରତୀୟମାନ ହୁଏ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଆରିସା, କାକରା ଇତ୍ୟାଦି ଆମ ଓଡ଼ିଶାର ପାରମ୍ପରିକ ବ୍ୟଞ୍ଜନ ନିର୍ଦ୍ଦିଷ୍ଟ ସମୟରେ ଅବଧି ଭିତରେ ଖାଇବା ବୈଧତା (expiry) ନ ଥାଏ। ଆମେ ନିଜ ନିଜ ଅଞ୍ଚଳର ଯଥା ଢେଙ୍କାନାଳର ବରା, ମୟୂରଭଞ୍ଜର ମୁଢି ମାଂସ, ନିମାପଡାର ଛେନା ଝିଲି, ଓଡ଼ିଆ ରସଗୋଲା, ଛେନାପୋଡ଼, ପୁରୀର ଖଜା (ଜଗନ୍ନାଥଙ୍କ ଶୁଖିଲା ପ୍ରସାଦ), ସୁନ୍ଦରଗଡର ଠେଟିରିକୁ ନେଇ ଆହୁରି ପ୍ରଚାର ପ୍ରସାର ତଥା ବ୍ୟବସାୟ କରାଯାଇପାରନ୍ତା, ତାକୁ ନେଇ ଆମେ ଗର୍ବିତ ହେବ କଥା କିନ୍ତୁ ପାଣି ସମୁଦ୍ରର ବିନ୍ଦୁ ଭଳିଆ ଆମର ଅସ୍ତିତ୍ୱକୁ ଆମେ ହଜେଇଦେବାରେ ସଂଲଗ୍ନ। ଅବଶ୍ୟ ଜିଲ୍ଲା ସ୍ତରୀୟ ଉତ୍ସବ ଯଥା ପଲ୍ଲିଶ୍ରୀ ମେଳା ଇତ୍ୟାଦିରେ ଏହିଭଳି ବ୍ୟଞ୍ଜନଗୁଡ଼ିକ ପ୍ରସାର ପାଇଁ ସରକାରଙ୍କ ତରଫରୁ ଉଦ୍ୟମ କରାଯାଉଛି କିନ୍ତୁ ପ୍ରଶ୍ନ ହେଲା ଆମେ ସାଧାରଣ ଓଡ଼ିଆ କେତେ ଯତ୍ନବାନ।

ସେହିଭଳି ଆମର ପୂର୍ବପୁରୁଷ ସାଧବପୁଅମାନେ ବୋଇତ ବନ୍ଦାଣ କରି ବାଲି, ଜାଭା, ସୁମାତ୍ରାକୁ ସମୁଦ୍ର ପଥରେ ନୌକା ଯାତ୍ରାକରି ବାଣିଜ୍ୟ ପ୍ରତିଭାର ଉତ୍କର୍ଷତାର ପ୍ରମାଣ ଦେଇ ସାରିଛନ୍ତି। କଳା ସଂସ୍କୃତି କ୍ଷେତ୍ରରେ ଓଡ଼ିଶାର ଇତିହାସ ଗୌରବମୟ। ସପ୍ତାଶ୍ୱର୍ଯ୍ୟ କୋଣାର୍କର ବିନ୍ଧାଣି ବିଶୁ ମହାରଣାଠାରୁ ପୃଥିବୀ ପ୍ରସିଦ୍ଧ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପର୍ଯ୍ୟନ୍ତ ବ୍ୟାପ୍ତ। ସାହିତ୍ୟ ଓ ସୃଜନ ସିଳଟ କ୍ଷେତ୍ରରେ ରାଧାନାଥ ରାୟ, କବିସୂର୍ଯ୍ୟ ବଳଦେବ ରଥ, ଉପେନ୍ଦ୍ର ଭଞ୍ଜ, ଗଙ୍ଗାଧର ମେହେରଙ୍କଠାରୁ ଆରମ୍ଭ କରି ମନୋଜ ଦାସ, ରମାକାନ୍ତ ରଥ, ପ୍ରତିଭା ରାୟ ତଥା ଲୋକକବି ପଦ୍ମଶ୍ରୀ ହଳଧର ନାଗଙ୍କ ପର୍ଯ୍ୟନ୍ତ ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିଭାମାନଙ୍କ ଦ୍ୱାରା ଓଡ଼ିଶା ପରିପୁଷ୍ଟ।

'ସମୁଦ୍ରରେ ବିନ୍ଦୁ ନୁହେଁ, ଆମେ ହିଁ ସମୁଦ୍ର' ଏହି ଉକ୍ତିର ସତ୍ୟତା ପ୍ରତିପାଦନ ପାଇଁ ଆଉ ପ୍ରମାଣର ଆବଶ୍ୟକତା ନାହିଁ। ସ୍ୱାଧୀନତା ସଂଗ୍ରାମ ହେଉ କିମ୍ବା ଧର୍ମୀୟ ଚେତନା, ଜଳ ସମ୍ପଦ ହେଉ କି ଖଣିଜ ସମ୍ପଦ, ଉତ୍କର୍ଷ କଳା ହେଉ କି ନିଜ ଜାତି ଓ ମାଟି ତଥା ଭାଷା ପାଇଁ ଜୀବନକୁ ଉତ୍ସର୍ଗ କରିବା ମନୋବୃତ୍ତି କୌଣସି ଥିରେ ଆମ ଓଡ଼ିଆ ପୁଅ ପଛରେ ରହି ନାହିଁ। ଏବେ ପୁଣି ସମୟ ଆସିଛି ଏହି ବୀର ପୁତ୍ରମାନଙ୍କ ଉତ୍ତର ଦାୟାଦ ହିସାବରେ ଆଉଥରେ ଆମ ଚେତନାକୁ ଉଜ୍ଜୀବିତ କରିବା ଓ ଓଡ଼ିଶା, ଓଡ଼ିଆର ଅସ୍ମିତାକୁ ଉଚ୍ଚତର ସୋପାନରେ ପହଞ୍ଚେଇବାର ସଂକଳ୍ପ ନେବା।

ସମଗ୍ର ଶିକ୍ଷା କାର୍ଯ୍ୟାଳୟ, ସୁନ୍ଦରଗଡ଼
ମୋ: ୯୪୩୭୨୧୯୬୧୩

# ନିଷିଦ୍ଧ ନିଶାଦ୍ରବ୍ୟର ବ୍ୟବସାୟ



ଡା. ଉମେଶ ଚନ୍ଦ୍ର ପାତ୍ର

ଜାତିସଂଘରେ ଗଞ୍ଜେଇ ଓ ଭାଙ୍ଗକୁ ଔଷଧର ମାନ୍ୟତା ପ୍ରସଙ୍ଗକୁ ନେଇ ସମଗ୍ର ପୃଥିବୀରେ ଏକ ପ୍ରକାର ବଡ଼ ଚର୍ଚ୍ଚା ଜୋର ଧରିଛି। କାରଣ ଏଯାବତ୍ ଏ ଦୁଇଟି ଜିନିଷ ନାର୍କୋଟିକ ଆଇନ ପରିଧି ଭିତରେ ଆସୁଥିଲା। ମାନବ ସଭ୍ୟତା ଆରମ୍ଭରୁ ସମାଜ ବହୁ ପ୍ରକାର ନିଶା ଦ୍ରବ୍ୟକୁ ଆଦରି ଆସିଛି। ଏହି ନିଶା ଦ୍ରବ୍ୟ ଲୋକମାନଙ୍କର ଚିନ୍ତା,ଭାବନା,ଆବେଗ,ଭୋକ,ନିଦ୍ରା, ଯୌନ, ଇଚ୍ଛା, ବ୍ୟଥା ଉପଶମ ଓ ବ୍ୟବହାରରେ ନିୟନ୍ତ୍ରଣ ଆଣିବା ପାଇଁ ବ୍ୟବହାର କରାଯାଇଥାଏ, କିନ୍ତୁ ଦିନକୁ ଦିନ ନିଶା ବ୍ୟବହାର କରୁଥିବା ଲୋକମାନଙ୍କର ବର୍ଦ୍ଧିତ ଓ କ୍ରମବର୍ଦ୍ଧିଷ୍ଣୁ ମାତ୍ରା ସମାଜ ପାଇଁ ଏକ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଏହାର ନିରାକରଣ ପାଇଁ ଜରୁରିକାଳୀନ ପଦକ୍ଷେପ ନିଆ ନ ଗଲେ ସମାଜ ଧ୍ୱଂସାଭିମୁଖୀ ହେବ, ଏହା ନିଃସନ୍ଦେହ। ଏହି ବ୍ୟବସାୟ ଅତ୍ୟନ୍ତ ଲାଭଦାୟକ ହୋଇଥିବାରୁ ଏହା ବିଭିନ୍ନ ଅସାମାଜିକ ବ୍ୟକ୍ତି, ଅନୁଷ୍ଠାନକୁ ଆକୃଷ୍ଟ କରିଛି, ଯାହା କି ବିଶ୍ୱବାସୀଙ୍କ ଚିନ୍ତାର ବିଷୟ ପାଲଟି ଗଲାଣି। ସାଧାରଣତଃ ପ୍ରଚଳିତ ନିଶାଦ୍ରବ୍ୟଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି। ଯଥା - (୧) ଆଇନ ସମ୍ମତ - ଦେଶର ଆଇନ ବ୍ୟବସ୍ଥା ଯେଉଁ ନିଶାର ବ୍ୟବହାର ଓ ଉତ୍ପାଦନ ଆଦିକୁ ଅନୁମତି ଦେଇଥାଏ, ଯେମିତି କି ଭାରତରେ ମଦ, ପାନ, ବିଡ଼ି, ସିଗାରେଟ, ଗୁଟ୍‌ଖା, ଭାଙ୍ଗ ଇତ୍ୟାଦି। (୨) ଆଇନ ଅସମ୍ମତ - ଯେମିତି କି ହିରୋଇନ, ଗଞ୍ଜେଇ, ଅଫିମ, ଆମଫିଟାମିନ, ବ୍ରାଉନସୁଗାର, ଚରସ ଓ ହାସିସ୍ ଇତ୍ୟାଦି। ମୁଖ୍ୟତଃ ବିଶ୍ୱର ୭୫% ଅଫିମ ଆଫଗାନିସ୍ଥାନରୁ ଓ କୋକେନ୍ ହଣ୍ଡୁରାସରୁ ଉତ୍ପାଦନ ହୁଏ। ଏହି ନିଶା କାରବାର ଉପରୋକ୍ତ ଦୁଇ ଦେଶରୁ ଆରମ୍ଭ ହୋଇ ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପିଛି ଯଥା- ଆରବ ଦେଶ, ରୁଷିଆ, ୟୁରୋପ, ଆମେରିକା, ଭାରତ ଓ ଅନ୍ୟ ଛୋଟବଡ଼ ଦେଶ। ଏକ ରିପୋର୍ଟରୁ ଜଣାଯାଇଛି ଯେ, ଯେଉଁ ପଥ ଦେଇ ଏହି ନିଶାଦ୍ରବ୍ୟର ପରିବହନ ହୋଇଥାଏ ସେହି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ (ବଳାତ୍କାର, ହତ୍ୟା, ଡକାୟତି ଆଦି) ଅଧିକ ହୋଇଥାଏ। ଏହାର ବ୍ୟବସାୟ ବହୁପ୍ରକାର ଅସାମାଜିକ ବ୍ୟକ୍ତି ଓ ଅନୁଷ୍ଠାନକୁ ଆକୃଷ୍ଟ କରିଥାଏ। କାରଣ ଅନ୍ୟ ଯେକୌଣସି ବ୍ୟବସାୟ ତୁଳନାରେ ଏହା ଅଧିକ ଲାଭଜନକ। ଅଲକାଏଦା, ଆଇଏସଆଇଏସ ଭଳି ଆନ୍ତର୍ଜାତିକ ଆତଙ୍କବାଦୀ ସଙ୍ଗଠନମାନଙ୍କର ଏହା ମୁଖ୍ୟ ଆୟର ମାର୍ଗ। ଏକ ରୋମାଞ୍ଚକର ବିଷୟ ଏହି ନିଶା ବ୍ୟବସାୟ ସମଗ୍ର ବିଶ୍ୱବାଣିଜ୍ୟର ୧% ଅର୍ଥ।

ନିୟମିତ ନିଶା ସେବନ ଦ୍ୱାରା ମଣିଷର ସ୍ୱାସ୍ଥ୍ୟ, ଚାଲିଚଳନ, ପାରିବାରିକ, ସାମାଜିକ ସମ୍ପର୍କ କାର୍ଯ୍ୟଦକ୍ଷତା, ଅର୍ଥାଭାବ ଓ ଥଇଥାନ ସମସ୍ୟା ଇତ୍ୟାଦି ଦେଖାଯାଏ। ଯେପରି କି ଜଣ୍ଡିସ ବା କାମଳରୋଗ, ପେପ୍ଟିକ ଅଲସର, ନିଉରାଇଟିସ୍ ପାରାଲିସିସ୍, ହୃଦ୍‌ଘାତ, ଯକୃତଜନିତ ରୋଗ, ଅପସ୍ମାର ବାତ ଇତ୍ୟାଦି। ନିଶା ବ୍ୟବହାର ଦ୍ୱାରା କେତେକ ସୁପ୍ତ ମାନସିକ ରୋଗପୂର୍ଣ୍ଣ ମାନସିକ ରୋଗ ହିସାବରେ ଉଭା ହୋଇଥାଏ। ଯେପରି କି ଡିପ୍ରେସନ, ସିଜୋଫ୍ରେନିଆ, ସାଇକୋସିସ୍ ଇତ୍ୟାଦି। ନିୟମିତ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଅନେକ ମାନସିକ ରୋଗର ସମ୍ମୁଖୀନ ହୋଇଥାନ୍ତି। ଯେପରି କି ନିଦ୍ରାହୀନତା, ଆବେଗଜନିତ ସମସ୍ୟା, ସ୍ମରଣଶକ୍ତି କମିଯିବା, ସନ୍ଦେହ କରିବା ଦ୍ୱାରା ବିବାହ ବିଚ୍ଛେଦ ହେବା, ଆତ୍ମହତ୍ୟା ପ୍ରବଣତା ବଢ଼ିଯିବା, ଶୂନ୍ୟରୁ କଥା ଶୁଣିବା, ଅବାନ୍ତର କଥା ହେବା, ନିଶା ନ ଖାଇଲେ ନିଦ ନ ହେବା ଏବଂ ନିଶା ଛାଡ଼ିବାର ଇଚ୍ଛା ସତ୍ତ୍ୱେ ଛାଡ଼ି ନ ପାରିବା। ଭାରତରେ ନିଶା ଦ୍ରବ୍ୟର ବ୍ୟବହାର ବହୁଳଭାବେ ପଞ୍ଜାବରେ ଦେଖାଯାଏ ଏବଂ ଭାରତ ବର୍ଷରେ ପଞ୍ଜାବ ନିଶା ଜର୍ଜରିତ ରାଜ୍ୟ ଭାବେ ପରିଚିତ। ଏହା ସୂଚନାଯୋଗ୍ୟ, ବର୍ତ୍ତମାନ ରିଲିଜ ହୋଇଥିବା ହିନ୍ଦୀ ସିନେମା ଉଡତା ପଞ୍ଜାବ ଏହି ନିଶା କାରବାର ଓ ବ୍ୟବହାରକୁ ବିଷୟକୁ ନେଇ ଆଧାରିତ। ଏହି ରାଜ୍ୟ ଅନ୍ତର୍ଭୁକ୍ତ ସୀମା ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରେ ନିଶା କାରବାର ଏକ କୌଳିକ ବୃତ୍ତି ଭାବରେ ଆଦରି ନେଲେଣି। ଯେଉଁ ବ୍ରାଉନ ସୁଗାରର ଦର ସୀମାପାର୍ଶ୍ୱରେ ୧ଲକ୍ଷ ସେହି ଦ୍ରବ୍ୟ ଦିଲ୍ଲୀରେ ୧କୋଟି ଟଙ୍କା ହୋଇଯାଏ। ଏହି ରାଜ୍ୟର ୭୫%ରୁ ଅଧିକ ଯୁବତୀ/ଯୁବକ ନିଶାଗ୍ରସ୍ତ ଅଟନ୍ତି। ଆମ ଓଡ଼ିଶାରେ ମଧ୍ୟ ଏହି ନିଶା ଦ୍ରବ୍ୟର ବ୍ୟବହାର କମ୍ ନୁହେଁ। ସାଧାରଣତଃ ଓଡ଼ିଶାର ଦକ୍ଷିଣ ଭାଗ ଯଥା ମାଓବାଦୀ ପ୍ରବଣ ଜିଲାଗୁଡ଼ିକରେ ନିଶାଦ୍ରବ୍ୟର ଉତ୍ପାଦନ ଅଧିକ ହୋଇଥାଏ। ନିଶାମୁକ୍ତ ସମାଜ ଗଠନ କରିବା ଯଦିଓ ଅସମ୍ଭବ, କିନ୍ତୁ ସଚେତନତା ଓ ସରକାରଙ୍କ ଉଚିତ ପଦକ୍ଷେପ ଦ୍ୱାରା ଏହାର ବ୍ୟବହାର ଓ ଉତ୍ପାଦନକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିହେବ। ନିଶାଗ୍ରସ୍ତ ରୋଗୀଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ନିତାନ୍ତ ଆବଶ୍ୟକ। ଆଇନଜ୍ଞ, ଶିକ୍ଷାବିତ୍, ପୋଲିସ୍, ଖବରକାଗଜ, ସାମାଜିକ ସ୍ୱେଚ୍ଛାସେବୀମାନଙ୍କର ସଚେତନତା, ମନସ୍ତତ୍ତ୍ୱବିତ୍, ଯଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞ ଏବଂ ସମାଜଅଭିମୁଖୀ ଚେଷ୍ଟା ଦ୍ୱାରା ଏହି ସମସ୍ୟାକୁ ଆମେ ଏଡ଼େଇ ପାରିବା।

ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜ, କଟକ,
ମୋ :୯୪୩୭୦୫୧୯୫୭

## ଏଇ ଭାରତରେ

ଜୀବନରେ ଘରପରିବାରକୁ ପଛ କରି ଅସହାୟ ପିଲାମାନଙ୍କୁ ଶିକ୍ଷାଦାନ କରିବାକୁ ବାହାରି ଆସନ୍ତି ଅହମ୍ମଦାବାଦର ଏକ ଦମ୍ପତି। ଦୀପକ ଏବଂ ମଞ୍ଜୀର ଚାକିରି କରିଥିଲେ। ଅବସର ନେବା ପରେ ନିଜ ପରିବାର ସହ ଅସହାୟ ପିଲାମାନଙ୍କୁ ଯୋଡ଼ି ଦେଇଛନ୍ତି। ସେମାନେ କରୋନା ମହାମାରୀ ସମୟରେ ବି ଏଭଳି ପିଲାମାନଙ୍କ ଶିକ୍ଷାର ଆବଶ୍ୟକତାକୁ ଉପଲବ୍ଧି କରି ପ୍ରତିଦିନ ୬ ଘଣ୍ଟା ସେମାନଙ୍କୁ ଅନଲାଇନରେ ପଢାଉଛନ୍ତି । ୩ୟରୁ ୧୦ମ ଶ୍ରେଣୀର ପିଲାମାନଙ୍କୁ ଯେଉଁମାନେ ଅର୍ଥାଭାବରୁ ସ୍କୁଲ ଯିବା ଲାଗି ଅକ୍ଷମ ସେମାନଙ୍କୁ ଶିକ୍ଷାଦାନ କରୁଛନ୍ତି । ଗରିବ ପିଲାଙ୍କୁ ପଢାଇବା ଲାଗି ସେମାନେ ଏବେ ଏହି ଅଭିଯାନ ଆରମ୍ଭ କରିନାହାନ୍ତି ବରଂ ୨୦୦୫ରୁ 'ଦାଦା-ଦିଦି ବିଦ୍ୟା ପରବ' ସଂସ୍ଥା ଗଢ଼ି ମାଗଣାରେ ପିଲାମାନଙ୍କୁ କୋଚିଂ ଦେଇ ଆସୁଛନ୍ତି । ଏବେ ସୁଦ୍ଧା ୧୦୦୦ରୁ ଉର୍ଦ୍ଧ୍ୱ ପିଲା ଏଥିରେ ଉପକୃତ ହୋଇପାରିଛନ୍ତି । ଏବେ ସେମାନେ ଅନଲାଇନରେ ୩୫ ଜଣ ପିଲାଙ୍କୁ ପଢାଉଛନ୍ତି। ସେମାନଙ୍କୁ ମୋବାଇଲ ରିଚାର୍ଜ ଭାଉଚର ବି ଯୋଗାଉଛନ୍ତି। ଦୀପକ ଗୁଜରାଟ ଷ୍ଟେଟ ଫାଇନାନ୍ସ କର୍ପୋରେଶରେ ୨୦୦୪ ପର୍ଯ୍ୟନ୍ତ ଚାକିରି କରିଥିଲେ। ଅବସର ନେବାପରେ ସେ ଏହି ଅଭିଯାନ ଆରମ୍ଭ କରି ଗରିବ ପିଲାମାନଙ୍କୁ ଶିକ୍ଷାର ଧାରାରେ ଯୋଡିବାରେ ଲାଗିଛନ୍ତି। କୋଭିଡ୍ କଟକଣା ହଟିବା ପରେ ପୁଣି ତାଙ୍କ ଶିକ୍ଷାଦାନ ଅଭିଯାନକୁ ବ୍ୟାପକ କରିବେ ବୋଲି କହିଛନ୍ତି ଦୀପକ।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଡିସେମ୍ବର ୧୯୯୫

- ଚୀନର ଉତ୍ତର-ପୂର୍ବ ପିଙ୍ଗୁ ପ୍ରଦେଶରେ ଏକ ଏମ୍‌ଇ ସହ ଡର୍ମାଟରୀରେ ପାଇପ ଫାଟି ବିଷାକ୍ତ ଗ୍ୟାସ ନିର୍ଗତ ହେବା ଫଳରେ ୧୩ ଜଣ ପିଲାଙ୍କ ମୃତ୍ୟୁ।
- ସିମଲାସ୍ଥିତ ମଣ୍ଡିଠାରୁ ୩୫ କିଲୋମିଟର ଦୂର ବାରୋଟଠାରେ ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୨୦୦ ମିଟର ତଳକୁ ଖସିପଡ଼ିବା ଫଳରେ ୩୦ ଜଣ ଯାତ୍ରୀଙ୍କ ପ୍ରାଣହାନୀ।

## ପାଠକ ଶ୍ରେଷ୍ଠ ବିଚାରକ

### ଜୀବନ କୌଶଳ ଶିକ୍ଷା ଦିଆଯାଉ

ମହାଶୟ,

ନୂତନ ଜାତୀୟ ଶିକ୍ଷା ନୀତି ଭିତରେ ଭାଷା, ସଂଖ୍ୟା, ରଙ୍ଗ, ଆକାର, ଖେଳ, ପଜଲ, ବିଭିନ୍ନ ଭାବନା, ସମସ୍ୟା ସମାଧାନ ଚିତ୍ରାଙ୍କନ, ନାଟକ ସଙ୍ଗୀତ ଆଦି ଅନେକ ବିଷୟ ସାମିଲ କରାଯିବାକୁ ଗୁରୁତ୍ୱ ଦିଆଯାଇଛି । ଏହା ଭଲକଥା । ଏବେ ଦେଖାଯାଉଛି ଯେ ଅନେକ ପିଲା ବହୁ ପାଠ ପଢି ସେହି ବିଷୟରେ ପୋଖତ ଜ୍ଞାନ ଅର୍ଜନ କରି ବାହାରୁଛନ୍ତି । ହେଲେ ତାହାକୁ ବ୍ୟବହାରିକ ଜ୍ଞାନରେ, କାମରେ ଲଗାଇଲା ବେଳେ ସବୁ ଫେଲ୍ ହେଉଛି । ତାଙ୍କର ମାନବିକତା ଜ୍ଞାନ ରହୁନାହିଁ । ବୃତ୍ତିଗତ ଜ୍ଞାନ ରହୁନାହିଁ । କୌଣସି ଏକ କାମରେ ଅସଫଳ ହେଲେ ନିଜର ଭାରସାମ୍ୟ ହରାଇ ଆତ୍ମହତ୍ୟା, ହତ୍ୟା, ଚୋରି, ଡକାୟତି ଭଳି କୁକର୍ମମାନ କରିବାକୁ ପଛାଉ ନାହାନ୍ତି । ଏମିତି କି ପିଲାମାନେ ଟେକ୍‌ନିକାଲ କାମରେ ପୋଖତ ହୋଇଥିବାବେଳେ ସେହି କାମ ସମ୍ପର୍କିତ କୌଣସି ଚାକିରି ନ ମିଳିଲେ ଅବା ଚାକିରି ମିଳିଲେ ମଧ୍ୟ ଏଟିଏମ୍ ଚୋରି, ଲକର ଚୋରି, ବ୍ୟାଙ୍କ ଲୁଟ୍, ବସ୍, ଟ୍ରକ ଅପହରଣ, ବିମାନ ଅପହରଣ, ସାଇବର କ୍ରାଇମ ଭଳି ବଡ ବଡ ଚୋରି କାମରେ ନିଜକୁ ନିୟୋଜିତ କରୁଛନ୍ତି। କିଛି ପିଲା ମାଓବାଦୀ ସାଜି ସରକାରଙ୍କ ସହିତ ବାଜି ଲଗାଇ ନାନା ପ୍ରକାର କାଣ୍ଡ କରୁଛନ୍ତି । ଏଠି ଜୀବନ କୌଶଳ ଶିକ୍ଷା ପିଲାଟି ପାଖରେ ନ ଥିବାରୁ ଏସବୁ କାମ ସେ କରିବାକୁ ପଛାଉନାହାନ୍ତି। କେଉଁଟା ଭଲ ମନ୍ଦ ତାହା ଜାଣିପାରୁନାହିଁ । ଜାଣି ଜାଣି ବି ଭୁଲ୍ କରିବସୁଛି । ଏଠି ଆମ ସରକାର ପିଲାଙ୍କୁ ମଣିଷ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଲାଭ କ'ଣ ହେଉଛି ? ମଣିଷ ଜାଣିପାରୁନି ଯେ, ମଣିଷର ସଂଜ୍ଞା କ'ଣ ? ମଣିଷ କାହିଁକି ପୃଥିବୀରେ ଶ୍ରେଷ୍ଠ ଜୀବ ବୋଲାଏ । ତେଣୁ ଏ ଦିଗରେ ଶିକ୍ଷା ବିଶେଷଜ୍ଞମାନେ ଆଲୋଚନା କରି ଜୀବନ କୌଶଳ ପାଠ୍ୟକ୍ରମକୁ ଶିକ୍ଷାନୀତିରେ ସାମିଲ କରି ପାଠ ପଢାଇଲେ ଏ ସମସ୍ୟା ଦୂର ହେବ ବୋଲି ମନେହୁଏ ।

- ପ୍ରଦୀପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଳର ଏ ଯେ କଳ-ବେଦନା
ତୁଟାଇ ତବ ସବୁ ସାଧନା
ଝିଲ୍ଲୀ ଭେକ ଚଉପାଶରେ କାନ୍ଦଇ
ପରାଣ ମନ ନିଗଡ଼ ପାଶେ ବାନ୍ଧଇ।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫୦ ରୋଗୀଙ୍କୁ ଔଷଧ ବଣ୍ଟନ

**ବାଲେଶ୍ୱର ଅଫିସ:** ବାଲେଶ୍ୱର ସହର ସୁନହଟସ୍ଥିତ ଏକ ପ୍ରାଇମେରୀ ସ୍କୁଲରେ ମୁସଲିମ ୱେଲଫେୟାର୍ ସୋସାଇଟି ପକ୍ଷରୁ ସ୍ୱାସ୍ଥ୍ୟ ଚିକିତ୍ସା ଓ ଔଷଧ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଶିବିରରେ ଭଦ୍ରକ ଇଭନାନି ହସ୍‌ପିଟାଲରୁ ଡା. ଅବଦୁଲ ରସିଦ, ଡା. ସେକ୍ ମେହେମୁଦ୍ ସଲିମ୍ ପ୍ରମୁଖ ଚିକିତ୍ସା କରିଥିଲେ। ଶିବିରରେ ମୋଟ ୨୫୦ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଔଷଧ ବଣ୍ଟନ କରାଯାଇଛି।

## ସଂକ୍ଷେପରେ

### ୩ରେ ଜିଲା ସିନିୟର ଫୁଟବଲ ମହିଳା, ପୁରୁଷ ଚୟନ

**ବାଲେଶ୍ୱର ଅଫିସ, ୨୭।୧୨:** ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆସନ୍ତା ଜାନୁଆରୀ ୩ ତାରିଖରେ ପରମିଟ ପଡ଼ିଆଠାରେ ସିନିୟର ଫୁଟବଲ ଲାଗି ମହିଳା ଓ ପୁରୁଷ ଦଳ ଚୟନ କରାଯିବ। ଏଥିରୁ ଚୟନ ହୋଇଥିବା ଖେଳାଳିମାନେ ରାଜ୍ୟସ୍ତରୀୟ ଆନ୍ତଃ ଜିଲା ସହାଣୀ କପ ଫୁଟବଲ ପ୍ରତିଯୋଗିତାରେ ଭାଗ ନେବେ।

ଫଳରେ ଇଚ୍ଛୁକ ଖେଳାଳିମାନେ ଆସନ୍ତା ୩ତାରିଖ ପୂର୍ବାହ୍ନ ୯ଟା ସମୟରେ ଜିଲା ଷ୍ଟାଡ଼ିୟମ(ପରମିଟ ପଡ଼ିଆ)ଠାରେ ଉପସ୍ଥିତ ରହିବେ। ଖେଳାଳିମାନେ ସାଙ୍ଗରେ ତାଙ୍କର ଆଧାରକାର୍ଡ ଆଣିଥିବେ। ସବିଶେଷ ବିବରଣୀ ପାଇଁ ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଯୁଗ୍ମ ସମ୍ପାଦକ ନିମାଇଁ ଚରଣ ରାଉତରାୟ ଓ ସଞ୍ଜୟ ଲେଙ୍କାଙ୍କ ସହିତ ଯୋଗଯୋଗ କରିବାକୁ ଜିଲା କ୍ରୀଡ଼ାସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତି ଯୋଗେ ସୂଚନା ଦେଇଛନ୍ତି।

### ଜିଲା କନ୍‌ଜ୍ୟୁମର ଫୋରମ୍ ଗଠିତ

**ଭଦ୍ରକ ଅଫିସ,୨୭।୧୨:** ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ଆନୁକୂଲ୍ୟରେ ରାଜ୍ୟ ଉପଭୋକ୍ତା ମହିଳା ସଙ୍ଗଠନ ପରାମର୍ଶ କ୍ରମେ ରବିବାର ଭଦ୍ରକ ସହରର କୁଆଁସ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଦୈତାରୀ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ଜିଲା କନଜ୍ୟୁମର ଫୋରମ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶକୁନ୍ତଳା ଦାଶ, ସୁବାସ ଚନ୍ଦ୍ର ବୈରୀଗଞ୍ଜନ ପ୍ରମୁଖ ଉପସ୍ଥିତ ରହି କନଜ୍ୟୁମର ଫୋରମ୍ ଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ରାଜ୍ୟ ଖାଉଟି ସୁରକ୍ଷା ଦିବସ ପାଳନ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ରାଜ୍ୟ ଉପଭୋକ୍ତା ମହିଳା ସଙ୍ଗଠନ ପରାମର୍ଶକୁ ଗୁରୁତ୍ୱ ଦେଇ ଉପସ୍ଥିତ ସଭ୍ୟମାନଙ୍କୁ ନେଇ ଜିଲା କନଜ୍ୟୁମର ଫୋରମ୍ ଗଠନ କରାଯାଇଥିଲା।

### କଂଗ୍ରେସ କର୍ମୀ ବୈଠକ

**ରାଇରଙ୍ଗପୁର,୨୭।୧୨(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ରବିବାର କଂଗ୍ରେସ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଇରଙ୍ଗପୁର ଏବଂ କରଞ୍ଜିଆ ସବ୍‌ଡିଭିଜନ ପାଇଁ ନବ ନିଯୁକ୍ତ ଦଳୀୟ ପର୍ଯ୍ୟବେକ୍ଷକ ବିଦ୍ୟାଧର ଦେହୁରିଙ୍କ ସମେତ ରାଜ୍ୟ ଏସ୍‌ସି ସେଲ୍‌ର ଅଧକ୍ଷ ଅଶୋକ କୁମାର ନାଏକ ଏବଂ ସଂଖ୍ୟା ଲଘୁ ସେଲର ସମ୍ପାଦକ ସେକ୍ ଇକ୍‌ବାଲ ପ୍ରମୁଖ ଯୋଗଦେଇ ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରିବା ପାଇଁ ଆଲୋଚନା କରିଥିଲେ। ବୈଠକରେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଯୁବ ସଂଗଠକ ଏବଂ କର୍ମୀ ଉପସ୍ଥିତ ଥିଲେ। ଦଳୀୟ ସଂଗଠନ ପୁନର୍ଗଠନ ସକାଶେ ପ୍ରତି ପଞ୍ଚାୟତ, ବ୍ଲକ୍ ସମେତ ପୌରାଞ୍ଚଳର ୨୧ ଜଣିଆ କମିଟିର ନାମ ପିସିସିକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ଦୁଇ ପ୍ରାକ୍ତନ ବିଧାୟକ ଲକ୍ଷଣ ମାଝୀ, ଶ୍ୟାମ ଚରଣ ହାଁସଦା, ହରି ଗିରି, ପ୍ରଫୁଲ ସାହୁ, ପ୍ରଭା ଦାସ, ରାଇରଙ୍ଗପୁର ଟାଉନ ସଭାପତି ହରିହର ମହାନ୍ତ,ବସନ୍ତ କୁମାର ପଟ୍ଟନାୟକ, ଗୋଲକ ବିହାରି ମହାନ୍ତି, ଭାଗିରଥି ପାତ୍ରଙ୍କ ସମେତ ବିଭିନ୍ନ ବ୍ଲକ୍‌ର କର୍ମୀଏବଂ ଯୁବକର୍ମୀ ଯୋଗ ଦେଇଥିଲେ ।

### ଦଳର ଶକ୍ତି ବୃଦ୍ଧି ଲାଗି ଦେଲେ ଗୁରୁମନ୍ତ୍ର

**ରୂପ୍‌ସା, ୨୭।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅନ୍ତର୍ଗତ ବସ୍ତା ଭାଜପା ମଣ୍ଡଳସ୍ତରୀୟ ୨ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ରଞ୍ଜନ କୁମାର ମହାନ୍ତି ଶିବିରରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ପ୍ରଶିକ୍ଷଣ ସଂଯୋଜକ ପର୍ଶୁରାମ ପରିଡ଼ା, ସାଧାରଣ ସମ୍ପାଦକ ଦେବାଶିଷ ମହାପାତ୍ର, ଅରବିନ୍ଦ ବେହେରା, ଅସୀତ ମହାନ୍ତି, ପ୍ରଦୀପ ପଣ୍ଡା ପ୍ରମୁଖ ଯୋଗଦେଇ ଦଳର ଶକ୍ତି ବୃଦ୍ଧି ଦିଗରେ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ପ୍ରଶିକ୍ଷକ ଭାବେ ଅଦୈତ୍ୟ ବାଗ୍, ଅଜୟ ସାହୁ, ଦେବବ୍ରତ ନନ୍ଦ, ସୁଶାନ୍ତ ବେରା, ସୂର୍ଯ୍ୟନାରାୟଣ ସାହୁ, ମାନସ ଦାସ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଯୁବମୋର୍ଚ୍ଚା ସଭାପତି ଧିରେନ ସେଠୀ ପ୍ରାରମ୍ଭିକ ସୂଚନା ଓ ବିନୟକେତନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବାଡ଼ ଅଛି, ଗଛ ନାହିଁ

## ଉଜୁଡ଼ିଯାଉଛି ରାସ୍ତା ପାର୍ଶ୍ୱ ବନୀକରଣ

**ଚମ୍ପୁଆ, ୨୭।୧୨(ଡି.ଏନ.ଏ.)**

ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ ସରକାର ରାସ୍ତାପାର୍ଶ୍ୱ ବନୀକରଣ ଲାଗି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ କିଛି ଦିନ ମଧ୍ୟରେ ରାସ୍ତାପାର୍ଶ୍ୱ ବନୀକରଣ ଉଜୁଡ଼ିଯାଉଛି। ବାଡ଼ ଅଛି, ବତା ଅଛି, ଗଛ ନାହିଁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ପର୍ଶଲା ପଞ୍ଚାୟତର ଗୋପିନାଥପୁରଠାରେ। ରାସ୍ତାପାର୍ଶ୍ୱରେ ଲାଗିଥିବା ୪୦୦ରୁ ଊର୍ଦ୍ଧ୍ୱ ଚାରାରୁ ନାମକୁ ମାତ୍ର କେଇଟା ବଞ୍ଚିଥିବା ବେଳେ ଅନ୍ୟଗୁଡ଼ିକ ଦେଖିବାକୁ ମିଳୁନାହିଁ। ନିୟମିତ ପାଣି ଦିଆ ନ ଯିବା ଓ ଯତ୍ନ ଅଭାବରୁ ଗଛଗୁଡ଼ିକ ମରିଯାଇଥିବା ସ୍ଥାନୀୟ ଲୋକ ମତ ଦେଇଛନ୍ତି।

ଏମ୍‌ଜିଏନ୍‌ଆରଇଜିଏସ୍ (ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ଅନୁସାରେ ଗୋପୀନାଥପୁରଠାରୁ ଅରଡ଼େଇ ନଦୀ ପର୍ଯ୍ୟନ୍ତ ୩ଲକ୍ଷ ବ୍ୟୟ ଅଟକଳରେ ଚାରାରୋପଣ କରାଯାଇଥିଲା। ଏନେଇ ଏକ ଅସମ୍ପୂର୍ଣ୍ଣ ସୂଚନାଫଳକ ଲଗାଯାଇ ରାସ୍ତାର ଉଭୟପାର୍ଶରେ ବାଉଁଶ ବତା ଓ ସବୁଜ ବାଡ଼ ଲଗାଯାଇ ସ୍ଥାନୀୟ ଲୋକଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଥିଲା। ବର୍ଷାଦିନରେ ବନୀକରଣ ନିୟମ ରହିଥିବା ବେଳେ ଏହି କାର୍ଯ୍ୟ ବର୍ଷାଦିନ ଶେଷଭାଗରେ କରାଯାଇଥିଲା। ମାତ୍ର ପରେ ଏହାର ରକ୍ଷଣାବେକ୍ଷଣ ତଥା ପାଣି ଦିଆଯାଇ ନ ଥିବାରୁ ୪ ମାସ ଭିତରେ ପ୍ରାୟ ଅଧାରୁ ଅଧିକ ଗଛ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। କେଉଁଠି ବତା ଉପୁଡ଼ି ପଡ଼ିଛି ତ କେଉଁଠି ସବୁଜ ବାଡ଼ ଆଉ ନାହିଁ। ଏପରିକି କେଉଁଠି ମଶାରୀ କପଡ଼ା ବାଡ଼ ଦିଆଯାଇଛି। ଫଳରେ ୩ଲକ୍ଷ ପାଣିରେ ପଡ଼ିବାର ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ଜିଆର୍‌ଏସ ଶନି ସାହୁ କହିଛନ୍ତି ଯେ, ଏହି କାର୍ଯ୍ୟରେ ମାତ୍ର ୧ଲକ୍ଷ ଟଙ୍କା ବିଲ୍ କରାଯାଇଛି। ବିଭାଗୀୟ ଯନ୍ତ୍ରୀ ଗଛ ନ ବଞ୍ଚିଲେ ବିଲ୍ କରିବେ ନାହିଁ ବୋଲି ରୋକଠୋକ ଜଣାଇଦେବା ପରେ ଗ୍ରାମସାଥୀଙ୍କୁ ଜଣାଇଦେଇଛି। ସେ ୧୦ଦିନ ମଧ୍ୟରେ ନୂତନ ଗଛ ଲଗାଇବା ସହ ନିୟମିତ ପାଣି ଦେଇ ଗଛ ବଞ୍ଚାଇବେ ବୋଲି ସୂଚନା ଦେଇଛନ୍ତି।



ଗୋପୀନାଥପୁର ରାସ୍ତା ପାର୍ଶ୍ୱରେ ଲଗାଯାଇଥିବା ଚାରାଗୁଡ଼ିକ ମରିଯାଇଛି।

# ଦୁଇ ମନ୍ଦିରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା



ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ବିଧାୟକ ଇଂ. ସୁକାନ୍ତ ନାୟକ ଓ ଅନ୍ୟମାନେ।

**ସଜନାଗଡ଼, ୨୭।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ମା' ଭୂଧାରଚଣ୍ଡୀ ମନ୍ଦିର ପରିସର ଓ ତତ୍‌ସଂଲଗ୍ନ ରାଜ୍ୟ ରାଜପଥ ସଜନାଗଡ଼ ବଜାର ରାସ୍ତାର ଉଭୟ ପାର୍ଶ୍ୱରେ ନୂତନ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଛି। ଏହି ଲାଇଟ୍‌ଗୁଡ଼ିକୁ ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ ଓ ସରପଞ୍ଚ ସବିତା ଖାଲପାଳିଆ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ନରୋତ୍ତମ ଖଣ୍ଡେଇ, ଅଜୟ ରାଉତ, ବିଜୟ ବେହେରା, ସଞ୍ଜୟ ନାୟକ, ଉପେନ୍ଦ୍ର ଦାସ, ଗଙ୍ଗାଧର ମିଶ୍ର ଓ ରାଜୀବ ଦାସବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ ନୀଳଗିରି ବ୍ଲକର ଅଯୋଧ୍ୟାର ମାରିଚି ମନ୍ଦିର ଏବଂ ସଂଗ୍ରାହଳୟରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଛି । ଏହି ଦୁଇ ପ୍ରକଳ୍ପର ମୋଟ ଅଟକଳ ମୂଲ୍ୟ ୧୯ଲକ୍ଷ ୮୭ହଜାର ୪୬୨ଟଙ୍କା ହୋଇଥିବା ବେଳେ ୨୦୨୦-୨୧ ଆର୍ଥିକ ବର୍ଷ ଆଇଟିଡିଏ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦନ ହୋଇଥିଲା।

# ଦିବ୍ୟାଙ୍ଗ ମଞ୍ଚର ଆନ୍ଦୋଳନ ଚେତାବନୀ

**କପ୍ତିପଦା,୨୭।୧୨(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ରେ ୨ ହଜାରରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ବସବାସ କରୁଛନ୍ତି। ସେମାନଙ୍କ ନିକଟରେ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ପହଞ୍ଚୁ ନ ଥିବା ବେଳେ ସେମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି । ସେ ସମ୍ପର୍କରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସଚେତନ ମଧ୍ୟ କରାଯାଉ ନାହିଁ। ଦିବ୍ୟାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ । ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ ନିଦାବିଷ୍ଟ ସାଜିଛି। ଏପରିକି ଲିଖିତ ପ୍ରତିଶୃତି ଦେଇ ମଧ ପ୍ରଶାସନ ତାହା ପାଳନ କରିବାରେ ଟାଳଟୁଳନୀତି ଅବଲମ୍ବନ କରିଛି। ସେମାନଙ୍କୁ ସହଯୋଗ କରିବା ପାଇଁ କୌଣସି ରାଜନୈତିକ ବ୍ୟକ୍ତି ବିଶେଷ, ବୁଦ୍ଧିଜୀବୀ କିମ୍ବା ସଚେତନ ନାଗରିକଙ୍କର ଆନ୍ତରିକତା ମଧ ଦେଖିବାକୁ ମିଳୁନାହିଁ। ତେଣୁ ହକ୍ ଆଦାୟ କରିବାକୁ ହେଲେ ସଂଗ୍ରାମ ଓ ଆନ୍ଦୋଳନର ଆବଶ୍ୟକ ଅଛି ବୋଲି କପ୍ତିପଦା ଦିବ୍ୟାଙ୍ଗ ମଞ୍ଚର ସଭାପତି ମନୋରଞ୍ଜନ ଜେନା ପ୍ରକାଶ କରିଛନ୍ତି। ଆଗାମୀ ଜାନୁୟାରୀ ୪ ତାରିଖ ସୁଦ୍ଧା ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ କପ୍ତିପଦା ଦିବ୍ୟାଙ୍ଗ ମଞ୍ଚ ବ୍ଲକ୍ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ଦିନ ପାଇଁ ଧାରଣାରେ ବସିବ ବୋଲି ଚେତାବନୀ ଦେଇଛନ୍ତି । ଏ ସଂକ୍ରାନ୍ତରେ ସେମାନଙ୍କର ଏକ ପ୍ରତିନିଧି ଦଳ କପ୍ତିପଦା ବିଡିଓ ସତ୍ୟନାଥ ନାଏକଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।



ଦିବ୍ୟାଙ୍ଗ ମଞ୍ଚର କର୍ମକର୍ତ୍ତାମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି ।

## ଟ୍ରକ୍ ଚକା ତଳେ ପଶିଗଲା ବାଇକ୍ ରକ୍ଷା ପାଇଗଲେ ଆରୋହୀ

**କେନ୍ଦୁଝର, ୨୭।୧୨(ସ୍ୱ.ପ୍ର.)**

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବନାଯୋଡ଼ି ଗ୍ରାମ ନିକଟରେ ଏନ୍‌ଏଚ୍ ୨୦ରେ ରବିବାର ପୂର୍ବାହ୍ନରେ ଏକ ଲୁହାପଥର ବୋଝେଇ ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ ହେଁ ଗୁରୁତର ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି। ପୋଲିସ ଟ୍ରକ ଜବତ କରି ତଦନ୍ତ କରୁଛି। ଗୁରୁତର ବାଇକ୍ ଆରୋହୀ ହେଲେ ସ୍ଥାନୀୟ ପୁଟଳ ଗ୍ରାମର ମହୁର ମହାରଣା। ଉକ୍ତ ଗ୍ରାମ ନିକଟରେ ସୂଚନାଫଳକ ନ ଥିବାରୁ ଗ୍ରାମରୁ ରାସ୍ତାକୁ ବାହାରୁ ଥିବା ଲୋକମାନେ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହେଉଛି।

# ବିଦ୍ୟୁତ୍‌କାଟ ବନ୍ଦ ନ କଲେ ଆନ୍ଦୋଳନ

**ପାଟଣା,୨୭।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗାସ୍ଥିତ ବିଦ୍ୟୁତ୍ ସବଡିଭିଜନରୁ ପାଟଣା ଓ ସାହାରପଡା ବ୍ଲକର ୪୦ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ବିଦ୍ୟୁତ ପାଇଥାନ୍ତି। ତେବେ ହାତୀ ଚଳପ୍ରଚଳକୁ ଆଳ କରି ଦୀର୍ଘ ୧୫ଦିନରୁ ଊର୍ଦ୍ଧ୍ୱ ସମୟ ହେବ ପ୍ରତ୍ୟକ ଦିନ ମଧ୍ୟରାତ୍ରିରୁ ସକାଳ ୭ଟାପର୍ଯ୍ୟନ୍ତ ଅଘୋଷିତ ଭାବେ ବିଦ୍ୟୁତ୍‌କାଟକୁ ନେଇ ପାଟଣା ଅଞ୍ଚଳରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗୁରବାର ପାଟଣା ସୁରକ୍ଷା ମଞ୍ଚ ଆବାହକ ବିଜୟ ରତ୍ନ ପତି ଏହାକୁ ତୀବ୍ର ବିରୋଧ କରିବା ସହ ଖୁବଶୀଘ୍ର ବିଦ୍ୟୁତ୍‌କାଟ ବନ୍ଦ ନ ହେଲେ ପାଟଣା ସୁରକ୍ଷା ମଞ୍ଚ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

# 'ସଂଘର୍ଷ ବିନା ଜୀବନ ମୂଲ୍ୟହୀନ'

**ଭଦ୍ରକ ଅଫିସ,୨୭।୧୨**

ସଂଘର୍ଷ ବିନା ଜୀବନ ମୂଲ୍ୟହୀନ। କିନ୍ତୁ ନିଜ ଜୀବନକୁ ବାଜି ଲଗାଇ ଯେଉଁ ଇଲେକ୍ଟ୍ରିସିଆନମାନେ ଆମକୁ ଜରୁରୀ ସମୟରେ ଅନ୍ଧକାରରୁ ମୁକ୍ତି ଦେଇ ଆଲୋକ ପ୍ରଦାନ କରିଥାନ୍ତି ସେମାନଙ୍କୁ ଯେତେ ପ୍ରଶଂସା କଲେ ମଧ କମ୍ ହେବ। ସେମାନଙ୍କ ସଂଘର୍ଷମୟ ଜୀବନରେ ଈଶ୍ୱର ଆଲୋକ ଭରି ଦିଅନ୍ତୁ ବୋଲି ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ନିକଟ କଲ୍ୟାଣ ମଣ୍ଡପଠାରେ ଜିଲା ଇଲେକ୍ଟ୍ରିସିଆନ ସଂଘର ୭ମ ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମତବ୍ୟକ୍ତ କରିଥିଲେ। ସଭାପତି ବସନ୍ତ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଲବମ୍ ଷ୍ଟାର ଅଭିଜିତ ମୁଖାର୍ଜୀ ଓ ମୁଖ୍ୟବକ୍ତା ବରିଷ୍ଠ ଖବରଦାତା ଭବାନୀ ମହାପାତ୍ର ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ହେମନ୍ତ ସ୍ୱାଇଁ, ରାମକୃଷ୍ଣ ପୃଷ୍ଟି, ଶ୍ରାବଣୀ କିନ୍ନର, ଉପଦେଷ୍ଟା ଶ୍ରୀକାନ୍ତ ପଣ୍ଡା, ନରେଶ ଗୁପ୍ତା, ସପନ ନାୟକ, ରମେଶ ଗୁପ୍ତା, ଆଶିଷ ଫୋଗଲା ଯୋଗ ଦେଇଥିଲେ। ରଞ୍ଜନ ପଣ୍ଡା ସମ୍ପାଦକୀୟ ବିବରଣୀ ରଖିବା ସହ ସଂଯୋଜନା କରିଥିଲେ। ସଭାପତି ଆଶୁତୋଷ ନନ୍ଦଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବରେ କଳାକାର ଚକ୍ରଧର ନାୟକ, ପ୍ରିୟା କିନ୍ନରଙ୍କ ସମେତ ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୪ ବଖରା ଜଳିଗଲା

**ସୋର, ୨୭।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ଗୋପୀନାଥପୁର ଗ୍ରାମର ନିରଞ୍ଜନ ବାରିକଙ୍କ ୪ ବଖରା ଜଳିଯାଇଛି। ସୋର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରଶାସନ ତରଫରୁ ସହଯୋଗ ମିଳି ନ ଥିବା ବେଳେ ଆଦର୍ଶ ଯୁବ ପରିଷଦର କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ପାଣିଗ୍ରାହୀ ଏହି ଅଗ୍ନିପିଡ଼ିତଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ପରିଷଦ ପକ୍ଷରୁ କମ୍ବଳ, ଶୀତବସ୍ତ୍ର, ଶୁଖିଲା ଖାଦ୍ୟ ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବାସହୀନ ହୋଇ ଥଣ୍ଡା କାକରରେ ପିଲାଛୁଆଙ୍କ ସହ ରହୁଥିବା ବେଳେ ତୁରନ୍ତ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି।

# ରାଜ୍ୟସ୍ତରୀୟ ଦିବାରାତ୍ର ଥ୍ରୋବଲ୍ ଟୁର୍ନାମେଣ୍ଟ




ଉଦ୍‌ଘାଟନୀ ସଭାରେ ଉପସ୍ଥିତ ଅତିଥିମାନେ।

**ବନ୍ତ,୨୭।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ପଞ୍ଚାୟତ ହାଇସ୍କୁଲ ପଡ଼ିଆଠାରେ ରବିବାର ପ୍ରଥମ ରାଜ୍ୟସ୍ତରୀୟ ଦିବାରାତ୍ର ଥ୍ରୋବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ସେକ୍ ମୁସ୍ତାକ ଅଲ୍ଲୀଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସମାଜସେବୀ ଇଂ. ଲକି ମାଷ୍ଟର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ରାଜେନ୍ଦ୍ର ବିଶ୍ୱାଳ, ରାଜ୍ୟ ଥ୍ରୋବଲର ପୂର୍ବତନ ସମ୍ପାଦକ ଜିତେନ୍ଦ୍ର ଦାଶ, ଶିକ୍ଷକ ସୁଧାଂଶୁ ଶେଖର ମହାନ୍ତି, ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ୟାକତ୍ ଅଲ୍ଲୀ, ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ନାରାୟଣ ଚନ୍ଦ୍ର ନାୟକ, ମାର୍କଣ୍ଡ ବେହେରା ଓ ସଞ୍ଜୟ ମଜୁମଦାର ଯୋଗ ଦେଇଥିଲେ। ୫ ଜିଲାର ୧୫ ଦଳ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ସେକ୍ ଆଜାରୁଦ୍ଦିନ୍, ଜଗନ୍ନାଥ ଦ୍ୱିବେଦୀ, ଯଶୋବନ୍ତ ପରମଗୁରୁ ପରିଚାଳନା କରୁଛନ୍ତି।

# ଜିଲାରେ ରେଳପଥର ବିକାଶ ପାଇଁ ଦାବି

**ବାରିପଦା ଅଫିସ ୨୭।୧୨**

ମୟୂରଭଞ୍ଜ ଏମ୍‌ପି ଇଂ. ବିଶ୍ୱେଶ୍ୱର ଟୁଡୁ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳବାଇର ଡିଆର୍‌ଏମ୍ ଏବଂ ଜିଏମ୍‌ଙ୍କୁ ଭେଟି ଜିଲାରେ ରେଳ ବିଭାଗର ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ଜିଲାର ଗଣପର୍ବ ମକର ସଂକ୍ରାନ୍ତି ଉପଲକ୍ଷେ ଜିଲା ବାହାରେ ଥିବା ବିଭିନ୍ନ ବର୍ଗର ଲୋକେ ନିଜ ନିଜ ଘରକୁ ଆସିବା ପାଇଁ ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସକୁ ଅନ୍ତତଃ ୧୫ଦିନ ପାଇଁ ଚାଲୁ କରିବା ସହିତ ଫେବୃଆରୀ ମାସରୁ ଏଥିରେ ଏସି ବଗି ସଂଯୋଗ କରାଯିବା, ପୁରୀ ଯାଉଥିବା ସାପ୍ତାହିକ ଟ୍ରେନକୁ ସବୁଦିନ ଚଳାଚଳ କରିବା, ବାଙ୍ଗିରିପୋଷିଠାରେ ରେଲୱେ ଗୋଡାଉନ କରିବା, କେନ୍ଦୁଝର ତଥା ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ, ବାଦାମପାହାଡ଼ ଓ ଝାଡ଼ଖଣ୍ଡର ଚାଇବସା ଆଦିସ୍ଥାନରୁ ଲୁହାପଥର ଟ୍ରାନ୍ସପୋର୍ଟ ପାଇଁ ବାଙ୍ଗରିପୋଷିଠାରେ ରେଲୱେ ସାଇଡିଂ ନିମାଣ କରିବା ପାଇଁ ଏମ୍‌ପି ଦାବି କରିଛନ୍ତି । ରାଜଘାଟରୁ ଧାମରା ପର୍ଯ୍ୟନ୍ତ ରେଳପଥ ନିର୍ମାଣ ହେବାକୁ ଥିବା ବେଳେ ମୟୂରଭଞ୍ଜ ଜିଲାର ସବୁ ଶ୍ରେଣୀର କିଛି ଲୋକ କିପରି ନିଯୁକ୍ତି ପାଇପାରିବେ ସେଥିନେଇ ମଧ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଜିଏମ୍ ବିଦ୍ୟା ଭୂଷଣ ମଧ ସହମତି ପ୍ରକାଶ କରି ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ଯଥାଶୀଘ୍ର ରେଳ ଚଳାଚଳ ଆରମ୍ଭ କରିବେ ବୋଲି କହିଥିଲେ। ଏହି ସବୁ ବ୍ୟବସ୍ଥା କରାଗଲେ ଆଖପାଖ ଗ୍ରାମର ହଜାର ହଜାର ପରିବାର ରୋଜଗାର ପାଇବେ ବୋଲି ଏମ୍‌ପି ଟୁଡୁ କହିଛନ୍ତି । ଏହି ପ୍ରସ୍ତାବ ଉପରେ ଡିଆର୍‌ଏମ୍ ଶଶିକାନ୍ତ ସିଂହଙ୍କ ସହିତ ଏମ୍‌ପି ଆଲୋଚନା କରିଥିବା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିଆର୍‌ୟୁସିସି ଏବଂ ଜେଡ୍‌ଆର୍‌ୟୁସିସି ସଦସ୍ୟ ହେମନ୍ତ ଶାହ ଉପସ୍ଥିତ ଥିଲେ ।



ରେଲୱେ ଜିଏମ୍‌ଙ୍କ ସହ ଏମ୍‌ପି ବିଶ୍ୱେଶ୍ୱର ଟୁଡୁ ଆଲୋଚନା କରୁଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଅଗରବତି ମେସିନ**
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

**FINANCE**
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450
7325861595

**ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା**
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**GALLERY TOWER COMPANY**
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 +
ଭଡ଼ା 45000
9485687401
8901064681

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ହିତାଧିକାରୀଙ୍କୁ ପ୍ରତାରଣା ଅଭିଯୋଗ

ବନ୍ତ,୨୭।୧୨(ଡି.ଏନ.ଏ.): ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବେଆଇନ ଭାବେ ବିଜୁ ପକ୍କାଘର ଯୋଜନାରେ ଲୋଗୋ ଷ୍ଟିକରିଂ କରି ହିତାଧିକାରୀଙ୍କୁ ପ୍ରତାରଣା କରିଥିବା ଭାଜପା ପକ୍ଷରୁ ବନ୍ତ ଥାନାରେ ଅଭିଯୋଗ କରାଯାଇଛି। ଭଣ୍ଡାରିପୋଖରୀ ଭାଜପା ନେତା ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ମଣ୍ଡଳ ସଭାପତି ଖଗେଶ୍ୱର ବେହେରା, ନବକିଶୋର ବଳ, ଗୋପାଳକୃଷ୍ଣ ଦାଶ, ପଙ୍କଜିନୀ ଲେଙ୍କା, ତପନ ବାରିକ, ଅକ୍ଷୟ ନାୟକ, ସନ୍ତୋଷ ନାୟକ, ପ୍ରମୋଦ ଜେନା ପ୍ରମୁଖ ଥାନାଧିକାରୀ ମିନା ବିନ୍ଧାଣୀଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

### ପୋଡ଼ି ହୋଇ ମହିଳାଙ୍କ ମୃତ୍ୟୁ

ବୈଶିଙ୍ଗା,୨୭।୧୨(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଯୁଗପୁରା ଗ୍ରାମର ଜଣେ ମହିଳା ପୋଡ଼ି ହୋଇ ପ୍ରାଣ ହରାଇଛନ୍ତି। ମୃତକ ହେଲେ ମଙ୍ଗୁ ମୁର୍ମୁଙ୍କ ସ୍ତ୍ରୀ ଗୀତା। ଶନିବାର ପାରିବାରିକ କଳହ ଯୋଗୁ ଗୀତା ନିଆଁରେ ପୋଡ଼ି ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପିଆର୍‌ଏମ୍ ମେଡ଼ିକାଲରେ ଭର୍ତ୍ତି କରାଯାଇଥିବା ବେଳେ ରବିବାର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ବୈଶିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୬/୨୦) ରୁଜୁ ହୋଇଛି।

### ପାଟଣା ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ପାଟଣା,୨୭।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସ୍ଥିତ ଷ୍ଟାଡିୟମ ଠାରେ ଶନିବାର ଠାରୁ ପାଟଣା କ୍ରିକେଟ କ୍ଲବ ତରଫରୁ ୬ ଦିନିଆ କ୍ରିକେଟ ପ୍ରିମିୟର ଲିଗ୍ ଉଦଘାଟିତ ହୋଇଛି। ଏହି ଲିଗ ରେ ଜିଲାର ବିଭିନ୍ନ ସ୍ଥାନରୁ ବଛା ବଛା ୮ଟି କ୍ରିକେଟ ଟିମ୍ ଅଂଶ ଗ୍ରହଣ କରିବେ। ଆଜିର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣା ବ୍ଲକ ପୂର୍ବତନ ଅଧକ୍ଷ ଇଂ ବିଦ୍ୟାଧର ଦାଶ , ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଜୟ କୁମାର ଦାଶ, ଯୁବନେତା ବିଜୟ ରତ୍ନ ପତି ଓ ପାଟଣା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶଙ୍କର୍ଷଣ ସାହୁ ପ୍ରମୁଖ ଯୋଗ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରି ଶୁଭେଚ୍ଛା ଜଣାଇଥିଲେ। ପ୍ରଥମ ଦିନ ଖେଳରେ କେନ୍ଦୁଝର ଓ ଚମ୍ପୁଆ ମଧରେ ଅନୁଷ୍ଠିତ ହୋଇଥିବା ବେଳେ କେନ୍ଦୁଝର ଟିମ୍ ୫ ଉଇକେଟ୍‌ରେ ବିଜୟୀ ହୋଇଥିଲା। ଅମ୍ପାୟାର ଭାବେ ଖେଳ କୁ ସ୍ଥାନୀୟ ମହାବିଦ୍ୟାଳୟ ର କ୍ରୀଡା ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁ ଓ ପ୍ରଦୀପ ଦାଶ ପରିଚାଳନା କରିଥିଲେ।

### ଉପଖଣ୍ଡସ୍ତରୀୟ ଚାଷୀ ସଚେତନତା ଶିବିର

ଚମ୍ପୁଆ, ୨୭।୧୨(ଡି.ଏନ.ଏ): କେନ୍ଦୁଝର ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ତଥା ଚମ୍ପୁଆ ପ୍ରାଣୀଧନ ଚିକିତ୍ସା ବିଭାଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାମୁଦଳକ ଠାରେ ଗୃହପାଳିତ ପ୍ରାଣୀମାନଙ୍କ ରୋଗ ନିୟନ୍ତ୍ରଣ ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡର ଝୁମ୍ପୁରା, ଯୋଡ଼ା ଓ ଚମ୍ପୁଆର ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ। ଏସଡିଭିଓ ଡା. ସୁବାସ ଚନ୍ଦ୍ର ଜେନା ଉଦ୍‌ଘାଟନ କରିଥିବା ବେଳେ ଏଭିଏସ ଡା ଶିଦ୍ଧାନ୍ତ ଶେଖର ସାହୁ,ଏଭିଏସ ଶୁକାନ୍ତ କୁମାର ଶିଆଳ, ଏଭିଏସ ସତ୍ୟ ନାରାୟଣ ଜେନା ଓ ପ୍ରାଣି ନିରୀକ୍ଷକ ତରଣୀ ଗିରି ପ୍ରମୁଖ ଯୋଗ ଦେଇଥିଲେ। ଗୃହପାଳିତ ପ୍ରାଣୀଙ୍କ କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ରୋଗ ନିରାକରଣ ଉପରେ ଚାଷୀଙ୍କୁ ବୁଝାଇଥିଲେ।

# ଶୀତ କାକରରେ ନିରାଶ୍ରୟ

କେନ୍ଦୁଝର, ୨୭।୧୨(ସ୍ୱ.ପ୍ର.)


ରାସ୍ତାକଡ଼ରେ ଶିଶୁମାନେ ଶୋଇଛନ୍ତି।

କେନ୍ଦୁଝର ସହରରେ ବାସହୀନ ଓ ଅସହାୟ ଲୋକଙ୍କ ପାଇଁ ରାତ୍ରି ଆଶ୍ରୟସ୍ଥଳୀ ଅଛି ହେଲେ ଦୂରତା ଦୃଷ୍ଟିରୁ ସେଠାକୁ ଯିବାକୁ ଲୋକେ ପସନ୍ଦ ନାହାନ୍ତି। ଫଳରେ ଏହି ଆଶ୍ରୟସ୍ଥଳୀ କାମରେ ଲାଗି ପାରୁନି। ସେଠାକୁ ଯାତାୟାତ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଏବେ ମଧ ଜିଲାପାଳଙ୍କ କାର୍ଯ୍ୟାଳୟ ଆଖପାଖ ରାସ୍ତା କଡ଼ରେ ବହୁ ନିରାଶ୍ରୟ ଏବଂ ସହରରେ କାମଧନ୍ଦା କରୁଥିବା ଲୋକ ପ୍ରବଳ ଥଣ୍ଡାରେ ମଧ ଆଶ୍ରୟ ନେବାକୁ ବାଧ ହେଉଛନ୍ତି । ଏପରିକି ଛୋଟ ପିଲାମାନେ ରାସ୍ତାକଡ଼ ଓ ଦୋକାନ ବାରଣ୍ଡାରେ ଶୋଉଥିବା ଦେଖିବାକୁ ମିଳୁଛି।

ମୁଖ୍ୟ ସହରଠାରୁ ୬ କି.ମି ଦୂର ତଥା କେନ୍ଦୁଝର ପୌରାଞ୍ଚଳର ପୁରୁଣା ସହର ଭୂମିଜ ସାହିରେ ୨୦୧୯ରୁ ରାଜ୍ୟ ସହରାଞ୍ଚଳ ବିକାଶ ସଂସ୍ଥା ସହାୟତାରେ ଚାଲିଆସୁଛି ଉକ୍ତ ଆଶ୍ରୟସ୍ଥଳୀ। ଏଠାରେ ୫୦ ଜଣ ଲୋକଙ୍କୁ ଆଶ୍ରୟ ଦେବା ପାଇଁ ବ୍ୟବସ୍ଥା ରହିଛି। ସେମାନଙ୍କୁ ରହିବା, ଶୋଇବା ସହିତ କମ୍ବଳ ଆଦି ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉଛି। ତେବେ ଏହାର ସୁରକ୍ଷା ପାଇଁ ଆଗ ଓ ପଛ ପାଚେରୀ ନ ଥିବାରୁ ବାହାର ଲୋକ, ଜୀବଜନ୍ତୁ ତଥା ପଶୁମାନଙ୍କ ଅବାଧ ପ୍ରବେଶ ଯୋଗୁ ଏହି ଆଶ୍ରୟସ୍ଥଳୀ ଅସୁରକ୍ଷିତ ଅବସ୍ଥାରେ ରହିଛି । ଏହାର ସୁରକ୍ଷା ପାଇଁ ୫ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି । କିନ୍ତୁ ବ୍ୟକ୍ତି ପିଛା କମ ଅର୍ଥ ମଞ୍ଜୁର ହେଉଥିବାରୁ ପରିଚାଳନା କିପରି ହେଉଥିବ ବେଶ ଅନୁମାନ କରିହେବ। ସେଥିରୁ ୫ଜଣଙ୍କ ପାଇଁ ଦୈନିକ ୪୦ ଟଙ୍କା ଏବଂ ଅବଶିଷ୍ଟମାନଙ୍କ ପାଇଁ ଦୈନିକ ୧୦ ଟଙ୍କା ହିସାବରେ ଖର୍ଚ୍ଚ ବ୍ୟବସ୍ଥା ରହିଥିବା ଦାୟିତ୍ୱରେ ଥିବା ଜଣେ କର୍ମଚାରୀ କହିଛନ୍ତି। ଲୋକଙ୍କୁ ସଚେତନ କରାଯାଇ ଆଶ୍ରୟସ୍ଥଳକୁ ଯିବାକୁ କୁହାଯାଉଛି। ସେହିପରି ବସ୍‌ରେ ଲୋକମାନେ ଯାଇ ପାରିବେ ବୋଲି ଆଶ୍ରୟସ୍ଥଳର ପରିଚାଳକ ଦୀପକ ଜେନା କହିଛନ୍ତି ।

### କାମରେ ଆସୁନି ରାତ୍ର ଆଶ୍ରୟସ୍ଥଳ

ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସରକାରୀ ବସ୍‌ଷ୍ଟାଣ୍ଡ ଥିବାବେଳେ କଟକ ବସ୍‌ଷ୍ଟପ ତଥା ଦୂରରେ ତେଲକୋଇ, ବଡ଼ବିଲ ତଥା ବାରିପଦା ବସ୍‌ଷ୍ଟପ ରହିଥିବାରୁ ଏହାର ମଧ୍ୟସ୍ଥଳରେ ଆଶ୍ରୟସ୍ଥଳୀ ପ୍ରତିଷ୍ଠା ହେଲେ ଅଧିକ ଲୋକ ଉପକୃତ ହୋଇ ପାରନ୍ତେ ବୋଲି ସାମାଜିକ କର୍ମୀ ପ୍ରଦୀପ ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ ଯେ, ଆଶ୍ରୟସ୍ଥଳୀ ସ୍ଥାପନ ପାଇଁ କୃଷକ ବଜାର ସ୍ଥାନରେ ପୂର୍ବରୁ ନିଷ୍ପତ୍ତି ହୋଇଥିଲା । କିନ୍ତୁ କାହିଁକି ଏଠାରେ ନ କରି ୬ କି.ମି. ଦୂରରେ କରାଗଲା ତାହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। କେନ୍ଦୁଝର ପୌରାଞ୍ଚଳରେ ସ୍ଥାୟୀ ଆଶ୍ରୟୀସ୍ଥଳ ଥିବା ବେଳେ ବଡ଼ବିଲ, ଚମ୍ପୁଆ, ଯୋଡ଼ା, ଆନନ୍ଦପୁର ପୌରାଞ୍ଚଳରେ ମଧ ସ୍ଥାୟୀ ଆଶ୍ରୟସ୍ଥଳୀ ସ୍ଥାପନା ପାଇଁ ଦାବି ହେଉଛି।

# ଗୋଳିହା ସମିତିରେ ଧାନକିଣା ଆରମ୍ଭ


ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ଖଇରା, ୨୭।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗୋଳିହା ସେବା ସମବାୟ ସମିତିରେ ରବିବାରଠାରୁ ଧାନକିଣା ଆରମ୍ଭ ହୋଇଛି। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କ୍ରୟକେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ନୃସିଂହ ଚରଣ ଦ୍ୱିବେଦୀ ପୂଜାର୍ଚ୍ଚନା କରିଥିଲେ । କୈଳାସ ଚନ୍ଦ୍ର ନାୟକ, କ୍ଷେତ୍ରମୋହନ ଖଟୁଆ, ଉଦ୍ଧବ ଚରଣ ଘଡାଇ, ପ୍ରଫୁଲ୍ଲ କୁମାର ସାହୁ, ପ୍ରଦୀପ କୁମାର ସାମଲଙ୍କ ସମେତ କ୍ରୟ କମିଟିର ସଭ୍ୟ ଭୀଷ୍ମଚରଣ ନାୟକ, ଗଜେନ୍ଦ୍ର ପ୍ରସାଦ ବେହେରା, ରମେଶ ଚନ୍ଦ୍ର ଘଡାଇ, ଦୁର୍ଗାଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସମିତି ସମ୍ପାଦକ ପ୍ରଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୩ଜଣ ଚାଷୀଙ୍କ ନିକଟରୁ ୪ଶହ କୁଇଣ୍ଟାଲ ଧାନ କିଣାଯାଇଥିଲା ।

# ରାଉତପଡ଼ା ଦଳ ଚାମ୍ପିୟନ

ରୂପ୍‌ସା, ୨୭।୧୨(ଡି.ଏନ.ଏ.)

### ଟି-୧୦ ଦିବାରାତ୍ର କ୍ରିକେଟ

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅଧୀନ ଆଙ୍କୋ ମା’ ମଙ୍ଗଳା କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ଆନ୍ତଃଜିଲା ଟି–୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ରୂପ୍‌ସା ବିସି ଇଲେଭେନ ଦଳକୁ ୧୦ଉଇକେଟ୍‌ରେ ପରାସ୍ତ କରି ରାଉତପଡ଼ା ଦଳ ଚାମ୍ପିୟନ ହୋଇଛି। ପ୍ରଥମେ ବିସି ଇଲେଭେନ ଦଳ ବ୍ୟାଟିଂ କରିଥିଲେ। ନିର୍ଦ୍ଧାରିତ ଓଭରରେ ୫ଉଇକେଟ୍ ବିନିମୟରେ ଦଳ ୪୦ରନ୍ କରିଥିଲା। ଜବାବରେ ରାଉତପଡ଼ା ଦଳ ୫.୩ ଓଭର ଖେଳି କୌଣସି ଉଇକେଟ୍ ନ ହରାଇ ବିଜୟ ହାସଲ କରିଥିଲା। ଅମ୍ପାୟାର ସୁନୀଲ ଦାସ ଓ ରାକେଶ ସେନାପତି ମ୍ୟାଚ୍ ପରିଚାଳନା କରିଥିଲେ। ରାଉତପଡ଼ା ଦଳର ଖେଳାଳି ମହମ୍ମଦ କୈଫ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ରବି ସିଂ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ।

ଶିକ୍ଷାବିତ୍ ବିଷ୍ଣୁପ୍ରସାଦ ଦାସଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ପ୍ରାଧ୍ୟାପକ ଡ. ତପନ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରତାପ ଦଳେଇ ଓ ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ଦେ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୪ହଜାର ୫ଶହ ଟଙ୍କା ଓ ରନର୍ସଅପ୍ ଦଳକୁ ୩ହଜାର ୫ଶହ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର କର୍ମକର୍ତ୍ତା ଗଜେନ୍ଦ୍ର ପଣ୍ଡା, ଭବେଶ ଜେନା, ଜୀବନ ବେହେରା, ବଂଶୀଧର ବେହେରା, ଲାକି ଜେନା ଓ ମାନସ ଜେନା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ପରିବର୍ତ୍ତିତ ପରିସ୍ଥିତିରେ ଖାପଖୁଆଇ ବ୍ୟବସ୍ଥିତ କରିବାକୁ ଆହ୍ୱାନ


ରାଷ୍ଟ୍ରୀୟ ଅଧିବେଶନରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

ବାଲେଶ୍ୱର ଅଫିସ, ୨୭।୧୨

### ଏବିଭିପିର ରାଷ୍ଟ୍ରୀୟ ଅଧିବେଶନ

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ୬୬ତମ ରାଷ୍ଟ୍ରୀୟ ଅଧିବେଶନ ବାଲେଶ୍ୱର ଜିଲାର ବିଭିନ୍ନ ମହାବିଦ୍ୟାଳୟରେ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ପାଳିତ ହୋଇଛି। ଜିଲାର ବାଲେଶ୍ୱର ନଗର, ଜଳେଶ୍ୱର, ନୀଳଗିରି, ସୋର, ବାଲିଆପାଳଠାରେ ଏହିଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହକାର୍ଯ୍ୟବାହକ ଭୟାଜୀ ଯୋଶୀ ନାଗପୁରଠାରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମଗ୍ର ଦେଶରେ ୪ହଜାର ସ୍ଥାନରୁ ୧.୫ ଲକ୍ଷ ବିଦ୍ୟାର୍ଥୀ, ଅଧ୍ୟାପକ ଏବଂ ସାମାଜିକ କାର୍ଯ୍ୟକର୍ତ୍ତା ଅଧିବେଶନରେ ଅଂଶଗ୍ରହଣ କରିଥିଲେ।

ବାଲେଶ୍ୱରରେ ଅନୁଷ୍ଠିତ ଏହି ସିଧାପ୍ରସାରଣ କାର୍ଯ୍ୟକ୍ରମ ବିଭିନ୍ନ ଅଧ୍ୟାପକ ତଥା ସାମାଜିକ କର୍ମୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏବିଭିପିର ରାଷ୍ଟ୍ରୀୟ ସଭାପତି ଛଗନ ଭାଇ ପଟେଲ ବକ୍ତବ୍ୟ ମାଧ୍ୟମରେ ମାର୍ଗଦର୍ଶନ କରିଥିଲେ। ଏବିଭିପିର ରାଷ୍ଟ୍ରୀୟ ମହାମନ୍ତ୍ରୀ ନିଧି ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ଏବର୍ଷ ପ୍ରଯୁକ୍ତି ବିଦ୍ୟା ସହାୟତାରେ ରାଷ୍ଟ୍ରୀୟ ଅଧିବେଶନରେ ଅଂଶଗ୍ରହଣ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେଲା ବୋଲି କହିଥିଲେ। ତେଣୁ ପରିବର୍ତ୍ତିତ ସ୍ଥିତିରେ ଖାପଖୁଆଇ ବ୍ୟକ୍ତିଗତ ଭାବେ ନିଜକୁ ବ୍ୟବସ୍ଥିତ କରିବା ଓ ଆଗାମୀ ପିଢ଼ିକୁ ଦିଗଦର୍ଶନ ଦେଇ ଦେଶକୁ ଆଗେଇ ନେବା ବୋଲି ପ୍ରକାଶ କରିଥିଲେ।

# ସାହିତ୍ୟ ସଂସଦର ବର୍ଷାନ୍ତ ଆସର

ଭଣ୍ଡାରିପୋଖରୀ, ୨୭।୧୨(ଡି.ଏନ.ଏ.)

ପାଠକୀୟ ଶ୍ରଦ୍ଧାଲାଭ କରିଥିବା ସାହିତ୍ୟ ସଦା କାଳଜୟୀ ବୋଲି ରବିବାର ଅପରାହ୍ଣରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ବର୍ଷାନ୍ତ ସାହିତ୍ୟ ଆସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ତୁଳସୀପୁରସ୍ଥିତ ବୀରଭଦ୍ର ସ୍ମୃତି ପାଠାଗାର ପରିସରରେ ସଂସଦର କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ସାହିତ୍ୟିକ ଡ. ଭରତ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି କବି ଅଚ୍ୟୁତାନନ୍ଦ ସାମଲ ସମାଜକୁ ଦିଗ୍‌ଦର୍ଶନ ଦେବାରେ ସାହିତ୍ୟିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ଅନାଦି ଚରଣ ସାହୁ ମୂଲ୍ୟବୋଧ ସାହିତ୍ୟ ସୃଷ୍ଟି ଉପରେ କହିଥିଲେ। ଅନ୍ୟତମ ଅତିଥି ଓ ବକ୍ତା ଭାବେ ଅରୁଣଦ୍ୱୟ ଖିଲାର, ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ର, ପ୍ରେସ କ୍ଲବ ସଭାପତି ଧ୍ରୁବ ଚରଣ ବାରିକ, ବିରଞ୍ଚି ନାରାୟଣ ସାମଲ, ନିର୍ମଳ ଧଳ, ଅଜୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ପବନ ନାୟକ ଅତିଥି ପରିଚୟ ଓ ପ୍ରଫୁଲ୍ଲ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। କବି ନଟବର ରାଉଳଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଭଣ୍ଡାରିପୋଖରୀ କଲେଜ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ ଓ ସମୀକ୍ଷକ ଭାବେକ କବି ପୁରୁଷୋତ୍ତମ ଧଳ ଯୋଗ ଦେଇଥିଲେ।

# ‘ସେବା ଦଳର ପ୍ରଥମ କାର୍ଯ୍ୟ’


ବିଜେଡି ପ୍ରତିଷ୍ଠା ଦିବସରେ ନେତୃମଣ୍ଡଳୀ।

ଭୋଗରାଇ, ୨୭।୧୨(ଡି.ଏନ.ଏ.)

ବିଜୁ ଜନତା ଦଳ କେବଳ ଏକ ରାଜନୈତିକ ଦଳ ନୁହେଁ। ଏହା ଏକ ସାମାଜିକ ଅନୁଷ୍ଠାନ। ଓଡ଼ିଶାରେ ସାଢ଼େ ୪କୋଟି ଓଡ଼ିଆ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଶ୍ୱାସ କରି ୨୪ବର୍ଷଧରି ସୁଶାସନ କ୍ଷମତାର ଡୋରି ଦେଇ ସୁଫଳ ପାଇ ଆସୁଛନ୍ତି। ସାମାଜିକ ଓ ଅର୍ଥନୀତି କ୍ଷେତ୍ରରେ ଓଡ଼ିଶା ଶୀର୍ଷସ୍ଥାନ ହାସଲ କରିଥିବା ବେଳେ ଭୋଗରାଇ ନିର୍ବାଚନମଣ୍ଡଳୀର ଉନ୍ନୟନର ବିକାଶ ଧାରା ସର୍ବାଗ୍ରେ ରହିଛି ବୋଲି ଶନିବାର ଭୋଗରାଇ କୁକୁଡ଼ିଆ ସନ୍ତୋଷୀ ମାତା ପଡ଼ିଆରେ ଆୟୋଜିତ ବିଜେଡି ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଅନନ୍ତ ଦାସ ଯୋଗଦେଇ ମତପ୍ରକାଶ କରିଛନ୍ତି। ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣ ପୌରୋହିତ୍ୟ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷତା ନିବେଦିତା ମହାନ୍ତି, ବ୍ଲକ ଚେୟାରମ୍ୟାନ୍ ମଞ୍ଜୁରାଣୀ ବେହେରା, ଭାଇସ ଚେୟାରମ୍ୟାନ୍ ଦୀପକ କୁମାର ଦାସ, ବିଜେଡି ସମ୍ପାଦକ ତପନ କୁମାର ପଣ୍ଡା, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଦାସ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଗଣପତି ଗିରି, ପୂର୍ବତନ ଜିଲା ପରିଷଦ ସଦସ୍ୟ ହେମନ୍ତ ବେହେରା, ସରପଞ୍ଚ ପ୍ରବୀର କୁମାର ଗିରିଙ୍କ ସହ ବହୁ ଛାମୁଆ ନେତାମାନେ ବିଜେଡି ସଙ୍ଗଠନକୁ ଗ୍ରାମାଞ୍ଚଳରେ ଶକ୍ତିଶାଳି କରିବାକୁ ଆହ୍ୱାନ ଦେଇଥିଲେ। କୋଭିଡ୍ କଟକଣା ମଧ୍ୟରେ ଏହି ଦିବସରେ ବିଜେଡିର ୬ଟି ଜୋନ୍‌ର ଜିଲା ପରିଷଦ ଓ ଛାମୁଆ ନେତା ସହ ବହୁ ବରିଷ୍ଠ ଓ କନିଷ୍ଠ କର୍ମୀମାନେ ଯୋଗଦେଇଥିଲେ। ବିଭିନ୍ନ ଦଳରୁ ୪ ୱାର୍ଡ଼ମେମ୍ବର ସମେତ ଶତାଧିକ ନେତୃସ୍ଥାନୀୟ ଲୋକ ବିଜେଡିରେ ଯୋଗଦେଇଥିଲେ। ସେମାନଙ୍କୁ ସ୍ୱାଗତ କରାଯାଇଥିଲା।

# ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଧାରଣା

ଆରଡ଼ି, ୨୭।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅଞ୍ଚଳରେ ବଳାତ୍କାର ଓ ପ୍ରତାରଣାର ଶିକାର ହୋଇଥିବା ଜନୈକା ଯୁବତୀଙ୍କୁ ନ୍ୟାୟ ଦାବିରେ ୫୦ରୁ ଊର୍ଦ୍ଧ୍ୱ ମହିଳା ଅଭିଯୁକ୍ତଙ୍କ ଘର ଆଗରେ ରବିବାର ଧାରଣା ଦେବା ଚର୍ଚ୍ଚାର ବିଷୟ ହୋଇଛି। ପୀଡ଼ିତାଙ୍କୁ ଅଭିଯୁକ୍ତଙ୍କ ମା’ ମାଡ଼ ମାରି ଘରୁ ତଡ଼ି ଦେଇଥିବାରୁ ତାଙ୍କୁ ଗିରଫ କରିବା ପାଇଁ ଦାବି କରାଯାଇଛି। ଆସନ୍ତା ୨୯ ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଖଣ୍ଡଳମଣି–ଯାଜପୁର ରାସ୍ତା ଅବରୋଧ କରାଯିବ ବୋଲି ପୀଡ଼ିତାଙ୍କ ପରିବାର ଓ ଗ୍ରାମର ମହିଳାମାନେ ଚେତାବନୀ ଦେଇଛନ୍ତି।

ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ବୋଡ଼କ ଗ୍ରାମର ସିଦ୍ଧାର୍ଥ ନାୟକ(୨୫) ତାଙ୍କୁ ଭଲ ପାଉଥିଲେ। ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଗତ ୨୧ ତାରିଖ ରାତିରେ ସିଦ୍ଧାର୍ଥ ତାଙ୍କୁ କୋର୍ଟ ମ୍ୟାରେଜ ସମ୍ପର୍କରେ ଆଲୋଚନା କରିବାକୁ ନିଜ ଘରକୁ ଡାକିଥିଲେ। କିନ୍ତୁ ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ସାରା ରାତି ସେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବକଙ୍କ ମା’ ଏ ବିଷୟରେ ଜାଣିପାରି ପୀଡ଼ିତାଙ୍କୁ ମାଡ଼ ମାରି ଘରୁ ବାହାର କରି ଦେଇଥିଲେ। ଫାଟକରେ ତାଲା ପଡ଼ିଥିବାରୁ ସେ ଶୀତରାତିରେ ବାହାରେ ବସି ରହିଥିଲେ। ସକାଳ ହେବା ପରେ ଗ୍ରାମର ଜଣେ ମହିଳା ତାଙ୍କୁ ଉଦ୍ଧାର କରିଥିଲେ। ୨୨ ତାରିଖରେ ଏନେଇ ସେ ଧୂଷୁରୀ ଥାନାରେ ସମ୍ପୃକ୍ତ ଯୁବକ ଓ ତାଙ୍କ ମା’ଙ୍କ ବିରୋଧରେ ଏତଲା ଦେଇଥିଲେ। ସେହିଦିନ ଧୂଷୁରୀ ଥାନାରେ ଏକ ବଳାତ୍କାର ମାମଲା (ନଂ.୨୬୩/୨୦୨୦) ରୁଜୁ ହୋଇଥିଲା। ପରଦିନ ତାଙ୍କର ଡାକ୍ତରୀ ମାଇନା କରାଯାଇଥିଲା। ୨୪ ତାରିଖରେ ପୋଲିସ ସିଦ୍ଧାର୍ଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୀଡ଼ିତା ଓ ମହିଳାମାନେ ପୂର୍ବାହ୍ଣରୁ ଧାରଣା ଦେଇଥିବା ବେଳେ ଯୁବକଙ୍କ ଘର ଫାଟକରେ ତାଲା ପଡ଼ିଥିବାରୁ ଅପରାହ୍ଣରେ ଓହରି ଯାଇଛନ୍ତି। ତେବେ ସିଦ୍ଧାର୍ଥ ଯୁବତୀଙ୍କୁ ବିବାହ କରିବା ସହ ତାଙ୍କ ମା’ଙ୍କୁ ଗିରଫ କରାଯାଉ ବୋଲି ଧାରଣାରେ ବସିଥିବା ମହିଳାମାନେ ଦାବି କରିଛନ୍ତି।

# ମଦ ସହ ଗାଡ଼ି ଜବତ

ପଦ୍ମପୁର,୨୭।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିରସ ଛକ ନିକଟରୁ ନାୟକାଣିଡିହୀ ଥାନା ପୋଲିସ ମଦ ନେଇ ଯାଉଥିବା ଏକ ଇଣ୍ଡିଗୋ ଜବତ କରିଛି। ନାୟକାଣିଡିହୀ ଥାନାରେ ମାମଲା (ନଂ.୧୭୭/୨୦) ରୁଜୁ କରାଯାଇଛି। ସୋର ଥାନା ଖଣ୍ଡାସାହି ଅଞ୍ଚଳର ହରେକୃଷ୍ଣ ମହାଳିକଙ୍କୁ ଗିରଫ କରାଯାଇ ରବିବାର କୋର୍ଟଚାଲାଣ କରାଯାଇଛି।

# ‘ଗାନ୍ଧୀ ହତ୍ୟାର ଅକୁହା କଥା’ ଲୋକାର୍ପିତ

ଭଦ୍ରକ ଅଫିସ,୨୭।୧୨

ଭଦ୍ରକ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଆନୁକୂଲ୍ୟରେ ଆମେରିକୀୟ ଲେଖକ ଜେମ୍‌ସ ଡବ୍ଲ୍ୟୁ ଡଗଲାସ୍‌ଙ୍କ ପୁସ୍ତକ ଗାନ୍ଧୀ ଆଣ୍ଡ ଦି ଅନ୍‌ସ୍ପିକେବଲ୍: ହିଜ୍ ଫାଇନାଲ ଏକ୍ସପେରିମେଣ୍ଟ ଉଇଥ୍ ଟ୍ରୁଥ୍‌ର ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟଙ୍କ ଦ୍ୱାରା କରାଯାଇଥିବା ଓଡ଼ିଆ ଅନୁବାଦ ପୁସ୍ତକ ‘ଗାନ୍ଧୀ ହତ୍ୟାର ଅକୁହା କଥା’ ଲୋକାର୍ପିତ ହୋଇଯାଇଛି। ଭଦ୍ରକ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ଏହି ପୁସ୍ତକ ଲୋକାର୍ପଣ ଉତ୍ସବ ଓ ସମୀକ୍ଷା ସମାବେଶ ହୋଇଥିଲା। ସମାବେଶରେ ମୁମ୍ବାଇର ପ୍ରଖ୍ୟାତ ସର୍ବୋଦୟ କର୍ମୀ ଓ ଗାନ୍ଧୀବାଦୀ ଅର୍ଥଶାସ୍ତ୍ରୀ ପ୍ରେରଣା ଦେଶାଇ, ଗ୍ରନ୍ଥକାର ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ, ବିଶିଷ୍ଟ ଗାନ୍ଧୀବାଦୀ ପ୍ରବକ୍ତା ଡା. ବିଶ୍ୱଜିତ୍ ରାଏ ଓ ସମୀକ୍ଷକ ପ୍ରଫେସର ବଳରାମ ମିଶ୍ର ଯୋଗଦେଇ ଉକ୍ତ ପୁସ୍ତକର ସମୀକ୍ଷା ଓ ଆଲୋଚନା କରିଥିଲେ। ସଭାରେ ପ୍ରଫେସର ଝରଣା ପଟ୍ଟନାୟକ ପୌରୋହିତ୍ୟ କରିଥିବା ବେଳେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ତୁଷାରକାନ୍ତି ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ନାସିର ବକ୍ସ ଧନ୍ୟବାଦ ଅର୍ପଣ କରିଥିଲେ। ଲଲାଟେନ୍ଦୁ ମହାନ୍ତି ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଏସ୍ ଏମ୍ ଫାରୁକ, ପ୍ରକାଶଜ୍ୟୋତି ମହାକୁଡ଼, ଲକ୍ଷ୍ମୀକାନ୍ତ ବାରିକ, ପବନ ଶର୍ମା, ସୁଧାକର ରାଉତ, ତୈଲୋଚନ ବେହୁରିଆ, ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ ଦାସ ସହଯୋଗ କରିଥିଲେ। ପ୍ରଜ୍ଞାଶ୍ରୀ ଦାସ ପ୍ରାରମ୍ଭିକ ସଙ୍ଗୀତ ଗାଇଥିଲେ।



ଅତିଥିମାନେ ‘ଗାନ୍ଧୀ ହତ୍ୟାର ଅକୁହା କଥା’ ପୁସ୍ତକ ଲୋକାର୍ପଣ କରୁଛନ୍ତି।

# ୩ଦିନ ହେଲା ରାସ୍ତାକଡ଼ରେ ଅସହାୟ ବୃଦ୍ଧା

ବାଲେଶ୍ୱର ଅଫିସ, ୨୭।୧୨

ବାଲେଶ୍ୱର ସହର ଟାଉନ ଥାନା ଅଧୀନ ଦାମୋଦରପୁର ଅଞ୍ଚଳର ନୁରୁପୁର ରୋଡ଼ ବଡ଼ପୋଲ ଛକରେ ୩ଦିନ ହେଲା ପଡିରହିଥିଲେ ଜଣେ ୮୦ ବର୍ଷୀୟା ବୃଦ୍ଧା। ଶୀତକାକରରେ ସେ ପଡି କଷ୍ଟ ପାଉଥିବା ବେଳେ ନାରୀସଂଘ ସଭାନେତ୍ରୀ ଗୋପାମୁଦ୍ରା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।


ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କରି ନିଆଯାଉଛି।

ବୃଦ୍ଧାଙ୍କ ନାମ ବିଷ୍ଣୁପ୍ରିୟା ରଣା। ସେ ସ୍ୱାମୀ ଓ ପୁଅଙ୍କୁ ହରାଇବା ପରେ ପରିବାର ଲୋକଙ୍କ ଅବହେଳାର ଶିକାର ହୋଇଛନ୍ତି। ଏପରିକି କେହି ତାଙ୍କର ଯତ୍ନ ନେବା ତ ଦୂରର କଥା, ଘରୁ ତଡିଦେଇଥିଲେ। ବୋହୂ, ନାତୁଣୀ ନାତି, ଝିଅ କେହି ବି ତାଙ୍କ ସହ କୌଣସି ସମ୍ପର୍କ ରଖି ନ ଥିଲେ। ବିଷ୍ଣୁପ୍ରିୟା ଆଖପାଖ ଅଞ୍ଚଳରେ ମାଗିଯାଚି ଖାଇବା ସହ ପୁରୁଣା ଘର ପିଣ୍ଡାରେ ଆଶ୍ରୟ ନେଉଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ମାଗିବାକୁ ଯାଇ ସେ ଘରକୁ ଫେରି ନ ପାରି ରାସ୍ତା କଡ଼ରେ ପଡ଼ିଯାଇଥିଲେ। ଏକଥା ପରିବାରର ସମସ୍ତେ ଜାଣି ମଧ ତାଙ୍କୁ କେହି ସହାୟତା କରି ନ ଥିଲେ। ରାସ୍ତାକଡ଼ରେ ଖଣ୍ଡିଆଖାବରା ଅବସ୍ଥାରେ ବିଷ୍ଣୁପ୍ରିୟା ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ବେଳେ ସେହି ବାଟ ଦେଇ ଯାଉଥିବା ନାରୀସଂଘ ସଭାନେତ୍ରୀଙ୍କ ନଜର ପଡ଼ିଥିଲା। ସେ ସଙ୍ଗେ ସଙ୍ଗେ ନାରୀସଂଘର କାଉନ୍‌ସିଲର ଜ୍ୟୋତିର୍ମୟୀ ଶତପଥିଙ୍କୁ ଉକ୍ତ କାମରେ ନିୟୋଜିତ କରିଥିଲେ। ପରେ ମୃତଧାରା ବୃଦ୍ଧାଶ୍ରମର ସମ୍ପାଦକ ସରୋଜ ମହାପାତ୍ର ତାଙ୍କୁ ସହାୟତା କରିଥିଲେ। ଏବେ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ପରିବର୍ତ୍ତନ ଆସିଲେ ସେ ଅମୃତଧାରା ବୃଦ୍ଧାଶ୍ରମରେ ଆଶ୍ରୟ ନେଇପାରିବେ ବୋଲି ସମ୍ପାଦକ ମହାପାତ୍ର କହିଛନ୍ତି।

### ଉଦ୍ଧାର କଲା ନାରୀସଂଘ

## ସଂକ୍ଷେପରେ

### ୧୧ଶହ ଇଞ୍ଜିନିୟରଙ୍କୁ ନିଯୁକ୍ତ କରିବ ଏଲ୍ ଆଣ୍ଡ ଟି

ଭୁବନେଶ୍ୱର,୨୭।୧୨: ଲାର୍ସନ ଆଣ୍ଡ ଟୁବ୍ରୋ (ଏଲ ଆଣ୍ଡ ଟି ) ୨୦୨୧ରେ ୧୧୦୦ ଇଞ୍ଜିନିୟରଙ୍କୁ ନିଯୁକ୍ତ କରିବ ବୋଲି ଯୋଜନା କରିଥିବା ସୂଚନା ମିଳିଛି। କମ୍ପାନୀ ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ଆଇଆଇଟି ମାଡ୍ରାସ, ଗୁଆହାଟୀ, ଭୁବନେଶ୍ୱର, ବମ୍ବେ, ଦିଲ୍ଲୀ, ରୁର୍କୀ, ଖଡ଼ଗପୁର, ଧାନବାଦ, ହାଇଦ୍ରାବାଦ ଭଳି ଅନୁଷ୍ଠାନରୁ ୨୫୦ ଦକ୍ଷ ଇଞ୍ଜିନିୟରଙ୍କୁ ଅଫର ପ୍ରଦାନ କରିଥିବା ଜଣାପଡିଛି। ସେହିଭଳି ଦେଶର ବିଭିନ୍ନ ସ୍ଥାନରେ କମ୍ପାନୀର ନିର୍ମାଣ କାର୍ଯ୍ୟ ଜାରି ରହିଥିବାରୁ ସେ ସବୁ ସ୍ଥାନ ପାଇଁ ଇଞ୍ଜିନିୟରଙ୍କ ଆବଶ୍ୟକତା ରହିଛି। ଏହାକୁ ନଜରରେ ରଖି କମ୍ପାନୀ ଗ୍ରାଜୁଏଟ ଓ ପୋଷ୍ଟ ଗ୍ରାଜୁଏଟ ଇଞ୍ଜିନିୟରଙ୍କୁ ଆଗାମୀ ଦିନରେ ନିଯୁକ୍ତ ପ୍ରଦାନ କରିବ ବୋଲି ଆବଶ୍ୟକ ପ୍ରକ୍ରିୟା ଆରମ୍ଭ କରାଯାଇଥିବା କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ମତ ଦେଇଛନ୍ତି।

### ଫୋନ୍‌ପେରେ ହେବ ଟିକସ ଫାଇଲିଂ

ଭୁବନେଶ୍ୱର,୨୭।୧୨: ଭାରତର ଅଗ୍ରଣୀ ଡିଜିଟାଲ ପେମେଣ୍ଟ ପ୍ଲାଟ୍‌ଫର୍ମ ଫୋନ୍‌ପେ ସହିତ ପ୍ରମୁଖ ଅନ୍‌ଲାଇନ ଟ୍ୟାକ୍ସ ଫାଇଲ ପ୍ଲାଟ୍‌ଫର୍ମ ଟ୍ୟାକ୍ସ ଟୁ ୱିନ୍ ସହିତ ସହବନ୍ଧିତ ହୋଇଛି। ଫଳରେ ଫୋନ୍‌ପେର ୨୫ କୋଟି ଉପଭୋକ୍ତାଙ୍କୁ ଟ୍ୟାକ୍ସ ଫାଇଲ କରିବାର ସୁବିଧା ମିଳିପାରିଛି। ଏହି ସହବନ୍ଧିତ ଏଭଳି ଏକ ସମୟରେ କରାଯାଇଛି ଯେ, ଯେତେବେଳେ କି ଭାରତ ସରକାର ଚଳିତ ବର୍ଷ ଡିସେମ୍ବର ୩୧କୁ ଟ୍ୟାକ୍ସ ରିଟର୍ନ ଫାଇଲିଂ କରିବାର ଶେଷ ତାରିଖ ଭାବେ ସମୟସୀମା ଧାର୍ଯ୍ୟ କରିଛନ୍ତି। ଏ ସମ୍ପର୍କରେ ଫୋନ୍‌ପେ ବରିଷ୍ଠ ଅଧିକାରୀ ଋତୁରାଜ ରୌଟେଲା କହିଛନ୍ତି, ଟ୍ୟାକ୍ସ ଟୁ ୱିନ୍ ସହିତ ଯୋଡ଼ିହୋଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏହା ଜରିଆରେ ଆମର ଗ୍ରାହକମାନେ ନିଜ ନିଜ ଫୋନ୍‌ପେ ଆପ୍ ବ୍ୟବହାରକରି ମଧ୍ୟ ସେମାନଙ୍କର ଟ୍ୟାକ୍ସ ଫାଇଲ କରିପାରିବେ। ସେହିଭଳି ଟ୍ୟାକ୍ସ ଟୁ ୱିନର ସହ-ପ୍ରତିଷ୍ଠାତା ଭର୍ଟିକା କେଡିଆ କହିଛନ୍ତି, ଫୋନ୍‌ପେର ସମସ୍ତ ଉପଭୋକ୍ତାଙ୍କୁ ଏକ ସର୍ବୋତ୍ତମ ଟ୍ୟାକ୍ସ-ଫାଇଲିଂର ଅଭିଜ୍ଞତା ପ୍ରଦାନ କରିବା ଲାଗି ଏହା ସହ ଏକତ୍ର ଭାବେ କାର୍ଯ୍ୟ କରିବା ନେଇ ଆମେ ବେଶ୍ ଉତ୍ସାହିତ।

# ଟିଭି, ଆପ୍ଲାଏନ୍ସ ଦର ବଢ଼ିବ

ନୂଆଦିଲ୍ଲୀ,୨୭।୧୨



ଏଲ୍‌ଇଡି ଟିଭି ସମେତ ରେଫ୍ରିଜରେଟର, ୱାଶିଂମେଶିନ ଭଳି ଆପ୍ଲାଏନ୍ସ ଦର ପ୍ରାୟ ୧୦% ବୃଦ୍ଧି ହେବାକୁ ଯାଉଛି। ତମ୍ବା, ଆଲୁମିନିୟମ ଏବଂ ଇସ୍ପାତ ଦର ବଢ଼ିବା ଯୋଗୁ ଦରରେ ଏଭଳି ବୃଦ୍ଧି ଘଟିବ ବୋଲି କୁହାଯାଉଛି। ସେହିଭଳି ସାମୁଦ୍ରିକ ଏବଂ ଆକାଶ ପଥରେ ମାଲ ଭଡ଼ାରେ ବୃଦ୍ଧି ଯୋଗୁ ଦରରେ ଏଭଳି ପରିବର୍ତ୍ତନ ଘଟିବ ବୋଲି ଆକଳନ କରାଯାଇଛି। ଟିଭି ପ୍ୟାନେଲ ଦରରେ ଏବେ ପ୍ରାୟ ୨ ଗୁଣ ବୃଦ୍ଧି ପାଇଛି। ଗ୍ଲୋବାଲ ଭେଣ୍ଡରଙ୍କଠାରୁ ଯୋଗାଣ ସମସ୍ୟା ଯୋଗୁ ଏଭଳି ହୋଇଛି। ସେହିଭଳି ଅଶୋଧିତ ତେଲ ଦର ବଢିବା ଯୋଗୁ ପ୍ଲାଷ୍ଟିକ ମୂଲ୍ୟ ମଧ୍ୟ ବଢିଛି।

ଏଲ୍‌ଜି, ପାନାସୋନିକ ଏବଂ ଥମ୍ପଶନ ଭଳି କମ୍ପାନୀ ଜାନୁୟାରୀରୁ ମୂଲ୍ୟ ବଢ଼ାଇବେ ବୋଲି ଜଣାପଡିଛି। ଏଭଳି ସ୍ଥିତିରେ ସୋନି ଦର ବଢାଇବା ଉପରେ ବର୍ତ୍ତମାନ ବଜାର ସ୍ଥିତିକୁ ନଜରରେ ରଖିଛି। ଇନ୍‌ପୁଟ ମୂଲ୍ୟ ଦର ବଢିବା ଯୋଗୁ ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରଡକ୍ଟ ମୂଲ୍ୟ ପ୍ରାୟ ୧୦ରୁ ୧୧% ବଢିବ ବୋଲି ପାନାସୋନିକ ଇଣ୍ଡିଆର ସଭାପତି ମନୀଷ ଶର୍ମା କହିଛନ୍ତି। ପହିଲାରୁ ଦର ପ୍ରାୟ ୭ରୁ୮% ବଢାଇବା ନେଇ ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ଯୋଜନା ରଖିଛି। କମ୍ପାନୀର ହୋମ୍ ଆପ୍ଲାଏନ୍ସ ବିଭାଗ ଉପସଭାପତି ବିଜୟ ବାବୁ କହିଛନ୍ତି, ଟିଭି, ୱାଶିଂମେଶିନ ଏବଂ ରେଫ୍ରିଜରେଟର ବର୍ଗରେ ମୂଲ୍ୟ ବୃଦ୍ଧି ହେବ। କଞ୍ଚାମାଲ ମୂଲ୍ୟ ବଢିବା ଯୋଗୁ ଏଭଳି ନିଷ୍ପତ୍ତି କମ୍ପାନୀ ଗ୍ରହଣ କରିଛି।

ସୋନି ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୁନୀଲ ନାୟାର କହିଛନ୍ତି, ବଜାର ସ୍ଥିତିକୁ ଧ୍ୟାନରେ ରଖି ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯିବ। ଯୋଗାଣ ବ୍ୟବସ୍ଥା ଉପରେ ବର୍ତ୍ତମାନ ନଜର ରଖାଯାଇଛି। ଅନ୍ୟ କମ୍ପାନୀଗୁଡିକ ମଧ୍ୟ ବଜାରର ସ୍ଥିତିକୁ ନଜରରେ ରଖିଥିବା ଜଣାପଡ଼ିଛି।

## 'ମେରଟ୍‌ନେସନ'ର ପ୍ରିମିୟମ ୟୁଜର୍ସ ବୃଦ୍ଧି

ଭୁବନେଶ୍ୱର,୨୭।୧୨

ପ୍ରମୁଖ ଇ-ଶିକ୍ଷା ବ୍ୟବସ୍ଥା ସଂସ୍ଥା ମେରିଟନେସନ ସ୍ୱଳ୍ପ ମୂଲ୍ୟରେ ପିଲାଙ୍କୁ ପରୀକ୍ଷା ପାଇଁ ଆବଶ୍ୟକ ପ୍ରସ୍ତୁତି କରାଇବା ଦିଗରେ କାର୍ଯ୍ୟକରୁଛି। ଆକାଶ ଏଡୁକେଶନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍ଏଲ୍) ଏହି ମହାମାରୀ ସମୟରେ ମେରିଟନେସନ ସହାୟତାରେ ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକ ଶିକ୍ଷାଦାନ ସହିତ ପରୀକ୍ଷା ପ୍ରସ୍ତୁତିରେ ବ୍ୟାପକ ସହଯୋଗ ପ୍ରଦାନ କରୁଛି। ଫଳରେ ଆକାଶର ଏହି ପଦକ୍ଷେପ କାରଣରୁ ମେରିଟନେସନର ରେଜିଷ୍ଟ୍ରେଡ୍ ସଂଖ୍ୟା ବହୁଳ ଭାବରେ ବୃଦ୍ଧି ପାଇଥିବା ସୂଚନା ମିଳିଛି। ଏହି ସ୍ୱଳ୍ପ ସମୟ ମଧ୍ୟରେ ସଂସ୍ଥା ସହିତ ୪ ଗୁଣ ୟୁଜର୍ସ (ଛାତ୍ରୀଛାତ୍ର) ଯୋଡ଼ି ହୋଇଥିବା ଏବଂ ଏହାର ଲାଇଭ କ୍ଲାସ୍‌ରେ ମଧ୍ୟ ଛାତ୍ରୀଛାତ୍ରଙ୍କର ଉପସ୍ଥିତିରୁ ଏହା ଜଣାପଡିଛି। ଗତ ଅକ୍ଟୋବର ଓ ନଭେମ୍ବରରେ ଏହି ସଂଖ୍ୟା ବ୍ୟାପକ ଭାବରେ (ୟୁଜର୍ସ) ବୃଦ୍ଧି ହୋଇଥିବା ସୂଚନା ମିଳିଛି। ବିଶେଷକରି ସଂସ୍ଥାର ଗଣିତ(ମ୍ୟାଥ) ଓ ବିଜ୍ଞାନ( ସାଇନ୍ସ) ଲାଇଭ କ୍ଲାସ୍‌ରେ ୟୁଜର୍ସଙ୍କ ସଂଖ୍ୟା ୪ଗୁଣ ବୃଦ୍ଧି ପାଇଥିବା କୁହାଯାଇଛି। ଏ ସମ୍ପର୍କରେ ଆକାଶ ଏଡୁଟେକ ପ୍ରା.ଲି.ର ସିଇଓ ନରସୀମା ଜୟକୁମାର କହିଛନ୍ତି, କୋଭିଡ୍ କଟକଣା କାରଣରୁ ଅନ୍‌ଲାଇନ ଶିକ୍ଷାକୁ ସବୁବର୍ଗର ଛାତ୍ରୀଛାତ୍ରମାନେ ପସନ୍ଦ କରୁଛନ୍ତି।

## ସୁନା ୬୩ ହଜାର ଛୁଇଁପାରେ

ନୂଆଦିଲ୍ଲୀ,୨୭।୧୨



ଚଳିତ ବର୍ଷ କରୋନା ମହାମାରୀ କାରଣରୁ ସୁନା ଦର ନେଇ କାହାର ଆକଳନ ନ ଥିଲା। ୨୦୨୧ରେ ଏହି ମୂଲ୍ୟବାନ୍ ଧାତୁ ଦର ଆକାଶଛୁଆଁ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ବର୍ତ୍ତମାନ ପ୍ରତି ୧୦ ଗ୍ରାମ ସୁନାର ଦାମ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଥିବା ବେଳେ ୨୦୨୧ରେ ଏହା ୬୩ ହଜାରକୁ ଛୁଇଁବ ବୋଲି ଆକଳନ କରାଯାଉଛି। ସୁନା ବର୍ତ୍ତମାନ ରେକର୍ଡ ଉଚ୍ଚ ସ୍ତରରୁ ପାଖାପାଖି ୬ହଜାର ଟଙ୍କା କମିଛି। ଆସନ୍ତା ବର୍ଷରୁ ଏହା ସବୁ ରେକର୍ଡ ଟପିଯିବ ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଆମେରିକାନ ଡଲାର ଦର ହ୍ରାସ (ତଳମୁହାଁ ରହିଥିବାରୁ) ପାଉଥିବାରୁ ଭାରତୀୟ ସୁନା ବଜାରରେ ଏହାର ପ୍ରଭାବ ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ଭାରତୀୟ ବଜାରରେ ସୁନା ଦର ବଢ଼ିପାରେ ବୋଲି କୁହାଯାଉଛି। ୨୦୨୦ରେ କରୋନା ମହାମାରୀ ପାଇଁ ଦେଶର ଆର୍ଥିକ ମାନ୍ଦାବସ୍ଥା ଲାଗି ରହିବା କାରଣରୁ ସୁନା ଦର ବିଭିନ୍ନ ସମୟରେ ଉପର ତଳମୁହାଁ ହେଉଥିଲା। ଚଳିତବର୍ଷ ଅଗଷ୍ଟରେ ପ୍ରଥମ ଥର ସୁନା ଦରରେ ବୃଦ୍ଧି ଘଟି ପ୍ରତି ୧୦ ଗ୍ରାମ ସୁନା ଦର ୫୬,୧୯୧ ଟଙ୍କାକୁ ଛୁଇଁଥିଲା। ଚଳିତ ବର୍ଷ ଆରମ୍ଭରୁ ସୁନା ଦର ୩୯,୧୦୦ ଟଙ୍କା ପ୍ରତି ୧୦ ଗ୍ରାମ ଥିଲା। କରୋନା ମହାମାରୀ ପାଇଁ ସୁନା ଦାମ ୩୮,୪୦୦ ଟଙ୍କାକୁ ଖସିଆସିଥିଲା। ପରବର୍ତ୍ତୀ ସମୟରେ ଏହି ଦାମ ଧୀରେ ଧୀରେ ବୃଦ୍ଧି ପାଇବାକୁ ଲାଗିଥିଲା। ଏହା ସହ ସୁନା ଦାମ ଗୋଟିଏ ସମୟରେ ୫୬,୧୯୧ରେ ପହଞ୍ଚିଥିଲା। ଏ ସମ୍ପର୍କରେ ଏଚ୍‌ଡିଏଫସି ସିକ୍ୟୁରିଟିଜର ବରିଷ୍ଠ ବିଶେଷଜ୍ଞ ତପନ ପଟେଲ କହିଛନ୍ତି, ୨୦୨୧ରେ ସୁନା ଦର ବୃଦ୍ଧି ହୋଇପାରେ। ଭାରତରେ ଏମ୍‌ସିଏକ୍ସରେ ଗୋଲ୍ଡ ରେଟ୍ ୫୭ ହଜାର ଓ ୬୩ ହଜାର ପ୍ରତି ୧୦ ଗ୍ରାମ ହିସାବରେ ଦର ରହିପାରେ ବୋଲି ସେ ମତ ଦେଇଛନ୍ତି। ସେହିଭଳି ୱାର୍ଲଡ୍ ଗୋଲ୍ଡ କାଉନସିଲ ମ୍ୟାନେଜିଂ ଡିରେକ୍ଟର ସୋମା ସୁନ୍ଦରମ ପି ଆର୍ କହିଛନ୍ତି, ଭାରତୀୟ ବଜାରରେ ଗ୍ରାହକଙ୍କ ଚାହିଦା କମିଛି। ଏହା ସହ ଆଗାମୀ ସମୟରେ ସୁନାର ଡିମାଣ୍ଡ ବଢ଼ିବାକୁ ଥିବା ବେଳେ ଦରରେ ଆଶଙ୍କା କରାଯାଉଛି ବୋଲି ସୋମା ସୁନ୍ଦରମ୍ ମତ ରଖିଛନ୍ତି।

## ହୋଣ୍ଡା ପାୱାର ପ୍ରଡକ୍ଟସର ବିକ୍ରି ରେକର୍ଡ

ଭୁବନେଶ୍ୱର,୨୭।୧୨

ପ୍ରମୁଖ ପାୱାର ପ୍ରଡକ୍ଟ ନିର୍ମାତା ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ଟସ ଲିମିଟେଡ (ହିପୋ) ଇତି ମଧ୍ୟରେ ୩୫ ବର୍ଷର ସଫଳତାର ସହ କାରବାର କରିସାରିଛି। ଏହି ସମୟ ମଧ୍ୟରେ କମ୍ପାନୀ ଦେଶ ତଥା ବିଦେଶରେ ମଧ୍ୟ ୫ ନିୟୁତରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ସେବା ଯୋଗାଇ ଦେବାକୁ ସକ୍ଷମ ହୋଇପାରିଛି। କମ୍ପାନୀ କୃଷି ସରଞ୍ଜାମ ସହିତ ଜେନେରେଟର ଏବଂ ବିଭିନ୍ନ ଇଞ୍ଜିନ ପାଇଁ ଯନ୍ତ୍ରାଂଶ ପ୍ରସ୍ତୁତି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିଛି। ଏହା ଭାରତରେ ଏହାର ପ୍ରଥମ ପୋର୍ଟେବୁଲ ଜେନେରେଟର ମଡେଲ ଇଏମ-୬୫କୁ ବଜାର ପ୍ରବେଶ କରାଇଥିଲା। ବର୍ତ୍ତମାନ ସୁଦ୍ଧା କମ୍ପାନୀର ୧୦୦ ଡିଲରଶିପ ଏବଂ ୬୦୦ରୁ ଅଧିକ ଚ୍ୟାନେଲ ଅଂଶୀଦାରଙ୍କ ସହାୟତାରେ ପୋର୍ଟେବୁଲ ୱାଟର ପମ୍ପ,ଜେନେରେଟର ପ୍ରପୋଜ ଇଞ୍ଜିନ,ପାୱାର ଟିଲର,ବ୍ରସ କଟର ଏବଂ ଲନ ମାୱାର ଆଦି ପ୍ରଡକ୍ଟ ଉପଲବ୍ଧ କରାଉଛି। ୨୦୦୩ରେ କମ୍ପାନୀର ଉତ୍ପାଦ ବିକ୍ରି ସଂଖ୍ୟା ୧ନିୟୁତ ୟୁନିଟରେ ପହଞ୍ଚିଥିଲା।

## ଆଇଟି ରିଟର୍ନ ଅବଧି ବୃଦ୍ଧି ହେଉ

ନୂଆଦିଲ୍ଲୀ,୨୭।୧୨

**ଅର୍ଥମନ୍ତ୍ରୀଙ୍କୁ ଟୁଇଟ୍ କରି ଜଣାଇଲେ ସମସ୍ୟା**




ଚଳିତ ବର୍ଷ ଡିସେମ୍ବର ୩୧ ତାରିଖରେ ଆୟକର ଦାଖଲ କରିବାର ଶେଷ ତାରିଖ ହୋଇଥିବାରୁ ଟିକସଦାତାଙ୍କ ପ୍ରବଳ ଭିଡ଼ ବିଭିନ୍ନ ଆଇଟି ରିଟର୍ନ ସେଣ୍ଟର ଓ ସେବାକେନ୍ଦ୍ରରେ ଦେଖିବାକୁ ମିଳିଛି। ଯେହେତୁ ଆୟକର ରିଟର୍ନ ଦାଖଲ କରିବାର ସମୟସୀମା ପାଖେଇ ଆସୁଛି ,ଏହାକୁ ନେଇ ଟିକସଦାତାଙ୍କ ଉପରେ ଏହାର ଚାପ ବୃଦ୍ଧି ପାଉଥିବା ପରିଲକ୍ଷିତ ହୋଇଛି। ଫଳରେ ଟ୍ୟାକ୍ସ ଦାଖଲ ପାଇଁ ଉର୍ଦ୍ଦିଷ୍ଟ ସାଇଟ୍‌ରେ ମଧ୍ୟ ବିଭିନ୍ନ ସମସ୍ୟା ଦେଖାଯାଉଛି। ବିଭାଗୀୟ ୱେବ୍‌ସାଇଟରେ ଟିକସ ଦାଖଲ ପାଇଁ ସଂଯୋଗ କରିବାକୁ ଚେଷ୍ଟାକରି ବିଫଳହେବା ପରେ ଟିକସଦାତା ଟୁଇଟ୍ କରି ଆୟକର ରିଟର୍ନ ଦାଖଲ ପାଇଁ ଧାର୍ଯ୍ୟ ତାରିଖକୁ କିଛିଦିନ ବୃଦ୍ଧି କରିବା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଅନୁରୋଧ କରିଛନ୍ତି। ଏ ନେଇ ବିଭିନ୍ନ ସୋସିଆଲ ମିଡିଆ ବ୍ୟବହାରକାରୀ ସେମାନଙ୍କ ପୋଷ୍ଟ ଓ ପେଜ୍ ଜରିଆରେ ମଧ୍ୟ ନିବେଦନ କରିଥିବା ସୂଚନା ମିଳିଛି। ଅନେକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମଧ୍ୟ କହିଛନ୍ତି, ରବିବାର ସକାଳ ୧୦ ଘଣ୍ଟିକାରୁ ସନ୍ଧ୍ୟା ପର୍ଯ୍ୟନ୍ତ କେବଳ ୨ରୁ ୩ଟି ରିଟର୍ନ ଫାଇଲ୍ କରିବାରେ ସକ୍ଷମ ହୋଇଥିବା ବେଳେ ଅନେକ ସାଇଟ୍ ଖୋଲୁ ନ ଥିବା ଅଭିଯୋଗ କରିଛନ୍ତି। ଆୟକର ବିଭାଗର ଆର୍ଥିକ ବର୍ଷ ୨୦୧୯-୨୦ ମସିହାର ଆୟକର ରିଟର୍ନ (ଆଇଟିଆର୍) ଦାଖଲ କରିବାକୁ ଇମେଲ୍ ଏବଂ ଏସ୍ଏମ୍ଏସ୍ ତଥା ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଟିକସଦାତାଙ୍କୁ ଏକାଧିକ ଥର ଅବଗତ କରାଇଥିଲେ । ସାଧାରଣତଃ ଟ୍ୟାକ୍ସ ରିଟର୍ନ ପ୍ରତିବର୍ଷ ୩୧ ଜୁଲାଇ ସୁଦ୍ଧା ଦାଖଲ କରାଯାଇଥାଏ। ଚଳିତ ବର୍ଷ ମହାମାରୀ କାରଣରୁ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଏ ବର୍ଷ ଏହାର ଶେଷ ତାରିଖକୁ ୩୧ ଡିସେମ୍ବର ୨୦୨୦ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବିଭାଗୀୟ ସୂଚନା ଅନୁସାରେ ୨୫ ଡିସେମ୍ବର ୨୦୨୦ ସୁଦ୍ଧା ପ୍ରାୟ ୪.୦୬ କୋଟି ଆୟକର ରିଟର୍ନ ଫାଇଲ ହୋଇଥିବା ସୂଚନା ରହିଛି। ସରକାର ଓ ବିଭାଗ ଏ ନେଇ ଚିନ୍ତା କରୁଥିବା ଓ ଟିକସଦାତାଙ୍କ ଦାବିକୁ ସମ୍ମାନ ଜଣାଇ ସମୟସୀମା ବୃଦ୍ଧି କରିବାର ଯୋଜନା ବିଷୟରେ ଉଚ୍ଚସ୍ତରୀୟ ବୈଠକ ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ଏ ନେଇ ବିସ୍ତୃତ ସୂଚନା ଦେଇଥିଲେ। ଯେହେତୁ ବିଭାଗୀୟ ସାଇଟ ସଂଯୋଗରେ ସମସ୍ୟା ରହିଛି ଏବଂ ଟିକସଦାତା ଟିକସ ଦେବା ବା ରିଟର୍ନ ଫାଇଲ କରିବା ପାଇଁ ଆଗ୍ରହୀ ଅଛନ୍ତି ସରକାର ଏ କଥାକୁ ବିଚାରକୁ ନେଇ ଆଗାମୀ ତାରିଖ ବୃଦ୍ଧି ସମ୍ପର୍କରେ ନୋଟିସ ଜାରି କରିପାରନ୍ତି ବୋଲି ଆଶା କରାଯାଉଛି।

## ରାଜ୍ୟ ଖବର

## ମାଛଧରାକୁ ନେଇ ବୋମା, ଗୁଳିମାଡ଼

କଣାସ,୨୭।୧୨(ସ୍ୱ.ପ୍ର.)



ଥାନା ଆଗରେ ମହିଳାଙ୍କ ଘେରାଉ ।

- ୨ ଆହତ, ମହିଳାଙ୍କ ଥାନା ଘେରାଉ
- ସଂଘ ବୈଠକକୁ ଡକା ନ ଯିବାରୁ ହୋଇଥିଲା ଉତ୍ତେଜନା

ପୁରୀ ଜିଲା କଣାସ ବ୍ଲକ ଦେଇଯାଇଥିବା ଦୟାନଦୀରେ ମାଛଧରାକୁ କେନ୍ଦ୍ରକରି ରବିବାର ଗୋପୀନାଥପୁର ପଞ୍ଚାୟତର ଜାଗୁଲେଇପଦର ଏବଂ ଗଡିଶାଗୋଡା ପଞ୍ଚାୟତର ନଈକୂଳପାଟଣା ଗ୍ରାମବାସୀଙ୍କ ମଧ୍ୟରେ ବୋମାମାଡ଼ ଓ ଗୁଳିଚାଳନା ହୋଇଥିଲା। ଏଥିରେ ନଈକୂଳପାଟଣା ଗ୍ରାମର ପ୍ରମୋଦ ବେହେରା(୪୦)ଙ୍କ ମୁଣ୍ଡରେ ଗୁଳି ବାଜିବାରୁ ଗୁରୁତର ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ କବିତା ବେହେରା(୩୮) ସାମାନ୍ୟ ଆହତ ହୋଇଛନ୍ତି। ଅନ୍ୟପଟେ ସଂଘର୍ଷସ୍ଥଳଠାରୁ ଗଡ଼ିଶାଗୋଡା ଥାନା ୨୦୦ମିଟର ହୋଇଥିଲେ ମଧ୍ୟ ପୋଲିସ ଘଟଣାସ୍ଥଳକୁ ନ ଆସି ନିରବଦ୍ରଷ୍ଟା ସାଜିଥିବାରୁ ନଈକୂଳପାଟଣା ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ମହିଳା ଅଭିଯୋଗ କରିବା ସହ ଥାନା ଘେରାଉ କରିଥିଲେ। ଖବରପାଇ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା ଘଟଣାସ୍ଥଳରେ ପହଞ୍ଚି ଉଭୟ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ଆସନ୍ତା ମଙ୍ଗଳବାର ୨୯ରେ ଉଭୟ ଗ୍ରାମର ୧୦ଜଣ ଭଦ୍ରବ୍ୟକ୍ତି, ତହସିଲଦାର, ଗଡିଶାଗୋଡା ଥାନା ଆଇଆଇସି ଶୁଭାଶିଷ ମିଶ୍ର, ବିଧାୟକ ଉମାକାନ୍ତ ସାମନ୍ତରାୟ, ୨ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ରହି ନ୍ୟାୟ କରାଯିବା ପାଇଁ ନିଷ୍ପତ୍ତି କରିଥିଲେ। ପରେ ଗ୍ରାମବାସୀ ମଧ୍ୟ ତହସିଲଦାରଙ୍କ କଥାକୁ ସ୍ୱାଗତ କରି ଗଣ୍ଡଗୋଳ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଖବର ଅନୁଯାୟୀ, ଚିଲିକା ମୁହାଁଣଠାରୁ କଉଡିଖିଣି ପର୍ଯ୍ୟନ୍ତ ଦୟାନଦୀକୁ ଜାଗୁଲେଇପଦର ଗ୍ରାମର ମା' କାଳିଜାଇ ମତ୍ସ୍ୟଜୀବୀ ସଂଘ ପ୍ରତ୍ୟେକ ବର୍ଷ ନିଲାମ ନିଅନ୍ତି। ସଂଘରେ ଜାଗୁଲେଇପଦର ଏବଂ ନଈକୂଳପାଟଣା ଗ୍ରାମର ମତ୍ସ୍ୟଜୀବୀମାନେ ମେମ୍ବର ରହିଛନ୍ତି। ନିଲାମରେ ୭୫ଭାଗ ଜାଗୁଲେଇପଦର ଗ୍ରାମବାସୀ ଅର୍ଥ ଜମାକରୁଥିବା ବେଳେ ୨୫ଭାଗ ନଈକୂଳପାଟଣା ଗ୍ରାମ ମତ୍ସ୍ୟଜୀବୀ ଜମା କରନ୍ତି। ଦୀର୍ଘ ୨ବର୍ଷ ହେଲା ମା' କାଳିଜାଇ ମତ୍ସ୍ୟଜୀବୀ ସଂଘ ଜାଗୁଲେଇପଦର ସଭ୍ୟମାନେ ବିନା ନଈକୂଳପାଟଣାର ସଭ୍ୟଙ୍କୁ ନେଇ ବୈଠକ କରୁଥିବାରୁ ତିକ୍ତତା ଆରମ୍ଭ ହୋଇଥିଲା। ଏହି କଥାକୁ ନେଇ କିଛି ଦିନ ତଳେ ୨ ଗ୍ରାମର ଉତ୍ତେଜନା ଦେଖାଦେବାରୁ ବିଧାୟକଙ୍କ ନିର୍ଦ୍ଦେଶରେ ତହସିଲଦାର ଉଭୟ ଗ୍ରାମବାସୀଙ୍କୁ ଡାକି ଗଣ୍ଡଗୋଳ ନ କରି ମିଳିମିଶି ଚଳିବା ପାଇଁ ନିବେଦନ କରିଥିଲେ। ଏହାପରେ ମଧ୍ୟ ବାରମ୍ବାର ମତ୍ସ୍ୟଜୀବୀ ସଂଘର ବୈଠକରେ ନଈକୂଳପାଟଣା ସଭ୍ୟଙ୍କୁ ନ ଡାକିବା ଓ ମାଛ ଧରିବାବେଳେ ମଧ୍ୟ ନଈକୂଳପାଟଣା ମତ୍ସ୍ୟଜୀବୀଙ୍କୁ ବିରୋଧ କରାଯାଉଥିଲା। ଶନିବାର ନଈକୂଳପାଟଣାର କେତେଜଣ ବ୍ୟକ୍ତି ମାଛ ଧରିବାରୁ ଜାଗୁଲେଇପଦର ଗ୍ରାମବାସୀ ପ୍ରତିବାଦ କରିବାରୁ ରାତି ପର୍ଯ୍ୟନ୍ତ ୨ ଗ୍ରାମ ମଧ୍ୟରେ ଉତ୍ତେଜନା ଲାଗିରହିଥିଲା। ରବିବାର ସକାଳୁ ଏହି କଥାକୁ ନେଇ ଉଭୟ ଗ୍ରାମବାସୀ ନଦୀର ୨ ପାର୍ଶ୍ୱରେ ରହି ବୋମାମାଡ଼ ସହ ଗୁଳିଚାଳନା କରିଥିଲେ। ଗୁଳିମାଡ଼ରେ ଆହତ ହୋଇଥିବା ପ୍ରମୋଦଙ୍କ ମୁଣ୍ଡରୁ ଡାକ୍ତରଖାନାରେ ଗୋଟିଏ ଗୁଳି ବାହାର କରାଯାଇଥିଲା। ଏ ନେଇ ଥାନା ଆଇଆଇସିଙ୍କ ସହ ଟେଲିଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା ।

## ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ମାଲକାନଗିରି,୨୭।୧୨(ଡି.ଏନ୍.ଏ.)

**ହତ୍ୟା କି ଆତ୍ମହତ୍ୟା କାରଣ ଅସ୍ପଷ୍ଟ**

ମାଲକାନଗିରି ଜିଲା ଉପକାରାଗାର ବିଚାରାଧୀନ କଏଦୀଙ୍କ ପାଇଁ ଏକପ୍ରକାର ମରଣଯନ୍ତା ପାଲଟିଛି। ମାଓବାଦୀଙ୍କ ସହ ସମ୍ପୃକ୍ତି ନେଇ କିଛିଦିନ ତଳେ ଗିରଫ ହୋଇଥିବା ଜଣେ ବିଚାରାଧୀନ କଏଦୀଙ୍କ ଶନିବାର ରାତିରେ ମୃତ୍ୟୁ ହୋଇଛି। ତାଙ୍କ ନାମ ଦାନୁ ଗୋଲରି। ଘର ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଯୋଡାମ୍ବ ଥାନା ଅନ୍ତର୍ଗତ ଖଜୁରିଗୁଡ଼ା ଗ୍ରାମରେ ବୋଲି ଜଣାପଡିଛି। ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକ କଟାଯାଇଥିବା ବେଳେ ସେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଫଳରେ ତାଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଛି। ତେବେ ଜେଲ ଭିତରକୁ କିପରି ଧାରୁଆ ଅସ୍ତ୍ର ଗଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୧୦ ଦିନ ମଧ୍ୟରେ ଏହି ଉପକାରାଗାରରେ ୩ଟି ସନ୍ଦେହଜନକ ମୃତ୍ୟୁ ଘଟିଲାଣି। କିଛିଦିନ ତଳେ ମାଥିଲି ଜଦ୍ରାଗୁଡ଼ା ଗ୍ରାମର ବାମନ କୁଞ୍ଜାମିଙ୍କ ଉପକାରାଗାରରେ ସନ୍ଦେହଜନକ ରୂପେ ମୃତ୍ୟୁ ଘଟିଥିଲା। ସେ ମଧୁମେହ ଓ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ ବୋଲି ଜେଲ କର୍ତ୍ତୃପକ୍ଷ ସେତେବେଳେ ସଫେଇ ଦେଇଥିଲେ। ସେହିପରି ଅନ୍ୟ ଜଣେ ବିଚାରାଧୀନ କଏଦୀଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା।

ଅନ୍ୟପକ୍ଷରେ କାରାଗାରରେ ଏପରି ମୃତ୍ୟୁ ଘଟଣାକୁ ନେଇ ଦାନୁଙ୍କ ପରିବାର ଲୋକେ ଜେଲ କର୍ତ୍ତୃପକ୍ଷଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି। ଦାନୁଙ୍କ ଭାଇ ବନ୍ଧୁ ଗୋଲରି ଏବଂ ରଞ୍ଜନ ଗୋଲରିଙ୍କ ସହ କେତେଜଣ ଗ୍ରାମବାସୀ କହିଛନ୍ତି, ଦାନୁ ଜେଲ ସୁରକ୍ଷା ବଳୟ ଭିତରେ ଥିବାବେଳେ ଗଳାକାଟି ନିଜେ ଆତ୍ମହତ୍ୟା କରିବା କଥାକୁ ବିଶ୍ୱାସ କରିହେଉନାହିଁ। ଜେଲରେ ସମସ୍ତ କଏଦୀ କୋଠରି ଭିତରେ ଥିଲେ। ଜେଲ କର୍ମଚାରୀ ଏବଂ ସୁପରିଣ୍ଟେଣ୍ଡେଣ୍ଟ ସବୁବେଳେ କଏଦୀମାନଙ୍କ ଉପରେ ନଜର ରଖି ପ୍ରତି କୋଠରି ଚେକ୍ କରନ୍ତି। ଏପରି କ୍ଷେତ୍ରରେ ମୋ ଭାଇ କିପରି ଛୁରି ପାଇଲେ ତାହା ଅନ୍ୟମାନେ ଜାଣିପାରିଲେ ନାହିଁ। କର୍ମଚାରୀମାନେ ମଧ୍ୟ ଜାଣିପାରିଲେନାହିଁ। ମୋ ଭାଇଙ୍କୁ ହତ୍ୟା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ରାମପ୍ରସାଦ ନାଗଙ୍କୁ ପଚାରିବାରେ ସେ ଏପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ ପାଇନାହାନ୍ତି। ତେବେ ଏନେଇ ଏକ ଅପମୃତ୍ୟୁ ମାମଲା (୪୮/୨୦) ରୁଜୁ କରାଯାଇ ତଦନ୍ତ ଚାଲିଛି। ଯିଏ ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଜେଲ ଅଧୀକ୍ଷକ ସଞ୍ଜୟ ବର୍ମାଙ୍କୁ ପଚାରିବାରୁ ସେ କହିଲେ, କଏଦୀମାନଙ୍କ ପାଇଁ ଜେଲ ଭିତରେ ଖାଦ୍ୟପେୟଠାରୁ ଆରମ୍ଭକରି ସେମାନଙ୍କର ସ୍ୱାସ୍ଥ୍ୟ, ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ସର୍ବଦା ଦୃଷ୍ଟି ରଖାଯାଇଛି। ମୃତ ଦାନୁ କିଛିଦିନ ହେଲା ମାନସିକ ଚିନ୍ତାରେ ଥିଲେ। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକରି ଔଷଧ ପ୍ରଦାନ କରାଯାଇଥିଲା। ତେବେ ସେ କିପରି ଧାରୁଆ ଅସ୍ତ୍ର ପାଇଲେ ସେ ନେଇ ତଦନ୍ତ ଚାଲିଛି। ସ୍ଥାନୀୟ ପୋଲିସ ମଧ୍ୟ ଏହାର ତଦନ୍ତ କରୁଛନ୍ତି। ପରିବାର ଲୋକେ ଆଣିଥିବା ହତ୍ୟା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଛନ୍ତି।

## ଜାତୀୟ ପତାକାରେ ମଞ୍ଚ ସିଲିଂ

ଢେଙ୍କାନାଳ ଅଫିସ, ୨୭।୧୨

- ଭାଜପା ଚାଷୀ ସମ୍ମିଳନୀରେ ଫ୍ଲାଗ୍ କୋଡ୍ ଉଲ୍ଲଂଘନ ଅଭିଯୋଗ
- ଛାତ୍ର ବିଜେଡି, ସୂଚନା ଅଧିକାର କର୍ମୀ ଦେଲେ ଥାନାରେ ଏତଲା



ମଞ୍ଚରେ କରାଯାଇଥିବା ଜାତୀୟ ପତାକାର ସିଲିଂ।

ଢେଙ୍କାନାଳ ମିନି ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଭାଜପା ଚାଷୀ ସମାବେଶରେ ଫ୍ଲାଗ୍ କୋଡ୍ ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଅତିଥିଙ୍କ ମଞ୍ଚ ଉପରେ ଜାତୀୟ ପତାକାକୁ ସିଲିଂ କରାଯାଇଥିବା ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ସଞ୍ଜୀବ ପୃଷ୍ଟି ଏବଂ ଓଡ଼ିଶା ସୂଚନା ଅଧିକାର ଅଭିଯାନ ଶାଖା ଆବାହକ ପ୍ରିୟବ୍ରତ ଗଡ଼ନାୟକ ରବିବାର ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଭାଜପାର ବରିଷ୍ଠ ନେତା ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମନମୋହନ ସାମଲ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଫ୍ଲାଗ୍ କୋଡ୍ ଉଲ୍ଲଂଘନ କରାଯିବା ସହ ସମ୍ବିଧାନର ମର୍ଯ୍ୟାଦା କ୍ଷୁଣ୍ଣ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୂଚନା ଅଧିକାର ଅଭିଯାନ ପକ୍ଷରୁ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଟାଉନ ଥାନାଧିକାରୀ ନମିତା ନାୟକ କୁହନ୍ତି, ଅଭିଯୋଗକୁ ନେଇ ଷ୍ଟେଶନ ଡାଏରୀ ହୋଇଛି। ଏହାର ତଦନ୍ତ କରାଯିବ। ଅପରପକ୍ଷେ ଏହି ଘଟଣାକୁ ନେଇ ଜିଲା ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ସ୍ଥାନୀୟ ଗଣେଶ ବଜାରରେ ରବିବାର ରାତି ୮ଟାରେ ପ୍ରତିବାଦ କରାଯାଇଛି। ଦଳୀୟ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଆସି ଧର୍ମେନ୍ଦ୍ର ପ୍ରଧାନ, କନକବର୍ଦ୍ଧନ ସିଂଦେଓ ଏବଂ ମନମୋହନ ସାମଲଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

ଏ ସଂକ୍ରାନ୍ତରେ ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ର କୁହନ୍ତି, ଭାଜପା ଏକ ରାଷ୍ଟ୍ରୀୟ ଦଳ। ଏହା କେବେ ଜାତୀୟ ପତାକାକୁ ଅସମ୍ମାନ କରିବ ନାହିଁ। ମଞ୍ଚରେ ଯେଉଁ ଚକ୍ର ଲଗାଯାଇଛି, ତାହା ଅଶୋକ ଚକ୍ର ନୁହେଁ। ଚାଷୀ ସମାବେଶ ହେଉଥିବାରୁ ପ୍ରତୀକ ସ୍ୱରୂପ ଲଙ୍ଗଳ ଏବଂ ଶଗଡ଼ ଚକକୁ ମଞ୍ଚ ତଳେ ରଖାଯାଇଥିଲା। ସେହିଭଳି ଏକ ଚକାକୃତି ଚିତ୍ରକୁ ସିଲିଂରେ ସ୍ଥାପିତ କରାଯାଇଥିଲା। ବିଭିନ୍ନ ମଣ୍ଡିରେ ଚାଷୀଙ୍କୁ ଶୋଷଣ କରାଯାଉଛି। ଏଥିଲାଗି ଢେଙ୍କାନାଳରେ କୃଷକ ସମାବେଶ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଉଥିବା ଜାଣି ବହୁସଂଖ୍ୟାରେ ଚାଷୀ ଆସିଥିଲେ। ଏହାକୁ ବିଜେଡି ସହି ପାରୁନାହିଁ। ବିଜେଡି କର୍ମୀମାନେ ଔଷଧ ବିକଳରେ ତଡିଆ କାମୁଡ଼ିବା ଭଳି କାର୍ଯ୍ୟ କରୁଛନ୍ତି।


## ୩୧ରେ ଗୋପାଳପୁର ବେଳାଭୂମି ମନା


ଛତ୍ରପୁର,୨୭।୧୨(ଡି.ଏନ୍.ଏ.)



ଗୋପାଳପୁର ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ ।


**ଧାର୍ମିକ ଅନୁଷ୍ଠାନ, ପାର୍କ ଖୋଲିବା ନିଷ୍ପତ୍ତି ଆଜି**


ଚଳିତବର୍ଷର ଶେଷଦିନ ଅର୍ଥାତ୍ ୩୧ତାରିଖ (ଗୁରୁବାର) ଗୋପାଳପୁର ବେଳାଭୂମିକୁ ଯିବା ମନା ହୋଇଛି। କାହାରିକୁ ସେଠାକୁ ଛଡ଼ାଯିବନି ବୋଲି ରବିବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ଏଥିସହ ବାହାରେ ଜିରୋନାଇଟ୍ ପାଳନ କରିବାକୁ ନିଷେଧ କରାଯାଇଥିବା କହିଛନ୍ତି। କରୋନାକୁ ଦୃଷ୍ଟିରେ ରଖି ଗୋଟିଏ ସ୍ଥାନରେ ଭିଡ଼ ଯେଭଳି ନ ହେବ ସେଥିଲାଗି ଏପରି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ ସୋମବାର ଜିଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ମନ୍ଦିର ସମେତ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଏବଂ ପାର୍କ ଆଦି ଜନସାଧାରଣଙ୍କ ପାଇଁ ଖୋଲିବା ନେଇ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହେବ ବୋଲି ଜିଲାପାଳ କହିଛନ୍ତି। ଏସ୍ଓପି ଆଣି ମନ୍ଦିର, ଧାର୍ମିକ ଅନୁଷ୍ଠାନ ଓ ପାର୍କ ଆଦି ଖୋଲିବ । ମାତ୍ର ଏ ନେଇ ସମସ୍ତ ଅଧିକାରୀ ଓ ଅନ୍ୟମାନଙ୍କ ପରାମର୍ଶ ନେଇ ସୋମବାର ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।















## ଚର୍ଚ୍ଚିତ ବ୍ୟଙ୍ଗ ଚିତ୍ର

ବର୍ଷ ୨୦୨୦ ଥିଲା ଯନ୍ତ୍ରଣାବହୁଳ । ଏହି ସମୟରେ ସାମାଜିକ, ରାଜନୈତିକ, ପ୍ରଶାସନିକ, ପରିବେଶଗତ ଆଦି ବିଭିନ୍ନ ପ୍ରସଙ୍ଗ ଠାରୁ ବଳିଯାଇଥିଲା ମହାମାରୀ କରୋନାର କଷଣ। ଧରିତ୍ରୀ ବ୍ୟଙ୍ଗଚିତ୍ର (କାର୍ଟୁନ)ରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ସ୍ଥାନିତ କରାଯାଇଥିଲା। ବିଦାୟୀ ବର୍ଷ ୨୦୨୦ ସବୁଦିନ ପାଇଁ ମନେ ରହିବ । ଏଭଳି କିଛି ଚିତ୍ର ଓ ଚରିତ୍ରକୁ ସ୍ମରଣୀୟ କରିବା ଲାଗି ଏଇ ପ୍ରୟାସ।

**କାର୍ଟୁନିଷ୍ଟ: ଉତ୍କଳ ଗୌରବ**























ଓଡ଼ିଶା ଟି୨୦ କ୍ରିକେଟ ଲିଗ୍ ଉଦ୍‌ଘାଟନ ଅବସରରେ ରବିବାର ଖେଳାଳିଙ୍କ ଗହଣରେ ଓସିଏର କର୍ମକର୍ତ୍ତାମାନେ ଅତିଥି ଦେବାଶିଷ ମହାନ୍ତିଙ୍କ ସହ। (ଫଟୋ: ରାଜକିଶୋର ମହାନ୍ତି)

# ଓଡ଼ିଶା ଟି୨୦ ଲିଗ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୭।୧୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଟି୨୦ କ୍ରିକେଟ ଲିଗ୍ ରବିବାର କଟକର ବାରବାଟୀ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) କର୍ମକର୍ତ୍ତାମାନେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନବନିଯୁକ୍ତ ସିନିୟର ଚୟନ କମିଟି ସଦସ୍ୟ ଦେବାଶିଷ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦେବାଶିଷ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଏ. କେ. ସାମନ୍ତ, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନ୍‌ସିଲ ସଦସ୍ୟ ଶୁଭାଶିଷ ସେନାପତି, ଅବକାଶ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବ୍ରତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସୁଶାନ୍ତ ଚନ୍ଦ୍ର ମହାନ୍ତି ଏବଂ ଅନ୍ୟ ଓସିଏ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


ଓଡ଼ିଶା ପୁମାସ ଓ ପାନ୍ଥର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ପାନ୍ଥର୍ସ ଜିତିଲା ପ୍ରଥମ ମ୍ୟାଚ

ଉଦ୍‌ଘାଟନୀ ମ୍ୟାଚ ଓଡ଼ିଶା ପାନ୍ଥର୍ସ ଓ ଓଡ଼ିଶା ପୁମାସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାନ୍ଥର୍ସ ୯ ଉଇକେଟରେ ପୁମାସକୁ ପରାସ୍ତ କରିଥିଲା। ପୁମାସ ପକ୍ଷରୁ ଧାର୍ଯ୍ୟ ୧୪୨ ରନର ବିଜୟ ଲକ୍ଷ୍ୟକୁ ପାନ୍ଥର୍ସ ୧୫.୩ ଓଭରରେ ୧ ଉଇକେଟ ହରାଇ ହାସଲ କରି ନେଇଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁମାସ ୨୦ ଓଭରରେ ୮ ଉଇକେଟ ହରାଇ ୧୪୧ ରନ କରିଥିଲା। ଦଳ ପକ୍ଷରୁ ପ୍ରୟାସ ସିଂ ୪୦ ବଲ୍‌ରୁ ସର୍ବାଧିକ ୭୪(୩ ଚୌକା, ୭ ଛକା) ଏବଂ ସନ୍ଦୀପ ପଟ୍ଟନାୟକ ୪୫ ବଲ୍‌ରୁ ୪୧(୩ ଚୌକା) ରନ କରିଥିଲେ। ୬ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଦଳ ୨୫ ରନରେ ୫ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିବାବେଳେ ସନ୍ଦିପ ଓ ପ୍ରୟାସଙ୍କ ପାଇଁ ସମ୍ମାନଜନକ ସ୍କୋର ସମ୍ଭବ ହୋଇଥିଲା। ପ୍ରତିପକ୍ଷ ଦଳର ପ୍ରଦୀପ ପ୍ରଧାନ ସର୍ବାଧିକ ୪ଟି, ଆଲୋକ ସାହୁ ୨ଟି ଓ ବସନ୍ତ ମହାନ୍ତି ଗୋଟିଏ ଉଇକେଟ ନେଇଥିଲେ। ପାନ୍ଥର୍ସ ଓପନିଂ ଯୋଡ଼ିରେ ୪୮ ରନ ଯୋଗକରି ବିଜୟ ପାଇଁ ପଥ ପରିଷ୍କାର କରିଥିଲା। ଆଲୋକ ସାହୁ ୧୧ ବଲ୍‌ରୁ ୨୩(୪ ଚୌକା) ରନ କରି ଆଉଟ ହୋଇଥିବାବେଳେ ଅଙ୍କିତ ସିଂ ୪୩(୪୫ ବଲ, ୬ ଚୌକା) ଓ ସିଦ୍ଧାନ୍ତ ଜେନା ୬୩(୩୯ ବଲ, ୫ ଚୌକା, ୫ ଛକା) ରନରେ ଅପରାଜିତ ରହି ଦଳକୁ ସହଜରେ ବିଜୟୀ କରାଇଥିଲେ। ପରାଜିତ ଦଳର ବାଦଲ ନିଶାଦ ଗୋଟିଏ ଉଇକେଟ ନେଇଥିଲେ। ୨୦ ରନ ବିନିମୟରେ ୪ ଉଇକେଟ ହାସଲ କରିଥିବା ବିଜୟୀ ଦଳର ପ୍ରଦୀପ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ଚିତାସ ଓ ଟାଇଗର୍ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା।

## ଟାଇଗର୍ସକୁ ହରାଇଲା ଚିତାସ୍

ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଚିତାସ୍ ୭ ରନରେ ଓଡ଼ିଶା ଟାଇଗର୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଚିତାସ ୨୦ ଓଭରରେ ୮ ଉଇକେଟ ହରାଇ ୧୫୪ ରନ କରିଥିଲା। ଦଳ ପକ୍ଷରୁ ଅଭିଷେକ ରାଉତ ସର୍ବାଧିକ ୪୫ ବଲ୍‌ରୁ ୬୫(୭ ଚୌକା, ୨ ଛକା), ସୌରଭ ଗୌଡ଼ ୩୧ ବଲ୍‌ରୁ ୩୯( ୪ ଚୌକା, ୧ ଛକା) ଓ ଅନୁରାଗ ଷଡ଼ଙ୍ଗୀ ୧୭ ବଲ୍‌ରୁ ୨୨(୪ ଚୌକା) ରନ କରିଥିଲେ। ପ୍ରତିପକ୍ଷ ବୋଲରଙ୍କ ମଧ୍ୟରେ ଶେଖର ମାଝି ଓ ସଞ୍ଜୟ ଦାସ ୩ଟି ଲେଖାଏ ଏବଂ ବି. ଶିବା ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ଟାଇଗର୍ସ ଓପନିଂ ଯୋଡ଼ିରେ ୧୫.୩ ଓଭରରୁ ୧୧୮ ରନ ଯୋଗ କରିଥିଲେ ହେଁ ପରବର୍ତ୍ତୀ ୨୪ ରନ ମଧ୍ୟରେ ୭ ଉଇକେଟ ହରାଇ ପରାଜୟ ବରଣ କରିଥିଲା। ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୪୭ ରନ କରିବାକୁ ସକ୍ଷମ ହୋଇଥିଲା। ଦୁଇ ଓପନର ଆୟୁଷ ନାୟକ ୫୨(୫୩ ବଲ, ୫ ଚୌକା) ଓ ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୬୫(୪୫ ବଲ, ୭ ଚୌକା, ୨ ଛକା) ରନ ସ୍କୋର କରିଥିଲେ। ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କରେ ପହଞ୍ଚିପାରି ନ ଥିଲେ। ବିଜୟୀ ଦଳର ମୃଣ୍ମୟ ତ୍ରିପାଠୀ ଓ ରାମଚନ୍ଦ୍ର ବେହେରା ୩ଟି ଲେଖାଏ ଏବଂ ଅଭିଷେକ ରାଉତ ଗୋଟିଏ ଉଇକେଟ ନେଇଥିଲେ।

# ପ୍ରଥମ ଟେଷ୍ଟ: ୱିଲିୟମସନ୍‌ଙ୍କ ଶତକ

**ମାଉଣ୍ଟ ମାଉନଗାନୁଇ, ୨୭।୧୨ (ଏପି):** ଅଧିନାୟକ କେନ୍ ୱିଲିୟମସନ୍‌ଙ୍କ ଶତକ, ହେନେରୀ ନିକୋଲ୍ସ ଓ ବିଜେ ୱାଟଲିଂଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ନ୍ୟୁଜିଲାଣ୍ଡ ଭ୍ରମଣକାରୀ ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟରେ ସ୍ଥିତି ଦୃଢ଼ କରିଛି। ଟସ୍‌ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୧୫୫ ଓଭରରେ ୪୩୧ ରନ ସଂଗ୍ରହ କରି ଅଲଆଉଟ ହୋଇଛି। ଜବାବରେ ପାକିସ୍ତାନ ପ୍ରଥମ ଇନିଂସ ଆରମ୍ଭ କରି ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୨୦ ଓଭରରେ ଗୋଟିଏ ଉଇକେଟ ହରାଇ ୩୦ ରନ ସଂଗ୍ରହ କରିଛି। ଫଳରେ ପାକିସ୍ତାନ ଏବେ ୪୦୧ ରନ ପଛରେ ପଡିଛି। ଏକମାତ୍ର ଆଉଟ ହୋଇଥିବା ବ୍ୟାଟ୍ସମ୍ୟାନ ଓପନର ଶାନ ମାସୁଦ ୧୦ ରନକରି ଉଇକେଟକିପର ବିଜେ ୱାଟଲିଂଙ୍କୁ କ୍ୟାଚ୍ ଦେଇ କାଏଲ ଜେମିଶନଙ୍କ ଶିକାର ହୋଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ଆବିଦ ଅଲି ୧୯ ଓ ମହମ୍ମଦ ଆବାସ ବିନା ସ୍କୋରରେ ଅପରାଜିତ ରହିଛନ୍ତି। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୨୨/୩ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ୱିଲିୟମସନ ୯୪ରୁ ଖେଳ ଆରମ୍ଭ କରି ୧୨୯ ରନର ଶତକୀୟ ପାଳି ଖେଳି ୟାସିର ଶାହାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏଥିସହିତ ୱିଲିୟମସନ କ୍ୟାରିୟରର ୨୩ତମ ଟେଷ୍ଟ ଶତକ ଅର୍ଜନ କରିଛନ୍ତି। ସେହିପରି ୪୨ରୁ ଖେଳ ଆରମ୍ଭ କରି ହେନେରୀ ନିକୋଲ୍ସ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। **ସଂକ୍ଷିପ୍ତ ସ୍କୋର:** ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୫୫ ଓଭରରେ ୪୩୧ ଅଲଆଉଟ (ୱିଲିୟମସନ- ୧୨୯, ଟେଲର- ୭୦, ନିକୋଲ୍ସ- ୫୬, ୱାଟଲିଂ- ୭୩, ଜେମିଶନ- ୩୨, ଶାହିଦ ଆଫ୍ରିଦି- ୪/୧୦୯, ୟାସିର- ୩/୧୧୩)। ପାକିସ୍ତାନ ପ୍ରଥମ ଇନିଂସ: ୨୦ ଓଭରରେ ୩୦/୧ (ଆବିଦ- ୧୯*, ମାସୁଦ-୧୦, ଜେମିଶନ-୧/୪)।

# କଳିଙ୍ଗରେ ହେବ ଲନ୍ ବଲ୍ ଭିତ୍ତିଭୂମୀ

**ଭୁବନେଶ୍ୱର, ୨୭।୧୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଲନ୍ ବଲ୍ ପାଇଁ ଭିତ୍ତିଭୂମୀ ପ୍ରସ୍ତୁତ ହେବାକୁ ଯାଉଛି। ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଓଡ଼ିଶାର ଭଲ ପଦାର୍ପଣ, ଜାତୀୟ ପ୍ରତିଯୋଗିତା ପଦକ ବିଜୟ ପରେ ଲନ୍ ବଲ୍‌ରେ ପର୍ଯ୍ୟାପ୍ତ ସମ୍ଭାବନାକୁ ନଜରରେ ରଖି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏପରି ପଦକ୍ଷେପ ନିଆଯାଉଛି। ସମ୍ପ୍ରତି ଏ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଓଏମ୍‌ସି କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ଲନ୍ ବଲ୍‌କୁ ରାଜ୍ୟର ଏକ କ୍ରୀଡ଼ା ଶୃଙ୍ଖଳା ଭାବେ ଗ୍ରହଣ କରିବା, କଳିଙ୍ଗ ଷ୍ଟାଡିୟରେ ଏକ ଲନ୍‌ବଲ୍ ପଡିଆ ବିକଶିତ କରିବା, ଅନ୍ୟୁନ ୧୫ଟି ବିଦ୍ୟାଳୟରେ ଏହି ଖେଳକୁ ପଦାର୍ପଣ କରାଇବା ଏବଂ ୧୭ ବର୍ଷରୁ କମ୍ ବର୍ଗର ଓଡ଼ିଶା ଦଳର ପୁଲ୍ ବଢ଼ାଇବା ଲାଗି ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା ଆୟୋଜନ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଖେଳର ଲୋକପ୍ରିୟତା ଲାଗି ପ୍ରଚାର ଓ ପ୍ରସାର ସହିତ ପ୍ରଶିକ୍ଷକଙ୍କ ଶିକ୍ଷା କାର୍ଯ୍ୟକ୍ରମ ଏବଂ ଭବିଷ୍ୟତରେ ଅନ୍ତର୍ଜାତୀୟ ସମ୍ବଳର ବିନିଯୋଗ କରି ପ୍ରଶିକ୍ଷଣ ପ୍ରଦାନ କରିବାର ବ୍ୟବସ୍ଥା ଲାଗି ମଧ୍ୟ ଯୋଜନା କରାଯାଇଛି। କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ରାଜ୍ୟ ବୋଲିଂ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, କ୍ରୀଡ଼ା ଓ ଯୁବସେବା ବିଭାଗ ଉପ ସଚିବ ଶୈଳେନ୍ଦ୍ର କୁମାର ଜେନା, ଅନୁ ସଚିବ ସନାତନ ସାହୁ, କ୍ରୀଡ଼ା ବିକାଶର ବରିଷ୍ଠ ପରାମର୍ଶଦାତା ମନୀଷ କୁମାର, ହାଇପରଫର୍ମାନ୍ସ ପରାମର୍ଶଦାତା ଲ୍ୟୁଟନାଣ୍ଟ କର୍ନେଲ୍ ଏ ରାଜେଶ, ଖେଲୋ ଇଣ୍ଡିଆର ପ୍ରବନ୍ଧକ କଲ୍ଲୋଳ ମୁଖାର୍ଜୀ, ସହକାରୀ ତୁହିନ ରାୟ ପ୍ରମୁଖ ଭାଗ ନେଇଥିଲେ।

# ଗ୍ରାମାଞ୍ଚଳରେ ବଢ଼ୁଛି ଭଲିବଲ କ୍ରେଜ୍

**ଭୁବନେଶ୍ୱର, ୨୭।୧୨(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟରେ କ୍ରମେ ଭଲିବଲ ପ୍ରତି ଆଗ୍ରହ ବଢ଼ୁଥିବା ପରିଲକ୍ଷିତ ହେଉଛି। ଗ୍ରାମାଞ୍ଚଳ ପ୍ରତିଭାକୁ ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଭାରତୀୟ ଭଲିବଲ ଆସୋସିଏଶନ ସଭାପତି ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସରେ ଯାଜପୁର ଜିଲା ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିରିପଟାଠାରେ ରବିବାର ଏକ ଆନ୍ତଃକ୍ଲବ୍ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ବିଭିନ୍ନ ଜିଲାର ମହିଳା ଓ ପୁରୁଷ ଦଳ ଭାଗ ନେଇଛନ୍ତି। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ତଥା ଓଡ଼ିଶା ଭଲିବଲ ଆସୋସିଏଶନ ସାଧାରଣ ସମ୍ପାଦକ ଡ. ଗଗନେନ୍ଦୁ ଦାଶ ଏହି ଟୁର୍ନାମେଣ୍ଟକୁ ଉଦଘାଟନ କରିଛନ୍ତି। ପ୍ରତିଯୋଗିତାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କେତେକ ଖେଳାଳି ଭାଗନେଇଛନ୍ତି। ଗ୍ରାମାଞ୍ଚଳ ଭଲିବଲ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଲକ୍ଷ୍ୟ।


ମ୍ୟାଚ୍ ପୂର୍ବରୁ ଉପସ୍ଥିତ ଖେଳାଳିମାନେ।

# ଦକ୍ଷିଣ ଆଫ୍ରିକାର ଦୃଢ଼ ଜବାବ

**ସେଞ୍ଚୁରିଅନ, ୨୭।୧୨ (ଏପି):** ସ୍ଥାନୀୟ ସୁପର ସ୍ପୋର୍ଟ୍ସ ପାର୍କରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଭ୍ରମଣକାରୀ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୩୯୬ରନ କରି ଅଲଆଉଟ ହୋଇଯାଇଛି। ଆୟୋଜକ ଦକ୍ଷିଣ ଆଫ୍ରିକା ଦୃଢ଼ ଜବାବ ଦେବାକୁ ଯାଇ ରବିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା୪ ଉଇକେଟ ବିନିମୟରେ ୩୧୭ ରନ କରିଛି। ଶ୍ରୀଲଙ୍କା ପ୍ରଥମ ଇନିଂସ ସ୍କୋରଠାରୁ ଦଳ ଆହୁରି ୭୯ରନ ପଛରେ ରହିଛି। **ସଂକ୍ଷିପ୍ତ ସ୍କୋର: ଶ୍ରୀଲଙ୍କା ପ୍ରଥମ ଇନିଂସ:** ୩୯୬/ଅଲଆଉଟ (ଦୀନେଶ ଚାଣ୍ଡିମଲ-୮୫, ଧନଞ୍ଜୟ ଡି'ସିଲ୍‌ଭା-୭୯ ରିଟାୟର୍ଡ ହର୍ଟ, ଦାସୁନ ସାନକା-୬୬*,ନିରୋଶାନ ଡିକ୍‌ୱେଲା-୪୯, ଲୁଥୋ ସିପାମ୍ଲା- ୪/୭୬, ୱିଆନ୍ ମଲ୍ଡର-୩/୬୯)। **ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ**( ଅସମାପ୍ତ): ୩୧୭/୪ (ଡିନ୍ ଏଲ୍‌ଗାର-୯୫,ଏଡେନ୍ ମାକ୍ରାମ୍-୬୮, ଫାଫ୍ ଡୁ'ପ୍ଲେସି-୫୫*, ଟେମ୍ବା ବାଭୁମା-୪୧*, ଦାସୁନ ସାନକା-୧/୫୬, ବିଶ୍ୱ ଫର୍ନାଣ୍ଡୋ-୧/୫୯)।

# ଆଇଏସ୍ଏଲ୍: କେରଳ ବ୍ଲାଷ୍ଟର୍ସର ପ୍ରଥମ ବିଜୟ

**ବାମ୍ବୋଲିମ (ଗୋଆ),୨୭।୧୨:** ସ୍ଥାନୀୟ ଜିଏମ୍‌ସି ଆଥଲେଟିକ୍ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ଏକ ମ୍ୟାଚରେ କେରଳ ବ୍ଲାଷ୍ଟର୍ସ ୨-୦ ଗୋଲରେ ହାଇଦ୍ରାବାଦକୁ ପରାସ୍ତ କରିଛି। ଚଳିତ ସିଜନରେ ଦଳର ଏହା ହେଉଛି ପ୍ରଥମ ବିଜୟ। ପ୍ରଥମାର୍ଦ୍ଧରେ ଅବ୍‌ଦୁଲ ହାକୁ (୨୯ତମ ମିନିଟ୍) ହେଡର ଜରିଆରେ ଏକ ଗୋଲ ସ୍କୋର କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧର ୮୮ତମ ମିନିଟ୍‌ରେ ଜୋର୍ଡାନ ମୁରେ ଦଳ ପକ୍ଷରୁ ଦ୍ୱିତୀୟ ଗୋଲଟିକୁ ସ୍କୋର କରିଥିଲେ। କେରଳ ଦଳ ଏହି ମ୍ୟାଚ ପାଇଁ ଏସ୍‌ସି ଇଷ୍ଟବେଙ୍ଗଲ ବିପକ୍ଷ ଡ୍ର ମ୍ୟାଚରେ ଖେଳିଥିବା ଦଳରେ ୫ ପରିବର୍ତ୍ତନ କରିଥିଲା। ଅନ୍ୟପକ୍ଷରେ ହାଇଦ୍ରାବାଦ ୨ ଖେଳାଳିଙ୍କୁ ବଦଳାଇଥିଲା। ଲିଷ୍ଟନ କୋଲାକୋ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

# ଦେବାଶିଷ ସାହୁଙ୍କୁ ଦ୍ୱିମୁକୁଟ

## ଗୁରୁକୁଳ ଟେନିସ ଚାମ୍ପିୟନଶିପ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୨୭।୧୨(କ୍ରୀଡ଼ା ପ୍ରତିନିଧି)**

କରୋନା ମହାମାରୀ ଜନିତ ବ୍ରେକ୍ ପରେ ରାଜ୍ୟର ପ୍ରଥମ ଟେନିସ ଟୁର୍ନାମେଣ୍ଟ ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ଓ ରବିବାର ୨ ଦିନ ଧରି ଗୁରୁକୁଳ ଟେନିସ ଚାମ୍ପିୟନଶିପ୍ ୧୫ ଓ ୧୯ ବର୍ଷରୁ କମ୍ ବର୍ଗରେ ଖେଳା ଯାଇଥିଲା। ଭୁବନେଶ୍ୱରର ପ୍ରତିଭା ସମ୍ପନ୍ନ ଖେଳାଳି ଦେବାଶିଷ ସାହୁ ଉଭୟ ବର୍ଗରେ ଚାମ୍ପିୟନ ହୋଇ ଦ୍ୱିମୁକୁଟ ହାସଲ କରିଛନ୍ତି। ସେ ୧୫ ବର୍ଷରୁ କମ୍ ଫାଇନାଲରେ ୬-୩, ୬-୪ରେ ଶୁଭ୍ରନିଲ ବର୍ମନ ଏବଂ ୧୯ ବର୍ଷରୁ କମ୍ ଫାଇନାଲରେ ୪-୬, ୭-୬(୭/୫), ୬-୩ ସେଟ୍‌ରେ ସଂଗ୍ରାମ କୁମାର ପାତ୍ରଙ୍କୁ ପରାସ୍ତ କରିଥିଲେ। ଉଭୟ ବିଭାଗର ଚାମ୍ପିୟନଙ୍କୁ ୧୫୦୦ ଏବଂ ରନର୍ସଅପ୍‌ଙ୍କୁ ୧୦୦୦ଟଙ୍କାର ଅର୍ଥରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଶା ଟେନିସ ଇତିହାସରେ ପ୍ରଥମଥର ପାଇଁ ମେଣ୍ଢାଶାଳ ଗ୍ରାମର ବିଶିଷ୍ଟ ଚାଷୀ ଅଭିନ ବେହେରାଙ୍କୁ ମୁଖ୍ୟ ଅତିଥି କରାଯାଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ରାଜ୍ୟର ପ୍ରଥମ ଏଟିପି ର୍‍ୟାଙ୍କ୍‌ପ୍ରାପ୍ତ ଟେନିସ ଖେଳାଳି ଚିନ୍ମୟ ପ୍ରଧାନ ଏବଂ ସିନିୟର ଖେଳାଳି ବିବେକ ତିବରୱାଲ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ରେଫରି ସନ୍ତୋଷ କୁମାର ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଗୁରୁକୁଳ ଟେନିସ୍ ଚାମ୍ପିୟନସିପ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

# ହର୍ଷିତ ଚାମ୍ପିୟନ, ସ୍ୱପ୍ନିଲ ରନର୍ସ ଅପ୍

## ସନ୍ଦିପ ମହାନ୍ତି ମେମୋରିଆଲ ଓପନ ଚେସ୍

**ଭୁବନେଶ୍ୱର, ୨୭।୧୨(କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୧୩ତମ ସନ୍ଦିପ ମହାନ୍ତି ମେମୋରିଆଲ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ, ଭୁବନେଶ୍ୱରର ସ୍ୱପ୍ନିଲ ପ୍ରିୟଦର୍ଶୀ ରନର୍ସଅପ୍ ଏବଂ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ତିନି ଖେଳାଳିଙ୍କ ସମେତ ୪ର୍ଥ ସ୍ଥାନରେ ରହିଥିବା ଦେବୀ ପ୍ରସାଦ ବିଶ୍ୱାଳ ୬ ପଏଣ୍ଟ ଲେଖାଏ ପାଇଛନ୍ତି। ସମାନ ପଏଣ୍ଟ ପାଇଥିଲେ ହେଁ ବୁକୋଲଜରେ ଖେଳାଳି ର୍‍ୟାଙ୍କ୍ ସ୍ଥିର କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ବିଭୂତି ଭୂଷଣ ଦାସ, ମାନସ ରଞ୍ଜନ ପରିଡ଼ା, ମାନସ ରଞ୍ଜନ ମହାରଣା, ଜ୍ୟୋତିରଞ୍ଜନ ପଣ୍ଡା, ରବୀନ୍ଦ୍ର କୁମାର ଓଝା, ପ୍ରକାଶ ଚନ୍ଦ୍ର ସାହୁ, ହୃଦାନନ୍ଦ ସାମନ୍ତରା(ସମସ୍ତେ ୫ ପଏଣ୍ଟ), ରାଜେନ୍ଦ୍ର କୁମାର ସାହୁ ଓ ଲୋରେନ୍ସ ପ୍ରଧାନ (ଉଭୟ ୪.୫ ପଏଣ୍ଟ) ଶୀର୍ଷ ୧୩ ଜଣଙ୍କ ମଧ୍ୟରେ ରହିଛନ୍ତି। ସେହିପରି ୮ ବର୍ଷରୁ କମ୍ ବର୍ଗରେ ଈଶାନି ଦାସ, ଅର୍କ ମିଶ୍ର, ୧୦ ବର୍ଷରୁ କମ୍‌ରେ ରୋହିତ ମଲିକ, ସାଇ ଅମୃତ ପରିଜା, ୧୨ ବର୍ଷରୁ କମ୍‌ରେ ସ୍ଥିତପ୍ରଜ୍ଞ ସାହୁ, ଆଦିତ୍ୟ ରଞ୍ଜନ ଦାସ, ୧୪ ବର୍ଷରୁ କମ୍ ବିଭାଗରେ ଅଞ୍ଜଳି ମିଶ୍ର, ଅମନ୍ ଅଲୀ ଏବଂ ବାଳିକା ବର୍ଗରେ ନମସ୍ୟା ନଳିନୀ ଓ ସାହାନା ଲେଙ୍କା ପୁରସ୍କୃତ ହୋଇଛନ୍ତି। ବୈଭବ ମଜୁମଦାର, ମନସିଜ ସାମଲ, ଅମ୍ଲାନ ସେନାପତି, ଲଳିତ ରଞ୍ଜନ ସାହୁ ଓ ଅଂଶୁମାନ ପତି ଶାନ୍ତ୍ୱନା ମୂଳକ ପୁରସ୍କାର ହାସଲ କରିଛନ୍ତି। ଅଦିତି ମହାରଣା ସର୍ବକନିଷ୍ଠ ଖେଳାଳିଭାବେ ଏଥିରେ ଖେଳିଥିଲେ। ଭୁବନେଶ୍ୱର ଡିସିବି ବ୍ୟାଙ୍କ ଶାଖା ମୁଖ୍ୟ ନଳିନୀକାନ୍ତ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଭୁବନେଶ୍ୱର ଚେସ୍ ଆସୋସିଏଶନ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ, ଉପସଭାପତି ସୀତେନ୍ଦୁ ରାଜଗୁରୁ, ଯୁଗ୍ମ ସମ୍ପାଦକ ସୁରିନ୍ଦରନାଥ ମହାନ୍ତି, କୋଷାଧ୍ୟକ୍ଷ ପ୍ରଭାତ ନାଥ, ସାଇ ବୀଣାପାଣି ଜ୍ଞାନମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର, ସନ୍ଦିପଙ୍କ ସମ୍ପର୍କୀୟ ସୌମେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ଧରିତ୍ରୀ
DHARITRI
ସୋମବାର, ୨୮ ଡିସେମ୍ବର, ୨୦୨୦






ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ବ୍ୟକ୍ତିଗତ ଟୁଇଟରରେ ଏକ ଭିଡିଓ ଅପ୍‌ଲୋଡ କରିଛନ୍ତି। ଭିଡିଓରେ ସେ ବରଫ ସହ ଖେଳୁଥିବା ଦେଖାଯାଇଛି। ଏହାକୁ ଶେୟାର କରି କଙ୍ଗନା କହିଛନ୍ତି, ମୋ ଚିତାଭସ୍ମକୁ ଗଙ୍ଗାରେ ପକାଇବ ନାହିଁ। ସବୁ ନଦୀ ସାଗରରେ ଯାଇ ମିଶନ୍ତି। ମୁ ସମୁଦ୍ରର ଗଭୀରତାକୁ ଭୟ କରେ। ମୁଁ ଆକାଶ ଛୁଇଁବାକୁ ଚାହେଁ। ଏଣୁ ମୋ ଚିତାଭସ୍ମକୁ ପାହାଡ଼ ଉପରେ ବିଞ୍ଚିଦେବ। ଯେତେବେଳେ ସୂର୍ଯ୍ୟ ଉଇଁବ ତେବେ ମୁଁ ତାକୁ ଛୁଇଁ ପାରିବି। ଯେତେବେଳେ ଏକୁଟିଆ ହୋଇଯିବି ତେବେ ଜହ୍ନ ସହ କଥା ହୋଇପାରିବି। କଙ୍ଗନାଙ୍କ ଏଭଳି କଥା ଶୁଣି ବ୍ୟବହାରକାରୀମାନେ ବିଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି।

# ମହାକାଶରେ କାଠ ସାଟେଲାଇଟ୍

**ମହାକାଶରେ ଜମୁଛି କୁଢ଼କୁଢ଼ କୃତ୍ରିମ ଉପଗ୍ରହର ଅଳିଆ। ପ୍ରଗତି ଲୋଭରେ ପ୍ରଦୂଷିତ ହେଉଛି ପୃଥିବୀ ସମେତ ବାହାର ଦୁନିଆ। ଅଧିକ ସୂଚନା, ନିଜ ପ୍ରତିରକ୍ଷା ବ୍ୟବସ୍ଥା ମଜଭୁତ କରିବା ସହ ଅନୁସନ୍ଧାନମୂଳକ କାର୍ଯ୍ୟ ପାଇଁ ବିଭିନ୍ନ ଦେଶ ଗୋଟିଏ ପରେ ଗୋଟିଏ ସାଟେଲାଇଟ ପଠାଇ ଚାଲିଛନ୍ତି। ହେଲେ କାର୍ଯ୍ୟଦକ୍ଷତା ଶେଷ ହୋଇଯିବା ପରେ ତାହା ସେଠାରେ ହିଁ ଜମି ରହୁଛି। ଏପରି ସ୍ଥିତିରେ ବିନା ପ୍ରଦୂଷଣ ବା ଇକୋ ଫ୍ରେଣ୍ଡଲି ଭାବେ ଜାପାନ ଆରମ୍ଭ କରିଛି ନୂଆ ଯୋଜନା। ଏଣିକି ମହାକାଶକୁ ସ୍ୱଚ୍ଛ ରଖିବାକୁ ଏହି ଦେଶ କାଠରେ ନିର୍ମାଣ କରିବ ସାଟେଲାଇଟ। ସଫଳ ହେଲେ ମହାକାଶକୁ କାଠ ତିଆରି କୃତ୍ରିମ ଉପଗ୍ରହ ପଠାଇବାରେ ଜାପାନ ହେବ ପ୍ରଥମ ଦେଶ।**



**ଟୋକିଓ:** ପରିବେଶ ସୁରକ୍ଷା ଦିଗରେ ଅନ୍ୟ ଦେଶ ତୁଳନାରେ ଅଧିକ ଯତ୍ନଶୀଳ ଥିବା ଜାପାନ ମହାକାଶର ଅଳିଆ କମ୍ କରିବାକୁ ଯୋଜନା ଆରମ୍ଭ କରିଛି। ବୈଷୟିକ ଜ୍ଞାନକୌଶଳରେ ବେଶ ଆଗୁଆ ଥିବା ଏହି ଦେଶ ମହାକାଶକୁ କାଠ ତିଆରି ଉପଗ୍ରହ ପ୍ରେରଣ କରିବ। ୨୦୨୩ ସୁଦ୍ଧା ଏପରି ଉପଗ୍ରହ ନିର୍ମାଣ ଶେଷ ହୋଇପାରେ। କ୍ୟୁଟୋ ବିଶ୍ୱବିଦ୍ୟାଳୟ ଏବଂ ସୁମିତୋମୋ ବନ ବିଭାଗ ମିଳିତ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଯେତେଶୀଘ୍ର ଏହି ଉତ୍ପାଦନ ହୋଇପାରିବ ସେତେଶୀଘ୍ର ମହାକାଶରେ ଆବର୍ଜନା ଓ ପ୍ରଦୂଷଣର ମାତ୍ରା କମିବ ବୋଲି ବୈଜ୍ଞାନିକମାନେ ଆଶା କରିଛନ୍ତି।

ଅକାମୀ ହୋଇପଡିଥିବା ମାନବ ତିଆରି ଉପଗ୍ରହ ମଧ୍ୟରୁ ପ୍ରାୟ ୨୩ ହଜାରରୁ ଅଧିକ ମହାକାଶରେ ଜମି ରହିଛି। ଏଣେତେଣେ ବୁଲୁଥିବାରୁ ଏହା କୌଣସି ସମୟରେ ସଚଳ ସାଟେଲାଇଟ ସହ ଧକ୍କା ହୋଇ କ୍ଷତିସାଧନ କରିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ଅତ୍ୟାଧୁନିକ ସାଟେଲାଇଟ ତୁଳନାରେ କାଠ ତିଆରି ସାଟେଲାଇଟ ପାଇଁ ଅନେକ ଚ୍ୟାଲେଞ୍ଜ ଆସିପାରେ। ମହାକାଶରେ ଅଧିକ ମାତ୍ରାରେ ଇଲେକ୍ଟ୍ରୋମାଗ୍ନେଟିକ୍ ତରଙ୍ଗର ସମ୍ମୁଖୀନ ହେବା ଅପେକ୍ଷାକୃତ କଷ୍ଟକର। ତେଣୁ ଏହାକୁ ଅନ୍ୟ ମଡର୍ନ କୃତ୍ରିମ ଉପଗ୍ରହ ପରି କାର୍ଯ୍ୟଦକ୍ଷ କରିବା ବୈଜ୍ଞାନିକଙ୍କ ପାଇଁ ବଡ଼ ଆହ୍ୱାନ ହେବ।

## ଚିନ୍ତାଜନକ ଅଚଳ କୃତ୍ରିମ ଉପଗ୍ରହ

ବୈଧତା ସରିଯିବାପରେ କୌଣସି ସାଟେଲାଇଟ୍‌କୁ ସେଠାରୁ ହଟାଯାଇ ଅନ୍ୟଟିକୁ ସ୍ଥାପନ କରାଯାଉଛି। ବିଭିନ୍ନ ଦେଶ ପଠାଇଥିବା କୃତ୍ରିମ ଉପଗ୍ରହଗୁଡ଼ିକୁ ପୃଥିବୀକୁ ମଧ୍ୟ ଫେରାଇ ଅଣାଯାଉଛି। ଜନବସତିରୁ ବହୁ ଦୂରରେ ଏକ ଦ୍ୱୀପରେ ଅଳିଆ ଜମା ପାଇଁ ସ୍ଥାନ ରହିଛି, ଯେଉଁଠି ଏଗୁଡ଼ିକୁ ଗଦାକରାଯାଉଛି। ଏହି ସ୍ଥାନକୁ ପଏଣ୍ଟ ନେମୋ କୁହାଯାଏ। ପ୍ରାୟ ୨୭ ବର୍ଷ ହେଲାଣି ଏଠାରେ ମଧ୍ୟ କୁଢ଼କୁଢ଼ ମହାକାଶ ଆବର୍ଜନା ଗଦା ହୋଇସାରିଛି। ହେଲେ ପୃଥିବୀ ପୃଷ୍ଠକୁ ଅକାମୀ ସାଟେଲାଇଟ୍‌କୁ ଫେରାଇ ଆଣିବା ବ୍ୟୟବହୁଳ ହୋଇଥିବାରୁ ଅଧିକାଂଶ କ୍ଷେତ୍ରରେ ତାହାକୁ କକ୍ଷପଥରୁ ଦୂରକୁ ପଠାଇ ଦିଆଯାଉଛି। ଫଳରେ ସ୍ପେସ୍‌ରେ ଅଚଳ କୃତ୍ରିମ ଉପଗ୍ରହର ସଂଖ୍ୟା ବୃଦ୍ଧି ଏବେ ଚିନ୍ତାଜନକ ହୋଇଛି। ଏଣେତେଣେ ଏଗୁଡିକୁ ବୁଲୁଥିବାରୁ ଅନ୍ୟ ସଚଳ ସାଟେଇଲାଇଟ୍ ପାଇଁ ବିପଦ ବଢୁଛି।

# ଖୁସି ଅଛନ୍ତି ଉର୍ବଶୀ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରୌତେଲାଙ୍କୁ କିଏ ନ ଜାଣେ। ଦେଖିବାକୁ ସୁନ୍ଦରୀ ଯେମିତି ଅଭିନୟ ମଧ୍ୟ ସେମିତି। ଡ୍ୟାନ୍ସରେ ଉର୍ବଶୀ ସମସ୍ତଙ୍କ ହୃଦୟ କିଣିନେବାରେ ସକ୍ଷମ ହୋଇଛନ୍ତି। ସୋସିଆଲ ପ୍ଲାଟଫର୍ମରେ କାମ ପାଇଁ ଏବେ କିଛିଦିନ ହେବ ସେ ବହୁତ ଚର୍ଚ୍ଚାରେ ରହୁଛନ୍ତି। ତାଙ୍କୁ ଆପଣ ଶେଷଥର ପାଇଁ ଜୀ ୫ ଅରିଜିନାଲ 'ଭର୍ଜିନ ଭାନୁପ୍ରିୟା' ଫିଲ୍ମରେ ଦେଖିଥିବେ। ସେଥିରେ ଉର୍ବଶୀ ଜଣେ ଲାଜେଇ ଝିଅ ଭୂମିକାରେ ଅଭିନୟ କରିଥିଲେ ଯାହାଙ୍କ ନାମ ହେଉଛି ଭାନୁପ୍ରିୟା। ଏଥିରେ ତାଙ୍କ ଅଭିନୟକୁ ଫ୍ୟାନମାନେ ପସନ୍ଦ ମଧ୍ୟ କରିଥିଲେ। କିନ୍ତୁ ଏବେ ଉର୍ବଶୀଙ୍କୁ ନେଇ ଏମିତି ଏକ କଥା ଶୁଣିବାକୁ ମିଳୁଛି ଯାହା ଶୁଣିଲେ ତାଙ୍କ ଫ୍ୟାନ୍ ମାନେ ଖୁସି ହୋଇଯିବେ। ଶୁଣିବାକୁ ମିଳୁଛି ଅଭିନେତ୍ରୀ ଉର୍ବଶୀଙ୍କୁ ହ୍ରିତିକଙ୍କ ଡ୍ରିମ୍ ପ୍ରୋଜେକ୍ଟ କ୍ରିସ୍-୪ ରେ କାଷ୍ଟ କରାଯାଇଛି। କିଛିଦିନ ହେବ ସେହି ପ୍ରୋଜେକ୍ଟରେ କ୍ରୀତି ସାନନ୍ ଏବଂ କିଆରା ଆଡ୍‌ଭାନିଙ୍କ ନାମ ଶୁଣିବାକୁ ମିଳୁଥିଲା। ଏଥିପାଇଁ ଉର୍ବଶୀ ବହୁତ ଖୁସି ଅଛନ୍ତି ବୋଲି ଇନ୍‌ଷ୍ଟାରେ ଶେୟାର କରି ଜଣାଇଛନ୍ତି। ସେହିପରି ମୋହନ ଭରଦ୍ୱାଜଙ୍କ 'ବ୍ଲାକ ରୋଜ'ରେ ମଧ୍ୟ କାମ କରୁଛନ୍ତି ଯାହା ସେକ୍ସପିୟରଙ୍କ 'ଦି ମର୍ଚାଣ୍ଟ ଅଫ ଭେନିସ' ଉପରେ ଆଧାରିତ। ଏଥିରେ ଉର୍ବଶୀ ମୁଖ୍ୟ ଭୂମିକାରେ ଅଛନ୍ତି। ଫିଲ୍ମଟି ଓଟିଟି ପ୍ଲାଟଫର୍ମରେ ରିଲିଜ୍ ହେବ।

# ଗୋଟିଏ ନିଃଶ୍ୱାସରେ ପହଁରି ରେକର୍ଡ

**କୋପେନ୍‌ହାଗେନ୍:** ଡେନମାର୍କର ଜଣେ ସନ୍ତରଣକାରୀ କେବଳ ଗୋଟିଏ ନିଶ୍ୱାସରେ ୬୬୨ ଫୁଟ ୮.୭ ଇଞ୍ଚ ପାଣିରେ ପହଁରି ଗିନିଜ ୱାଲର୍ଡ ରେକର୍ଡ କରିଛନ୍ତି। ଷ୍ଟିଗ ନାମକ ଏହି ସନ୍ତରଣକାରୀ ପାଣିରେ ରେକର୍ଡ ଭାଙ୍ଗୁଥିବା ଦୂରତାକୁ ପହଁରିବା ପାଇଁ ମାତ୍ର ଗୋଟିଏ ନିଶ୍ୱାସ ନେଇଥିଲେ। ଏହି ସଫଳତା ହାସଲ କରିବାକୁ ସେ ୨ ମିନିଟ ୪୨ ସେକେଣ୍ଡ ପାଇଁ ନିଜର ନିଶ୍ୱାସ ବନ୍ଦ କରିଦେଇଥିଲେ। ଲାମାନଙ୍କୁ ପ୍ରେରଣା ଦେବା ଏବଂ ସମୁଦ୍ର ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଷ୍ଟିଗ ଏହି ପ୍ରୟାସ କରିଥିଲେ। ଯାହା ବର୍ତ୍ତମାନ ଏକ ରେକର୍ଡରେ ପରିଣତ ହୋଇଛି। ଗିନିଜ ୱାଲର୍ଡ ରେକର୍ଡସ ଷ୍ଟିଗଙ୍କ ପ୍ରୟାସର ତିନି ମିନିଟର ଲମ୍ବା ଭିଡିଓ ପୋଷ୍ଟ କରିଛନ୍ତି, ଯାହାକୁ ଦେଖି ଆପଣଙ୍କ ନିଶ୍ୱାସ ବନ୍ଦ ହୋଇଯିବ। ଷ୍ଟିଗ ଏକ କୌଶଳ ବ୍ୟବହାର କରିଥିଲେ ଯାହାକୁ ସେ ଶ୍ୱାସକ୍ରିୟା ବିଜ୍ଞାନ ବୋଲି କହିଥିଲେ। ସେ ନିଜ ପିତାମାତାଙ୍କ ପୁଷ୍କରିଣୀରେ ନିଶ୍ୱାସ ବନ୍ଦ କରି ପହଁରିବା ଅଭ୍ୟାସ କରୁଥିଲେ। ଏହି ଭିଡିଓକୁ ଶେୟାର କରିଥିବାରୁ ସେ ଗିନିଜ ୱାଲର୍ଡ ରେକର୍ଡକୁ ଧନ୍ୟବାଦ ଜଣାଇଛନ୍ତି।




ସେ କହିଛନ୍ତି, ସାରା ବିଶ୍ୱରେ ଲୋକମାନେ ସେମାନଙ୍କର '୨୦୨୦ ଡାଇଭ' ଭିଡିଓକୁ ସ୍ୱାଗତ କରିଥିବାରୁ ମୁଁ ଖୁସି। ଆସନ୍ତୁ ପ୍ରତିକୂଳ ପରିସ୍ଥିତିରେ ସକରାତ୍ମକ ହେବା ଏବଂ ପୃଥିବୀର ସୁରକ୍ଷା ଏବଂ ଯତ୍ନ ନେବା।

# ପିଲାଙ୍କୁ ଖୁସି ବାଣ୍ଟୁଛି ଖେଳନା ବ୍ୟାଙ୍କ



**ନୂଆଦିଲ୍ଲୀ:** ଖେଳନା ବ୍ୟାଙ୍କ୍, ଅର୍ଥାତ୍ ଯେଉଁଠି ପିଲାମାନଙ୍କ ପାଇଁ ରହିଛି ଅନେକଗୁଡ଼ିଏ ଖେଳନା। ଏମିତି ଏକ ବ୍ୟାଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି କି... କିନ୍ତୁ ଗରିବ ପିଲାଙ୍କ ପାଇଁ ଏଭଳି ଏକ ଖେଳନା ବ୍ୟାଙ୍କ ଏବେ ଖୋଲିଛି ରାଜଧାନୀ ଦିଲ୍ଲୀରେ। ଏକ ସମୟରେ ପରିବେଶ ପ୍ରଦୂଷଣକୁ ରୋକିବା ସହିତ ପିଲାଙ୍କ ଆବଶ୍ୟକତାକୁ ପୂରଣ କରିବ ଏହି ବ୍ୟାଙ୍କ। ଦକ୍ଷିଣ ଦିଲ୍ଲୀର ନଜାଫଗଡ଼ ଜୋନରେ ପିଲାମାନଙ୍କ ପାଇଁ ଏକ ଖେଳନା ବ୍ୟାଙ୍କ ଖୋଲିଛି। ଏହି ଭିନ୍ନ ଧରଣର ବ୍ୟାଙ୍କଟିକୁ ଦକ୍ଷିଣ ଦିଲ୍ଲୀ ମହାନଗର ନିଗମ ପକ୍ଷରୁ ଖୋଲାଯାଇଛି। ଗରିବ ପିଲାଙ୍କ ମୁହଁରେ ହସ ଫୁଟାଇବା ସହିତ ପରିବେଶ ପ୍ରଦୂଷଣ ରୋକିବା ପାଇଁ ଏଭଳି ଏକ ବ୍ୟାଙ୍କ ଖୋଲିଛି ବୋଲି ମେୟର କହିଛନ୍ତି। ତେବେ ଏହି ବ୍ୟାଙ୍କରେ ଯେ କେହି ବି ସେମାନଙ୍କ ଖେଳନା ଡିପୋଜିଟ୍ କରିପାରିବେ। ଏମିତି କି ଲୋକେ ବ୍ୟବହାର କରୁ ନ ଥିବା ଖେଳନାକୁ ଫୋପାଡିବା ବଦଳରେ ଏହି ବ୍ୟାଙ୍କରେ ବି ରଖିପାରିବେ। ଆଉ ଗରିବ ପିଲା ଯେଉଁମାନେ କି ଖେଳନାଟିଏ କିଣିବାକୁ ଅସମର୍ଥ ସେମାନେ ଚାହିଁଲେ ଏହି ବ୍ୟାଙ୍କରୁ ଖେଳନା ନେଇ ସେଠାରେ ଖେଳିପାରିବେ ଏବଂ ସେମାନେ ଚାହିଁଲେ ଏଠାରୁ ଖେଳନାକୁ ନିଜ ସାଙ୍ଗରେ ମଧ୍ୟ ନେଇ ଯାଇପାରିବେ। ଏଭଳି ଏକ ପଦକ୍ଷେପ ଫଳରେ ଏକ ସମୟରେ ଆବର୍ଜନା କମ୍ ହେବା ସହିତ ଗରିବ ପିଲାଙ୍କ ମୁହଁରେ ହସ ଫୁଟିପାରିବ ବୋଲି ଲୋକେ ମତ ଦେଇଛନ୍ତି। ତେବେ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ ଅନୁସାରେ ଏଭଳି ଏକ ଖେଳନା ବ୍ୟାଙ୍କ କରିବା ନିମନ୍ତେ ପ୍ରୟାସ କରାଯାଇଛି ବୋଲି ଅଧିକାରୀମାନେ କହିଛନ୍ତି। କାରଣ ଅଧିକାଂଶ ପ୍ଲାଷ୍ଟିକ୍ ଖେଳନାକୁ ଲୋକେ ଏଣେତେଣେ ଫିଙ୍ଗିବା ଫଳରେ ପରିବେଶ ପ୍ରଦୂଷଣ ହେଉଥିଲା। ଖେଳନା ବ୍ୟାଙ୍କ ଫଳରେ ବହୁମାତ୍ରାରେ ପ୍ରଦୂଷଣକୁ ଅନେକାଂଶରେ ରୋକାଯାଇପାରିବ ବୋଲି ମତ ପ୍ରକାଶ ପାଇଛି।

# ୬ ଫୁଟ୍‌ର ମାରାଡୋନା କେକ୍

**ଚେନ୍ନାଇ:** କେକ୍‌ରେ ତିଆରି ହୋଇଛି ମାରାଡୋନାଙ୍କର ପ୍ରତିମୂର୍ତ୍ତି। ଏଭଳି ଡିଜାଇନ୍‌ର କେକ୍ ଦେଖିବାକୁ ମିଳିଛି ତାମିଲନାଡୁର ଏକ ବେକରି ଦୋକାନରେ। ଫୁଟବଲର କିମ୍ବଦନ୍ତୀ ଖେଳାଳି ମାରାଡୋନାଙ୍କୁ ସମ୍ମାନ ଜଣାଇ ତାମିଲନାଡୁର ରାମନାଥପୁରମ୍ ଅଞ୍ଚଳରେ ଥିବା ଏକ କେକ୍ ଦୋକାନରେ ତିଆରି ହୋଇଛି ଏହି ପ୍ରତିମୂର୍ତ୍ତି। ୬ ଫୁଟ ଉଚ୍ଚ ଏହି କେକ୍‌ଟିକୁ ଏବେ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଢେର୍ ଆକର୍ଷଣ ମିଳିଛି। କେକ୍‌ଟିକୁ ତିଆରି କରିବା ପାଇଁ ଖର୍ଚ୍ଚ ହୋଇଛି ୬୦ କିଲୋଗ୍ରାମ୍ ଚିନି ଏବଂ ୨୭୦ଟି ଅଣ୍ଡା। ପ୍ରତିବର୍ଷ ଖ୍ରୀଷ୍ଟମାସ ଏବଂ ନୂଆବର୍ଷ ପୂର୍ବରୁ ଏହି ବେକରି ଦୋକାନରେ ବିଭିନ୍ନ ବ୍ୟକ୍ତିତ୍ୱଙ୍କର ପ୍ରତିମୂର୍ତ୍ତି ବି କରାଯାଇଥାଏ। ଏବର୍ଷ ମାରାଡୋନାଙ୍କ ପ୍ରତିମୂର୍ତ୍ତି କରାଯାଇଥିବାବେଳେ ପୂର୍ବରୁ ଇଲାୟାରାଜା, ମିସାଇଲ୍ ମ୍ୟାନ୍ ଅବଦୁଲ କଲାମଙ୍କ ଭଳି ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ କେକ୍ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଫୁଟବଲ ଦୁନିଆରେ ମାରାଡୋନାଙ୍କୁ କେହି ଭୁଲି ପାରିବେ ନାହିଁ। ତେଣୁ ଏବର୍ଷ ଦୋକାନରେ ମାରାଡୋନାଙ୍କୁ ହିଁ କେକ୍‌ର ରୂପ ଦିଆଯାଇଛି।



# ଜମ୍ମୁର ପ୍ରଥମ ମହିଳା ବସ୍ ଡ୍ରାଇଭର

**ଶ୍ରୀନଗର:** ଜମ୍ମୁ-କଶ୍ମୀର କଠୁଆ ଜିଲାର ଜଣେ ମହିଳା ବସ୍ ଚଲାଇ ଏବେ ବେଶ ଚର୍ଚ୍ଚାରେ। ନିଜେ ବସ୍ ଡ୍ରାଇଭିଂ କରି ଯାତ୍ରୀଙ୍କୁ ନେବା ଆଣିବାରେ ଜମ୍ମୁ-କଶ୍ମୀରର ପ୍ରଥମ ମହିଳା ହୋଇଛନ୍ତି ପୂଜା ଦେବୀ। ୩ ସନ୍ତାନଙ୍କ ମା' ପୂଜା ଏପରି କରି ନିଜ ସ୍ୱପ୍ନ ପୂରଣ କରିଥିବା କୁହନ୍ତି। ଗୁରୁବାର ସେ ପ୍ରଥମ ଥର ପାଇଁ ଜମ୍ମୁ-କଠୁଆ ରାସ୍ତାରେ ବସ୍ ଚଲାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୁଅକୁ ପାଖରେ ବସାଇ ଗାଡ଼ି ଚଲାଇବା ବେଳର ତାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ନେଇ ପୂଜା କୁହନ୍ତି, ଏହା ତାଙ୍କ ପକ୍ଷେ ଆଦୌ ସହଜ ନ ଥିଲା। ମହିଳା ହୋଇଥିବାରୁ ଏପରି ବୃତ୍ତି ଆପଣାଇବା ଦିଗରେ ତାଙ୍କୁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିଛି। ଗରିବ ପରିବାରରୁ ଆସିଥିବାରୁ ଏବଂ ପାଠପଢ଼ା ଦିଗରେ କୌଣସି ସହଯୋଗ ନ ମିଳିବାରୁ ଆତ୍ମନିର୍ଭରଶୀଳ ହେବା ପାଇଁ ସେ ସର୍ବଦା ଚାହୁଁଥିଲେ। ମାମୁ ରାଜେନ୍ଦ୍ର ସିଂଙ୍କଠାରୁ ସେ ପ୍ରଥମେ ଟ୍ରକ୍ ଚଲାଇବା ଶିଖିଥିଲେ। ପରେ ସେ ବସ୍ ଚଲାଇବାକୁ ଲାଇସେନ୍ସ ପାଇଁ ଆବେଦନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ସମେତ ଅନେକ ବରିଷ୍ଠ ରାଜନେତା ଟୁଇଟର୍‌ରେ ତାଙ୍କ ଫଟୋ ଶେୟାର କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




# ଚକୋଲେଟ୍ ନଦୀ

**ନୂଆଦିଲ୍ଲୀ:** ରାସ୍ତା ଉପରେ ଅନେକ ଥର ପାଣିର ସୁଅ ଚାଲିଥିବା ପ୍ରାୟ ସମସ୍ତେ ଦେଖିଥିବେ। କିନ୍ତୁ ଆପଣ କେବେ ସ୍ୱପ୍ନରେ ବି ଭାବିଛନ୍ତି ହଠାତ୍ ଘରୁ ବାହାରିବାବେଳକୁ ରାସ୍ତା ଉପରେ ଚକୋଲେଟ୍‌ର ସୁଅ ବହୁଥିବ... ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଜର୍ମାନୀର ୱେଷ୍ଟୋନେନ୍ ସହରରେ। ଜର୍ମାନୀର ୱେଷ୍ଟୋନେନ୍ ସହରର ରାସ୍ତା ଉପରେ ହଠାତ୍ ଚକୋଲେଟ୍ ନଦୀକୁ ଦେଖିଥିଲେ ଲୋକେ। ହଠାତ୍ ରାସ୍ତା ଉପରେ ଚକୋଲେଟ୍‌ର ସୁଅ ଦେଖି ଲୋକେ ପ୍ରଥମେ କିଛି ବୁଝି ପାରି ନ ଥିଲେ। ଏମିତି କି ଲୋକେ ଚକୋଲେଟ୍‌କୁ ସଂଗ୍ରହ କରି ରଖିବେ କି ନାହିଁ ସେକଥା ବି ବୁଝିପାରୁ ନ ଥିଲେ। ତେବେ ଚକୋଲେଟ୍‌ର ଏମିତି ଏକ ସୁଅ ସମ୍ପର୍କରେ ଧୀରେ ଧୀରେ ଆଖପାଖ ଅଞ୍ଚଳକୁ ବି ଖବର ବ୍ୟାପି ଯାଇଥିଲା। ତା'ପରେ ଧୀରେ ଧୀରେ ଜଣାପଡିଲା କି ୱେଷ୍ଟୋନେନ୍ ଠାରେ ଥିବା ଏକ ଚକୋଲେଟ୍ ଫ୍ୟାକ୍ଟ୍ରିର ଏକ ଟ୍ୟାଙ୍କରରୁ ଲିକେଜ୍ ହୋଇ ଚକୋଲେଟ୍ ସବୁ ବାହାରକୁ ବାହାରି ଆସିଛି। ଟ୍ୟାଙ୍କରୁ ଏତେ ବଡ଼ ଲିକେଜ୍ ହେବା ଫଳରେ ପ୍ରାୟ ଏକ ଟନ୍ ଚକୋଲେଟ୍ ବାହାରକୁ ବାହାରି ଆସିଥିଲା। ଲୋକେ ଏତେ ଚକୋଲେଟ୍ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ସତ କିନ୍ତୁ କେହି ହେଲେ ଏହାକୁ ବ୍ୟବହାର କରିବା ପାଇଁ ଚେଷ୍ଟା କରି ନ ଥିଲେ। ବରଂ ରାସ୍ତା ଉପରେ ଚକୋଲେଟ୍ ବହୁ ଥିବାରୁ ଲୋକଙ୍କୁ ଅନେକ ସମୟ ପର୍ଯ୍ୟନ୍ତ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଏହାପରେ ଫାୟାର ବ୍ରିଗେଡର ସହାୟତାରେ ରାସ୍ତା ଉପରେ ଥିବା ଚକୋଲେଟ୍‌କୁ ବାହାର କରି ସଫା କରାଯାଇଥିଲା। ତେବେ ଏତେ ମାତ୍ରାରେ ଚକୋଲେଟ୍ ରାସ୍ତା ଉପରେ ବହୁଥିବାର ଭିଜୁଆଲ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଲୋକେ ଏହି ଭିଜୁଆଲ ଦେଖି ଚକୋଲେଟ୍‌ର ନଦୀ ବହୁଥିବା କମେଣ୍ଟ ଦେଇଛନ୍ତି।



## ମନେ ପଡ଼ନ୍ତି

ଓଁ ସାଇରାମ୍



ସ୍ୱର୍ଗତ ହୃଦାନନ୍ଦ ମହାପାତ୍ର
୧୭, ଗୌତମ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୪।୧୨।୧୯୨୭
ତିରୋଧାନ: ୧୦।୧୨।୨୦୦୦ (ଚତୁର୍ଦ୍ଦଶୀ)
ସାଇରାମଙ୍କ ପାଦପଦ୍ମରେ ଥାଇ ଆମକୁ ସଦା ଆଶୀର୍ବାଦ କରୁଥାଅ ।
-:ତୁମର:-
ବୁଲୀ, କିଶୋର, ପୁଷ୍ପ, ବାପୁ, ଲିଟୁ, ବାବାଲୀ, ବିବେକ, ରୁଶାଲୀ ।
ଧ-୧୯୩୪୮

ଏକାଦଶାହ ଉପଲକ୍ଷେ




ସ୍ୱର୍ଗତ ବୈକୁଣ୍ଠ ନାଥ ସିଂହ
ସ୍ଥାନ: ମିଣ୍ଡୋଳ, ସାନହୁଲା, ଆଠମଲିକ, ଅନୁଗୋଳ
ଆବିର୍ଭାବ: ୦୧।୦୧।୧୯୪୩
ତିରୋଧାନ: ୧୮।୧୨।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ନର୍ମଦା ସିଂହ ଓ ପରିବାରବର୍ଗ ।
ଧ-୧୯୩୮୬

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରାମ ଚନ୍ଦ୍ର ପଟ୍ଟନାୟକ
ଦିଘିରୀ, ବୋଲଗଡ଼, ଖୋର୍ଦ୍ଧା
ଅବସରପ୍ରାପ୍ତ ପୋଲିସ ଅଧିକାରୀ
ଆବିର୍ଭାବ : ୦୬.୦୧.୧୯୩୨
ସ୍ୱର୍ଗବାସ : ୧୭.୧୨.୨୦୨୦
ଆପଣ ଥିଲେ, ଅନାବିଳ, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ମାର୍ଗଦର୍ଶନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ସମୋଭାବାପନ୍ନର ମୂର୍ତ୍ତିମନ୍ତ ପ୍ରତୀକ । ଆପଣଙ୍କର ଏହି ଆଦର୍ଶ ଆମମାନଙ୍କର ଗର୍ବ, ଗୌରବ ଓ ଚିରସ୍ମରଣୀୟ ଓ ପାଥେୟ ହୋଇ ରହିବ । ମୋକ୍ଷ ପାଇଁ ଭଗବାନଙ୍କଠାରେ ଅନନ୍ତକୋଟି ପ୍ରଣାମ ।
-: ଶ୍ରଦ୍ଧାଞ୍ଜଳି ସହ :-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ଧ-୧୯୩୮୫

# ବିଶ୍ୱ ମହାମାରୀ



୨୦୧୯ ଡିସେମ୍ବରରେ ଚାଇନାର ଉହାନ ସହରରୁ ଆରମ୍ଭ ହୋଇଥିବା କରୋନା ମହାମାରୀ ଭାରତ ସହ ବିଶ୍ୱର ପ୍ରାୟ ୨୧୩ଟି ଦେଶକୁ କବଳିତ କରିବା ସହ ହାହାକାର ଖେଳାଇ ଦେଇଥିଲା। କୋଟି କୋଟି ଲୋକ ଏହି ରୋଗରେ ଆକ୍ରାନ୍ତ ହେବା ସହ ଏଥିରେ ମୃତ୍ୟୁଜନିତ ସଂଖ୍ୟା ମଧ୍ୟ କିଛି କମ୍ ନ ଥିଲା। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ତରଫରୁ ଏପରି ମହାମାରୀରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ଲକଡାଉନ୍ ଘୋଷଣା କରାଯାଇଥିଲା। ଏଥିସହ କରୋନା ପାଇଁ ଟୀକା ପ୍ରସ୍ତୁତ କରିବାକୁ ବିଭିନ୍ନ ଦେଶରେ ବିଶେଷଜ୍ଞମାନେ ଦିନରାତି ଏକାଠି କରିଦେଇଛନ୍ତି। ଶେଷରେ ଗତ କିଛି ମାସ ମଧ୍ୟରେ ଏ ନେଇ କେତେକ ଦେଶରେ ଟୀକାକରଣ ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ହେଲେ ଏହି ମାସରେ ବ୍ରିଟେନ୍‌ରେ କରୋନାର ନୂଆ ଷ୍ଟ୍ରେନ୍ ପୁଣି ସମଗ୍ର ବିଶ୍ୱବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି।

## ପ୍ରତିରକ୍ଷା ପ୍ରଯୁକ୍ତି


➔ଚଳିତ ବର୍ଷ ଡିଆରଡିଓ ଦ୍ୱାରା ହାଇପରସୋନିକ ଟେକ୍ନୋଲୋଜି ଡେମୋନ ଷ୍ଟ୍ରେଟର ଭେକିଲ (ଏଚ୍ଏସ୍‌ଟିଡିଭି) ର ସଫଳ ପରୀକ୍ଷଣ କରାଯାଇଛି।

➔ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇ ପାରୁଥିବା 'ବହ୍ମୋସ' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ଚଳିତ ବର୍ଷ ହୋଇଥିଲା।

➔ଡିଆରଡିଓ ପକ୍ଷରୁ 'ସୌର୍ଯ୍ୟ' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା ଚଳିତ ବର୍ଷ ହୋଇଥିଲା। ଏହି କ୍ଷେପଣାସ୍ତ୍ର ୮୦୦ କିମି ଦୂରତା ପର୍ଯ୍ୟନ୍ତ ଆକ୍ରମଣ କରିପାରିବ।

➔ଚଳିତବର୍ଷ ଡିଆରଡିଓ ପକ୍ଷରୁ ସ୍ୱଦେଶ ଜ୍ଞାନକୌଶଳରେ ନିର୍ମିତ 'ସୁପରସୋନିକ୍ ମିଶାଇଲ ଆସିଷ୍ଟେଡ୍ ରିଲିଜ ଅଫ୍ ଟୋରପେଡୋ' (ଏସ୍ଏମ୍ଏଆର୍‌ଟି)ର ମଧ୍ୟ ସଫଳ ପରୀକ୍ଷଣ କରାଯାଇଛି।

➔ସ୍ୱଦେଶ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ଆଣ୍ଟି ରେଡିଏସନ କ୍ଷେପଣାସ୍ତ୍ର 'ରୁଦ୍ରମ'ର ସଫଳ ପରୀକ୍ଷା ଚଳିତ ବର୍ଷ କରାଯାଇଛି। ଏହି କ୍ଷେପଣାସ୍ତ୍ର ଶତ୍ରୁପକ୍ଷର ରାଡରକୁ ଧ୍ୱଂସ କରିବାର କ୍ଷମତା ରଖିଛି।



ରୁଦ୍ରମ କ୍ଷେପଣାସ୍ତ୍ର

# ଦିଶା


**ଶେଷାର୍ଦ୍ଧରେ ଉପନୀତ ୨୦୨୦ । ଚଳିତବର୍ଷ ଘଟିଥିବା ସ୍ୱାସ୍ଥ୍ୟ ଏବଂ ବିଜ୍ଞାନଭିତ୍ତିକ ପ୍ରମୁଖ ଘଟଣାବଳୀକୁ ନେଇ ଉପସ୍ଥାପନା...**

## ମହାକାଶ ବିଜ୍ଞାନ

### ଇସ୍ରୋର 'ଚନ୍ଦ୍ରାୟାନ-୩' ଅଭିଯାନ ଯୋଜନା



ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ପକ୍ଷରୁ ଆସନ୍ତା ବର୍ଷ ଚନ୍ଦ୍ରାୟାନ-୩ ମହାକାଶକୁ ଛଡ଼ାଯିବାର ଯୋଜନା ରହିଛି। ଏଥିପାଇଁ ଭାରତୀୟ ବାୟୁ ସେନାରୁ ଚାରିଜଣଙ୍କୁ ଚୟନ କରାଯାଇଛି ଏବଂ ଏମାନେ ରୁଷିଆରେ ପ୍ରଶିକ୍ଷଣ ନେବେ ବୋଲି ଇସ୍ରୋ ପକ୍ଷରୁ ଘୋଷଣା କରାଯାଇଛି। ଏହି ଅଭିଯାନର ପ୍ରସ୍ତୁତି ପାଇଁ ପାଖାପାଖି ୧୪-୧୬ ମାସ ସମୟ ଲାଗିବ ବୋଲି ସୂଚନା ଦେଇଛନ୍ତି ଇସ୍ରୋର ଅଧ୍ୟକ୍ଷ କେ. ଶିବନ୍।



### ପୃଥିବୀ ଭଳି ଗ୍ରହର ସନ୍ଧାନ

ଜର୍ମାନୀର ମହାକାଶ ବିଜ୍ଞାନୀମାନେ ପୃଥିବୀ ଭଳି ଏକ ଗ୍ରହକୁ ଠାବ କରିବାରେ ସକ୍ଷମ ହୋଇଛନ୍ତି। ଉକ୍ତ ନୂଆ ଗ୍ରହକୁ 'କେଓଆଇ-୪୫୬.୦୪'ନାମରେ ନାମିତ କରାଯାଇଛି। ଏହାର କକ୍ଷପଥ ପୃଥିବୀ କକ୍ଷପଥ ସହ ପ୍ରାୟ ସମାନ। ଏହା ସୂର୍ଯ୍ୟ ପରି ଏକ ନକ୍ଷତ୍ର 'କେପଲର୍ ୧୬୦'ର ଗ୍ରହମଣ୍ଡଳରେ ରହିଛି। ଉକ୍ତ ଗ୍ରହମଣ୍ଡଳରେ ତିନୋଟି ଗ୍ରହ ଥିବାର ସୂଚନା ମିଳିଛି। ଏହା ପୃଥିବୀଠାରୁ ୩୦୦୦ ଆଲୋକବର୍ଷ ଦୂରରେ ରହିଛି।

### ମଙ୍ଗଳରେ ଜୀବସତ୍ତା ଅନ୍ୱେଷଣ



ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା' ପକ୍ଷରୁ ମଙ୍ଗଳ ଗ୍ରହରେ ଜୀବସତ୍ତା ଅନ୍ୱେଷଣ ପାଇଁ 'ମାର୍ସ-୨୦୨୦ ପର୍ସିଭରାନ୍ସ ରୋଭର'ର ସଫଳ ଉତ୍କ୍ଷେପଣ କରାଯାଇଛି। ୩.୫୦୦ ବିଲିୟନ ବର୍ଷ ପୂର୍ବେ ମଙ୍ଗଳ ଗ୍ରହରେ ଥିବା ଜେଜିରୋ ହ୍ରଦ(ଯାହାକି ଏବେ ଏକ ଗର୍ତ୍ତରେ ପରିଣତ ହୋଇଛି)ରେ ଜୀବସତ୍ତାକୁ ନେଇ ଅନ୍ୱେଷଣ କରିବ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି।

## ନୋବେଲ ବିଜ୍ଞାନୀ



ହାର୍ଭେ ଜେ. ଅଲଟର    ମାଇକେଲ ହଫଟନ୍    ଚାର୍ଲସ ଏମ. ରାଇସ୍

### ଭେଷଜ ବିଜ୍ଞାନ

ଚଳିତ ବର୍ଷ ପାଇଁ ଶରୀର ବିଜ୍ଞାନ, ଭେଷଜ ବିଜ୍ଞାନ କିମ୍ବା ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର ପାଇବା ପାଇଁ ତିନି ଜଣ ଭୂତାଣୁ ବିଜ୍ଞାନୀ ଗୌରବ ଅର୍ଜନ କରିଛନ୍ତି । ଏମାନେ ହେଲେ ଯୁକ୍ତରାଷ୍ଟ୍ର ଆମେରିକାର ହାର୍ଭେ ଜେ. ଅଲଟର, ଚାର୍ଲସ ଏମ. ରାଇସ୍ ଏବଂ ବ୍ରିଟେନ୍‌ର ମାଇକେଲ ହଫଟନ୍। ହେପାଟାଇଟିସ୍ 'ସି' ଭାଇରସ ବା ଯକୃତ୍ ପ୍ରଦାହ 'ସି' ଭୂତାଣୁର ଆବିଷ୍କାର ପାଇଁ ଏହି ତିନି ଜଣ ବିଜ୍ଞାନୀଙ୍କୁ ସମ୍ମାନଜନକ ନୋବେଲ ପୁରସ୍କାର ପାଇଁ ଚୟନ କରାଯାଇଛି। ବର୍ତ୍ତମାନ ପ୍ରଫେସର ଅଲଟର ଆମେରିକାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥର ଡିପାର୍ଟମେଣ୍ଟ ଅଫ୍ ଟ୍ରାନ୍ସଫ୍ୟୁଜନ ମେଡିସିନ୍‌ରେ, ପ୍ରଫେସର ରାଇସ୍ ରକ୍‌ଫେଲର ୟୁନିଭର୍ସିଟିରେ ଏବଂ ପ୍ରଫେସର ହଫଟନ୍ କାନାଡାର ଆଲବର୍ଟା ୟୁନିଭର୍ସିଟିରେ ଲି କା ସିଙ୍ଗ ପ୍ରଫେସର ତଥା ଡାଇରେକ୍ଟର ଭାବରେ କାର୍ଯ୍ୟରତ। ସେମାନଙ୍କର ଏହି ଆବିଷ୍କାର ଫଳରେ ହେପାଟାଇଟିସ୍ 'ସି' ସଂକ୍ରମଣର ନିର୍ଣ୍ଣୟ ପାଇଁ ରକ୍ତ ପରୀକ୍ଷା ସମ୍ଭବ ହୋଇଛି ଓ ନୂତନ ଔଷଧ ଉଦ୍ଭାବିତ ହୋଇ ସମ୍ଭବ ହୋଇଛି ଏହି ରୋଗର ଆରୋଗ୍ୟ।

### ପଦାର୍ଥ ବିଜ୍ଞାନ

ଚଳିତବର୍ଷ ପାଇଁ ପଦାର୍ଥ ବିଜ୍ଞାନରେ କୃଷ୍ଣଗର୍ତ୍ତ (ବ୍ଲାକ୍ ହୋଲ୍) ସମ୍ବନ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତିନି ଜଣ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଛି। ସେମାନେ ହେଉଛନ୍ତି ବ୍ରିଟେନ୍‌ର ରୋଜର ପେନ୍‌ରୋଜ୍, ଜର୍ମାନୀର ରେନ୍‌ହାର୍ଡ ଜେନଜେଲ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଆଣ୍ଡ୍ରେୟା ଗେଜ୍। ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାରେ ଆଣ୍ଡ୍ରେୟା ହେଉଛନ୍ତି ଚତୁର୍ଥ ମହିଳା। କୃଷ୍ଣଗର୍ତ୍ତ ହେଉଛି ଗୋଟିଏ ଜ୍ୟୋତିର୍ବିଦ୍ୟୀୟ ପିଣ୍ଡ, ଯାହାର ବହୁତ କମ୍ ଆୟତନରେ ବହୁତ ବସ୍ତୁତ୍ୱ ଅଛି। ଅନ୍ୟ ଅର୍ଥରେ ଏହାର ସାନ୍ଦ୍ରତା ହେଉଛି ବହୁତ ବେଶି। ନିଉଟନ୍‌ଙ୍କ ମାଧ୍ୟାକର୍ଷଣ ବଳ ନିୟମ ଅନୁଯାୟୀ ଯେଉଁ ବସ୍ତୁର ବସ୍ତୁତ୍ୱ ବେଶି ତାହା ନିକଟତମ ବସ୍ତୁଗୁଡ଼ିକୁ ନିଜ ଆଡ଼କୁ ଟାଣି ନିଏ। ଏଣୁ କୃଷ୍ଣ ବସ୍ତୁ ତାହାର ଆଖପାଖରେ ଥିବା ବସ୍ତୁଗୁଡ଼ିକୁ ନିଜ ଭିତରକୁ ଟାଣିନିଏ। ଏହି ବସ୍ତୁଗୁଡ଼ିକ କୃଷ୍ଣଗର୍ତ୍ତର ଅତ୍ୟଧିକ ସାନ୍ଦ୍ରତାବିଶିଷ୍ଟ କେନ୍ଦ୍ର ଆଡକୁ ଟାଣି ହୋଇଯାଏ। ଏହି କେନ୍ଦ୍ରୀୟ ବିନ୍ଦୁକୁ 'ସିଙ୍ଗୁଲାରିଟି' କୁହାଯାଏ। ଏହାର ଚାରିପାଖରେ ଏକ ନିର୍ଦ୍ଦିଷ୍ଟ ଦୂରତା ପର୍ଯ୍ୟନ୍ତ ସମସ୍ତ ବସ୍ତୁ ଏହା ସହ ମାଧ୍ୟାକର୍ଷଣ ବନ୍ଧନରେ ବାନ୍ଧି ହୋଇଥାଏ। ଏପରିକି ଏହାଠାରୁ ଆଲୋକ ମଧ୍ୟ ବାହାରି ପାରେ ନାହିଁ। ଏଥିପାଇଁ ଏହାର ନାମ କୃଷ୍ଣଗର୍ତ୍ତ ରଖାଯାଇଛି।



ଆଣ୍ଡ୍ରେୟା ଗେଜ୍    ରେନ୍‌ହାର୍ଡ ଜେନଜେଲ୍    ରୋଜର ପେନ୍‌ରୋଜ୍

### ରସାୟନ ବିଜ୍ଞାନ



ଇମ୍ମାନୁଏଲ୍ ମ୍ୟାରିକ୍ ଚାରପେଣ୍ଟିଅର୍    ଜେନିଫର୍ ଆନେ ଡାଉଡ୍‌ନା

ସଜୀବର ଜୀବନଶୈଳୀ ନିର୍ଭର କରିଥାଏ ତା' ଜିନ୍ ଉପରେ। ସେଥିପାଇଁ ଦୀର୍ଘଦିନ ଧରି ପ୍ରକୃତିର ଏହି ବିସ୍ମୟକର ସୃଷ୍ଟିରେ ହସ୍ତକ୍ଷେପ କରିବା ଲାଗି, ଅର୍ଥାତ୍ ଉକ୍ତ ମାନଚିତ୍ରଟିର ରୂପରେଖ ବଦଳାଇ ଜୀବନ ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ଲାଗି ଚିନ୍ତା କରି ଆସିଛନ୍ତି ବୈଜ୍ଞାନିକମାନେ। ଏହା ଫଳରେ ବିବିଧ ବଂଶଗତ ଜିନୀୟ ରୋଗର ନିରାକରଣଠାରୁ ଆରମ୍ଭ କରି ଉଚ୍ଚମାନର ଫସଲ ଓ ଗୋସମ୍ପଦ ସୃଷ୍ଟି ସେମାନଙ୍କର ଲକ୍ଷ୍ୟ। ଏହାରି ସାଧନ ପାଇଁ ଉପକରଣଟିଏ ଆବିଷ୍କାର କରି ଚଳିତବର୍ଷରେ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ଲାଭ କରିଛନ୍ତି ବର୍ଲିନସ୍ଥିତ 'ମାକ୍ସପ୍ଲାଙ୍କ୍ ୟୁନିଟ୍ ଫର ସାଇନ୍ସ ଅଫ ପାଥେଜେନ୍'ର ଇମ୍ମାନୁଏଲ୍ ମ୍ୟାରିକ୍ ଚାରପେଣ୍ଟିଅର୍ ଏବଂ 'ୟୁନିଭର୍ସିଟି ଅଫ କାଲିଫର୍ନିଆ'ର ଜେନିଫର୍ ଆନେ ଡାଉଡ୍‌ନା।

## ମଲିକୁଲାର ମେକାନିଜମ୍




ୟୁନିଭର୍ସିଟି ଅଫ୍ ବାସେଲ୍‌ର ସ୍ନାୟୁବିଜ୍ଞାନୀମାନେ 'ମଲିକୁଲାର ମେକାନିଜମ' ନାମକ ପ୍ରଣାଳୀକୁ ଉପଯୋଗ କରିବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିବ ବୋଲି ମତ ଦେଇଛନ୍ତି। ସ୍ମରଣ ଶକ୍ତି ସକ୍ରିୟ ଭାବରେ କାର୍ଯ୍ୟ କରିବା ପାଇଁ 'ଏମ୍‌ପିଏସ୍-୨' ନାମକ ଜିନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାଧାରଣତଃ ବୟସ୍କ ବ୍ୟକ୍ତିଙ୍କର ସ୍ମରଣ ଶକ୍ତିରେ ତାରତମ୍ୟତା ପରିଲକ୍ଷିତ ହୋଇଥାଏ। ଏ ନେଇ ଉକ୍ତ ବିଶ୍ୱବିଦ୍ୟାଳୟ ବିଶେଷଜ୍ଞମାନେ ଅଧିକ ଗବେଷଣା ଜାରିରଖିଛନ୍ତି।

## ବାୟୋ କୃତ୍ରିମ ଲିଭର୍




କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ କ୍ଷେତ୍ରରେ ନିକଟରେ ଆଉ ଏକ ସଫଳତା ହାସଲ କରିଛନ୍ତି ସାଙ୍ଘାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ ବାୟୋକେମେଷ୍ଟ୍ରିର ଗବେଷକମାନେ। ସେମାନେ ଏପରି ଏକ ବାୟୋ କୃତ୍ରିମ ଲିଭର (ଯକୃତ୍) ପ୍ରସ୍ତୁତ କରିଛନ୍ତି। ଖାସ୍ କଥା ହେଲା ଲିଭରଜନିତ ରୋଗରେ ପୀଡ଼ିତ ବ୍ୟକ୍ତିର ଚିକିତ୍ସା ସମୟରେ ଏହି ରୋଗୀକୁ ଅଧିକ ସମୟ ବଞ୍ଚାଇ ରଖିବାରେ ସାହାଯ୍ୟ କରିବ। କେବଳ ସେତିକି ନୁହେଁ ଲିଭର ପ୍ରତିରୋପଣ ପାଇଁ ଡୋନର୍ ଖୋଜିବାରେ ଏହା ମଧ୍ୟ ସହାୟକ ହେବ।

## ରେଟିନାଲ ସ୍କାନରୁ ଜାଣି ହେବ ଆଲଜିମର୍ସ



ଆଲଜିମର୍ସ ରୋଗକୁ ଏଣିକି ଶୀଘ୍ର ନିର୍ଣ୍ଣୟ କରାଯାଇପାରିବ ବୋଲି ଡ୍ୟୁକ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ମତ ଦେଇଛନ୍ତି। 'ରେଟିନାଲ୍ ସ୍କାନ୍' ନାମକ ଏକ ପ୍ରଣାଳୀ ଦ୍ୱାରା ଏହାକୁ ସହଜରେ ଠାବ କରାଯାଇପାରିବ। ଆଖିରେ ଥିବା ରେଟିନାର ରକ୍ତ ଧମନୀଗୁଡ଼ିକୁ ପରୀକ୍ଷା କରିବା ସମୟରେ ସେମାନେ ଏକଥା ଜାଣିବାକୁ ପାଇଥିଲେ।

## ୧୦ ଉପଗ୍ରହ କକ୍ଷ ପଥରେ ଅବସ୍ଥାପିତ



ଶ୍ରୀହରିକୋଟା ସତୀଶ ଧାୱନ ମହାକାଶ ଗବେଷଣା କେନ୍ଦ୍ରରୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ମହାକାଶକୁ 'ପିଏସ୍ଏଲ୍‌ଭି-ସି-୪' ରକେଟ ଉତ୍କ୍ଷେପଣ କରାଯାଇଥିଲା। ଏହାଦ୍ୱାରା ସଫଳତାର ସହ ୧୦ଟି ଉପଗ୍ରହକୁ ସେମାନଙ୍କର କକ୍ଷପଥରେ ଅବସ୍ଥାପିତ କରାଯାଇପାରିଛି। ଏହି ଉପଗ୍ରହଗୁଡ଼ିକ କୃଷି, ବନୀକରଣ ଓ ବିପର୍ଯ୍ୟୟ ପରିଚାଳନାରେ ସହାୟକ ହୋଇପାରିବ।

## ପୃଥିବୀ-୨'ର ସଫଳ ପରୀକ୍ଷଣ




ଏବର୍ଷ ଦୁଇ ଥର 'ପୃଥିବୀ-୨'ର ସଫଳ ପରୀକ୍ଷଣ କରାଯାଇଛି। ବାଲେଶ୍ୱର ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ଘାଟିରୁ ୫୦୦-୧୦୦୦ କିଗ୍ରା ଓଜନ ବିଶିଷ୍ଟ ଏହି ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ୩୫୦ କି.ମି. ଦୂରତାକୁ ଆକ୍ରମଣ କରିବାର କ୍ଷମତା ରଖିଛି। ଏପରି କି ଏହା କେବଳ ଆଣବିକ ନୁହେଁ, ପାରମ୍ପରିକ ଯୁଦ୍ଧାସ୍ତ୍ର ବହନ କରିପାରିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଡିସେମ୍ବର ୨୮/୨୦୨୦ Balasore, Monday, December 28/ 2020

# ରାହାଣେଙ୍କ ଶତକ: ଭାରତ ଅଗ୍ରଣୀ



ଅଜିଙ୍କ୍ୟ ରାହାନେ

**ଅଷ୍ଟ୍ରେଲିଆରେ ଭାରତୀୟ ଅଧିନାୟକଙ୍କ ଟେଷ୍ଟ ଶତକ**


- ଆଝାରୁଦ୍ଦିନ: ୧୦୬, ଆଡିଲେଡ, ୧୯୯୧-୯୨
- ତେନ୍ଦୁଲକର: ୧୧୬, ମେଲବୋର୍ନ, ୧୯୯୯-୦୦
- ଗାଙ୍ଗୁଲି: ୧୪୪, ଗାବା, ୨୦୦୩-୦୪
- କୋହଲି: ୧୧୫ ଏବଂ ୧୪୧, ଆଡିଲେଡ୍, ୨୦୧୪
- କୋହଲି: ୧୪୭, ସିଡ୍‌ନୀ, ୨୦୧୪-୧୫
- କୋହଲି: ୧୨୩, ପର୍ଥ, ୨୦୧୮-୧୯
- ରାହାନେ: ୧୦୪*, ମେଲବୋର୍ନ, ୨୦୨୦
- ୧୨ତମ ଭାରତୀୟ ଅଧିନାୟକ ଭାବେ ରାହାନେଙ୍କ ଶତକ। ଭିନୁ ମଙ୍କଡଙ୍କ ପରେ ମେଲବୋର୍ନରେ ୨ୟ ଭାରତୀୟ ଭାବେ ୨ ଶତକ

**ମେଲବୋର୍ନ, ୨୭।୧୨**

ଅଜିଙ୍କ୍ୟ ରାହାନେଙ୍କ ଅଧିନାୟକ ଇନିଂସ ସହାୟତାରେ ବକ୍ସିଂ ଡେ' ଟେଷ୍ଟରେ ଭାରତ ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀଲାଭ କରିଛି। ଅଷ୍ଟ୍ରେଲିଆ ବୋଲରମାନେ ଭାରତର ମିଡିଲ ଅର୍ଡର କ୍ଷତି ପହଞ୍ଚାଇବାକୁ ଉଦ୍ୟମ କରିଥିଲେ ହେଁ ରାହାନେଙ୍କ ଅପରାଜିତ ଶତକ ଏବଂ ରବୀନ୍ଦ୍ର ଜାଡେଜାଙ୍କ ସାହସିକ ବ୍ୟାଟିଂ ସହାୟତାରେ ଭାରତ ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୫ ଉଇକେଟ ହରାଇ ୨୭୭ ରନ କରିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୯୫ ରନ କରିଥିଲା। ଫଳରେ ହାତରେ ୫ ଉଇକେଟ ସୁରକ୍ଷିତ ଥାଇ ଭାରତ ୮୨ ରନରେ ଅଗ୍ରଣୀ ହାସଲ କରିଛି। ରାହାନେ ୧୦୪ ଓ ଜାଡେଜା ୪୦ ରନରେ ଅପରାଜିତ ଅଛନ୍ତି। ଅସମାପ୍ତ ୬ଷ୍ଠ ଉଇକେଟରେ ଏ ଦୁହେଁ ଶତକୀୟ ଭାଗୀଦାରି ଗଢ଼ି ଘରୋଇ ବୋଲରଙ୍କୁ ନିରାଶ କରିଛନ୍ତି।

## ଶତକୀୟ ଭାଗୀଦାରି

ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୬/୧ରୁ ଖେଳ ଆରମ୍ଭ କରି ଭାରତ ଆଉ ୨୫ ରନ ଯୋଗ କରିବାପରେ ଯୁବ ଓପନର ଶୁବମନ ଗିଲ୍‌ଙ୍କ ଉଇକେଟ ହରାଇଥିଲା। ଆତ୍ମବିଶ୍ୱାସର ସହ ଖେଳିଥିବା ଗିଲ୍ ୬୫ ବଲ୍‌ରୁ ୪୫(୮ ଚୌକା) ରନ କରିଥିବାବେଳେ ପ୍ୟାଟ୍ କୁମିନ୍ସଙ୍କ ଅଫ୍‌ଷ୍ଟମ୍ପ ବାହାରର ବଲ୍‌କୁ ଖେଳିବାକୁ ଯାଇ ଉଇକେଟକିପର ଟିମ୍ ପେନ୍‌ଙ୍କୁ କ୍ୟାଚ ଦେଇଥିଲେ। ନିର୍ଭରଯୋଗ୍ୟ ପୂଜାରା ପୁଣିଥରେ ବିଫଳ ହୋଇଥିଲେ। ସେ ମାତ୍ର ୧୭ ରନ କରି କୁମିନ୍ସଙ୍କ ଦ୍ୱିତୀୟ ଶିକାର ହେବାରୁ ୩ ରନ ବ୍ୟବଧାନରେ ଭାରତ ଆଉ ଏକ ଉଇକେଟ ହରାଇଥିଲା। କାମଚଳା ଅଧିନାୟକ ରାହାନେ ଦାୟିତ୍ୱ ସମ୍ପନ୍ନଭାବେ ଖେଳି ଇନିଂସକୁ ଆଗକୁ ବଢ଼ାଇଥିଲେ। ହନୁମା ବିହାରୀ ଓ ରିଷଭ ପନ୍ତ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ବିହାରୀ ୬୬ ବଲ୍‌ରୁ ୨୧(୨ ଚୌକା) ରନ କରିଥିବାବେଳେ ସ୍ପିନର ନଥାନ ଲିୟନଙ୍କ ଅଫ୍‌ଷ୍ଟମ୍ପ ବାହାର ବଲ୍‌କୁ ସୁଇପ୍ ଶଟ୍ ଖେଳିବାକୁ ଯାଇ ପ୍ରଥମ ସ୍ଲିପରେ ଷ୍ଟିଭ୍ ସ୍ମିଥ୍‌ଙ୍କୁ କ୍ୟାଚ ଦେଇଥିଲେ। ବଲ୍ ଟର୍ନ କରିବାରୁ ବିହାରୀଙ୍କ ବ୍ୟାଟ୍‌ର ଉପରିଭାଗ ସ୍ପର୍ଶ କରି ସ୍ଲିପ୍‌କୁ ଚାଲି ଯାଇଥିଲା। ସେହିପରି ଯୁବ ଉଇକେଟକିପର ରିଷଭ ୪୦ ବଲ୍‌ରୁ ୩ ଚୌକା ସହ ୨୯ ରନରେ ପହଞ୍ଚିଥିବା ସମୟରେ ମିଚେଲ ଷ୍ଟାର୍କଙ୍କ ଏକ ରାଇଜିଂ ଡେଲିଭରିକୁ ପଏଣ୍ଟ ଉପରେ ସ୍ଲାସ୍ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ବ୍ୟାଟ୍‌ର ନିମ୍ନଭାଗରେ ବାଜି ତାହା ଉଇକେଟ କିପରଙ୍କ ନିକଟକୁ ଚାଲି ଯାଇଥିଲା। ତ୍ରୁଟିପୂର୍ଣ୍ଣ ଶଟ୍ ଖେଳିଥିବାରୁ କ୍ରୋଧିତ ରିଷଭ ବ୍ୟାଟ୍‌କୁ ତଳେ ବାଡେଇ ପ୍ୟାଭିଲିୟନ ଫେରିଥିଲେ। ରିଷଭଙ୍କୁ ଆଉଟ କରି ଷ୍ଟାର୍କ ୨୫୦ତମ ଟେଷ୍ଟ ଉଇକେଟ ପୂରଣ କରିଥିଲେ। ୧୭୩ ରନରେ ୫ମ ଉଇକେଟ ପଡ଼ିବାରୁ ମ୍ୟାଚ କ୍ରମେ ଭାରତ ନିୟନ୍ତ୍ରଣରୁ ଖସିବା ପ୍ରତୀୟମାନ ହେଉଥିଲା। ମାତ୍ର ଜାଡେଜା କ୍ରିଜକୁ ଆସିବାପରେ ସ୍ଥିତିରେ ପରିବର୍ତ୍ତନ ହୋଇଥିଲା। ଭାଗ୍ୟ କିଛି ପରିମାଣରେ ସାଥ୍ ମଧ୍ୟ ଦେଇଥିଲା। ଉଭୟ ଖେଳାଳି ସତର୍କତାର ସହିତ ବ୍ୟାଟିଂ କରିଥିଲେ ହେଁ ପ୍ରତିପକ୍ଷ ଦଳପାଇଁ କେତେକ କ୍ୟାଚ ସୁଯୋଗ ସୃଷ୍ଟି ହୋଇଥିଲା। ମାତ୍ର ଅଷ୍ଟ୍ରେଲୀୟ ଖେଳାଳିମାନେ ତାହାର ସଦୁପଯୋଗ କରିପାରି ନ ଥିଲେ। ଏହାର ପୂରା ଫାଇଦା ନେଇ ରାହାନେ କ୍ୟାରିୟରର ୧୨ତମ ଟେଷ୍ଟ ଶତକ ହାସଲ କରିଥିଲେ। ୨୦୦ ବଲ୍ ଖେଳି ସେ ନିଜ ଇନିଂସ ମଧ୍ୟରେ ୧୨ ଚୌକା ମାରିଥିଲେ। ସେହିପରି ଜାଡେଜା ଚାପର ବଶବର୍ତ୍ତୀ ନ ହୋଇ ଅଭିଜ୍ଞତାର ଉପଯୋଗ କରିଥିଲେ। ମେଲବୋର୍ନ ଗ୍ରାଉଣ୍ଡରେ ରାହାନେଙ୍କର ଏହାଥିଲା ଦ୍ୱିତୀୟ ଶତକ। ପୂର୍ବରୁ ସେ ୨୦୧୪ରେ ୧୪୭ ରନର ଇନିଂସ ଖେଳିଥିଲେ। କନକସନ ଓ ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରି ପାଇଁ ପ୍ରଥମ ଟେଷ୍ଟ ଖେଳିପାରି ନ ଥିବା ଜାଡେଜା ୧୦୪ଟି ବଲ୍‌ର ସମ୍ମୁଖୀନ ହୋଇ ମାତ୍ର ୧ଚୌକା ସହ ୪୦ ରନରେ ଅପରାଜିତ ରହିଥିଲେ। ଅସମାପ୍ତ ୬ଷ୍ଠ ଉଇକେଟରେ ରାହାନେ ଓ ଜାଡେଜା ୧୯୫ ବଲ୍‌ରୁ ୧୦୪ ରନର ଭାଗୀଦାରି ଗଢ଼ିଥିଲେ। ପୂର୍ବରୁ ରାହାନେ ୫ମ ଉଇକେଟରେ ରିଷଭଙ୍କ ସହ ୫୭(୮୭ ବଲ) ଏବଂ ୪ର୍ଥ ଉଇକେଟରେ ବିହାରୀଙ୍କ ସହ ୫୨(୧୨୭) ରନର ପାର୍ଟନରଶିପ୍ ସୃଷ୍ଟି କରିଥିଲେ। ପ୍ରଥମ ସେସନରେ ୫୪ ରନ କରିଥିବା ଭାରତ ଦ୍ୱିତୀୟ ସେସନରେ ୯୯ ରନ ସଂଗ୍ରହ କରିଥିଲା। ବର୍ଷା ଯୋଗୁ ନିର୍ଦ୍ଧାରିତ ସମୟଠାରୁ ପୂର୍ବରୁ ଖେଳକୁ ବନ୍ଦ କରି ଦିଆଯାଇଥିଲା। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ଷ୍ଟାର୍କ ଓ କୁମିନ୍ସ ୨ଟି ଲେଖାଏ ଏବଂ ଲିୟନ ଗୋଟିଏ ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ରବୀନ୍ଦ୍ର ଜାଡେଜା।

### ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୯୫**

**ଭାରତ ପ୍ରଥମ ଇନିଂସ**

ମୟଙ୍କ-ଏଲ୍‌ବିଡବ୍ଲ୍ୟୁ-ଷ୍ଟାର୍କ-୦
ଗିଲ୍-କ-ପେନ୍-ବୋ-କୁମିନ୍ସ-୪୫
ପୂଜାରା-କ-ପେନ୍-ବୋ-କୁମିନ୍ସ-୧୭
ରାହାନେ-ନଟ୍‌ଆଉଟ-୧୦୪
ବିହାରୀ-କ-ସ୍ମିଥ୍-ବୋ-ଲିୟନ-୨୧
ରିଷଭ-କ-ପେନ୍-ବୋ-ଷ୍ଟାର୍କ-୨୯
ଜାଡେଜା-ନଟ୍‌ଆଉଟ-୪୦
ଅତିରିକ୍ତ-୨୧
ମୋଟ(୫ ଉଇକେଟ, ୯୧.୩ ଓଭର)- ୨୭୭
ଉଇକେଟ ପତନ: ୧/୦, ୨/୬୧, ୩/୬୪, ୪/୧୧୬, ୫/୧୭୩।
ବୋଲିଂ(ଅଷ୍ଟ୍ରେଲିଆ)
ଷ୍ଟାର୍କ ୧୮.୩-୩-୬୧-୨
କୁମିନ୍ସ ୨୨-୭-୭୧-୨
ହାଜେଲଉଡ୍ ୨୧-୬-୪୪-୦
ଲିୟନ ୧୮-୨-୫୨-୧
ଗ୍ରୀନ୍ ୧୨-୧-୩୧-୦।

# ଦଶନ୍ଧିର ଶ୍ରେଷ୍ଠ ଟିମ୍: ଧୋନୀ, କୋହଲି ଅଧିନାୟକ

**ଦୁବାଇ, ୨୭।୧୨ (ପି.ଟି.)**

ରବିବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଟିମ୍ ଅଫ୍ ଦି ଡିକେଡ୍ ରବିବାର ମନୋନୟନ କରାଯାଇଛି। କିମ୍ବଦନ୍ତୀ ମହେନ୍ଦ୍ର ସିଂ ଧୋନୀ ହ୍ୱାଇଟ୍ ବଲ୍ ଏବଂ ବିରାଟ କୋହଲି ଟେଷ୍ଟ ଦଳର ଅଧିନାୟକ ଭାବେ ଭୋଟ୍ ପାଇଛନ୍ତି। ସୀମିତ ଓଭର ଫର୍ମାଟ ଟିମ୍‌ରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଛି। ଅନ୍ତର୍ଜାତୀୟ ଦିନିକିଆରେ ୩ ଏବଂ ଟି୨୦ରେ ୪ ଖେଳାଳି ସ୍ଥାନ ପାଇଛନ୍ତି। ଟେଷ୍ଟ ଦଳରେ ଇଂଲଣ୍ଡର ସର୍ବାଧିକ ୪ଜଣ ଖେଳାଳି ରହିଛନ୍ତି। ୩୯ ବର୍ଷୀୟ ଧୋନୀ ଚଳିତବର୍ଷ ପ୍ରଥମ ଭାଗରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଦଶନ୍ଧିର ଅନ୍ତର୍ଜାତୀୟ ଦିନିକିଆ ଦଳରେ ସ୍ଥାନ ପାଇଥିବା ୩ଜଣଙ୍କ ମଧ୍ୟରେ ସେ ଅନ୍ୟତମ ରହିଛନ୍ତି। ଅନ୍ୟ ଦୁଇଜଣ ହେଲେ ରୋହିତ ଶର୍ମା ଓ ବିରାଟ କୋହଲି। ସେହିପରି ଅନ୍ତର୍ଜାତୀୟ ଟି୨୦ ଦଳରେ ଧୋନୀଙ୍କ ବ୍ୟତୀତ ସ୍ଥାନ ପାଇଥିବା ଅନ୍ୟ ୩ ଖେଳାଳି ହେଲେ ରୋହିତ, କୋହଲି ଓ ଯଶପ୍ରୀତ। ଟେଷ୍ଟ ଦଳର ଅଧିନାୟକ ବ୍ୟତୀତ କୋହଲି ବିଶ୍ୱର ଏକମାତ୍ର ଖେଳାଳି ଭାବେ ଦଶନ୍ଧିର ସମସ୍ତ ଫର୍ମାଟ ଦଳରେ ସ୍ଥାନ ପାଇଛନ୍ତି। ଆୱାର୍ଡ୍ସ ଅଫ୍ ଦି ଡିକେଡ୍ ସେରିମନିର ମୁଖ୍ୟ ଦଳଗୁଡ଼ିକ ଘୋଷଣା କରିଛନ୍ତି। ପୁରସ୍କାର ଉତ୍ସବ ସୋମବାର ଭର୍ଚୁଆଲ ମୋଡ୍‌ରେ ଏହି ଉତ୍ସବ ଅନୁଷ୍ଠିତ ହେବ। ସେହିପରି ଟେଷ୍ଟ, ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ଆଇସିସି ପୁରୁଷ କ୍ରିକେଟର ଅଫ୍ ଦି ଡିକେଡ୍ ଏବଂ ମହିଳା ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ କ୍ରିକେଟର ଅଫ୍ ଦି ଇୟର ଆଦି ଟପ୍ ଆୱାର୍ଡ ମଧ୍ୟ ସୋମବାର ଘୋଷଣା କରାଯିବ। କୋହଲି ୪ଟି ପୁରସ୍କାର ଦୌଡ଼ରେ ରହିଛନ୍ତି। ସେଗୁଡ଼ିକ ହେଲା ଆଇସିସି ପୁରୁଷ କ୍ରିକେଟର ଅଫ୍ ଦି ଡିକେଡ୍, ପୁରୁଷ ଟେଷ୍ଟ କ୍ରିକେଟର, ପୁରୁଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟର ଏବଂ ପୁରୁଷ ଅନ୍ତର୍ଜାତୀୟ ଟି୨୦ କ୍ରିକେଟର ଅଫ୍ ଦି ଇୟର। ମହିଳା ବିଭାଗରେ ହରମନପ୍ରୀତ କୌର ଓ ପୁନମ ଯାଦବ ଦଶନ୍ଧିର ମହିଳା ଅନ୍ତର୍ଜାତୀୟ ଟି୨୦ ଟିମ୍‌ରେ ସ୍ଥାନ ପାଇଛନ୍ତି। ସମସ୍ତ ଫର୍ମାଟରେ ଗତ ୧୦ବର୍ଷର ଶ୍ରେଷ୍ଠ ଖେଳାଳିଙ୍କୁ ଆଇସିସି ଆୱାର୍ଡ୍ସ ଅଫ୍ ଦି ଡିକେଡ୍ ପାଇଁ ମନୋନୟନ କରାଯାଇଥାଏ। ପ୍ରଥମଥର ପାଇଁ ପ୍ରଶଂସକମାନଙ୍କୁ ମତ ସାବ୍ୟସ୍ତ କରିବା ଲାଗି ସୁଯୋଗ ଦିଆଯାଇଥିଲା। ସମଗ୍ର ବିଶ୍ୱରୁ ୧.୫ ନିୟୁତ ସମର୍ଥକ ଏଥିରେ ଅଂଶଗ୍ରହଣ କରିଥିଲେ।

**ଟେଷ୍ଟ ଦଳ:** ଭାରତରୁ ବିରାଟ କୋହଲି (ଅଧିନାୟକ) ଓ ରବିଚନ୍ଦ୍ରନ ଅଶ୍ୱିନ, ଇଂଲଣ୍ଡରୁ ଆଲିଷ୍ଟର କୁକ୍, ବେନ୍ ଷ୍ଟୋକ୍ସ, ଷ୍ଟୁଆର୍ଟ ବ୍ରଡ୍ ଓ ଜେମ୍ସ ଆଣ୍ଡରସନ, ଅଷ୍ଟ୍ରେଲିଆରୁ ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ୍ ୱାର୍ନର, ନ୍ୟୁଜିଲାଣ୍ଡରୁ କେନ୍ ୱିଲିୟମସନ, ଶ୍ରୀଲଙ୍କାରୁ କୁମାର ସଙ୍ଗକାରା ଏବଂ ଦକ୍ଷିଣ ଆଫ୍ରିକାରୁ ଡେଲ୍ ଷ୍ଟେଇନ୍ ।

**ଦିନିକିଆ ଦଳ:** ଭାରତରୁ ମହେନ୍ଦ୍ର ସିଂ ଧୋନୀ (ଅଧିନାୟକ), ରୋହିତ ଶର୍ମା ଓ ବିରାଟ କୋହଲି, ଅଷ୍ଟ୍ରେଲିଆରୁ ଡେଭିଡ ୱାର୍ନର ଓ ମିଚେଲ ଷ୍ଟାର୍କ, ଦକ୍ଷିଣ ଆଫ୍ରିକାରୁ ଏବି ଡି'ଭିଲର୍ସ ଓ ଇମ୍ରାନ ତାହିର, ଇଂଲଣ୍ଡରୁ ବେନ୍ ଷ୍ଟୋକ୍ସ ଓ ନ୍ୟୁଜିଲାଣ୍ଡରୁ ଟ୍ରେଣ୍ଟ ବୋଲ୍ଟ, ବାଂଲାଦେଶରୁ ଅଲରାଉଣ୍ଡର ଶକିବ ଅଲ ହସନ ଏବଂ ଶ୍ରୀଲଙ୍କାରୁ ଲସିଥ ମାଲିଙ୍ଗା।

**ଟି୨୦ ଦଳ:** ଭାରତରୁ ମହେନ୍ଦ୍ର ସିଂ ଧୋନୀ (ଅଧିନାୟକ), ବିରାଟ କୋହଲି, ରୋହିତ ଶର୍ମା, ଯଶପ୍ରୀତ ବୁମ୍‌ରା, ୱେଷ୍ଟଇଣ୍ଡିଜରୁ କ୍ରିସ୍ ଗେଲ୍ ଓ କିରନ ପୋଲାର୍ଡ, ଅଷ୍ଟ୍ରେଲିଆରୁ ଆରୋନ ଫିଞ୍ଚ୍ ଓ ଗ୍ଲେନ ମାକ୍ସୱେଲ, ଦକ୍ଷିଣ ଆଫ୍ରିକାରୁ ଏବି ଡି'ଭିଲର୍ସ ଏବଂ ଶ୍ରୀଲଙ୍କାରୁ ଲସିଥ ମାଲିଙ୍ଗା, ଆଫଗାନିସ୍ଥାନରୁ ରଶିଦ ଖାଁ।

# ଇଗଲ ସ୍ପୋର୍ଟିଂ ଚାମ୍ପିୟନ

**ପୁରୁଣା ଭୁବନେଶ୍ୱର, ୨୭।୧୨ (ଡି.ଏନ୍.ଏ):** ସ୍ଥାନୀୟ ବାଙ୍କୁଆଳ ଖେଳପଡ଼ିଆରେ ଚାଲିଥିବା ଜଗବନ୍ଧୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ମେଣ୍ଢାଶାଳର ଇଗଲ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଦଳ କଟକର ସିଦ୍ଧେଶ୍ୱର ସ୍ପୋର୍ଟିଂକୁ ୬ ଉଇକେଟରେ ହରାଇ ଦେଇଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ସିଦ୍ଧେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ଓଭରରେ ସମସ୍ତ ଉଇକେଟ ହରାଇ ୧୬୧ରନ କରିଥିଲା। ଜବାବରେ ଇଗଲ ସ୍ପୋର୍ଟିଂ ୧୯.୩ ଓଭରରେ ୪ଉଇକେଟରେ ୧୬୪ରନ କରି ମ୍ୟାଚ ଜିତି ନେଇଥିଲା। ବିଜୟୀ ଦଳର ଦିଲୀପ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ଦୀପ୍ତିରଞ୍ଜନ ବିଶ୍ୱାଳ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଚାମ୍ପିୟନ ଦଳକୁ ୧୫,୦୦୦ ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୧୦,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ କବିରାଜ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ରାଜକିଶୋର ଦାସ, କ୍ଷୀରୋଦ ସ୍ୱାଇଁ ଓ ପବିତ୍ର ମୋହନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ଆୟୋଜକ ଭଗବତୀ ଯୁବକ ସଂଘର ସୁନୀଲ କୁମାର ସ୍ୱାଇଁ ଓ ରସାନନ୍ଦ ସ୍ୱାଇଁଙ୍କ ସମେତ ଅନ୍ୟମାନେ ମ୍ୟାଚ ପରିଚାଳନା କରିଥିଲେ।

**ଜଗବନ୍ଧୁ ସ୍ମାରକୀ କ୍ରିକେଟ**



ଚାମ୍ପିୟନ ଇଗଲ ସ୍ପୋର୍ଟିଂ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

WORLD BRAND SUMMIT
DUBAI 2016 (Ayurvedic Weight Gainer)
Conducted by: World Brands Review Corporation
Most Trusted Brand of Asia 2016
WORLD'S GREATEST BRANDS 2015-16 IUA
Dr. Juneja's
ACCUMASS®
ଓଜନ ବଢ଼ାଏ*
ଆତ୍ମବିଶ୍ୱାସ ଜାଗ୍ରତ କରାଏ
'ଆକ୍ୟୁମାସ୍ ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ'


ଯଦି ଆପଣ ଅତ୍ୟନ୍ତ ଦୁର୍ବଳ-ପତଳା ତେବେ ଆପଣାନ୍ତୁ 'ଆକ୍ୟୁମାସ୍ ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ କ୍ୟାପ୍‌ସୁଲ୍',
ଏହା ଓଜନ ବଢ଼ାଇବା ଏବଂ ଆତ୍ମବିଶ୍ୱାସ ଜାଗ୍ରତ କରାଇବା, ଉଭୟରେ ଅତି ସହାୟକ।
24x7 Helpline: 85568 09999 • www.accumass.com
www.facebook.com/accumass • Available at all medical stores
*Gain weight according to your body capability to absorb extra calories from Accumass, Results may vary.

ମୋର ନାମ ଅଶ୍ୱିନୀ ଧୀମାନ୍, ବୟସ 32 ବର୍ଷ, ସହାରନପୁର (ୟୁ.ପି.)ର ବାସିନ୍ଦା। କାର୍ଯ୍ୟ ପାଇଁ ମୋତେ ସାରାଦିନ ମାର୍କେଟ୍‌ରେ ରହିବାକୁ ପଡ଼ିଥାଏ, ସବୁ ଠିକ୍ ଚାଲିଥିଲା କିନ୍ତୁ କେଜାଣି କାହିଁକି ମୋ ଓଜନ ଧୀରେ ଧୀରେ କମିବାକୁ ଲାଗିଥିଲା । ହଠାତ୍ ଓଜନ କମିଯିବା ଏବଂ ଭଲ ଡାଏଟ୍ ସତ୍ତ୍ୱେ ବି ଏହା ନ ବଢ଼ିବା ମୋ ଆତ୍ମବିଶ୍ୱାସକୁ ଦୁର୍ବଳ କରିବାକୁ ଲାଗିଲା। କୌଣସି କାମରେ ମନ ଲାଗୁ ନ ଥିଲା । ପୁଣି ଦିନେ ମୋ ସାଙ୍ଗ ମୋତେ 'ଆକ୍ୟୁମାସ୍ ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ' ଆଣିଦେଲେ। ମୁଁ ଆପଣ ସମସ୍ତଙ୍କ ସହିତ ଏକଥା ଶେୟାର୍ କରିବାକୁ ଚାହୁଁଛି ଯେ ଆକ୍ୟୁମାସ୍ ଆୟୁର୍ବେଦିକ ଗ୍ରାନ୍ୟୁଲ୍ସର ମାତ୍ର ଦୁଇ ଚାମଚ ସକାଳେ ଏବଂ ଦୁଇ ଚାମଚ ସନ୍ଧ୍ୟାବେଳେ ଥଣ୍ଡା କ୍ଷୀରରେ ମିଶାଇବା ପିଇବା ଦ୍ୱାରା ମୋ ଶରୀରକୁ ଅଦ୍ଭୁତ ପରିଣାମ ମିଳିଲା। ମୋ ଶରୀର ଓ ଚେହେରା ପୂର୍ବାପେକ୍ଷା ଅଧିକ ଭରିଗଲା ଏବଂ ମୋ ପର୍ସନାଲିଟି ବହୁତ ସୁଧୁରିଗଲା। ଏଥିପାଇଁ ମୁଁ ବହୁତ ଖୁସୀ ଏବଂ ମୁଁ ମୋର ସମସ୍ତ ସାଙ୍ଗ ଓ ପରିଜନଙ୍କୁ ନିଜ ଅନୁଭୂତି ସମ୍ପର୍କରେ କହିଥାଏ ।

ହିମାଚଳ ପ୍ରଦେଶରୁ ଏହି ଚିତ୍ର ପଠାଇଛନ୍ତି ଆରୁଷୀ ହାଣ୍ଡା, ଯିଏ କି ମଡେଲିଂ କ୍ଷେତ୍ରରେ ଅନେକ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଜିତି ଆସିଛନ୍ତି । ସେ କୁହନ୍ତି ଯେ ପ୍ରାରମ୍ଭିକ ଦିନରେ ଯେବେ ସେ ଷ୍ଟ୍ରଗଲ୍ କରୁଥିଲେ, ସେତେବେଳେ ତାଙ୍କର ଓଜନ କମ୍ ଥିଲା। ତାଙ୍କ ଚେହେରା ସମ୍ପୂର୍ଣ୍ଣ ଚେପ୍ଟା ଦେଖାଯାଉଥିଲା ଏବଂ ତାଙ୍କୁ କୌଣସି ଡ୍ରେସ୍ ଫିଟ୍ ହେଉ ନ ଥିଲା । ଏଥିପାଇଁ ସେ ସବୁ ସମ୍ଭବ ପ୍ରୟାସ କଲେ କିନ୍ତୁ କିଛି ଲାଭ ମିଳିଲା ନାହିଁ। ଆରୁଷୀ କହନ୍ତି ଯେ ଦିନେ ସେ ଇଣ୍ଟରନେଟ୍‌ରେ ଆକ୍ୟୁମାସ୍ ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ବିଷୟରେ ପଢ଼ିବା ପରେ ପ୍ରଡକ୍ଟର ହେଲ୍ପଲାଇନ୍‌ରେ କଲ୍ କରି ସମ୍ପୂର୍ଣ୍ଣ ସୂଚନା ହାସଲ କଲେ ଓ ବଜାରରୁ ଏହାକୁ କିଣିଆଣିଲେ । ଦେଢ଼-ଦୁଇ ମାସ ପ୍ରୟୋଗ ଦ୍ୱାରା ହିଁ ଆରୁଷୀ ପୂର୍ବାପେକ୍ଷା ବହୁତ ସୁନ୍ଦର ଦେଖାଯିବାକୁ ଲାଗିଲେ । ତାଙ୍କୁ ଖାଇବା-ପିଇବା ଦେହରେ ନ ଲାଗିବାର କୌଣସି ସମସ୍ୟା ନ ଥିଲା । ଏବେ ଅନ୍ୟମାନଙ୍କୁ ଏହା କହିବାରେ ଥକୁନାହାନ୍ତି ଯେ ଆୟୁର୍ବେଦିକ ଆକ୍ୟୁମାସ୍ ହିଁ ପ୍ରକୃତ ଅର୍ଥରେ ଓଜନ ବୃଦ୍ଧି କରିଥାଏ ଓ ଆତ୍ମବିଶ୍ୱାସ ଜାଗ୍ରତ କରାଇଥାଏ।

ଏହି ଫଟୋଗ୍ରାଫ୍ ହେଉଛି ଇନ୍ଦର ଯାଦବଙ୍କର, ଯିଏ କି ଚଣ୍ଡିଗଡ଼ର ବାସିନ୍ଦା । ସେ ଜଣେ ସିନେମାଟୋଗ୍ରାଫର୍ । ଇନ୍ଦରଜୀ କୁହନ୍ତି କି ପ୍ରାୟ ସମୟରେ ମଡେଲମାନଙ୍କର ଶୁଟିଂ କରିବା ବେଳେ ସେ ଅନୁଭବ କରୁଥିଲେ ଯେ ସେ ନିଜେ ବି ଫଟୋଜେନିକ୍ ଅଟନ୍ତି, କିନ୍ତୁ ଓଜନ କମ୍ ହେବା କାରଣରୁ ସେ କ୍ୟାମେରା ପଛରେ ରହିବା ହିଁ ଉଚିତ ହେବ ବୋଲି ଭାବୁଥିଲେ । ଏଥିପାଇଁ ସେ ଅନେକ ପ୍ରକାର ୱେଟ୍‌ଗେନର୍ସ ବଜାରରୁ ମଗାଇଲେ କିନ୍ତୁ ଏହାଦ୍ୱାରା କିଛି ଲାଭ ମିଳିଲା ନାହିଁ । ଦିନେ ସେ ଆକ୍ୟୁମାସ୍ ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିବା ପରେ କଷ୍ଟମର୍ କେୟାର୍ ନମ୍ବର 8556809999 ରେ ଫୋନ୍ କଲେ ତ କଷ୍ଟମର୍ କେୟାର୍‌ର ଏକ୍‌ଜିକ୍ୟୁଟିଭ୍ ସୂଚନା ଦେଲେ ଯେ ଆୟୁର୍ବେଦିକ ପାଉଡର କିପରି ଅନ୍ୟ ୱେଟ୍‌ଗେନର୍ସ ତୁଳନାରେ ଅଧିକ ଭରସାଯୋଗ। ସେ ନିକଟତମ ମେଡିକାଲ ଷ୍ଟୋର୍‌ରୁ ଆକ୍ୟୁମାସ୍ ଗ୍ରାନ୍ୟୁଲ୍ସ ନେଇଆସିଲେ ଓ ନିର୍ଦ୍ଦେଶାନୁଯାୟୀ ସେବନ କଲେ । 15-20 ଦିନରେ ହିଁ ତାଙ୍କୁ ନିଜ ଶରୀର ଓ ଚେହେରାରେ ଅଦ୍ଭୁତ ରେଜଲ୍ଟ ଦେଖାଗଲା। ସେ ଏହାର ପୂରା ଶ୍ରେୟ ଦେଇଛନ୍ତି ଆକ୍ୟୁମାସ୍ ଆୟୁର୍ବେଦିକ ଗ୍ରାନ୍ୟୁଲ୍ସକୁ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ